# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 9/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 77 | ମୂଲ୍ୟ ₹୭/-





KAMLA PASAND
Anokha Swad
KP GROUP Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : f YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୯/୨୦୨୫ | Bhubaneswar, Sunday, February 9/2025 | ପୃଷ୍ଠା-୧



**ରବି ଶାସ୍ତ୍ରୀଙ୍କ ପାଇଁ ସ୍ମରଣୀୟ**
ବାରବାଟୀ ଷ୍ଟାଡିୟମରେ ହାସଲ କରିଥିବା ପ୍ରଥମ ଶତକ ତାଙ୍କ ପାଇଁ ସ୍ମରଣୀୟ ବୋଲି କହିଛନ୍ତି କିମ୍ବଦନ୍ତୀ ଖେଳାଳି ରବି ଶାସ୍ତ୍ରୀ।
୧୨

୧୦
**ଟାଇମ୍ ଟୁ ଗୋ: ଆଶଙ୍କାରେ ପ୍ରଶଂସକ**
ଏକ୍ସ'ରେ ଅଭିନେତା ଅମିତାଭ ବଚ୍ଚନଙ୍କ ଏକ କ୍ରିପ୍ଟିକ୍ ପୋଷ୍ଟକୁ ନେଇ ତାଙ୍କ ପ୍ରଶଂସକ ମହଲରେ ନାନା ଆଶଙ୍କା ପ୍ରକାଶ ପାଇଛି।



# ୨୭ ବର୍ଷ ପରେ ଭାଜପା ଦଖଲରେ ଦିଲ୍ଲୀ

## କେଜ୍‌ରିୱାଲ, ସିସୋଡିଆ, ଭରଦ୍ୱାଜ ହାରିଲେ



**ଦିଲ୍ଲୀ ବିଧାନସଭା**

| ମୋଟ ଆସନ ୭୦ | |
|---|---|
| ଭାଜପା | ୪୮ |
| ଆପ୍ | ୨୨ |

ନୂଆଦିଲ୍ଲୀ,୮।୨(ପି.ଟି.)

ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଭାରତୀୟ ଜନତା ପାର୍ଟି (ଭାଜପା) ଦିଲ୍ଲୀ ଦଖଲ କରିଛି। ୧୨ ବର୍ଷ ପରେ ଦିଲ୍ଲୀ ଜନସାଧାରଣ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ଭାଜପା ୪୮ ଆସନରେ ବିଜୟୀ ହୋଇଥିବାବେଳେ ଶାସକ ଦଳ ଆପ୍ ୨୨ ଆସନରେ ସୀମିତ ରହିଯାଇଛି। ସର୍ବପୁରାତନ ଦଳ କଂଗ୍ରେସ ନିର୍ବାଚନରେ ଖାତା ଖୋଲି ନ ପାରି ତୃତୀୟ ଥର ପାଇଁ ବିପର୍ଯ୍ୟୟର ସାମ୍ନା କରିଛି। ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଦିଲ୍ଲୀରେ ସରକାର ଗଢ଼ିବାକୁ ଯାଉଛି। କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀରେ କେଜ୍‌ରିୱାଲଙ୍କୁ ପରାଜିତ କରିଥିବା ଭାଜପାର ପର୍‌ଭେଶ ବର୍ମାଙ୍କ ନାଁ ଏହି ପଦ ପାଇଁ ସର୍ବାଧିକ ଚର୍ଚ୍ଚା ହେଉଛି। ତେବେ ଦଳର କେନ୍ଦ୍ରୀୟ ନେତୃତ୍ୱ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂ ବର୍ମାଙ୍କ ପୁଅ ପର୍‌ଭେଶ କହିଛନ୍ତି।

୩ ଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିବା ଆପ୍ ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ପର୍‌ଭେଶଙ୍କଠାରୁ ୪,୦୮୯ ଭୋଟରେ ହାରିଯାଇଛନ୍ତି। ଏହି ହାଇପ୍ରୋଫାଇଲ ଆସନରେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷୀତଙ୍କ ପୁଅ ସନ୍ଦୀପ ଦୀକ୍ଷୀତ ମାତ୍ର ୪,୬୭୮ ଭୋଟ ପାଇଛନ୍ତି। ସେହିପରି ଜଙ୍ଗପୁରା ☞ପୃଷ୍ଠା-୨

# ଗରିବଙ୍କ ପାଇଁ ୨.୨୫ ଲକ୍ଷ ପକ୍କାଘର

**ସମସ୍ତଙ୍କ ପାଇଁ ପକ୍କାଘର ନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏଥିପାଇଁ ପ୍ରଚଳିତ ଗୃହନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ। ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୧,୨୦,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଆଗାମୀ ୩ ବର୍ଷରେ ଏଭଳି ୨.୨୫ ଲକ୍ଷ ଘର ନିର୍ମାଣ କରାଯିବ। ଏଥିସକାଶେ ମୋଟ ୭,୫୫୦ କୋଟି ଟଙ୍କାର ବ୍ୟୟବରାଦକୁ କ୍ୟାବିନେଟ ମଞ୍ଜୁରୀ ଦେଇଥିବା ନେଇ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ତନ୍ମଧ୍ୟରେ ରହିଛି ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏ ଷ୍ଟାଡିୟମ ନିର୍ମାଣ ଏବଂ ସରକାରୀ ଚାକିରିଆଙ୍କ ପାଇଁ ୟୁନିଫାଏଡ୍ ପେନ୍‌ସନ ସ୍କିମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି, ଗମନାଗମନ ଓ ସାମାଜିକ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଏସବୁ ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ୧୧ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

### ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ ନିର୍ମାଣ ହେବ ଷ୍ଟାଡିୟମ

ଭୁବନେଶ୍ୱର, ୮।୨
(ବନ୍ଦନା ସେଠୀ)

ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଓଡ଼ିଶା ସରକାର ନୂଆ ଯୋଜନା କରିଛନ୍ତି। ଏହି ବର୍ଗର ଲୋକଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଲକ୍ଷ୍ୟରେ 'ଅନ୍ତ୍ୟୋଦୟ ଗୃହ' ଯୋଜନା ନାମରେ ନୂତନ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ୩ବର୍ଷରେ ଏହି ଯୋଜନାରେ ଅନ୍ୟୂନ ୨ଲକ୍ଷ ୨୫ହଜାର ନୂତନ ପକ୍କାଘର ମଞ୍ଜୁର କରାଯିବ। ଯୋଜନା ପାଇଁ ୭ ହଜାର ୫୫୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ହିତାଧିକାରୀଙ୍କୁ ଶୌଚାଳୟକୁ ବାଦ୍ ଦେଇ ୨୫ ବର୍ଗ ମିଟର ପରିଧି ବିଶିଷ୍ଟ ପକ୍କାଘର ନିର୍ମାଣ ପାଇଁ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ। ସେହିପରି ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ) ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ଯୋଜନାର ହିତାଧିକାରୀ, ଯେଉଁମାନେ ପ୍ରଥମ କିସ୍ତି ପାଇବାର ୪ମାସ ଓ ୬ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଟଙ୍କା ଏବଂ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଯୋଜନାରେ ପକ୍କାଘର ସଂଜ୍ଞାର ସରଳୀକରଣ କରାଯାଇ, ଆଜବେଷ୍ଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର୍‌ସିସି ଛାତକୁ ପକ୍କାଘରର ମାନ୍ୟତା ଦିଆଯିବ। ସେହିପରି ପରିବାର ସଂଜ୍ଞାର ମଧ୍ୟ ସରଳୀକରଣ କରାଯାଇଛି। ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ମାତାପିତା ଓ ସନ୍ତାନଙ୍କୁ ବୁଝାଉଛି। ଏହାଦ୍ୱାରା ସୃଷ୍ଟି ହୋଇଥିବା ନୂଆ ପରିବାର ଏହି ଯୋଜନାରେ ଉପକୃତ ହୋଇପାରିବେ। ବିଭିନ୍ନ ସମୟରେ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ଦ୍ୱାରା ରାଜ୍ୟର ଅନେକ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପନ ☞ପୃଷ୍ଠା-୨




# ଆଜି ବାରବାଟୀ ଲଢ଼େଇ

## ■ ଭାରତକୁ ଟକ୍କର ଦେବ ଇଂଲଣ୍ଡ


ବାରବାଟୀ ଷ୍ଟାଡିୟମରେ ଶନିବାର ଅଭ୍ୟାସ ବେଳେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା, ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ କୋଚ ଗୌତମ ଗମ୍ଭୀର।

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ବାରବାଟୀ ପ୍ରସ୍ତୁତ। ଏହି ଐତିହାସିକ ଷ୍ଟାଡିୟମରେ ରବିବାର ହେବ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍। ଚଳିତ ସିରିଜର ଏହା ହେବ ଦ୍ୱିତୀୟ ଏକଦିବସୀୟ। ଏଥିପାଇଁ ନୂଆ ରୂପରେ ସଜେଇ ହୋଇଛି ବାରବାଟୀ। ନାଗପୁରରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିବାରୁ ଏଠାରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ☞ପୃଷ୍ଠା-୨

T-132

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା10.02.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0061/2425

**SIKSHA 'O' ANUSANDHAN**

**SAAT-2025**

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT,
Please visit: www.soa.ac.in

# ଅଭିନେତା ଉତ୍ତମ ମହାନ୍ତି ଗୁରୁତର

### ଏୟାରଲିଫ୍ଟ ପରେ ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର,୭।୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେ ଜଗତର ବର୍ଷିଆନ୍ ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଛି। ସେ ଦୀର୍ଘଦିନ ହେବ ଲିଭର୍ ସିରୋସିସ୍ ରୋଗରେ ପୀଡ଼ିତ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଦୁଇ ପ୍ରତିଦ୍ୱନ୍ଦ୍ୱୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୩୯୧ ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ସପକ୍ଷରେ ବିଭାଗର ପ୍ରସ୍ତାବିତ ଜିଆଇଏ ଫାଇଲକୁ ଅର୍ଥ ମଞ୍ଜୁରୀ ଦାବି, ସ୍ଥାନ: ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପଲିଟିକାଲ ସାଇନ୍ସ ଆସୋସିଏଶନର ୩୦ତମ ସମ୍ମିଳନୀ, ସ୍ଥାନ: ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ, ପଟିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇଶା ଫାଉଣ୍ଡେଶନର ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ନୀଳଶଇଳ ଭିଲ୍ଲା ନିକଟ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ସମ୍ବଲପୁର ମଣ୍ଡଳ ଜୀବନ ବୀମା କର୍ମଚାରୀ ସଂଘ ଆୟୋଜନରେ ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ : ଓଡିଶା ସାଂସ୍କୃତିକ ସମାଜ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଲେଖକ ମଞ୍ଚ ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ମାତୃପିତୃ ପୂଜନ ଦିବସ ଉପଲକ୍ଷେ ବିଶାଳ ସଂକୀର୍ତ୍ତନ ଯାତ୍ରା, ସ୍ଥାନ : ନାରୀ ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଧନୁଯାତ୍ରାର ଦ୍ୱିତୀୟ ଦିବସରେ କୃଷ୍ଣବଳରାମ ଜନ୍ମ, ଶୂନ୍ୟବାଣୀ, ସ୍ଥାନ: ଖଣ୍ଡୋକଟା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଆୟୋଜନରେ ବିଶାଳ ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ : କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା ୩୦ରୁ ରାତି ୧୦ଟା ୩୦।

## ବଲାଙ୍ଗୀର

- ତୈଳିକ ବୈଶ୍ୟ ସମାଜ ଜିଲା କମିଟି ଗଠନ ସଭା, ସ୍ଥାନ: କଲ୍ୟାଣ ମଣ୍ଡପ, ଖୁଜେନପାଲି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମେସର୍ସ ଇମ୍ପେରିଆଲ କ୍ଲାସିକ୍ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ସ୍ଥାନ: ଆଇନ ମହାବିଦ୍ୟାଳୟ ପରିସର, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ୧୨ତମ ଜୋନାଲସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀର ଦ୍ୱିତୀୟ ଦିବସ ଆଲୋଚନାଚକ୍ର, ସ୍ଥାନ: ଶ୍ରୀ ଅରବିନ୍ଦ ଯୋଗ ମନ୍ଦିର, ସେକ୍ଟର--୫, ସମୟ: ସକାଳ ୮ଟା ୩୦।
- ରାଜୀପାଡ୍ହା ଭାରତ ପକ୍ଷରୁ ବିଶାଳ ଜୁଲୁସ, ସ୍ଥାନ: ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା।
- ଉତ୍କଳମଣି ଗୋପବନ୍ଧୁ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ପ୍ରାକ୍ତନ ଛାତ୍ର ସଂଘ ପକ୍ଷରୁ ଟେକ୍ସ୍ପାର୍କ ୨୦୨୫, ସ୍ଥାନ: ୟୁଜିଆଇ ରାଉରକେଲା, ସମୟ: ସକାଳ ୯ଟା।
- ୟୁଜିଆଇର ଆଲୁମିନି ମିଟ୍, ସ୍ଥାନ: ୟୁଜିଆଇ, ଜେଲ୍ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ।
- ବିକଶିତ ଓଡ଼ିଶାରେ ରାଉରକେଲାର ଭୂମିକା ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଶାନ୍ତି ଜ୍ଞାନ ଶିବିର, ସ୍ଥାନ: ପ୍ରଧାନପାଲ୍ଲୀ, ଶାନ୍ତି ନିବାସ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ପଞ୍ଚ କୁଣ୍ଡୀୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼, ସମୟ: ସକାଳ ୮ଟା।
- ୫୦୦ଆସନ ବିଶିଷ୍ଟ ପ୍ରେକ୍ଷାଳୟର ଉଦ୍‌ଘାଟନ,ସ୍ଥାନ: କୃଷକ ବଜାର ନିକଟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କଳା ନିକେତନର ବାର୍ଷିକ ଉତ୍ସବ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ତାଳଗଡ଼ ଉଚ୍ଛବ,ସ୍ଥାନ: ଖଗେଶ୍ୱର ମଣ୍ଡପ, ତାଳପଦର,ସମୟ:ସନ୍ଧ୍ୟା ୭ଟା।
- କିମ୍ସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କଟାପାଲି ହାଇସ୍କୁଲ ପରିସର, ବରଗଡ଼, ସମୟ: ସକାଳ ୯ଟା।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର କବିତା ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ପାରିଜାତ ପ୍ୟାଲେସ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ପରଗଳପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପରଗଳପୁର ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଚ୍ୟାଲେଞ୍ଜର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଉଫୁଲା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ ଉଦ୍‌ଯାପନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ଗୁରୁକୁଳ ଆଶ୍ରମର ୫୮ତମ ବାର୍ଷିକ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୁରୁକୁଳ ଆଶ୍ରମ ଆମସେନା, ସମୟ: ସକାଳ ୯ଟା।
- ୩ୟ ମା' ବସ୍ତ୍ରାଣୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଶିହିନାମୁଣ୍ଡା ତ୍ରିଭୁଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଓ ମହାମନ୍ତ୍ର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଯାଦବ ଭବନ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଚବିଶ ପ୍ରହରୀ ନାମ ଯଜ୍ଞ, ସ୍ଥାନ: ସାହାପଡା ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କପିଳାସପୁର, ସମୟ: ସକାଳ ୭ଟା।
- ଏମ୍‌ସିଏଲ୍ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଝାରସୁଗୁଡା କ୍ରିକେଟ କପ, ସ୍ଥାନ: ମନମୋହନ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ଖୋର୍ଦ୍ଧା

- ନୀଳକଣ୍ଠେଶ୍ୱର ଦେବଙ୍କ ୧୯ତମ ସ୍ୱଜନ୍ମ ନକ୍ଷେତ୍ରାଦି ପୂଜା ଏବଂ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପରିସର, ଜଟଣୀଗାଁ, ହାଟବଜାର ଓ ଗୋପୀନାଥପୁର, ସମୟ: ଅପରାହ୍ନ ୫ଟା ୩୮।
- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ବଡ଼ପଦର ରାଧାବଲ୍ଲଭ ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- କଳି କଲୁଷ ନାଶିନୀ ଧାର୍ମିକ ଜାଗରଣ ମଞ୍ଚ, ନୂଆଗାଁ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ,ସ୍ଥାନ: ବାରବାଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୋଗରାଇ,ସମୟ:ସକାଳ ୯ଟା।
- ସାମ୍ପ୍ରଦିକତା ଏକତା କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଦ ଗ୍ଲୋରି ପରିସର, ରେମୁଣା,ସମୟ:ପୂର୍ବାହ୍ନ ୧୧ଟା।
- ଭୋଗରାଇ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଭୋଗରାଇ ହାଟସ୍ଥିତ କଲେଜ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ମହୋତ୍ସବ ଉଦ୍‌ଯାପନୀ,ସ୍ଥାନ:ଗୋଛାୟତ ମାର୍କେଟ୍ କମ୍ପ୍ଲେକ୍ସ, ରୂପ୍‌ସା,ସମୟ:ସନ୍ଧ୍ୟା ୬ଟା।
- ରାଇବଣିଆ ମହୋତ୍ସବର ତୃତୀୟ ସନ୍ଧ୍ୟା,ସ୍ଥାନ: ମହୋତ୍ସବ ପଡ଼ିଆ, ରାଇବଣିଆ,ସମୟ:ସନ୍ଧ୍ୟା ୬ଟା।
- ରାଜସ୍ତରୀୟ ନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୭ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ:ଚାନ୍ଦିପୁର, ବାଲେଶ୍ୱର,ସମୟ: ସନ୍ଧ୍ୟା ୭ଟା।
- ଭୋଗରାଇ ଉତ୍ସବର ୪ର୍ଥ ସନ୍ଧ୍ୟା,ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ,ସମୟ:ରାତି ୮ଟା।

## ଭଦ୍ରକ

- ଅନ୍ତର୍ଜାତୀୟ ଟିଲୋ କପ୍‌ର ୩ୟ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା।
- ଲୋକକଳା ଓ ପାଲା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ୧୯୭୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: ମତୋ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନ୍‌ଭେନଶନ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ଯାଦବ ମହାସଭା ପକ୍ଷରୁ ବନ୍ଧୁମିଳନ, ସ୍ଥାନ: କାଞ୍ଜିଆପାଳ ଯଜ୍ଞ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଟିଲୋ କପ୍‌ର ୪ର୍ଥ ମ୍ୟାଚ୍, ସ୍ଥାନ: ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ଅପରାହ୍ନ ୧ଟା।
- ନଟରାଜ ନାଟକ ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା କୋର୍ଟ ଓକିଲ ସଂଘ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଜାତୀୟ ସେବା ଯୋଜନା ଶୀତକାଳୀନ ଶିବିରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଧୁଷୁରୀ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଚତୁର୍ଥ ପ୍ରହରୀ ନାମଯଜ୍ଞ, ସ୍ଥାନ: ରମ୍ପାସ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ସତ୍ୟସାଇ ସମିତି ତରଫରୁ ବାଲ ବିକାଶ ଶିକ୍ଷା, ସ୍ଥାନ: ମରୈଗାଁ, ଡ଼ୁଆଁର, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ମାଟ୍ରିକ ବ୍ୟାଚ ୧୯୮୬ର ୧୭ ତମ ବନ୍ଧୁମିଳନ ଉତ୍ସବ, ସ୍ଥାନ: ଭୀମକୁଣ୍ଡ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଳିଙ୍ଗା କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଇଣ୍ଡିଆନ ମେଡିକାଲ ଆସୋସିଏସନର ସମ୍ମିଳନୀ,ସ୍ଥାନ: ଧରଣୀଧର ମେଡିକାଲ କଲେଜ ଅଡିଟୋରିୟମ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା୩୦।

## ମୟୂରଭଞ୍ଜ

- ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ୍ କାର୍ଯ୍ୟକ୍ରମ,ସ୍ଥାନ:ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ଶୁଳିଆପଦା,ସମୟ:ସକାଳ ୮ଟା।
- ଆମ ଗାଁ ଗୁରୁଜନ ପୂଜନ ଉତ୍ସବ,ସ୍ଥାନ: ଡିହିରାକୁଳ ଗ୍ରାମ ଦୋଳମଣ୍ଡପ,ଉଦଳା,ସମୟ:ସକାଳ ୮ଟା୩୦।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ:ମାଳିହାତୀ,ମାଣତ୍ରୀ ବଡ଼ସାହି,ସମୟ:ସକାଳ ୯ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ମଧୁବନ ବାରୁଣୀ ରାସ୍ତା ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଝୁଟା ଜରି, ଏହା ପିନ୍ଧିଲେ କି ଦିନ ସରି ?

ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥିବାବେଳେ କେତେକେ ଅର୍ଥାଭାବରୁ ନକଲି ସୁନା ଗହଣା ପ୍ରତି ମନ ବଳାଉଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ଅସଲି ସୁନାଗହଣା ତୁଳନାରେ ଏହାର ସ୍ଥାୟିତ୍ୱ ଖୁବ୍ କମ୍ ଦିନ ହୋଇଥାଏ। ନକଲି ବସନ ଭୂଷଣ ବେଶି ଦିନ ଯାଉନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

### ଝିଅ ବିଭା ପାଇଁ ଅଛିଟି ଧାଇଁ, ଅଣ୍ଟାରେ କାଣି କଉଡ଼ି ନାହିଁ।

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ପାଖରେ ଅର୍ଥ ନଥାଇ ବଡ଼ ବଡ଼ ଖର୍ଚ୍ଚାନ୍ତ କାମରେ ହାତଦେବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଗରିବଙ୍କ ପାଇଁ ୨.୨୫ ...

ସମସ୍ୟା ମଧ୍ୟ ରହୁଛି। ଭିନ୍ନକ୍ଷମ ବ୍ୟକ୍ତି, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ରାଜ୍ୟରେ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୩୧୪ଟି ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ କରାଯିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଏହି ଷ୍ଟାଡିୟମଗୁଡିକ ୮ରୁ ୧୦ ଏକର ପରିମିତ ଜମିରେ ନିର୍ମାଣ ହେବ। ଏଥିରେ ଫୁଟବଲ୍ କିମ୍ବା କ୍ରିକେଟ୍ ପଡ଼ିଆ, ଥ୍ରୋ ଓ ଜମ୍ପ ଫିଲ୍ଡ୍ ସହିତ ଆଥଲେଟିକ୍ ଟ୍ରାକ୍, ଭଲିବଲ, ଖୋଖୋ, କବାଡ଼ି କୋର୍ଟ, ବ୍ୟାଡ଼ମିଣ୍ଟନ୍, ଟେବୁଲ ଟେନିସ୍ ଆଦି ବିଭିନ୍ନ ଖେଳର ସୁବିଧା ରହିବ। ଏଥିସହ ଇନ୍‌ଡୋର ହଲ୍ ନିର୍ମାଣ କରାଯିବ। ୫ବର୍ଷ ମଧ୍ୟରେ ରାଜ୍ୟରେ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କାମ ସରିବାକୁ ଥିବାବେଳେ, ଏଥିପାଇଁ ୪ହଜାର ୧୨୪କୋଟି ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଛି। ଏହି ପଦକ୍ଷେପ ସମଗ୍ର ଓଡ଼ିଶାରେ ସୁସ୍ଥ ଜୀବନଯାପନକୁ ପ୍ରୋତ୍ସାହିତ କରିବା ସହିତ ଏକ ଦୃଢ଼ କ୍ରୀଡ଼ା ପରିବେଶକୁ ପ୍ରତିଷ୍ଠିତ କରିବା ପାଇଁ ସାହାଯ୍ୟ କରିବ। ଯୋଜନା ଅନ୍ତର୍ଗତ ଗ୍ରାମୀଣ କ୍ରୀଡ଼ା ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ମାନର କ୍ରୀଡ଼ାବିତ୍ ସୃଷ୍ଟି ହେବାରେ ରହିଥିବା ଅସୁବିଧା ଦୂରୀଭୂତ ହୋଇ ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରିବ। ବିଶେଷକରି ଯେଉଁ ବ୍ଲକଗୁଡିକରେ ଭିତ୍ତିଭୂମି ଅନୁନ୍ନତ ଅବସ୍ଥାରେ ରହିଛି, ସେଠାରେ ଉନ୍ନତ ଭିତ୍ତିଭୂମି ପ୍ରସ୍ତୁତ ହେବ। ରାଜ୍ୟ ସରକାର ଖେଳାଳିମାନଙ୍କ ପାଇଁ ସୁଯୋଗ ପ୍ରଦାନ କରିବା, ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରେ ଅଧିକ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ କରିବା ଆଦି ଲକ୍ଷ୍ୟ ରଖିଛନ୍ତି। ପ୍ରତିଯୋଗିତାମୂଳକ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା, ଏହି ସୁବିଧାଗୁଡ଼ିକ ଗ୍ରାମୀଣ ଯୁବ ପ୍ରତିଭାମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ। ଭାରତର ଏକ ଉଦୀୟମାନ କ୍ରୀଡ଼ାକେନ୍ଦ୍ର ଭାବରେ ସ୍ୱୀକୃତିପ୍ରାପ୍ତ ହେବା ଏବଂ ଦେଶରେ ଏକ କ୍ରୀଡ଼ା ସଂସ୍କୃତି ପ୍ରତିଷ୍ଠା କରିବାକୁ ଓଡ଼ିଶା ପ୍ରତିବଦ୍ଧ ସହ ରାଜ୍ୟରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ୍ ନିର୍ମାଣ ପ୍ରକଳ୍ପ ଦ୍ୱାରା ଏହି ଲକ୍ଷ୍ୟ ହାସଲ କରାଯାଇପାରିବ।

## ୨୭ ବର୍ଷ ପରେ...

ଆସନରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଭାଜପା ପ୍ରାର୍ଥୀ ତରଭିନ୍ଦର ସିଂ ମାରୱାଙ୍କଠାରୁ ୬୭୫ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ସୌରଭ ଭରଦ୍ୱାଜ ଗ୍ରେଟର କୈଳାସ ଆସନରେ ଭାଜପା ପ୍ରାର୍ଥୀ ଶିଖା ରାୟଙ୍କଠାରୁ ହାରିଯାଇଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତି ମାମଲାରେ କେଜ୍‌ରିୱାଲ ଗିରଫ ହେବା ପରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଆତିଶୀ କାଲକାଜି ଆସନରେ ବିଜୟୀ ହୋଇଛନ୍ତି। ସେଠାରେ ଭାଜପାର ରମେଶ ବିଧୁରୀ ପରାଜିତ ହୋଇଛନ୍ତି। ଆପ୍‌ର ବହୁ ବରିଷ୍ଠ ନେତା ପରାଜିତ ହୋଇଥିବାବେଳେ ୩ ମନ୍ତ୍ରୀ ଗୋପାଳ ରାୟ, ମୁକେଶ ଅହଲାୱତ୍ ଏବଂ ଇମ୍ରାନ୍ ହୁସେନ୍ ବିଜୟୀ ହୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି।

ଭାଜପା ବଡ଼ ବିଜୟ ହାସଲ କରିବାକୁ ଯାଉଥିବାବେଳେ ଲୋକଙ୍କ କ୍ଷମତା ସର୍ବୋପରି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ବିକାଶ ଏବଂ ସୁଶାସନର ବିଜୟକୁ ସେମାନେ ସୁନିଶ୍ଚିତ କରିଛନ୍ତି। ଦିଲ୍ଲୀର ପୂର୍ଣ୍ଣ ବିକାଶ ଏବଂ ଦିଲ୍ଲୀବାସୀଙ୍କ ଜୀବନ ଧାରଣ ମାନର ଉନ୍ନତ କରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରାଯିବ ନାହିଁ, ତାହା ଆମେ ଗ୍ୟାରେଣ୍ଟି ଦେଉଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ୍ ଏକ ଭିଡିଓ ବାର୍ତ୍ତା ଜରିଆରେ ଜନାଦେଶକୁ ଗ୍ରହଣ କରିନେଇଛନ୍ତି। ତାଙ୍କ ଦଳ ଗଠନମୂଳକ ବିରୋଧୀ ଭୂମିକା ନିର୍ବାହ କରିବା ଉପରେ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି।

ଗତ ୫ ତାରିଖରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନ ବେଳେ ୬୦.୫୪ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏଥର ନିର୍ବାଚନରେ ହାଇ ଭୋଲ୍‌ଟେଜ୍ ପ୍ରଚାର ହୋଇଥିଲା। ଆପ୍ ପୁନର୍ବାର କ୍ଷମତା ବଜାୟ ରଖିବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଭାଜପା କ୍ଷମତାକୁ ଫେରିବା ଲକ୍ଷ୍ୟରେ କୌଣସି ସୁଯୋଗ ହାତଛଡ଼ା କରି ନ ଥିଲା। କେଜ୍‌ରିୱାଲଙ୍କ ଦାମୀ ବଙ୍ଗଳା 'ଶୀଷ ମହଲ' ଏବଂ ଆପ୍ ସରକାରଙ୍କ ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ଭାଜପା ଜନମତ ବଦଳାଇବାରେ ସମର୍ଥ ହୋଇପାରିଛି। ଦୁର୍ନୀତି ମାମଲାରେ କେଜ୍‌ରିୱାଲ, ସିସୋଡିଆଙ୍କ ସମେତ ବରିଷ୍ଠ ଆପ୍ ନେତାମାନେ ଗିରଫ ହେବା ପରେ ଏହି ଦଳର ସ୍ୱଚ୍ଛ ଭାବମୂର୍ତ୍ତି ମଳିନ ପଡ଼ିଥିଲା। ଦିଲ୍ଲୀର ବିକାଶମୂଳକ କାର୍ଯ୍ୟରେ ଉପରାଜ୍ୟପାଳ ଭି.କେ. ସାକ୍ସେନା ପ୍ରତିବନ୍ଧକ ସାଜିଥିବା ଆପ୍ ଅଭିଯୋଗ କରିଥିଲେ ମଧ୍ୟ ଜନମତକୁ ନିଜ ସପକ୍ଷରେ ଆଣିବାରେ ସକ୍ଷମ ହୋଇପାରି ନ ଥିଲା। ନିର୍ବାଚନରେ ଭାଜପା ବିଜୟୀ ହେବ ବୋଲି ଅଧିକାଂଶ ଗଣମାଧ୍ୟମ ବୁଥ୍ ଫେରନ୍ତା ଜନମତ ସର୍ଭେରେ କହିଥିଲେ, ଯାହା ସତ ସାବ୍ୟସ୍ତ ହୋଇଛି। ଦିଲ୍ଲୀ ପରାଜୟ ପରେ ଆପ୍ ଅସ୍ତିତ୍ୱଗତ ସଙ୍କଟର ସାମ୍ନା କରିବାକୁ ଯାଉଥିବା କୁହାଯାଉଛି। ଏହି ଦଳ ଜାତୀୟ ସ୍ତରରେ କ୍ଷମତା ଦଖଲ କରିବା ଲକ୍ଷ୍ୟ ରଖିଥିବାବେଳେ ଏବେ କେବଳ ପଞ୍ଜାବରେ ସୀମିତ ରହିଛି।

ଗତ ଲୋକ ସଭା ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ଭଲ ପ୍ରଦର୍ଶନ କରିଥିବାବେଳେ ପରବର୍ତ୍ତୀ ବିଧାନସଭା ନିର୍ବାଚନଗୁଡ଼ିକରେ ଆଭ୍ୟନ୍ତରୀଣ କନ୍ଦଳ ଏବଂ ପରସ୍ପର ବିରୋଧୀ ମହତ୍ତ୍ୱାକାଂକ୍ଷା ଯୋଗୁ ପରିଣାମ ଖରାପ ହୋଇଚାଲିଛି, ଯେଉଁ କାରଣରୁ ଜାତୀୟ ରାଜନୀତିରେ ଭାଜପା ପୁଣିଥରେ ନିଜକୁ ଚାଳକ ଆସନରେ ରଖିପାରିଛି। ଦିଲ୍ଲୀରେ ଆପ୍ ସରକାରର ପରାଜୟ ପରେ ଦେଶରେ ଇଣ୍ଡିଆ ବ୍ଲକ୍ ସରକାର ସଂଖ୍ୟା ୮କୁ ହ୍ରାସ ପାଇଛି। ଏବେ କର୍ଣ୍ଣାଟକ, ଜମ୍ମୁ-କଶ୍ମୀର, ତେଲଙ୍ଗାନା, ତାମିଲନାଡୁ, କେରଳ, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଇଣ୍ଡିଆ ବ୍ଲକ୍ କ୍ଷମତାରେ ରହିଛି। ପ୍ରକାଶ ଯେ, ୧୯୯୮ରେ ଭାଜପା ନେତ୍ରୀ ସୁଷମା ସ୍ୱରାଜ ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ମାତ୍ର ୫୨ ଦିନ ରହିଥିଲା। ଏହା ପରେ କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷୀତ ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ।

## ଅଭିନେତା ଉତ୍ତମ...

ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ଅଧିକ ଚିକିତ୍ସା ଲାଗି ଉତ୍ତମଙ୍କୁ ଶନିବାର ସନ୍ଧ୍ୟାରେ ଏୟାରଲିଫ୍ଟ ପରେ ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ପୁଅ ତଥା ଅଭିନେତା ବାବୁସାନ୍ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଉତ୍ତମ ମହାନ୍ତି ଗତ ୩ଦିନ ତଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାରଠାରୁ ସେ ଭେଣ୍ଟିଲେଟର ସପୋର୍ଟରେ ରହିଥିଲେ। ଅଧିକ ଚିକିତ୍ସା ଲାଗି ରାଜ୍ୟ ବାହାରକୁ ନେବାକୁ ଏୟାରଲିଫ୍ଟ କରିବା ପାଇଁ ପରିବାର ଲୋକେ ଚାହିଁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ଏୟାରଲିଫ୍ଟ ହୋଇପାରିବ ବୋଲି ଡାକ୍ତର ଜଣାଇବା ପରେ ଏଥିପାଇଁ ତ୍ୱରିତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଉତ୍ତମ ମହାନ୍ତିଙ୍କ ଅସୁସ୍ଥତା ଖବର ସିନେ ପ୍ରେମୀଙ୍କୁ ଦୁଃଖିତ କରିଛି। ବହୁ ଅଭିନେତା, ପ୍ରଯୋଜକ, କଳାକାର ଓ ଶୁଭେଚ୍ଛୁମାନେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଉତ୍ତମ ୧୯୭୭ ମସିହାରେ 'ଅଭିମାନ' ଚଳଚ୍ଚିତ୍ରରୁ ଓଡ଼ିଆ ସିନେ ଜଗତରେ ପାଦ ଥାପିଥିଲେ। ତିନିବର୍ଷ ପରେ 'ପତିପତ୍ନୀ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏହା ପରେ ସେ ଗୋଟିଏ ପରେ ଗୋଟିଏ ସଫଳତାର ମାଇଲ୍ ଖୁଣ୍ଟ ଚଢିଥିଲେ। ମୟୂରଭଞ୍ଜ ଜିଲା ବାରିପଦାଠାରେ ଜନ୍ମଗ୍ରହଣ କରିଥିବା ଏହି ବର୍ଷୀୟାନ ଅଭିନେତା ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଛନ୍ତି। ସେହିପରି ତାଙ୍କ ସ୍ତ୍ରୀ ଅପରାଜିତା ମହାନ୍ତି ଜଣେ ସୁପ୍ରସିଦ୍ଧ ଅଭିନେତ୍ରୀ ଥିବାବେଳେ ପୁଅ ବାବୁସାନ ମଧ୍ୟ ଜଣେ ଆଗଧାଡ଼ିର ଅଭିନେତା ଭାବେ ବାପାଙ୍କ ପରିଚୟକୁ ଆହୁରି ଗୌରବ ମଣ୍ଡିତ କରିଛନ୍ତି।

## ଆଜି ବାରବାଟୀ ...

ହେବା ଆଶା କରାଯାଉଛି। କାରଣ ଯଦି ଭାରତ ମ୍ୟାଚ୍ ଜିତେ ତେବେ ସିରିଜ ବିଜୟୀ ହୋଇଯିବ। ତେଣୁ ଇଂଲଣ୍ଡ ବିଜୟ ସହ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହିଁବ ନିଶ୍ଚିତ। ଏହି ମ୍ୟାଚ୍ ଇଂଲଣ୍ଡ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଖେଳ ଅପରାହ୍ନ ୧ଟା ୩୦ରେ ଆରମ୍ଭ ହେବ। ମ୍ୟାଚ୍‌କୁ ନେଇ ଓଡ଼ିଶା କ୍ରିକେଟପ୍ରେମୀଙ୍କ ଉତ୍କଣ୍ଠା ଅନ୍‌ଲାଇନ୍‌ଠାରୁ ଆରମ୍ଭ କରି ବକ୍ସ ଅଫିସ ଟିକେଟ ବିକ୍ରିରେ ପ୍ରତିଫଳିତ ହୋଇସାରିଛି। ଏବେ କେବଳ ପ୍ରତୀକ୍ଷିତ ମୁହୂର୍ତ୍ତକୁ ଅପେକ୍ଷା। ବାରବାଟୀରେ ମ୍ୟାଚ୍ ଖେଳିବା ପାଇଁ ଉଭୟ ଭାରତ ଓ ଇଂଲଣ୍ଡ ଦଳର ସଦସ୍ୟ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଶନିବାର ଅଭ୍ୟାସ ନ କରି ଇଂଲଣ୍ଡ ଦଳ ମେ ଫେୟାର ହୋଟେଲ ମଧ୍ୟରେ ବିଶ୍ରାମ ନେବାକୁ ପସନ୍ଦ କରିଛି। ଅନ୍ୟପକ୍ଷରେ ଭାରତୀୟ ଦଳ ଅପରାହ୍ନ ୫ଟା ୩୦ରେ ବାରବାଟୀରେ ପହଞ୍ଚି ନେଟ୍ ପ୍ରାକ୍ଟିସ କରିଛି। ନେଟ୍ସ ସମୟରେ ଆକର୍ଷଣର କେନ୍ଦ୍ରରେ ରହିଥିଲେ ତାରକା ବ୍ୟାଟର ବିରାଟ କୋହଲି। ଆଣ୍ଠୁରେ ଆଘାତଜନିତ ସମସ୍ୟା ଯୋଗୁ ବିରାଟ ନାଗପୁର ମ୍ୟାଚ୍‌ରେ ଖେଳିପାରି ନ ଥିଲେ। ମ୍ୟାଚ୍ ଆରମ୍ଭର ଅଳ୍ପ କିଛି କ୍ଷଣ ପୂର୍ବରୁ ଅର୍ଥାତ୍ ଟସ୍ ପରେ ଅଧିନାୟକ ରୋହିତ ଶର୍ମା ଏହା ପ୍ରକାଶ କରିବାପରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ନିରାଶା ଛାଇ ଯାଇଥିଲା। ମାତ୍ର ବିରାଟ ଏବେ ଫିଟ୍ ଅଛନ୍ତି ଏବଂ ବାରବାଟୀରେ ଆଗାମୀ ମ୍ୟାଚ୍ ଖେଳିବେ ବୋଲି ଶନିବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପ୍ରେସ୍ କନ୍‌ଫରେନ୍ସ ହଲ୍‌ରେ ଖବରଦାତାଙ୍କ ସହ ଆଲୋଚନା ଅବସରରେ ସ୍ପଷ୍ଟ କରିଛନ୍ତି ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ୍। ଏହା ଶୁଣିବାପରେ ଓଡ଼ିଶା କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସି ଦ୍ୱିଗୁଣିତ ହୋଇଯାଇଛି। ତେବେ କୋହଲିଙ୍କ ପାଇଁ କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ ତାହା ସେ ସ୍ପଷ୍ଟ କରି ନାହାନ୍ତି। ଏହା ଅଧିନାୟକ ରୋହିତ ଶର୍ମା ଓ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟ ବୋଲି ସେ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ଦ୍ୱାରା ବହୁ ଚର୍ଚ୍ଚିତ ହେବେ। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ନିଜ ସୀମା ଭିତରେ ନ ରହିଲେ ଅସୁବିଧା ଭୋଗିବେ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି।

**ବୃଷ** ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ। ଭଲ ସମ୍ପର୍କ ରହିଥିବା ପଡ଼ୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଉପକୃତ ହୋଇପାରନ୍ତି।

**ମିଥୁନ** ଦୀର୍ଘଦିନରୁ ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। କିନ୍ତୁ ଆପଣଙ୍କୁ ବିଭିନ୍ନ ପ୍ରକାରର ସଂଘର୍ଷମୟ ସ୍ଥିତି ଉତ୍ପନ୍ନ କରିବାର ଆଶଙ୍କା ମଧ୍ୟ ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ନିଜର ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** କାର୍ଯ୍ୟସିଦ୍ଧି କଥା ଚିନ୍ତା ନ କରି କାମ କରିଚାଲନ୍ତୁ, କୌଣସି ଅସୁବିଧା ହେବନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜି ନିଷ୍ପତ୍ତି ନେବା ପୂର୍ବରୁ ପରିବାରରେ ବୟସ୍କଙ୍କ ସହ ଆଲୋଚନା କଲେ ଭଲ। ସହକର୍ମୀଙ୍କ ମତକୁ ବିଚାରକୁ ନ ନେଲେ ପରିସ୍ଥିତି ବଦଳି ଯାଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳିଯିବାର ଆଶଙ୍କା ରହିଛି। ବାଣିଜ୍ୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**କନ୍ୟା** ଆଜିର ଗ୍ରହସ୍ଥିତି ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାରର ଟୀକା ଟିପ୍ପଣୀ ଦେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ଆଜିର ଗ୍ରହଯୋଗ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରାଇ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କୃତିତ୍ୱରୁ ପ୍ରଶଂସିତ ହେବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ କେତେକ ବ୍ୟକ୍ତି ନିଜର ଭଳି ଅଭିନୟ କରିପାରନ୍ତି। ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇପାରିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇପାରେ। ଅପେକ୍ଷା କରି ରହିଥିଲେ ହେଁ ବନ୍ଧୁର ଦେଖା ପାଇବେ ନାହିଁ।

**ଧନୁ** ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା କାରଣରୁ କେତେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ।

**ମକର** ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଆଜି ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ପାରିବାରିକ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ** ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଅନୁକମ୍ପାରୁ ଉପକୃତ ହୋଇପାରନ୍ତି।

ଆଜି ଫେବୃଆରୀ ୯ ତାରିଖ, ବିଶ୍ୱ ବିବାହ ଦିବସ, (ଫେବୃଆରୀ ୨ୟ ରବିବାର), ମାଘ ଶୁକ୍ଳପକ୍ଷର ବରାହ ଦ୍ୱାଦଶୀ ରବିବାର, ରାଶିନକ୍ଷତ୍ର-ଆର୍ଦ୍ରା /ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୪ ଗତେ ଘ.୦୫।୩୯ ମଧ୍ୟେ ରାହୁକାଳ।

वित्त मंत्रालय
MINISTRY OF FINANCE
Government of India

सत्यमेव जयते

# ତ୍ୱରାନ୍ୱିତ ଭାରତ



केन्द्रीय बजट 2025-2026

## ଜନତା, ଅର୍ଥବ୍ୟବସ୍ଥା ଏବଂ ନବସୃଜନରେ ନିବେଶ ତ୍ୱରାନ୍ୱିତ

- ଆଗାମୀ 5 ବର୍ଷ ମଧ୍ୟରେ ସମସ୍ତ ଜିଲ୍ଲା ଡାକ୍ତରଖାନାରେ କର୍କଟ ଚିକିତ୍ସା କେନ୍ଦ୍ର
- 36ଟି ଜୀବନ ରକ୍ଷାକାରୀ ଔଷଧ ଦର ହ୍ରାସ
- 1 କୋଟିରୁ ଅଧିକ ଗିଗ୍ ଶ୍ରମିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା
- ଉନ୍ନତ ସହର ପାଇଁ 1 ଲକ୍ଷ କୋଟି ଟଙ୍କାର ସହରୀ ଚ୍ୟାଲେଞ୍ଜ ପାଣ୍ଠି
- ଉଡ଼ାନ ଯୋଜନାରେ 120ଟି ନୂତନ ଗନ୍ତବ୍ୟସ୍ଥଳକୁ ବିମାନ ସଂଯୋଗ ସମ୍ପ୍ରସାରଣ
- ଆସନ୍ତା 5 ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟରେ 50,000 ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବ

## ଏମ୍ଏସ୍ଏମ୍ଇକୁ ପ୍ରୋତ୍ସାହନ

- ସମସ୍ତ ଏମ୍ଏସ୍ଏମ୍ଇଗୁଡ଼ିକର ବର୍ଗୀକରଣ ପାଇଁ ନିବେଶ ଏବଂ କାରବାର ସୀମାକୁ ଯଥାକ୍ରମେ 2.5 ଗୁଣ ଏବଂ 2 ଗୁଣ ବୃଦ୍ଧି କରାଯିବ
- **ଉନ୍ନତ କ୍ରେଡିଟ୍ ଗ୍ୟାରେଣ୍ଟି**
  1. ଲଘୁ ଏବଂ କ୍ଷୁଦ୍ର ଉଦ୍ୟୋଗ: 5 କୋଟି ଟଙ୍କାରୁ 10 କୋଟି ଟଙ୍କା
  2. ଷ୍ଟାର୍ଟଅପ୍: 10 କୋଟି ଟଙ୍କାରୁ 20 କୋଟି ଟଙ୍କା
  3. ଭଲ ଭାବେ ପରିଚାଳିତ ରପ୍ତାନିକାରୀ ଏମ୍ଏସ୍ଏମ୍ଇଗୁଡ଼ିକ: 20 କୋଟି ଟଙ୍କା ପର୍ଯ୍ୟନ୍ତ
- ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକ ପାଇଁ 5 ଲକ୍ଷ ଟଙ୍କା ସୀମା ସହିତ 10 ଲକ୍ଷ କ୍ରେଡିଟ୍ କାର୍ଡ
- 100ରୁ ଅଧିକ ବ୍ୟବସ୍ଥାର ଅଣ-ଅପରାଧୀକରଣ

## କୃଷି ବିକାଶ ତ୍ୱରାନ୍ୱିତ

- ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଅଧୀନରେ କମ୍ ଉତ୍ପାଦନ କ୍ଷମତା ଥିବା 100ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯିବ, ଯାହାଦ୍ୱାରା 1.7 କୋଟି କୃଷକ ଉପକୃତ ହେବେ
- କିଷାନ କ୍ରେଡିଟ୍ କାର୍ଡ (କେସିସି) ଋଣ ସୀମା 5 ଲକ୍ଷ ଟଙ୍କାକୁ ବୃଦ୍ଧି
- କେସିସି ଜରିଆରେ 7.7 କୋଟି ଚାଷୀ, ମତ୍ସ୍ୟଜୀବୀ ଏବଂ ଦୁଗ୍ଧ ଚାଷୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ଋଣ
- ବିରି, ହରଡ଼ ଏବଂ ମସୁର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଡାଲି ଜାତୀୟ ଖାଦ୍ୟରେ ଆତ୍ମନିର୍ଭର ଅଭିଯାନର ଶୁଭାରମ୍ଭ

## ରପ୍ତାନିକୁ ଗତି

- ସହଜ ଋଣ ସହାୟତା ଏବଂ ସୀମାପାର ଫ୍ୟାକ୍ଟରିଙ୍ଗ୍ ସହାୟତା ପାଇଁ ରପ୍ତାନୀ ପ୍ରୋତ୍ସାହନ ମିଶନ
- ବ୍ୟବହାରକାରୀ-ଅନୁକୂଳ ସୀମା ଶୁଳ୍କ ପ୍ରୋଟୋକଲ ସହିତ ବିମାନ କାର୍ଗୋ ଭିତ୍ତିଭୂମି ଏବଂ ପଣ୍ୟାଗାରର ଉନ୍ନତୀକରଣ

## ଟିକସରେ ଅଧିକ ସଞ୍ଚୟ

- 12 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ (ଦରମା ପାଉଥିବ ବ୍ୟକ୍ତିମାନଙ୍କ ଲାଗି 12.75 ଲକ୍ଷ ଟଙ୍କା) ପାଇଁ ନୂତନ ବ୍ୟବସ୍ଥା ଅଧୀନରେ କୌଣସି ଆୟକର ଲାଗୁ ହେବ ନାହିଁ ।

| ଆୟ | ସମସ୍ତ ଆୟବର୍ଗଙ୍କ ପାଇଁ ବିପୁଳ ସଞ୍ଚୟ (ନୂତନ ବ୍ୟବସ୍ଥା ଅନୁଯାୟୀ) |
|---|---|
| ₹12 ଲକ୍ଷ | ₹80,000 (କୌଣସି ଆୟକର ଦେବାକୁ ପଡ଼ିବ ନାହିଁ) |
| ₹13 ଲକ୍ଷ | ₹25,000 |
| ₹16 ଲକ୍ଷ | ₹50,000 |
| ₹18 ଲକ୍ଷ | ₹70,000 |
| ₹20 ଲକ୍ଷ | ₹90,000 |
| ₹25 ଲକ୍ଷ | ₹1,10,000 |

- ବରିଷ୍ଠ ନାଗରିକଙ୍କ ପାଇଁ ଟିଡିଏସ୍ ଉପରେ ସୁଧ ସୀମା ଦୁଇଗୁଣ ବୃଦ୍ଧି ପାଇ 1 ଲକ୍ଷ ଟଙ୍କା ଏବଂ ଭଡ଼ା ସୀମା 2.4 ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ 6 ଲକ୍ଷ ଟଙ୍କା ହୋଇଛି

CBC 15201/13/0008/2425

ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡ଼ିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। -ଶ୍ରୀମା

# ଦୁଇ ପ୍ରତିଦ୍ୱନ୍ଦ୍ୱୀ



ଆକାର ପଟେଲ

ଜାନୁଆରୀ ୨୨ରେ ତିନୋଟି କମ୍ପାନୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଡେଟା ସେଣ୍ଟର ଓ ବିଦ୍ୟୁତ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୫୦୦ ବିଲିୟନ ଆମେରିକୀୟ ଡଲାର ଘୋଷଣା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟ ଜାରି ରଖିବାକୁ ସେମାନେ ଏଭଳି କରିଥିଲେ। ଏହାର ଠିକ୍ ୫ ଦିନ ପରେ ଚାଇନାର ଡିପ୍‌ସିକ୍ ଏଆଇ ଚାଟ୍‌ବୋଟ ଅଧିକ ଲୋକପ୍ରିୟ ହୋଇଥିଲା, କାରଣ ଏହା ଉତ୍କୃଷ୍ଟ। ଡିପ୍‌ସିକ୍‌ର ସଫଳତା ଥିଲା ଅପ୍ରତ୍ୟାଶିତ। ଏବେ ଡିପ୍‌ସିକ୍‌ର ଆଗକୁ ଆସିବା ଘଟଣାକୁ କେହି ଜଣେ ସ୍ପେସ୍ ରେସ୍ ବା ମହାକାଶ ଦୌଡ଼ର 'ସ୍ପୁଟନିକ ମୁମେଣ୍ଟ' ସହ ତୁଳନା କରିଛନ୍ତି। ମହାକାଶକୁ ନେଇ ଆମେରିକା ଓ ସୋଭିଏଟ୍ ମଧ୍ୟରେ ଥିବା ଦୌଡ଼ ତୁଳନାରେ ଏବକାର ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ଏଆଇ ପ୍ରତିଦ୍ୱନ୍ଦ୍ୱିତା ସମାନ ପ୍ରକାରର କି ନାହିଁ ତାହା ବୁଝିବା ପାଇଁ ପ୍ରଥମେ ସ୍ପେସ୍ ରେସ୍ ଉପରେ ନଜର ପକାଇବା। ସୋଭିଏଟ୍ ୧୯୫୭ରେ ସ୍ପୁଟନିକକୁ କକ୍ଷପଥକୁ ପଠାଇଥିଲା। ରୁଷୀୟ ଏବଂ ଆମେରିକୀୟମାନେ ଜର୍ମାନୀ ବୈଜ୍ଞାନିକମାନଙ୍କୁ ଗିରଫ କରି ରକେଟ ନିର୍ମାଣ କାର୍ଯ୍ୟରେ ଲଗାଇବାର ଏକ ଦଶନ୍ଧି ପରେ ଏହା ଘଟିଥିଲା। ବନ୍ଦୀ ହୋଇଥିବା ସବୁଠୁ ପ୍ରତିଷ୍ଠିତ ବୈଜ୍ଞାନିକ ୱେନର ଭନ୍ ବ୍ରାଉନ ଆମେରିକା ଆସିଥିଲେ। ଏହା ସତ୍ତ୍ୱେ ସୋଭିଏଟମାନେ ସେର୍ଜି କୋରୋଲେଭଙ୍କ ଭଳି ରକେଟ ଡିଜାଇନରଙ୍କ ସହଯୋଗରେ କକ୍ଷପଥରେ ପ୍ରବେଶ କରିବାରେ ସକ୍ଷମ ହୋଇଥିଲା। ସେର୍ଜିଙ୍କ ଡିଜାଇନ ୨୦୨୫ରେ ବି ରୁଷିଆର ରକେଟରେ ବ୍ୟବହାର ହେଉଛି। ସ୍ପୁଟନିକ୍ ଭଳି ରକେଟ ନିର୍ମାଣରେ ସଫଳତା ପାଇବା ପାଇଁ ଆମେରିକା ବ୍ୟାପକ ସଂଶାଧନ ଖଟାଇଥିଲେ। ହେଲେ ସ୍ପେସ୍ ରେସ୍‌ରେ ସୋଭିଏଟ ଅନେକ ବର୍ଷ ଧରି ଆମେରିକାଠାରୁ ଆଗରେ ରହିଲା। ଏହି କ୍ରମରେ କକ୍ଷକୁ ପ୍ରଥମ ପ୍ରାଣୀ ପଠାଇବା(୧୯୫୭), କକ୍ଷରେ ପ୍ରଥମେ ମଣିଷକୁ ପହଞ୍ଚାଇବା (୧୯୬୧ରେ ୟୁରି ଗାଗାରିନ୍), ମଙ୍ଗଳକୁ ପ୍ରଥମ ଯାନ ପ୍ରେରଣ (୧୯୬୨), ମହାକାଶକୁ ପ୍ରଥମ ମହିଳା ଯିବା (୧୯୬୩), ମହାକାଶରେ ଚାଲିବା(୧୯୬୫), ପ୍ରଥମେ ଚନ୍ଦ୍ରରେ ଯାନ ଅବତରଣ କରାଇବା(୧୯୬୬) ଏବଂ ଏପରି କି ୧୯୬୬ରେ ଚନ୍ଦ୍ରକୁ ପ୍ରାଣୀ ପଠାଇ ଫେରାଇ ଆଣିବା ଭଳି କାର୍ଯ୍ୟ କରିଥିଲା। ରୁଷୀୟମାନଙ୍କ ଏହିସବୁ ଆଖିଦୃଶିଆ ସଫଳତାକୁ ପଛରେ ପକାଇଦେଇ ଆମେରିକୀୟମାନେ ଯେତେବେଳେ ୧୯୬୯ରେ ସେମାନଙ୍କ ମହାକାଶଚାରୀମାନେ ଚନ୍ଦ୍ରରେ ପାଦ ଥାପିଲେ, ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ବଜେଟ ସେ ସମୟରେ ଆମେରିକା ସରକାରଙ୍କ ମୋଟ ବ୍ୟୟର ୪ ପ୍ରତିଶତ ଥିଲା। ଆମେରିକୀୟମାନେ ଆଉ କିଛି ଅଧିକ ଯାନ ଚନ୍ଦ୍ରକୁ ପଠାଇବା ପରେ ନାସାର ବଜେଟ ହ୍ରାସ କରାଗଲା ଏବଂ ଭନ୍ ବ୍ରାଉନଙ୍କ ଦ୍ୱାରା ବିକଶିତ ସାଟର୍ନ ଭି ବଦଳରେ ସ୍ପେସ୍ ସଟଲ୍ ବ୍ୟବହାର କରାଗଲା, ଯାହାର କ୍ଷମତା କମ୍ ଥିଲା। ଅନ୍ୟପକ୍ଷରେ ସୋଭିଏଟ ନିଜସ୍ୱ ରକେଟ ଏନ୍‌ୱାନରେ ଚନ୍ଦ୍ରରେ ଅବତରଣ କରିବାରେ ବିଫଳ ହେବା ଯୋଗୁ ଏଭଳି ପ୍ରୟାସରୁ ଓହରିଗଲା। ଏହାଥିଲା ଜିପିଏସ୍ ଏବଂ ମୋବାଇଲ ଫୋନ୍ ଆସିବା ପୂର୍ବ ସମୟର ଘଟଣା। ଏପରି କି ସେ ସମୟରେ କେବଳ ଆଞ୍ଚଳିକ ସ୍ତରରେ ଟେଲିଭିଜନ ପ୍ରସାରଣ ହେଉଥିଲା। ଏଥିରୁ ବୁଝାପଡୁଛି, ସେତେବେଳେ ଅଳ୍ପ କେତେକେ ମହାକାଶ ଓ ସାଟେଲାଇଟରେ ନିବେଶ କରିବାକୁ ଚାହୁଁଥିଲେ। ଏହା ଥିଲା ସେତେବେଳର ମହାକାଶ ଦୌଡ଼ର କାହାଣୀ।

ଏଆଇରେ ଅଳ୍ପ କିଛି ବିଷୟରେ ପାର୍ଥକ୍ୟ ରହିଛି। ପ୍ରଥମ ପାର୍ଥକ୍ୟ ହେଉଛି, ଏହାକୁ ଗ୍ରହଣ କିମ୍ବା ବିକାଶ କରିବାରେ ଜାତୀୟ ଗର୍ବ କିମ୍ବା ସରକାରୀ ବ୍ୟୟ ସହିତ ଜଡ଼ିତ ନୁହେଁ। ଏ କ୍ଷେତ୍ରରେ କର୍ପୋରେଟଗୁଡ଼ିକ ଆଧୁନିକତା ଓ ବିକାଶକୁ ଆଗକୁ ବଢ଼ାଇଥାନ୍ତି। ଆମେରିକାରେ ଅଧିକ ସଂସାଧନ ଥିବା କର୍ପୋରେଟମାନେ ଯଥା ଗୁଗଲ, ଫେସ୍‌ବୁକ୍, ଏଲନମସ୍କ, ମାଇକ୍ରୋସଫ୍ଟ ଓ ଓପନ୍ ଏଆଇ ନିଜ ମଧ୍ୟରେ ପ୍ରତିଯୋଗିତା କରୁଛନ୍ତି। ଏହା ସହ ସେମାନଙ୍କ ଲକ୍ଷ୍ୟ ହେଉଛି ମାନବସ୍ତରୀୟ ବୁଦ୍ଧି ହାସଲ କରି ତାହାକୁ ବିକଶିତ କରିବା। ଯେତେବେଳେ ପ୍ରଥମ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ସେତେବେଳେ ଦ୍ୱିତୀୟ ଲକ୍ଷ୍ୟ ଖୁବ୍‌ଶୀଘ୍ର ହାସଲ ହୋଇପାରିବ ବୋଲି ମନେକରାଯାଏ। ଏହା ସେହି କମ୍ପାନୀକୁ ବ୍ୟାପକ ଲାଭ ଦେବା ସହ ଅନ୍ୟମାନଙ୍କଠାରୁ ଆଗକୁ ନେଇଯିବ। ଏହି କାରଣରୁ ଏହା ଉପରେ ନିବେଶ ସେହିସବୁ ବିଷୟ ଉପରେ ନିର୍ଭର କରେ ନାହିଁ, ଯାହା ସ୍ପେସ୍ ରେସ୍‌କୁ ଶେଷ କରିଦେଇଥିଲା। ଏଆଇ ଗବେଷଣା ଉପରେ ମୋଟ ଖର୍ଚ୍ଚ ନାସା ଏବଂ ସୋଭିଏଟ୍ ମହାକାଶ କାର୍ଯ୍ୟକ୍ରମରେ ହୋଇଥିବା ସମୁଦାୟ ବ୍ୟୟଠାରୁ ଅନେକ ଗୁଣ ଅଧିକ।

ଦ୍ୱିତୀୟ ପାର୍ଥକ୍ୟ ହେଉଛି, ଏଥିରେ ଜାତୀୟ ନିରାପତ୍ତା ସ୍ୱାର୍ଥ ଜଡ଼ିତ। କାରଣ ଡିପ୍‌ସିକ୍ ଭଳି ଏକ ଏଆଇ ଯଦି ଚାଇନା ପ୍ରଥମେ ବିକାଶ କରେ, ତେବେ ଆମେରିକାର ବୈଶ୍ୱିକ ପ୍ରାଧାନ୍ୟ କ୍ଷୁଣ୍ଣ ହେବାର ଭୟ ଆସିବ। ଏହିସବୁ କାରଣରୁ ଆମେରିକା ଓ ଚାଇନାର ରାଷ୍ଟ୍ରପତି ଯିଏ ରୁହନ୍ତୁ ନା କାହିଁକି, ସେମାନେ ସେମାନଙ୍କ କମ୍ପାନୀଗୁଡ଼ିକୁ ଅଧିକ ଅଗ୍ରଗତି କରିବା ପାଇଁ ଚାପ ଜାରି ରଖିବେ। ଉଲ୍ଲେଖନୀୟ ଯେ, ୟୁରୋପୀୟ ସଂଘ (ଇୟୁ), ଯାହା ଆମେରିକା ଓ ଚାଇନା ଭଳି ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ, ଏହି କ୍ଷେତ୍ରରେ ପ୍ରତିଯୋଗିତାକୁ ନେଇ ତାହା ଗମ୍ଭୀର ନୁହେଁ। ଏପରି କି ୬୦ ବର୍ଷ ପୂର୍ବେ ବିଶାଳ ପ୍ରଯୁକ୍ତିର ଅଧିକାରୀ ହୋଇଥିବା ରୁଷିଆ ଭଳି ଅନ୍ୟ ଦେଶମାନେ ମଧ୍ୟ ଆଗ୍ରହୀ ନୁହନ୍ତି। ଏଆଇ ରେସ୍ କେବଳ ଆମେରିକା ଓ ଚାଇନା ମଧ୍ୟରେ ଚାଲିଛି। ଗତ ଦୁଇ ଶତାବ୍ଦୀରେ ଦୁଇ ଦେଶ ମଧ୍ୟରେ ପ୍ରଯୁକ୍ତି ଅନ୍ତର ହ୍ରାସ ପାଇଥିଲା। କିନ୍ତୁ ଦକ୍ଷିଣ ଏସିଆ, ଉତ୍ତର ଓ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାର ଅଧିକାଂଶ ଭାଗରେ ଉପନିବେଶ ପ୍ରତିଷ୍ଠା ହେବା ପରେ ପ୍ରଯୁକ୍ତି ଅନ୍ତର ଅଧିକ ହେଲା। ଅଧିକ ଜନବହୁଳ ଦେଶଗୁଡ଼ିକ ଛୋଟ ଓ ଅଧିକ ବିକଶିତ ଦେଶର ନିୟନ୍ତ୍ରଣକୁ ଆସିଲେ। ଏହାଦ୍ୱାରା ଚାଇନା ଅଧିକ ପ୍ରଭାବିତ ହେଲା ଏବଂ ଏହା ବ୍ରିଟିଶ ଶାସନ ସମୟରେ ଆରମ୍ଭ ହୋଇଥିଲା। ଏବେ ୨୦୨୫ରେ, ଆଧିପତ୍ୟକୁ ବିରୋଧ କରିବାର କ୍ଷମତା ଚାଇନାର ରହିଛି। ସ୍ପେସ୍ ରେସ୍ ତୁଳନାରେ ଏଆଇ ରେସ୍‌ରେ ଆଉ ଗୋଟିଏ ଶେଷ ପ୍ରଭେଦ ରହିଛି। ଦୁଇଟି ରେସ୍‌କୁ ଗଣତନ୍ତ୍ର ଓ ଏକଛତ୍ରବାଦ ବ୍ୟବସ୍ଥା ମଧ୍ୟରେ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା ଭାବେ ଦର୍ଶାଯାଉଥିବାବେଳେ, ଏବେ ଏହା ହେଉଛି ପାଶ୍ଚାତ୍ୟ ଓ ପ୍ରାଚ୍ୟ ମଧ୍ୟରେ। ଭାରତ ଭଳି ବିକଶିତ ଗଣତାନ୍ତ୍ରିକ ଦେଶଗୁଡ଼ିକ ଟ୍ରମ୍ପଙ୍କ ଆମେରିକା ପ୍ରତି ଆକର୍ଷିତ ହୋଇଥାଇପାରନ୍ତି, କିନ୍ତୁ ମନେରଖିବା ଦରକାର ଯେ, ଏହା ମଧ୍ୟ ଆମେରିକା ଓ ଏସିଆ ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତା।

Email:aakar.patel@gmail.com

# କେନ୍ଦ୍ର ବଜେଟ ଓ ସାମାଜିକ କ୍ଷେତ୍ର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଉପସ୍ଥାପିତ କରିସାରିଛନ୍ତି। ବଜେଟରେ ଡାକ୍ତରୀ ଶିକ୍ଷା ପାଇଁ ସିଟ୍ ସଂଖ୍ୟାରେ ବୃଦ୍ଧି ତଥା କ୍ୟାନ୍‌ସର ରୋଗୀଙ୍କ ପାଇଁ ଡେ କେୟାର ୟୁନିଟ୍ ସବୁ ଖୋଲିବାକୁ ଅର୍ଥମନ୍ତ୍ରୀଙ୍କ ବଡ଼ ଘୋଷଣା ସତ୍ତ୍ୱେ ଦେଶର ସ୍ୱାସ୍ଥ୍ୟ ବାବଦରେ ବ୍ୟୟବରାଦ ବହୁତ କମ୍ ରହିଛି। ନୂଆ ଯୋଜନା କଥା ଛାଡ଼ନ୍ତୁ, ବର୍ତ୍ତମାନ ଚାଲିଥିବା ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକୁ ଚଳାଇ ରଖିବା ପାଇଁ ଉପରୋକ୍ତ ବ୍ୟୟବରାଦ ଅପର୍ଯ୍ୟାପ୍ତ। ୨୦୨୫-୨୬ ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପାଇଁ ସରକାର ୯୫,୯୫୭.୮୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ୨୦୨୪-୨୫ ବଜେଟରେ ଏହି ରାଶି ୮୭,୬୫୬.୯୦ କୋଟି ଟଙ୍କା ରହିଥିଲା। ଯଦି ୬.୫% ମୁଦ୍ରାସ୍ଫୀତିକୁ ହିସାବ କରାଯିବ ତା'ହେଲେ ଦେଶର ସ୍ୱାସ୍ଥ୍ୟସେବା ବାବଦରେ ସରକାରୀ ବ୍ୟୟରେ ମାତ୍ର ୩ % ହିଁ ବୃଦ୍ଧି ଘଟିଛି। ଏହାର କାରଣ ହେଲା, ସରକାରଙ୍କ ପିଏମ୍ ଆୟୁଷ୍ମାନ୍ ଯୋଜନାଟି ପ୍ରସାରିତ ହେବା। ନିକଟରେ ଦେଶର ୪.୫ କୋଟି ବରିଷ୍ଠ ନାଗରିକ, ଆଶା ଓ ଏନ୍‌ଏମ୍‌ମାନଙ୍କୁ ବି ଏଥିରେ ସାମିଲକରିବା ଏବଂ ଓଡ଼ିଶା ପରି କେତେକ ରାଜ୍ୟ ଏହି ଯୋଜନାରେ ସାମିଲହେବା ଫଳରେ ଉକ୍ତ ଯୋଜନାର ବ୍ୟୟ ବଢ଼ିବାକୁ ଯାଉଛି। ଚଳିତ ବଜେଟରେ ଏଥିପାଇଁ ବ୍ୟୟବରାଦରେ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନର ଅନୁଦାନରେ ୩% ହ୍ରାସ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଅନୁଦାନକୁ ୬% ହ୍ରାସ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ଅତୀତରେ ଗଠିତ କୋଠାରୀ କମିଶନ ଦେଶର ଜିଡିପିର ସର୍ବନିମ୍ନ ୬% ଶିକ୍ଷା ବାବଦରେ ବ୍ୟୟ କରିବାକୁ ସୁପାରିସ କରିଥିଲେ। ଏହାଛଡ଼ା ମିଳିତ ଜାତିସଂଘର ୟୁନେସ୍କୋ ଦ୍ୱାରା ସ୍ଥିରୀକୃତ ଅନ୍ତର୍ଜାତୀୟ ମାନ ଅନୁଯାୟୀ ପ୍ରତ୍ୟେକ ଦେଶର ଜିଡିପିର ୪-୬% ଶିକ୍ଷା ବାବଦରେ ଖର୍ଚ୍ଚ କରିବା କଥା ବୋଲି କୁହାଯାଇଛି। ଅଥଚ ବିକଶିତ ଭାରତର ସ୍ୱପ୍ନ ଦେଖାଉଥିବା ଆମ ସରକାର ଶିକ୍ଷା ବାବଦରେ ଜିଡିପିର ମାତ୍ର ୦.୫% ହିଁ ବିନିଯୋଗ କରୁଛନ୍ତି। ଚଳିତ ବଜେଟକୁ ନେଇ ସରକାରଙ୍କ ବଡ଼ ବଡ଼ ଦାବି ସତ୍ତ୍ୱେ ଗତବର୍ଷ (୨.୬%) ତୁଳନାରେ ଦେଶର ମୋଟ ବଜେଟର ମାତ୍ର ୨.୫୩% ହିଁ ଶିକ୍ଷା ବାବଦରେ ବରାଦ କରାଯାଇଛି। ୨୦୨୪-୨୫ ବଜେଟରେ ଏହି ବ୍ୟୟବରାଦ ୧.୨୫ ଲକ୍ଷ କୋଟି ରହିଥିବା ବେଳେ ଚଳିତ ୨୦୨୫-୨୬ ବଜେଟରେ ତାହା ୧.୨୮ ଲକ୍ଷ କୋଟି ରହିଛି। ବ୍ୟୟବରାଦରେ ଏହି ଯେଉଁ ନାମକୁ ମାତ୍ର ବୃଦ୍ଧି କରାଯାଇଛି ତାହା ଦେଶର ମୁଦ୍ରାସ୍ଫୀତିକୁ ଦେଖିଲେ ବୃଦ୍ଧି ନୁହେଁ ବରଂ ହ୍ରାସ ବୋଲି କୁହାଯିବ।

ବଜେଟରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବାବଦରେ ଗତବର୍ଷ ୭୩,୦୦୮ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବର୍ଷ ତାକୁ ୭୮,୫୭୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। କିନ୍ତୁ ସଂଶୋଧିତ ହିସାବରୁ ଜଣାଯାଇଛି, ଗତ ବଜେଟରେ କରାଯାଇଥିବା ବ୍ୟୟବରାଦଠାରୁ ୭ ହଜାର କୋଟି ଟଙ୍କା କମ୍ ଖର୍ଚ୍ଚ କରାଯାଇଛି। ଅର୍ଥାତ୍ ଗତବର୍ଷର ଅନୁଦାନ ହିସାବରେ ବହୁ ପ୍ରକଳ୍ପରେ ଠିକ୍ ରୂପେ ବ୍ୟୟ କରାଯାଇନାହିଁ। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସ୍କଲରଶିପ୍ ବାବଦରେ ବି କମ୍ ଖର୍ଚ୍ଚ କରାଯାଇଛି। ଦେଶରେ ସ୍କୁଲ ଛାଡ଼ିବା କମାଇବା, ଭର୍ତ୍ତିର ହାର ବୃଦ୍ଧି କରିବା ଏବଂ ନୂତନ ଶିକ୍ଷକ ନିଯୁକ୍ତି ବାବଦରେ ବଜେଟରେ କୌଣସି ନୂତନ ପ୍ରକଳ୍ପ ଘୋଷଣା କରାଯାଇନାହିଁ। ବରଂ କେବଳ ପୁରୁଣା ପ୍ରକଳ୍ପଗୁଡ଼ିକରେ ନାମମାତ୍ର ବୃଦ୍ଧିକରି ସରକାର ନିଜର ଦାୟିତ୍ୱ ସାରିଦେଇଛନ୍ତି।

ଗତବର୍ଷ ବଜେଟରେ ଉଚ୍ଚଶିକ୍ଷା ବାବଦରେ ୪୬.୪ ହଜାର କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ପ୍ରକୃତ ବ୍ୟୟ ପ୍ରାୟ ୫୫ ହଜାର କୋଟି ଟଙ୍କା ହୋଇଥିଲା। ଅଥଚ ଚଳିତ ବଜେଟରେ ଉଚ୍ଚଶିକ୍ଷା ପାଇଁ ଏହି ବ୍ୟୟବରାଦକୁ ୫୦ ହଜାର କୋଟି ଟଙ୍କା ରଖାଯାଇଛି। ଗତବର୍ଷର ସଂଶୋଧିତ ଖର୍ଚ୍ଚ ତୁଳନାରେ ଚଳିତ ବଜେଟରେ ବ୍ୟୟବରାଦ ବହୁତ କମ୍। ବଜେଟରେ ୨୩ଟି ନୂତନ ଆଇଆଇଟି ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଥିଲେ ମଧ୍ୟ ସେଥିପାଇଁ ଆବଶ୍ୟକ ବ୍ୟୟବରାଦରେ କୌଣସି ବୃଦ୍ଧି କରାଯାଇନାହିଁ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ବଜେଟର ମାତ୍ର ୦.୨୨% ଆଇଆଇଟିଗୁଡ଼ିକର ଭିତ୍ତିଭୂମି ନିର୍ମାଣ ବାବଦରେ ବରାଦ କରାଯାଇଛି। ଗତ ୧୦ବର୍ଷ ମଧ୍ୟରେ ଆଇଆଇଟିଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟାରେ ୧୦୦% ବୃଦ୍ଧି ପାଇଥିବା ବେଳେ ସରକାରୀ ବ୍ୟୟବରାଦ ଲଗାତର ଭାବେ ସ୍ଥିର ରହିଛି। ସ୍କୁଲ ପିଲାଙ୍କ ପୁଷ୍ଟି ସୁରକ୍ଷା ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ବ୍ୟୟବରାଦରେ ମାତ୍ର ୦.୨୬% ବୃଦ୍ଧି କରାଯାଇଛି।

ଦେଶର ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ



ସରକାର ଚଳିତ ବଜେଟରେ ମାତ୍ର ୦.୫୩% ବ୍ୟୟବରାଦ କରିଛନ୍ତି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକଳ୍ପ ବାବଦରେ ସରକାର ମୋଟ ବଜେଟର ମାତ୍ର ୨% ହିଁ ବ୍ୟୟବରାଦ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚାଲିଥିବା 'ସକ୍ଷମ ଅଙ୍ଗନୱାଡି' ଓ 'ପୋଷଣ ୨.୦' କାର୍ଯ୍ୟକ୍ରମକୁ ଅର୍ଥମନ୍ତ୍ରୀ ନିଜର ବଜେଟ ଭାଷଣରେ ପ୍ରଶଂସା କରିଥିଲା ବେଳେ ସେ ବାବଦରେ ବ୍ୟୟବରାଦ ଦିଗରେ ସରକାରଙ୍କ ବିପରୀତ ଆଚରଣ ଦେଖିବାକୁ ମିଳିଛି। ୨୦୨୩-୨୪ ବଜେଟରେ ଏହି ଦୁଇ କାର୍ଯ୍ୟକ୍ରମ ବାବଦରେ ବଜେଟରେ ୨୧୮୦୯.୬୪ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ୨୦୨୪-୨୫ ବଜେଟର ୨୧,୨୦୦ କୋଟି ଟଙ୍କା ଏବଂ ଚଳିତ ବଜେଟରେ ୨୧,୯୬୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥାତ୍ ଦୀର୍ଘ ୨ ବର୍ଷ ପରେ ସରକାର ଉପରୋକ୍ତ ଦୁଇ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବାବଦରେ ବ୍ୟୟବରାଦରେ ମାତ୍ର ୧୫୦.୩୬ କୋଟି ହିଁ ବୃଦ୍ଧି କରିଛନ୍ତି। ମୁଦ୍ରାସ୍ଫୀତିକୁ ଦେଖିଲେ ଏହି ବ୍ୟୟବରାଦ ପ୍ରକୃତ ଅର୍ଥରେ ହ୍ରାସ ପାଇଛି। ୨୦୧୭ ମସିହାଠାରୁ ଅଙ୍ଗନୱାଡିରେ ପିଲାଙ୍କୁ ମିଳୁଥିବା ପୁଷ୍ଟିସାର ଖାଦ୍ୟ ବାବଦରେ ସରକାର କୌଣସି ବ୍ୟୟବୃଦ୍ଧିକରି ନ ଥିବାବେଳେ ଚଳିତ ବଜେଟରେ ହାରାହାରି ମାତ୍ର ୫ ପଇସା ବୃଦ୍ଧି କରିଛନ୍ତି। ସରକାରଙ୍କ ଆଉ ଏକ ବହୁ ପ୍ରଚାରିତ କାର୍ଯ୍ୟକ୍ରମ ହେଲା, 'ବେଟି ପଢ଼ାଅ, ବେଟି ବଚାଓ'। ମହିଳା ଓ ଶିଶୁ ବିକାଶ ଅଧୀନରେ ଆସୁଥିବା ଏହି ପ୍ରକଳ୍ପ ବାବଦରେ ମଧ୍ୟ ସରକାର ଚଳିତ ବଜେଟରେ ବ୍ୟୟ ବରାଦରେ କୌଣସି ବୃଦ୍ଧି କରିନାହାନ୍ତି। ମହିଳାମାନଙ୍କ ନିର୍ଯାତନା ପ୍ରତିରୋଧୀ ତଥା ନିର୍ଯାତିତାମାନଙ୍କ ସୁରକ୍ଷା ଓ ଥଇଥାନ ପାଇଁ ଉଦ୍ଦିଷ୍ଟ 'ମିଶନ ସମ୍ବଲ' ଓ 'ସାମର୍ଥ୍ୟ' ପରି ପ୍ରକଳ୍ପ ପାଇଁ ବ୍ୟୟବରାଦକୁ ସରକାର ଚଳିତ ବଜେଟରେ ୫୦% ହ୍ରାସ କରିଛନ୍ତି।

ଦେଶରେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦର ଆଉ ଏକ ଦିଗ ହେଲା, ସମାଜର ଦୁର୍ବଳ ଓ ଦୁସ୍ଥ ଲୋକଙ୍କ ସାମାଜିକ ସୁରକ୍ଷା ପେନ୍‌ସନ। ଅତ୍ୟନ୍ତ ଦୁର୍ଦ୍ଦଶାରେ ରହିଥିବା ଦେଶର ବହୁ କୋଟି ବୃଦ୍ଧାବୃଦ୍ଧ ଓ ବିଧବାଙ୍କ ପାଇଁ ଉଦ୍ଦିଷ୍ଟ ମାସିକ ଭତ୍ତାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମିଳିତ ଯୋଗଦାନ ରହିଥିବାରୁ ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପରିମାଣର ମାସିକ ପେନ୍‌ସନ ମିଳୁଛି। ତେବେ ଦେଶର ବିଭିନ୍ନ ରାଜ୍ୟରେ ମିଳୁଥିବା ଏହି ପେନ୍‌ସନ ବାବଦରେ କେନ୍ଦ୍ର ସରକାରଙ୍କ ଭାଗଟି ୨୦୦୬ ମସିହାରୁ ସ୍ଥିର ରହିଛି।

ସଂଖ୍ୟାଲଘୁ କଲ୍ୟାଣ ଯୋଜନାରେ ଗତବର୍ଷ ସରକାର ବଜେଟରେ ୩୧୮୩.୨୪ କୋଟି ବ୍ୟୟବରାଦ କରିଥିବା ସତ୍ତ୍ୱେ ମାତ୍ର ୧୮୬୮.୧୮ କୋଟି ଟଙ୍କା ହିଁ ଖର୍ଚ୍ଚ କରିଛନ୍ତି। ଚଳିତ ବଜେଟରେ ସେଥିରେ ସାମାନ୍ୟ ବୃଦ୍ଧିକରି ୩୩୫୦ କୋଟି ବ୍ୟୟବରାଦ କରିଛନ୍ତି। ସେହିପରି ଭିନ୍ନକ୍ଷମଙ୍କ ପାଇଁ ଗତ ବଜେଟରେ ୧୨୨୫.୨୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲେ ମଧ୍ୟ ୧୧୬୭.୨୭ କୋଟି ହିଁ ଖର୍ଚ୍ଚ ହୋଇଥିଲା। ଚଳିତ ବଜେଟରେ ଏହା ୧୨୭୫.୫୦ କୋଟି ଟଙ୍କା ରହିଛି। ଉପରୋକ୍ତ ଦୁଇଟି ଯାକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସରକାର ନିଜର ବଜେଟ ଅନୁଦାନଠାରୁ କମ୍ ଖର୍ଚ୍ଚ କରିବା ସରକାରଙ୍କ ସେଥିପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି।

ମୋ: ୯୪୩୭୧୬୭୩୯୧

# ଯୋଗୀଟିଏ ହେବା ନା ଭୋଗୀଟିଏ



ଡ. ସାରଦା ପ୍ରସାଦ କର

ଆମ ସମାଜରେ ଅନେକଙ୍କର ଧାରଣା ଯେ, ଯାହାର ଯେତେ ସମ୍ପତ୍ତି, ତାହାର ସେତେ ଆନନ୍ଦ। କିନ୍ତୁ ଏ ବିଚାର ଭ୍ରମାତ୍ମକ ପରି ମନେହୁଏ। କାରଣ ସମ୍ପତ୍ତି ହେଉଛି ଏକ ଭୌତିକ ଆକଳନ, ମାତ୍ର ଆନନ୍ଦ ଏକ ମାନସିକ ସ୍ଥିତି। ମୂଲ୍ୟବାନ୍ ବସ୍ତୁ ହୁଏତ ମଣିଷକୁ ଧନୀ କରିପାରେ, କିନ୍ତୁ ଆନନ୍ଦର ସ୍ୱାଦ ଦେଇପାରେ ନାହିଁ। ମଣିଷ ଗରିବ ଥିଲା ବେଳେ ବି କାନ୍ଦୁଥିଲା ଓ ଏବେ ଧନୀ ହୋଇ ବି କାନ୍ଦୁଛି। ଗରିବ ଥିଲାବେଳେ ଝୁମ୍ପୁଡ଼ିରେ କାନ୍ଦୁଥିଲା ଓ ଏବେ ଶୀତତାପ ନିୟନ୍ତ୍ରିତ କୋଠରିରେ କାନ୍ଦୁଛି। କାରଣ ଜୀବନରେ ଆନନ୍ଦ ନାହିଁ। ତେଣୁ ଆନନ୍ଦର ଠିକଣା ପାଇବାକୁ ଯାଇ ଭାଗବତରେ ଭଗବାନ୍ କପିଳ ମାଆ ଦେବହୁତିଙ୍କୁ ବୁଝାଇଲେ ଯେ ଯେଉଁ ସ୍ଥିତିରେ ମଣିଷର ଦୁଃଖ ଓ ସୁଖର ଅଭାବ ହୋଇଥାଏ ତାହା ହିଁ ଆନନ୍ଦ। ଏହା ନିରାଟ ସତ୍ୟ ଯେ ଅତ୍ୟଧିକ ସୁଖରେ ମଣିଷ ଶୋଇପାରେ ନାହିଁ କି ଅତ୍ୟଧିକ ଦୁଃଖରେ ନିଦ ଆସେ ନାହିଁ। କିନ୍ତୁ ଯେତେବେଳେ ମଣିଷ ଗଭୀର ନିଦ୍ରା ଯାଏ ସେତେବେଳେ ସେ ଆନନ୍ଦମୟ ସ୍ଥିତିରେ ଥାଏ, କାରଣ ସେଠାରେ ନା ସୁଖ ଥାଏ ନା ଦୁଃଖ। ବାସ୍ତବରେ ହର୍ଷ ଓ ବିଷାଦ, ସୁଖ ଓ ଦୁଃଖର ସନ୍ତୁଳନ ହିଁ ଆନନ୍ଦ। ଏହି ପ୍ରସଙ୍ଗରେ କଥାଟିଏ। ଗୌତମ ବୁଦ୍ଧଙ୍କର ଜଣେ ଅତିପ୍ରିୟ ଶିଷ୍ୟ ଥିଲେ 'ଶ୍ରୋଣ'। ସେ ଥିଲେ ରାଜକୁମାର ଓ ସର୍ବଦା ଭୋଗବିଳାସରେ ଲିପ୍ତ। କିନ୍ତୁ ବୁଦ୍ଧଙ୍କର ଆଦର୍ଶ ତାଙ୍କୁ ବୌଦ୍ଧ ଭିକ୍ଷୁଟିଏ ସଜେଇଦେଲା। ଦିନକୁ ଦିନ ସେ ନିଜ ଶରୀରକୁ କଷ୍ଟ ଦେଇ, କଠିନ ତପସ୍ୟା, ଉଜାଗର ବ୍ରତ ଓ ଅନାହାରଯୁକ୍ତ ସାଧନାରେ ବ୍ରତୀହେବାକୁ ଲାଗିଲେ ଯାହା ବୁଦ୍ଧଙ୍କୁ ବିଚଳିତ କରିଦେଲା। ପରିସ୍ଥିତିକୁ ହାଲୁକା କରିବାକୁ ଯାଇ ଦିନେ ବୁଦ୍ଧ ଶ୍ରୋଣଙ୍କୁ ପାଖକୁ ଡାକି ତାଙ୍କର ସାଧନା ବିଷୟରେ ପଚାରିବା ସହ ଅତୀତର କଥା ମନେପକାଇ ଦେଲେ ଯେ କିପରି ଶ୍ରୋଣ ଚମତ୍କାର ବୀଣାବାଦନ କରୁଥିଲେ। ବୁଦ୍ଧ ପଚାରିଲେ - ତୁମେ ବୀଣାର ତାର କିପରି ବାନ୍ଧୁଥିଲ ? ପୂରା ଢିଲାକରି ନା ପୂରା ଶକ୍ତକରି ? ଶ୍ରୋଣ ଉତ୍ତର ଦେଲେ - ହେ ଗୁରୁଦେବ ! ମୁଁ ବୀଣାର ତାରକୁ ଖୁବ୍ ଶକ୍ତକରି ବାନ୍ଧେ ନା କି ପୂରା ଢିଲାକରି ବାନ୍ଧେନା। କିନ୍ତୁ ଏପରି ବାନ୍ଧେ ଯେପରି ବୀଣାରୁ ସୁନ୍ଦର ସଙ୍ଗୀତ ସୃଷ୍ଟିହେବ। ହସି ହସି ବୁଦ୍ଧ କହିଲେ, ''ଶ୍ରୋଣ ! ଜୀବନ ମଧ୍ୟ ଏକ ବୀଣା ପରି। ତୁମେ ଯେତେବେଳେ ରାଜମହଲରେ ଥିଲ ତୁମ ଜୀବନବୀଣାର ତାର ଖୁବ୍ ଢିଲା କରିଦେଇଥିଲ। ତେଣୁ ଜୀବନ ଥିଲା ବିଷୟା ଯୁକ୍ତ। ଏବେ ତୁମ ଜୀବନ ତାରକୁ ଏତେ ଶକ୍ତ କରି ବାନ୍ଧିଛ ଯେ ତାହା ମଧ୍ୟ ଆନନ୍ଦ ପାଇଁ ଅନୁପଯୁକ୍ତ। ଏ ଦୁଇ ପରିସ୍ଥିତିରେ କେବେହେଲେ ସଙ୍ଗୀତ ସୃଷ୍ଟିହୋଇ ପାରେନା। ସଙ୍ଗୀତ ସୃଷ୍ଟିହୁଏ ମଧ୍ୟମ ମାର୍ଗରେ। ବୁଝିଲ ତ !'' ବୁଦ୍ଧଙ୍କର ଏହି ଭାଷା ଶ୍ରୋଣଙ୍କ ଜୀବନରେ ଆଣିଲା ବିରାଟ ପରିବର୍ତ୍ତନ।

ତେଣୁ ଏହା ପ୍ରମାଣସିଦ୍ଧ ଯେ ଯେଉଁଠାରେ ସନ୍ତୁଳନ ଅଛି ସେହିଠାରେ ହିଁ ଆନନ୍ଦ ଓ ଜୀବନବୀଣା ଝଙ୍କୃତ ହୁଏ, ଯାହା କେବଳ ଯୋଗୀଠାରେ ସମ୍ଭବ। ସେଥିପାଇଁ ଶ୍ରୀକୃଷ୍ଣ ଗୀତାରେ ଅର୍ଜ୍ଜୁନଙ୍କୁ କହିଲେ-



'ତସ୍ମାତ୍‌ଯୋଗୀଭବାର୍ଜ୍ଜୁନ'। ଯୋଗୀର ଜୀବନରେ କୌଣସି କଥାର ଆତିଶଯ୍ୟ ନ ଥାଏ ବରଂ ସନ୍ତୁଳନ ଥାଏ। ତେଣୁ ଆନନ୍ଦ ପାଇବାକୁ ହେଲେ ଆମ ଜୀବନ ଯୋଗୀଟିଏ ପରି ହେବା ଉଚିତ। ଯୋଗୀ ହେବା ପାଇଁ ବେଶଭୂଷା, ଚିତାତିଳକ, ପ୍ରାଣାୟାମର ଆବଶ୍ୟକତା ନାହିଁ ପରନ୍ତୁ ଆହାର, ବିହାର, ଶୟନ, ଜାଗରଣ - ଏସବୁରେ ସନ୍ତୁଳନ ରହିଲେ ଜୀବନ ହୁଏ ଆନନ୍ଦର ଅମରାବତୀ। ତେଣୁ ଏହା ନିଃସନ୍ଦେହ ଯେ, ପ୍ରତ୍ୟେକ ଗୃହସ୍ଥ ଯୋଗୀ ହୋଇପାରିବେ। ହେଲେ ପାଠକେ ! ଆମେ ଯୋଗୀ ପରି ଜୀବନ ନିର୍ବାହ କରୁଛେ ତ ? ପରିତାପର ବିଷୟ ଆମେ ଜୀବନକୁ ଯୋଗୀ ପରିବର୍ତ୍ତେ ଭୋଗୀ କରିସାରିଲେଣି। ଭର୍ତ୍ତୃହରିଙ୍କ 'ବୈରାଗ୍ୟଶତକମ୍' ମତରେ 'ଭୋଗା ନ ଭୁକ୍ତାବୟମେବଭୁକ୍ତା / ତୃଷ୍ଣା ନ ଜୀର୍ଣ୍ଣାବୟମେବଜୀର୍ଣ୍ଣା' ଅର୍ଥାତ୍ ଆମେ ଭୋଗକୁ ଭୋଗ କରୁନାହୁଁ ବରଂ ଭୋଗ ଆମକୁ ଉପଭୋଗ କରୁଛି। ଆମର ତୃଷ୍ଣା କେବେ ଜୀର୍ଣ୍ଣ ହେଉନି ବରଂ ଆମେ ଜୀର୍ଣ୍ଣ ହୋଇଯାଉଛେ। ସାଂସାରିକ ଭୋଗବିଳାସ ଓ କାମନା ଆମକୁ କଳୁଷିତ କରି ଦେବାରୁ ଆନନ୍ଦ କାହିଁ? ଯେପରି ମଦ୍ୟପ ମଦ୍ୟପାନ କରୁଛି ବୋଲି ନ ଚନ୍ତା କଲେ ମଧ୍ୟ ବାସ୍ତବରେ ମଦ ହିଁ ତା' ଜୀବନରସକୁ ହରଣ କରୁଛି ବୋଲି ସେ ଜାଣିପାରେ ନାହିଁ, ଯେପରି କୁକୁର ଶୁଖିଲା ହାଡ଼କୁ ଚୋବାଇ ଖୁବ୍ ସ୍ୱାଦଯୁକ୍ତ ବୋଲି ଅନୁଭବ କଲେ ମଧ୍ୟ ବାସ୍ତବରେ ତାହା ତା' ନିଜ ରକ୍ତ ବୋଲି ବୁଝିପାରେ ନାହିଁ ଠିକ୍ ସେହିପରି ଭୋଗୀଟିଏ ହୋଇ ଜାଣି ଜାଣି ଆମେ ଦୁଃଖକୁ ବରଣ କରୁଛେ। ଦୋଷ ଦେବା କାହାକୁ?

ତେଣୁ ଯୋଗୀ ହେବାକୁ ହେଲେ ପ୍ରଥମେ ଆମ ଜୀବନ ଉପଯୋଗୀ ହେବା ଉଚିତ। ଯୋଗୀହେବା ପାଇଁ ଜୀବନରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆମେ ଆମର ଉପଯୋଗିତାକୁ ଧରିରଖିବା ଉଚିତ। ଉପଯୋଗୀ ହେବା ପାଇଁ ତିନୋଟି ଜିନିଷ ଆବଶ୍ୟକ। ପ୍ରେମ, ତ୍ୟାଗ ଓ ସେବା। ପ୍ରେମ ଦ୍ୱାରା ପରମାତ୍ମାଙ୍କ ପାଇଁ, ତ୍ୟାଗ ଦ୍ୱାରା ନିଜ ପାଇଁ ଏବଂ ସେବା ଦ୍ୱାରା ସମାଜ ପାଇଁ ଆମେ ଉପଯୋଗୀ ହୋଇପାରିବା। ଏହି ତିନୋଟିର ମିଶ୍ରଣ ହିଁ ଆନନ୍ଦର ତ୍ରିବେଣୀ। ଏହା ସତ୍ୟ ଯେ ପରମାତ୍ମା ପଦାର୍ଥରେ ନୁହେଁ ବରଂ ପ୍ରେମ ପାଇଁ ବଡ଼ ଭୋକିଲା। ପଦାର୍ଥ ବାଢ଼ି ଦେଇଥିଲେ ଦୁର୍ଯ୍ୟୋଧନ ଓ ପ୍ରେମ ତୋଳି ଦେଇଥିଲେ ବିଦୁରଙ୍କ ସ୍ତ୍ରୀ ସୁଲଭା। ପ୍ରଭୁ ପଦାର୍ଥକୁ ଆଡ଼େଇଦେଲେ ଓ ପ୍ରେମ ପାଇଁ ହାତ ବଢ଼େଇ ଦେଲେ। ଦ୍ୱିତୀୟଟି ହେଉଛି ତ୍ୟାଗ। ନିଜକୁ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ନେଇ ବ୍ୟାପକ କରିବାର ଅର୍ଥ ତ୍ୟାଗ। ଯେ ତ୍ୟାଗକରେ ସେ ତରିଯାଏ। ତୃତୀୟଟି ହେଉଛି ସେବା। ତା'ର ଜୀବନଫୁଲ ଦିବ୍ୟ ସୁଗନ୍ଧିରେ ବାସିଉଠେ ଯେ ଅନ୍ୟର ମଙ୍ଗଳ ପାଇଁ ସେବା ଦିଏ। ତେଣୁ ଭୋଗୀଟିଏ ହୋଇ କାମନାର ମରୀଚିକା ପଛରେ ଧାଇଁ ମରିବା ଅପେକ୍ଷା ଯୋଗୀଟିଏ ହୋଇ ଜୀବନକୁ ଉପଯୋଗୀ କରିପାରିଲେ ଜୀବନ ଆନନ୍ଦରେ ଭରିଯିବନି କି? ଏବେ ବିଚାରକରନ୍ତୁ, ଆମେ ଯୋଗୀଟିଏ ହେବା ନା ଭୋଗୀଟିଏ?

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ: ୯୪୩୭୧୧୩୧୬୨

## ଏଇ ଭାରତରେ

ବର୍ତ୍ତମାନ ପ୍ରଦୂଷଣ ବଳୟରେ ମଣିଷକୁ ବଞ୍ଚିବାକୁ ପଡୁଛି। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଜୀବନକୁ ଦୁର୍ବିଷହ କରିବାରେ ଲାଗିଛି। ଏଭଳି ଏକ ସଙ୍କଟରୁ ମୁକୁଳିବା ପାଇଁ ବିଭିନ୍ନ ସ୍ତରରେ ଓ ଭିନ୍ନ ଭିନ୍ନ ତରିକାରେ ପୃଥିବୀପୃଷ୍ଠରୁ ବର୍ଜ୍ୟ ନିଷ୍କାସନ ତଥା ତାହାର ପୁନଃ ଉପଯୋଗ କରାଯାଉଛି। ଦେଶର ଏଭଳି କାର୍ଯ୍ୟରେ ଜଡ଼ିତ ରହିଥିବା ଅନେକଙ୍କ ମଧ୍ୟରେ ଚେନ୍ନାଇର ପ୍ରକୃତି ରାୟ ଏବଂ ଅକ୍ଷରା ମେହେଟା ଅନ୍ୟତମ। ସେମାନେ ଜୁହୁ ବିଟ୍ ଷ୍ଟୁଡିଓ(ଜେବିଏସ୍) ଗଠନ କରି ତାହା ମାଧ୍ୟମରେ ବୟନ ଶିଳ୍ପରୁ ବାହାରୁଥିବା ବର୍ଜ୍ୟରୁ ଅନେକ ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ସେମାନେ ସ୍ଥାନୀୟ ଟେକ୍ସଟାଇଲ କମ୍ପାନୀଗୁଡ଼ିକରୁ ବର୍ଜ୍ୟ ସଂଗ୍ରହ କରୁଥିବାବେଳେ ବାହାରୁ ମଧ୍ୟ ଏହା ସଂଗ୍ରହ କରୁଛନ୍ତି। ଜେବିଏସ୍‌ରେ କେବଳ ମହିଳାମାନେ ରହି କାମ କରୁଛନ୍ତି। କେବଳ ହସ୍ତକଳା ସାମଗ୍ରୀ ନୁହେଁ ଜେବିଏସ୍ ଏବେ ଜୀବନଶୈଳୀ ସାମଗ୍ରୀ ବଜାରରେ ପ୍ରବେଶ କରିବାକୁ ଯୋଜନା କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଫେବୃଆରୀ ୧୯୭୬

- ଚୀନ୍‌ର ପ୍ରଧାନମନ୍ତ୍ରୀ ଚାଓଏନ ଲାଇଙ୍କ ପରଲୋକ ପରେ ସାଧାରଣ ନିରାପତ୍ତା ମନ୍ତ୍ରୀ ଶ୍ରୀ ହୁଆ ଗୁଓ ଫେଙ୍ଗ ଅସ୍ଥାୟୀ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ।
- ଶ୍ରୀଲଙ୍କା ପାର୍ଲାମେଣ୍ଟର ବିରୋଧୀ ଦଳରେ ଥିବା ମିଳିତ ସାମ୍ମୁଖ୍ୟ ପାର୍ଲାମେଣ୍ଟରେ ତାମିଲମାନଙ୍କ ଲାଗି ଏକ ଧର୍ମନିରପେକ୍ଷ ଓ ସମାଜବାଦୀ ରାଷ୍ଟ୍ର ଗଠନ ଲାଗି ପ୍ରସ୍ତାବ ଦେଇଛନ୍ତି।
- ଖାଦ୍ୟ ଅପମିଶ୍ରଣ ନିବାରଣ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 4 | | | | 3 | |
| | | | | | 1 | 5 | | |
| | | | 2 | 7 | 6 | | | |
| 2 | | 9 | | 4 | | | | |
| 1 | | | 3 | | | | | |
| | | 5 | | | 7 | 9 | | |
| | 8 | | 7 | | | | | 2 |
| | | | 6 | | | 8 | 5 | |
| | | | | | 5 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 2 | 9 | 8 | 1 | 5 | 3 | 4 |
| 3 | 5 | 8 | 6 | 4 | 7 | 1 | 9 | 2 |
| 9 | 4 | 1 | 5 | 2 | 3 | 8 | 7 | 6 |
| 1 | 2 | 6 | 7 | 3 | 4 | 9 | 8 | 5 |
| 7 | 8 | 5 | 2 | 9 | 6 | 4 | 1 | 3 |
| 4 | 3 | 9 | 1 | 5 | 8 | 6 | 2 | 7 |
| 5 | 1 | 3 | 8 | 6 | 2 | 7 | 4 | 9 |
| 8 | 9 | 4 | 3 | 7 | 5 | 2 | 6 | 1 |
| 2 | 6 | 7 | 4 | 1 | 9 | 3 | 5 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କାର୍ଯ୍ୟ ବନ୍ଦ ପଛରେ କିଏ

ମହାଶୟ,

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ୍ ନେଉଳପୋଇଠାରେ ୱାରି ଏନର୍ଜି ସ୍ଥାପନ ପାଇଁ କିଛି ବର୍ଷ ପୂର୍ବରୁ ପରିକଳ୍ପନା କରାଯାଇ ଗତ ଡିସେମ୍ବରରେ ଭୂମିପୂଜନ କରାଯାଇଥିଲା। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ଭୂମିପୂଜନ ଉତ୍ସବରେ ଘୋଷଣା କରାଯାଇଥିଲା। କମ୍ପାନୀ ସ୍ଥାପନ ହେଲେ ଆଖପାଖ ଲୋକେ ରୋଜଗାରକ୍ଷମ ହେବା ସହ ଅଞ୍ଚଳର ବିକାଶ ଘଟିବ ବୋଲି ଆଶା କରାଯାଉଥିଲା। କମ୍ପାନୀର କାର୍ଯ୍ୟ ଆରମ୍ଭ ହେବା ପରେ ଜମି ଅଧିଗ୍ରହଣ ଅର୍ଥ ସମେତ କେତେକ ଦାବି ଯୋଗୁ କମ୍ପାନୀ କାର୍ଯ୍ୟ ବନ୍ଦ ହୋଇଗଲା। ଅସହାୟ ପରିସ୍ଥିତିରେ ପଡ଼ି କମ୍ପାନୀ ତା'ର ମେଶିନଗୁଡ଼ିକୁ ଅନ୍ୟତ୍ର ନେଇଯାଉଥିବା ଦେଖାଯାଉଛି। ଜଣେ ନେତାଙ୍କ ଚାପରେ କାର୍ଯ୍ୟ ବନ୍ଦ ଥିବା ସାଧାରଣରେ ଆଲୋଚନା ହେଉଛି। ନିଜର ସ୍ୱାର୍ଥ ପାଇଁ ଜନସାଧାରଣଙ୍କ ସ୍ୱାର୍ଥକୁ ବଳିପକାଇବା ଘଟଣା ଜନସାଧାରଣଙ୍କୁ ଚକିତ କରିଛି। ତେବେ କମ୍ପାନୀର କାର୍ଯ୍ୟବନ୍ଦ ପଛରେ ଥିବା ରାଜନେତା କିଏ ବୋଲି ଚର୍ଚ୍ଚା ଚାଲିଛି।

– ବିଷ୍ଣୁ ପ୍ରସାଦ ମହାରଣା, ବାଳିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ।
(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୮।୨(ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିବାବେଳେ, ମୋଟ ୧୧ଟି ପ୍ରସ୍ତାବ ଯଥା ସାମାଜିକ ସୁରକ୍ଷା ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ଆଇନ୍, କ୍ରୀଡ଼ା, ଜଳ ସମ୍ପଦ, ଅର୍ଥ ଏବଂ ପୂର୍ତ୍ତ ବିଭାଗର ୪ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗଣମାଧ୍ୟମକୁ ବିବୃତି ପ୍ରଦାନ କରିବା ସହ ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି, ଗମନାଗମନ, ସାମାଜିକ ସୁରକ୍ଷା ଇତ୍ୟାଦିକୁ ବିଶେଷ ଗୁରୁତ୍ୱ ଦେଇ ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି।

## ୬ବର୍ଷରେ ଡ୍ୟାମ୍ ପୁନର୍ବାସ, ଉନ୍ନତି ପ୍ରକଳ୍ପ-୩ କାର୍ଯ୍ୟକାରୀ

୨୦୨୫-୨୬ରୁ ୨୦୩୦-୩୧ ମଧ୍ୟରେ ବିଶ୍ୱ ବ୍ୟାଙ୍କ ଏବଂ ଏସିଆନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ସହାୟତାରେ ଡ୍ୟାମ୍ ରିହାବିଲିଟେଶନ୍ ଆଣ୍ଡ ଇମ୍ପ୍ରୁଭ୍‌ମେଣ୍ଟ ପ୍ରୋଜେକ୍ଟ (ଡ୍ୟାମ୍ ପୁନର୍ବାସ ଏବଂ ଉନ୍ନତି ପ୍ରକଳ୍ପ)-୩ କାର୍ଯ୍ୟକାରୀ କରାଯିବ। ଏହା ଅଧୀନରେ ତିନୋଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି କ୍ରମରେ ହୀରାକୁଦ ଡ୍ୟାମ୍‌ର ବାମ ଡାଏକ୍‌ରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ କରାଯିବ। ସେହିପରି ଡ୍ୟାମ୍‌ର ସଙ୍କଟଜନକ ପରିସ୍ଥିତିର ସର୍ବେକ୍ଷଣ କରି ତାହାର ମରାମତି ଏବଂ ଉନ୍ନତୀକରଣ, ହୀରାକୁଦ ଡ୍ୟାମ୍ ତଥା ପ୍ରସ୍ତାବିତ ଅତିରିକ୍ତ ସ୍ପିଲ୍‌ୱେର ଫାଟକଗୁଡ଼ିକୁ ସ୍କାଡା ବା ସୁପରଭିଜରି କଣ୍ଟ୍ରୋଲ୍ ଆଣ୍ଡ ଡାଟା ଆକ୍ୱିଜିଶନ୍ ପ୍ରଣାଳୀରେ ସ୍ୱୟଂଚାଳିତ କରାଯିବ। ଏଥିପାଇଁ ୬ବର୍ଷ ମଧ୍ୟରେ ଆନୁମାନିକ ୧,୦୬୬.୩୮କୋଟି ଟଙ୍କା ଖର୍ଚ୍ଚ ହେବ।

## ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ର ସଂଶୋଧନକୁ ଅନୁମୋଦନ

ରାଜ୍ୟରେ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପର ବିକାଶ ହେବ। ଏଥିପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ। ଏଥିପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ପ୍ରଣୟନ କରାଯାଇଥିଲା। ମାତ୍ର ଏହି ନୀତିର କାର୍ଯ୍ୟାନ୍ୱୟନରେ ବିଭିନ୍ନ ପରିଚାଳନାଗତ ଅସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ଅଧିକ ସୁଗମ ଏବଂ ସରଳ କାର୍ଯ୍ୟକାରିତା ପାଇଁ କ୍ୟାବିନେଟ ସଂଶୋଧିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସଂଶୋଧିତ ପ୍ରସ୍ତାବ ଅନୁସାରେ ଏହି ନୀତିର ଅବଧି ମଧ୍ୟରେ ଅର୍ଥାତ୍ ୧୫ବର୍ଷ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ବ୍ୟବହାର ନିମନ୍ତେ ହ୍ୱିଲିଂ ଚାର୍ଜରେ ୨୫% ପରିବର୍ତ୍ତେ ୫୦% ଛାଡ଼ ପ୍ରଦାନ କରାଯାଇଛି। ଅନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକ ପାଇଁ ହ୍ୱିଲିଂ ଚାର୍ଜରେ ପ୍ରଚଳିତ ୨୫% ଛାଡ଼ ବଳବତ୍ତର ରହିବ। ପୂର୍ବ ନୀତି ଅନୁଯାୟୀ ୧୦ କିମ୍ବା ତଦୂର୍ଦ୍ଧ୍ୱ ବାସଗୃହ ଥିବା ଜନବସତିର ୧କି.ମି. ପରିସର ମଧ୍ୟରେ ପବନ କଳ ସ୍ଥାପନକୁ ବାରଣ କରାଯାଇଥିଲା। ମାତ୍ର ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ କାର୍ଯ୍ୟାଳୟ ପତ୍ର ତା.୪।୭।୨୦୨୪ ଏବଂ ଏହାର ସଂଶୋଧିତ ପ୍ରାବଧାନ ଅନୁଯାୟୀ ଏହି ନିୟମକୁ ପରିବର୍ତ୍ତନ କରାଯାଇଛି।

## ଓଡ଼ିଶା ଲୋକସେବା ଆୟୋଗ ବିନିୟମ ୧୯୫୨ର ସଂଶୋଧନ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରସ୍ତାବ ଓଡ଼ିଶା ଲୋକସେବା ଆୟୋଗ ବା ସେବା ସର୍ତ୍ତାବଳୀ ବିନିୟମ ୧୯୫୨ର ସଂଶୋଧନ ହୋଇଛି। ନୂତନ ନିୟମ ଅନୁଯାୟୀ, ଆୟୋଗର ଅଧ୍ୟକ୍ଷ କିମ୍ବା ସଦସ୍ୟ ଭାବେ ନିଯୁକ୍ତ ହେଲେ ତାଙ୍କ ଅନ୍ତିମ ନିର୍ଦ୍ଧାରିତ ବେତନ, ଯାହାକି ଅଧ୍ୟକ୍ଷ ଓ ସଦସ୍ୟଙ୍କ ପାଇଁ ଯଥାକ୍ରମେ ମାସିକ ୨ଲକ୍ଷ ୨୫ହଜାର ଓ ମାସିକ ୧ଲକ୍ଷ ୮୨ହଜାରରୁ ଅଧିକ ହୋଇଥିବ। ସରକାରୀ ଚାକିରିରେ ଥିବା ସମୟର ସେ ଅନ୍ତିମ ବେତନରୁ ମୋଟ୍ ପେନ୍‌ସନ ରାଶିକୁ ବାଦ୍ ଦେଲା ପରେ ଯେଉଁ ରାଶି ଉପନୀତ ହେବ, ତାକୁ ପାଇବାକୁ ହକ୍‌ଦାର ହେବେ।

## ଆଇନ ବିଭାଗରେ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ

ଆଇନ ବିଭାଗରେ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ ହୋଇଛି। ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ରାଜ୍ୟର ସବ୍‌ଅର୍ଡିନେଟ ନ୍ୟାୟପାଳିକାରେ ନିଯୁକ୍ତି ପାଇଁ ଏହାକୁ ସଂଶୋଧନ କରାଯାଇଛି। ପ୍ରତ୍ୟେକ ଶ୍ରେଣୀର ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ବ୍ୟବସ୍ଥା ହୋଇଛି। ଏହି କ୍ରମରେ ଓଡ଼ିଶା ଜିଲା ତଥା ସିଭିଲ କୋର୍ଟର ଜୁଡିସିଆଲ ଷ୍ଟାଫ୍ ସର୍ଭିସେସ୍ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ (ସଂଶୋଧନ) ନିୟମ ୨୦୦୮କୁ ସଂଶୋଧନ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ରାଜ୍ୟରେ ଲାଗୁହେବ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍

କେନ୍ଦ୍ର କ୍ୟାବିନେଟ ଗତବର୍ଷ ଅଗଷ୍ଟ ୨୪ରେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ବା ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ)କୁ ମଞ୍ଜୁରି ଦେଇଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକ୍ଷମ ହେବ। ଏହାକୁ ଲକ୍ଷ୍ୟ କରି ଓଡ଼ିଶା ସରକାର ମଧ୍ୟ ୟୁପିଏସ୍‌କୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ କର୍ମଚାରୀମାନେ ଏନ୍‌ପିଏସ୍ ବ୍ୟବସ୍ଥାରେ ପେନ୍‌ସନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରିବା ନିମନ୍ତେ କ୍ୟାବିନେଟ ସ୍ଥିର କରିଛି। ଏହି ବ୍ୟବସ୍ଥା ଅନୁଯାୟୀ ୨୫ବର୍ଷର ସର୍ବନିମ୍ନ ଯୋଗ୍ୟତା ଅର୍ଜନକାରୀ ସେବା ଅବଧି ପାଇଁ, ଅବସର ପୂର୍ବର ୧୨ ମାସରେ ମିଳିଥିବା ହାରାହାରି ମୂଳ ଦରମା ବା ବେସିକ୍ ପେ'ର ୫୦% ହାରରେ ପେନ୍‌ସନ୍ ମିଳିବ। ସର୍ବନିମ୍ନ ୧୦ବର୍ଷର ଚାକିରି ଅବଧି ଠାରୁ ଆରମ୍ଭ କରି ୨୫ବର୍ଷ ପର୍ଯ୍ୟନ୍ତ ଚାକିରି ଅବଧି କ୍ଷେତ୍ରରେ ପେନ୍‌ସନ୍ ଆନୁପାତିକ ଭାବେ ମିଳିବ। ସେହିପରି ମୃତ୍ୟୁ ପୂର୍ବରୁ କର୍ମଚାରୀ ପାଉଥିବା ପେନ୍‌ସନ୍‌ର ୬୦% ହାରରେ ପାରିବାରିକ ପେନ୍‌ସନ୍ ଏବଂ ସର୍ବନିମ୍ନ ୧୦ବର୍ଷ ଚାକିରି ଅବଧି ସାରି ଅବସର ନେବା ପରେ ମାସିକ ୧୦ହଜାର ଟଙ୍କା ପେନ୍‌ସନ୍ ମିଳିବ। ତେବେ ଏନ୍‌ପିଏସ୍ ଅଧୀନରେ ଥିବା କର୍ମଚାରୀମାନେ ୟୁପିଏସ୍ ଚୟନ କରିବାକୁ କିମ୍ବା ଏନ୍‌ପିଏସ୍ ସହିତ ଜଡ଼ିତ ରହିବା ପାଇଁ ନିଷ୍ପତ୍ତି ନେଇପାରିବେ। ୟୁପିଏସ୍‌ରେ ଅବସର ନେବା ପରେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ନିଶ୍ଚିତ ପରିବାର ପେନ୍‌ସନ ସୁବିଧା ଉପଲବ୍ଧ ହେବ, ଯାହାକି ଏନ୍‌ପିଏସ୍‌ରେ ନ ଥିଲା।

## ବ୍ରାହ୍ମଣୀ, ମହାନଦୀ, ବୈତରଣୀ, ଖରସ୍ରୋତା ଉପରେ ସେତୁ ନିର୍ମାଣକୁ ଅନୁମୋଦନ

କ୍ୟାବିନେଟ୍‌ରେ ପୂର୍ତ୍ତ ବିଭାଗର ୪ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲାର କଟକ-ଚାନ୍ଦବାଲି ରାସ୍ତାରେ ବ୍ରାହ୍ମଣୀ ନଦୀ ଉପରେ ପୁରୁଣା ସେତୁ ନିକଟରେ ଦ୍ୱିତୀୟ ସେତୁ ନିର୍ମାଣ କରାଯିବ। ପ୍ରକଳ୍ପ ପାଇଁ କ୍ୟାବିନେଟ ୨୨୮କୋଟି ୯୧ଲକ୍ଷ ଟେଣ୍ଡର ଅନୁମୋଦନ କରିଛନ୍ତି। ୩୬ ମାସରେ ମଧ୍ୟରେ ପ୍ରକଳ୍ପ ଶେଷ ହେବାକୁ ଧାର୍ଯ୍ୟ କରାଯାଇଛି। ବ୍ରାହ୍ମଣୀ ନଦୀ ଉପରେ ଏହି ୪ଲେନ୍ ବିଶିଷ୍ଟ ସେତୁ ପ୍ରକଳ୍ପ ବର୍ତ୍ତମାନର ପୁରୁଣା ସେତୁ ନିକଟରେ ନିର୍ମାଣ କରାଯିବ। ଫଳରେ କେନ୍ଦ୍ରାପଡ଼ାକୁ ଭଦ୍ରକ ସହିତ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୯-ଏରେ ଟ୍ରାଫିକ୍ ସମସ୍ୟା ଦୂରହେବ। ଏହି ରାସ୍ତା ଡାଙ୍ଗମାଳ ଏବଂ ଭିତରକନିକା ଜାତୀୟ ଉଦ୍ୟାନକୁ ସିଧାସଳଖ ସଂଯୋଗ କରିବ। ସେହିପରି ମହାନଦୀ ଉପରେ ଝାରସୁଗୁଡା ଜିଲାର ପୂଜାରୀପାଲି ଘାଟରେ ସେତୁ ନିର୍ମାଣ କରି ବରଗଡ଼ ଜିଲାର ଜରିମୂଳିକୁ ସଂଯୋଗ କରାଯିବ। ଏହି ପ୍ରକଳ୍ପଟି ପୁରୁଣା ଏନ୍‌ଏଚ୍ ୨୦୦ ବା ବର୍ତ୍ତମାନର ଏନ୍‌ଏଚ୍ ୪୯କୁ ବରଗଡ଼ ଜିଲାର ଡୁଙ୍ଗୁରୀ ସହିତ ସଂଯୋଗ କରିବ। ଏଥିପାଇଁ ୨୩୯ କୋଟି ଅନୁମୋଦନ ହୋଇଛି। ଏହା କାର୍ଯ୍ୟକୁ ୩୬ ମାସରେ ନିର୍ମାଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଭଦ୍ରକ-ଚାନ୍ଦବାଲି ରାସ୍ତାରେ ବୈତରଣୀ ନଦୀ ଉପରେ ପୁରୁଣା ସେତୁ ନିକଟରେ କେନ୍ଦ୍ରାପଡ଼ା ଓ ଚାନ୍ଦବାଲିକୁ ସଂଯୋଗ କରିବା ପାଇଁ ଏକ ସେତୁ ନିର୍ମାଣ କରାଯିବ। ଏହି ସେତୁ କେନ୍ଦ୍ରାପଡ଼ାକୁ ଭଦ୍ରକ ସହିତ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୯-ଏରେ ଟ୍ରାଫିକ୍ ସମସ୍ୟା ଦୂର କରିବାରେ ସହାୟକ ହେବ। ଏହି ରାସ୍ତା ଡାଙ୍ଗମାଳ ଏବଂ ଭିତରକନିକା ଜାତୀୟ ଉଦ୍ୟାନକୁ ସିଧାସଳଖ ସଂଯୋଗ କରିବ। ଏଥିପାଇଁ ୩୬ମାସ ସମୟ ନିର୍ଦ୍ଧାରିତ ହୋଇଥିବାବେଳେ, ୨୦୬କୋଟି ୮୮ଲକ୍ଷ ୨୩ହଜାର ୮ଶହ ୨୮ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି।

ସେହିପରି କଟକ ଚାନ୍ଦବାଲି ରାସ୍ତାର ଭାରିଗଡ଼ାରେ ଖରସ୍ରୋତା ନଦୀରେ ପୁରୁଣା ସେତୁ ନିକଟରେ ଆଳି ଓ ଚାନ୍ଦବାଲିକୁ ସଂଯୋଗ କରିବା ପାଇଁ ସେତୁ ନିର୍ମାଣ ହେବ। ବୈତରଣୀ ନଦୀ ଉପରେ ଏହି ୪ଲେନ୍ ବିଶିଷ୍ଟ ସେତୁ ନିର୍ମାଣ କରାଯିବ। ଏଥିପାଇଁ ମଧ୍ୟ ୩୬ମାସ ସମୟ ନିର୍ଦ୍ଧାରିତ ହୋଇଥିବାବେଳେ, ୨୨୧କୋଟି ୫୩ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ କେନ୍ଦ୍ରାପଡ଼ାକୁ ଭଦ୍ରକ ସହିତ ସଂଯୋଗ କରୁଥିବା ଏସ୍‌ଏଚ୍ ୯-ଏରେ ଟ୍ରାଫିକ୍ ସମସ୍ୟା ଦୂରହେବ। ଏହି ରାସ୍ତା ଡାଙ୍ଗମାଳ ଏବଂ ଭିତରକନିକା ଜାତୀୟ ଉଦ୍ୟାନକୁ ମଧ୍ୟ ସିଧାସଳଖ ସଂଯୋଗ କରିବ।

# ଗାଡ଼ି ଧକ୍କାରେ ୩ ମୃତ

ମୋରଡ଼ା,୮।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଥାନା ଅଧୀନ ଧାତିକା ଗ୍ରାମର ବିପିନ ଦେଓ, ରବୀନ୍ଦ୍ର ଦେଓ ଓ ବାଦଲ ନାଏକ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଥାନା ଅଧୀନ ବାଘଡ଼ା ପଞ୍ଚାୟତର ସିଙ୍ଗଡ଼ା ଭୀମମେଳା ଦେଖିବାକୁ ଏକ ବାଇକ୍ ଯୋଗେ ୩ ଜଣ ଯାଇଥିଲେ। ଅପରାହ୍ନ ପ୍ରାୟ ୪ ଟା ୩୦ ସମୟରେ ଘରକୁ ଫେରୁଥିଲେ। ସେ ସମୟରେ ଦିମିଆ ଗାଁ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ୩ ଜଣ ବାଇକରୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଶୁଳିଆପଦା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି। ଘଟଣାସ୍ଥଳରେ ଥାନା ଅଧିକାରୀ ଜେନା ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣା ଘଟାଥିବା ଗାଡ଼ି ଫେରାର ହୋଇଯାଇଛି।

# ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଆସନ୍ତା ୧୦ ତାରିଖ ସୋମବାର ଦିନ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହିଦିନ ଅଭିଯୋଗ ଶୁଣାଣି କରିବେ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳାଙ୍କ ବିକାଶ ସରକାରଙ୍କ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

■ ସୁଭଦ୍ରା ଯୋଜନାର ୪ର୍ଥ ପର୍ଯ୍ୟାୟ ଟଙ୍କା ପାଇଲେ ୧୮ ଲକ୍ଷ ନୂତନ ହିତାଧିକାରୀ

■ ବ୍ୟାସ ସରୋବର, ଟାଉନ ହଲ୍ ଉଦ୍‌ଘାଟିତ

ଯାଜପୁର/ଯାଜପୁରରୋଡ୍, ୮।୨
(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଯାଜପୁର ରୋଡ଼ ଗସ୍ତରେ ଆସି ବହୁପ୍ରତୀକ୍ଷିତ ବ୍ୟାସ ସରୋବର ପ୍ରକଳ୍ପ, ବ୍ୟାସଦେବ ଟାଉନ ହଲ୍ ଏବଂ ଚାନ୍ଦମା ପଡ଼ିଆରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ସହାୟତା ରାଶି ବଣ୍ଟନ କରିଛନ୍ତି। ଏଥିରେ ୧୮ ଲକ୍ଷ ନୂତନ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଚାନ୍ଦମା ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ବିନା ମଜୁରିରେ ଘରର ଚାକିରିଆ ବୋଲି ସମ୍ବୋଧିତ କରି ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ହିଁ ଭାଜପା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହାବାଦ୍ ସେ ଆହୁରି କହିଥିଲେ, ନାରୀର ଶକ୍ତି ସାମର୍ଥ୍ୟ ଏବଂ ପ୍ରତିଭାର ଉପଯୋଗ କରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ। ଏଣୁ ମା'ମାନଙ୍କୁ ବ୍ୟବସାୟ କରିବାର ବିଭିନ୍ନ କୌଶଳ ଶିଖିବା ସହ ଦକ୍ଷତାର ବିକାଶ କରିବାକୁ ପଡ଼ିବ। ଏଥିପାଇଁ ନିକଟରେ ଆୟୋଜିତ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଆଇଆଇଏମ୍ ସମ୍ବଲପୁର ସହିତ ଅନୁବନ୍ଧିତ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ସଂସ୍ଥା ଏଥିରେ ଯୋଡ଼ି ହେବେ। ମା'ମାନେ ବ୍ୟବସାୟ କରିବାର କଳା କୌଶଳ ଶିଖିଲେ ସେମାନେ ସଫଳ ଉଦ୍ୟୋଗୀ ହୋଇପାରିବେ। ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିବା ସହିତ ନିଜ ଅଧିକାର ପ୍ରତି ସଚେତନ ହୋଇପାରୁଛନ୍ତି। ସୁଭଦ୍ରା ଯୋଜନା ଓଡ଼ିଶା ମା' ଓ ଭଉଣୀମାନଙ୍କ ଜୀବନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ମହିଳା ସଶକ୍ତିକରଣର ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ଏହି ଯୋଜନା। ବିକଶିତ ଓଡ଼ିଶାର ସାରଥି ହେବେ ଆମ ରାଜ୍ୟର ମା' ଓ ଭଉଣୀମାନେ। ସୁଭଦ୍ରା ଯୋଜନା ମହିଳାଙ୍କ ଆୟ ବଢ଼ାଇବା ସହିତ ରାଜ୍ୟର ଅର୍ଥନୈତିକ ପ୍ରଗତିରେ ସାମିଲ ହୋଇ ପାରିବେ। ଯାଜପୁର ଓଡ଼ିଶାର ଶିଳ୍ପ ସମୃଦ୍ଧ ଜିଲା ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ସ୍ୱାଧୀନତା ସଂଗ୍ରାମଠାରୁ କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ସବୁକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ରହିଛି। ଯାଜପୁର ତା'ର ଐତିହ୍ୟକୁ ସାଥିରେ ନେଇ ଆଜି ବିକାଶ ପଥରେ ଆଗେଇ ଚାଲିଛି। ସୁଭଦ୍ରା ଯୋଜନାରେ ଜିଲାର ସମୁଦାୟ ୪.୯୪ ଲକ୍ଷରୁ ଅଧିକ ମା'ଓ ଭଉଣୀ ସାମିଲ ହୋଇଛନ୍ତି। ତନ୍ମଧ୍ୟରୁ ୩. ୭୫ ଲକ୍ଷରୁ ଅଧିକ ମହିଳାଙ୍କୁ ପ୍ରଥମ କିସ୍ତିର ଅର୍ଥରାଶି ପ୍ରାପ୍ତ ହୋଇସାରିଛି। ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତିରେ ଯାଜପୁର ଜିଲାରେ ୭୯ ହଜାରରୁ ଅଧିକ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଗଲା ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସୁଭଦ୍ରା ଏକ ଯୋଜନା ନୁହେଁ, ଏହା ଆଗାମୀ ଦିନରେ ମହିଳାମାନଙ୍କ ଜୀବନ ଧାରଣର ଏକ ମାଧ୍ୟମ ହେବ। ରାଜ୍ୟରେ ମହିଳାମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ସର୍ବଦା ଅଗ୍ରାଧିକାର ଦେଇଛନ୍ତି। ମା' ସୁଭଦ୍ରାଙ୍କ ଶକ୍ତିରେ ଓଡ଼ିଶାର ସମସ୍ତ ମା'ଭଉଣୀମାନେ ଶକ୍ତିଶାଳୀ ହୁଅନ୍ତୁ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସମବାୟ, ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବି ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାକୁ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ଜୀବନର ମାନଦଣ୍ଡ ବୋଲି କହିଥିଲେ। ଏହାସହ ମହିଳା ଏବଂ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରେ ଆସି ବ୍ୟାସ ସରୋବର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ୨୦୨୧ରେ ଆରମ୍ଭ ହୋଇଥିବାବେଳେ ଏଥିରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ପ୍ରାୟ ୭୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାସହ ଇମ୍ଫା ପକ୍ଷରୁ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ବ୍ୟାସଦେବ ଟାଉନ ହଲକୁ ଉଦ୍‌ଘାଟନ କରାଯାଇଥିଲା।

# ଆହୁରି ୩ ଡିଗ୍ରୀ ଖସିବ ପାରଦ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ରାଜ୍ୟରୁ ଗତ କିଛିଦିନ ହେଲା ଶୀତ ଉଭାନ ହୋଇଯାଇଥିଲା। ତାପମାତ୍ରା ବୃଦ୍ଧି ପାଇବା ସହ ଲୋକେ ଫେବୃଆରୀ ଆରମ୍ଭରୁ ଗ୍ରୀଷ୍ମ ଋତୁର ଅନୁଭବ କରିଥିଲେ। ହେଲେ ୨ଦିନ ହେଲା ପାରଦ ସାମାନ୍ୟ ତଳକୁ ଖସିବା ସହ ଖରାତାତି ପ୍ରକୋପ କମିଛି। ଶନିବାର ସର୍ବୋଚ୍ଚ ଦିନ ତାପମାତ୍ରା ଅନୁଗୋଳରେ ୩୪.୭ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ରାଉରକେଲାରେ ସର୍ବନିମ୍ନ ରାତି ତାପମାତ୍ରା ୯.୭ ଡିଗ୍ରୀ ରହିଥିଲା। ତେବେ ସୋମବାର ସୁଦ୍ଧା ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଲଗାତାର ୨୦ ଦିନ ଧରି ରାଜ୍ୟରେ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳୁଛି। ଆହୁରି ୨ଦିନ ଏହି ଧାରା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ରବିବାର ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ନୟାଗଡ଼, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ମାଲକାନଗିରିରେ ଘନ କୁହୁଡ଼ିର ସମ୍ଭାବନା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ପ୍ରଫେସର ଦୀପକ କୁମାର ସାହୁ ହେଲେ ଭିଏସ୍‌ଏସ୍‌ୟୁଟି କୁଳପତି

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି(ଭିଏସଏସୟୁଟି) ବୁର୍ଲାର ନୂଆ କୁଳପତି ହେଲେ ପ୍ରଫେସର ଦୀପକ କୁମାର ସାହୁ। ଶନିବାର ରାଜ୍ୟପାଳ ତଥା କୁଳାଧିପତି ଡ. ହରି ବାବୁ କମ୍ଭମ୍‌ପାଟି ପ୍ରଫେସର ସାହୁଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ୫୯ ବର୍ଷୀୟ ପ୍ରଫେସର ସାହୁ ବର୍ତ୍ତମାନ କୋଚିନ୍ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସଏଟି)ର ସ୍କୁଲ ଅଫ୍ ଇଞ୍ଜିନିୟରିଂରେ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି।

ଓୟୁଟିଆର୍‌ରେ ବିଏସ୍‌ସି ଇଞ୍ଜିନିୟରିଂ (ସିଭିଲ୍) ପରେ ପ୍ରଫେସର ସାହୁ ସିୟୁଏସ୍‌ଏଟିରେ ଏମ୍.ଟେକ୍ କରିଥିଲେ। ଏହାପରେ ଆଇଆଇଟି ରୁର୍କିରୁ ପିଏଚ୍‌ଡି ହାସଲ୍ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏଲ୍‌ଏଲ୍‌ବି ମଧ୍ୟ କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ୨୪ବର୍ଷ ଓ ପ୍ରଫେସର ଭାବେ ୧୪ବର୍ଷର ଅଭିଜ୍ଞତା ରହିଛି। ଅଧ୍ୟକ୍ଷ, ବିଭାଗୀୟ ମୁଖ୍ୟ, ବୋର୍ଡ଼ ଅଫ୍ ଷ୍ଟଡିଜର ଅଧ୍ୟକ୍ଷ, ଡିନ୍ ଅଫ୍ ଫାକଲ୍ଟି,



ପ୍ରଫେସର ଦୀପକ କୁମାର ସାହୁ

ଏକାଡେମିକ କାଉନ୍‌ସିଲ ସଦସ୍ୟ ଏବଂ ସିନେଟ୍ ସଦସ୍ୟ ଭାବରେ ପ୍ରଫେସର ସାହୁଙ୍କର ପ୍ରଶାସନିକ ଅଭିଜ୍ଞତା ରହିଛି। ସେ ଗୋଟିଏ ପୁସ୍ତକର ପ୍ରକାଶନ, ଗୋଟିଏ ପୁସ୍ତକର ସଂପାଦନା ମୁଖ୍ୟ ଏବଂ ଛଅଟି ସନ୍ଦର୍ଭର ସମୀକ୍ଷା କରିଛନ୍ତି। ଏଥିସହ ୩୫ଟି ଜର୍ନାଲ ଓ ପୁସ୍ତକରେ ସନ୍ଦର୍ଭ ପ୍ରକାଶନ ପାଇଁ ତାଙ୍କର ଅବଦାନ ରହିଛି। ଏହାବ୍ୟତୀତ ପ୍ରଫେସର ସାହୁଙ୍କ ଅଧୀନରେ ୬ଜଣ ଗବେଷକ ସଫଳତାର ସହ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

# ମେ' ୪ରେ ନିଟ୍ ୟୁଜି ପ୍ରବେଶିକା

## ଜୁନ୍ ୧୪ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜି ଆସନ୍ତା ମେ' ୪ରେ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ତିନି ଘଣ୍ଟା ଧରି ପରୀକ୍ଷା ଚାଲିବ। ଏନେଇ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଘୋଷଣା କରାଯାଇଛି। ଭାରତରେ ଡାକ୍ତରୀ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ୟୁଜି ହେଉଛି ଏକ ମାତ୍ର ମାଧ୍ୟମ। ଏଥିପାଇଁ ଆବେଦନ ପ୍ରକ୍ରିୟା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ଏହା ମାର୍ଚ୍ଚ ୭ ଯାଏ ଚାଲିବ। ଏପ୍ରିଲ ୨୬ ସୁଦ୍ଧା ପରୀକ୍ଷା କେନ୍ଦ୍ରର ନାମ ଘୋଷଣା ହେବ ଓ ମେ ୧ରେ ଆଡ୍‌ମିଟ କାର୍ଡ ଉପଲବ୍ଧ ହେବ। ତେବେ ଜୁନ୍ ୧୪ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରହିଛି ବୋଲି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ମହାକାଶରୁ ଖସିଛି ୧୨୦ ଷ୍ଟାରଲିଙ୍କ୍ ସାଟେଲାଇଟ

ୱାଶିଂଟନ,୮।୨

ବିଲିୟନେୟାର ବ୍ୟବସାୟୀ ଏଲନ ମସ୍କଙ୍କ ଘରୋଇ ମହାକାଶ କମ୍ପାନୀ ସ୍ପେସ୍ ଏକ୍ସ' ଦ୍ୱାରା ପରିଚାଳିତ ୧୨୦ରୁ ଅଧିକ ଷ୍ଟାରଲିଙ୍କ୍ ସାଟେଲାଇଟ କେବଳ ଗତ ଜାନୁଆରୀରେ ମହାକାଶରୁ ପୃଥିବୀକୁ ଖସି ଆସିଛି, ଯାହାକୁ ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହି ଘଟଣା ସାଟେଲାଇଟ ନେଟ୍‌ୱର୍କ ସହ ଜଡ଼ିତ ମହାକାଶ ଆବର୍ଜନା ଏବଂ ବାୟୁମଣ୍ଡଳୀୟ ପ୍ରଦୂଷଣ ବଢ଼ୁଥିବା ଆଶଙ୍କାକୁ ଦର୍ଶାଉଥିବା ସେମାନେ କହିଛନ୍ତି। ତେବେ ଏହାକୁ ଦୃଷ୍ଟିରେ ରଖି ସ୍ପେସ୍ ଏକ୍ସ' ପକ୍ଷରୁ ନିଜ ପ୍ରଥମ ପିଢ଼ିର ଷ୍ଟାରଲିଙ୍କ୍ ଉପଗ୍ରହ (ଜେନ୍ ୧)କୁ ପର୍ଯ୍ୟାୟକ୍ରମେ ହଟାଯିବା ସହ ଏହାକୁ ଉନ୍ନତ ମଡେଲ ଦ୍ୱାରା ବଦଳାଇବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

ସ୍ପେସ୍ ଏକ୍ସ' ପକ୍ଷରୁ ୨୦୧୯ ପରଠାରୁ ଲଞ୍ଚ୍ କରାଯାଇଥିବା ପ୍ରଥମ ପିଢ଼ିର ୪୭୦୦ ସାଟେଲାଇଟ ମଧ୍ୟରୁ ୫୦୦ରୁ ଅଧିକ ସାଟେଲାଇଟର ଆୟୁଷ ପୂରା ହୋଇଯାଇଛି। ପ୍ରଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ଜୋନାଥନ ମାକଡାୱେଲ କହିଛନ୍ତି, ଜାନୁଆରୀ ମାସରେ ପ୍ରତି ଦିନ ହାରାହାରି ୪ରୁ ୫ ଉପଗ୍ରହ ମହାକାଶରୁ ପୃଥିବୀକୁ ଖସିଛି। ପୃଥିବୀରେ ଖସିବା ସମୟରେ ଏହି ସାଟେଲାଇଟଗୁଡ଼ିକ ଜଳିବା ସହ ନିଆଁର ଗୋଳା ସଦୃଶ ପୃଥିବୀ ପୃଷ୍ଠରେ ଖସୁଛି, ଯାହା ପରିବେଶ ପାଇଁ କ୍ଷତିକାରକ। ତେବେ ପୃଥିବୀ ପୃଷ୍ଠରେ ଏହି ସାଟେଲାଇଟଗୁଡ଼ିକର ଅବଶେଷ ସମ୍ପୂର୍ଣ୍ଣ ବିଘଟନ ହେଇଯାଉଛି ଏବଂ ଏହାଫଳରେ ପରିବେଶ ଏବଂ ଲୋକଙ୍କ ପ୍ରତି କୌଣସି ବିପଦ ନାହିଁ ବୋଲି ସ୍ପେସ୍ ଏକ୍ସ' ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୃଥିବୀ ପୃଷ୍ଠରେ ଖସିଥିବା ଷ୍ଟାରଲିଙ୍କ ଉପଗ୍ରହଗୁଡ଼ିକର ଅବଶେଷରୁ ଆଲୁମିନିୟମ ଅକ୍ସାଇଡ ନିର୍ଗତ ହେଉଛି, ଯାହା ଓଜନ ସ୍ତର ହ୍ରାସ ସହ ଜଡ଼ିତ ଏକ ଯୌଗିକ। ଏହାଦ୍ୱାରା ପରିବେଶକୁ ବିପଦ ରହିଛି ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି।



## ପରିବେଶ ସୁରକ୍ଷାକୁ ନେଇ ଚିନ୍ତାରେ ବୈଜ୍ଞାନିକ

ଏକ ରିପୋର୍ଟ ଅନୁଯାୟୀ, ଗତ ଜାନୁଆରୀ ସୁଦ୍ଧା ମହାକାଶରେ ସ୍ପେସ୍ ଏକ୍ସ'ର ପ୍ରାୟ ୭ ହଜାର ଷ୍ଟାରଲିଙ୍କ ଉପଗ୍ରହ ରହିଥିଲା। ସ୍ପେସ୍ ଏକ୍ସ'ର ବୈଶ୍ୱିକ ଇଣ୍ଟରନେଟ୍ ପ୍ରୋଜେକ୍ଟର ଅଂଶ ଭାବେ ପ୍ରତି ୫ ବର୍ଷରେ ନୂତନ ଟେକ୍ନୋଲୋଜି ସହ ଷ୍ଟାରଲିଙ୍କର ଅନେକ ହଜାର ସଂଖ୍ୟାରେ ସାଟେଲାଇଟକୁ ଅପ୍‌ଡେଟ କରାଯାଇଥାଏ। ତେବେ ସମ୍ପ୍ରତି ସ୍ପେସ୍ ଏକ୍ସ' ନିଜର ସାଟେଲାଇଟ ଇଣ୍ଟରନେଟ ସର୍ଭିସ୍ ଷ୍ଟାରଲିଙ୍କ୍‌ର ବିସ୍ତାରରେ ନିଜକୁ ନିୟୋଜିତ ରଖିଛି। ତେଣୁ ସ୍ପେସ୍ ଏକ୍ସ' ପରି ଘରୋଇ କମ୍ପାନୀଗୁଡ଼ିକ ମହାକାଶ କ୍ଷେତ୍ରରେ ନିଜ ନିଜର ଭିତ୍ତିଭୂମି ବିସ୍ତାରରେ ଲାଗିଥିବାରୁ ଏହାଦ୍ୱାରା ପରିବେଶ କ୍ଷତି ସହୁଥିବା ମାକ୍‌ଡାୱେଲ କହିଛନ୍ତି। ସେ ଆହୁରି କହିଛନ୍ତି, ଘରୋଇ ମହାକାଶ କମ୍ପାନୀଗୁଡ଼ିକ ନିମନ୍ତେ କଠୋର ନିୟମାବଳୀ ଆଣିବାର ଆବଶ୍ୟକତା ରହିଛି। ପୃଥିବୀର ବାୟୁମଣ୍ଡଳକୁ କ୍ଷତି ପହଞ୍ଚାଉଥିବା ପରୀକ୍ଷଣ କରିବାକୁ କୌଣସି ମଧ୍ୟ ଘରୋଇ ମହାକାଶ କମ୍ପାନୀକୁ ଅନୁମତି ଦିଆ ନ ଯାଉ। ପ୍ରକାଶ ଯେ, ଷ୍ଟାରଲିଙ୍କ୍ ହେଉଛି ସ୍ପେସ୍ ଏକ୍ସ' ଦ୍ୱାରା ପ୍ରସ୍ତୁତ ସାଟେଲାଇଟ ନେଟ୍‌ୱର୍କ। ଏହାଦ୍ୱାରା ସ୍ପେସ୍ ଏକ୍ସ' ବିଭିନ୍ନ ସୁଦୂର ସ୍ଥାନରେ ସୁଲଭ ମୂଲ୍ୟରେ ଇଣ୍ଟରନେଟ ଯୋଗାଇପାରିଥାଏ।

## ସଂକ୍ଷେପରେ

### ଭାଜପାର ଦିଲ୍ଲୀ ବିଜୟକୁ ନେଇ ବୋଡ଼େନରେ କର୍ମୀଙ୍କ ଉତ୍ସାହ

**ବୋଡ଼େନ,୮।୨ (ଟିକେଶ୍ୱର ନାଗ):** ଭାଜପାର ଦିଲ୍ଲୀ ବିଜୟକୁ ନେଇ ନୂଆପଡ଼ା ଜିଲା ବୋଡ଼େନ ଭାଜପା କର୍ମୀ ଉତ୍ସାହିତ ହୋଇଉଠିଛନ୍ତି। ଗାଁଠାରୁ ସହର ପର୍ଯ୍ୟନ୍ତ ଦଳୀୟ କର୍ମୀ ଖୁସି ମନାଇଥିବା ଦେଖିବାକୁ ମିଳିଥିଲା। ଏଥିରେ ଅତିନ୍ଦ୍ରଜିତ ସିଂହ, ଲିଳାମବର୍ ମେହେର, ରାଜ କିଶୋର ହେର୍ଣ୍ଣା, ବେଣୁଧର ଜଗତ, ଏଲୁ ମହମ୍ମଦ, କିଶୋର ଚନ୍ଦ୍ର ନାଗ, ଶିଧୁ ରାମ କର, ଆନନ୍ଦ ଅଗ୍ରୱାଲ, ମଧୁସୂଦନ ଦାସ, ସନ୍ଦୀପ ଦଣ୍ଡସେନା, ପ୍ରକାଶ ନାୟକ, ଜୟରାମ ନଗେସ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଶନିବାର ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହୋଇଥିବାବେଳେ ଏଥିରେ ଭାଜପାକୁ ବହୁମତ ମିଳିଛି।

### ଲିଙ୍ଗ ସମାନତାକୁ ଅନ୍ତର୍ଭୁକ୍ତ ପାଇଁ କର୍ମଶାଳା

**ନୂଆପଡ଼ା,୮।୨ (ମକାରୁ ବେମାଲ):** ନୂଆପଡ଼ା ଜିଲା ସଦ୍‌ଭାବନା ସଭାଗୃହଠାରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମରେ ଲିଙ୍ଗ ସମାନତାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଭୀମସେନ ଶବର, ସୁବାସ ଚନ୍ଦ୍ର ରଏତ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜରୁରିକାଳୀନ ଅଧିକାରୀ ଏସ୍. କେ. ନସିମ, ଓସ୍‌ଡମା ଜେନେରାଲ ମ୍ୟାନେଜର ତାପସ କୁମାର ସେଠୀ, ସୁବୋଧ ନାଏକ ପ୍ରମୁଖ ଉପସ୍ଥିତ ରହି ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅବହେଳିତ ଲୋକଙ୍କ ତାଲିକା, ପ୍ରଥମ ଅଧିକାର ଭିତ୍ତିକ ବିପର୍ଯ୍ୟୟ ପରିଚାଳନାରେ ଅନ୍ତର୍ଭୁକ୍ତ କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନାକରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷାଧିକ ଟଙ୍କାର ଖଇର କାଠ ଜବତ



ଜବତ କାଠ ବୋଝେଇ ଗାଡ଼ି।

**ଖଡ଼ିଆଳ,୮।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବନଖଣ୍ଡ ଅଧୀନ ବୋଡ଼େନ ସେକ୍ସନର ସାଲେପଡ଼ାରୁ ବନ ବିଭାଗ ବିପୁଳ ପରିମାଣର ଖଇରକାଠ ଜବତକରିବା ସହ ୨ଜଣଙ୍କୁ ଅଟକ ରଖିଛି। ଶୁକ୍ରବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ସାଲେପଡ଼ା ଗାଁରେ ଚଢ଼ାଉ କରିଥିଲେ। ଏହି ସମୟରେ ଏକ ୪୦୭ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଏଥିରେ ୧୫୨ ଖଣ୍ଡ ଖଇର ଗଣ୍ଡି ମିଳିଥିଲା। କର୍ମଚାରୀମାନେ ଗାଡ଼ି ସହ ଏକ ବାଇକ୍ ଜବତ କରିଛନ୍ତି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖି ତଦନ୍ତ କରାଯାଉଥିବା ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ସୂଚନା ଦେଇଛନ୍ତି।

### ଟ୍ରଫି ଫାଇଟର ଚାମ୍ପିୟନ କପ୍ କ୍ରିକେଟ ଉଦ୍‌ଘାଟିତ

**ବୋଡ଼େନ,୮।୨ (ଟିକେଶ୍ୱର ନାଗ):** ବୋଡ଼େନ ବ୍ଲକ ନାଗପଡ଼ା ଗ୍ରାମରେ ଟ୍ରଫି ଫାଇଟ ଚାମ୍ପିୟନ କପ୍ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପାର ପାତାଳଗଙ୍ଗା ମଣ୍ଡଳ ସଭାପତି ଲିଳାମ୍ବର ମେହେର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୁଢ଼ାପଡା ଓ ଦାବେରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୁଢ଼ାପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୫୯ ରନ ସଂଗ୍ରହ କରିଥିଲା। ଜବାବରେ ଦାବେରି ଦଳ ଆବଶ୍ୟକ ରନ କରି ବିଜୟୀ ହୋଇଥିଲେ। କମିଟି ସଦସ୍ୟ ବିଜୁ କଟା, କମଳ ମାଝୀ, ଯୁଗଧନ ମାଝୀ, ଖଗେ ସୁନାନୀ, ମୋହନ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।



ମ୍ୟାଚ୍ ଉଦ୍‌ଘାଟନ କରୁଛନ୍ତି ଅତିଥି

# କଳାହାଣ୍ଡିରେ ଥମୁନି ଦାଦନ ସମସ୍ୟା

- ସରକାରୀ ଭାବେ ୬୩୦, ବେସରକାରୀ ଭାବେ ଯାଇଛନ୍ତି ୬୦ ହଜାରରୁ ଊର୍ଦ୍ଧ୍ୱ
- ଜାନୁଆରୀରେ ୪ ଜଣଙ୍କ ମୃତ୍ୟୁ ହୋଇଛି

**ଭବାନୀପାଟଣା,୮।୨(ଉତ୍ତମ କୁମାର ଦାଶ)**





କଳାହାଣ୍ଡି ଜିଲା ଶ୍ରମ କାର୍ଯ୍ୟାଳୟ।

୨୫ବର୍ଷ ପରେ ରାଜ୍ୟରେ ସରକାର ବଦଳିଛି। ହେଲେ ବଦଳିନି କଳାହାଣ୍ଡି ଜିଲାରେ ଦାଦନର ଚିତ୍ର। ଚଳିତବର୍ଷ ଜିଲାର ବିଭିନ୍ନ ଗ୍ରାମରୁ ହଜାର ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ସରକାରୀ ଯୋଜନା ସେମାନଙ୍କୁ ଆକୃଷ୍ଟ କରିପାରି ନ ଥିବାବେଳେ ଜିଲା ପ୍ରଶାସନ ମଧ୍ୟ ସେମାନଙ୍କୁ ରୋକିବାରେ ବିଫଳ ହୋଇଛି। ଫଳରେ ଜିଲାରେ ଦାଦନ ସମସ୍ୟା ଥମିବାର ନାଁ ଧରୁନାହିଁ।

ଜିଲା ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ଚଳିତବର୍ଷ ୪ ଜଣ ସର୍ଦ୍ଦାର ଜରିଆରେ ୬୩୦ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। କିନ୍ତୁ ବେସରକାରୀ ଭାବେ ଏହି ଆକଳନ ଶହେ ଗୁଣାରୁ ଊର୍ଦ୍ଧ୍ୱ ଯାହାକି ପ୍ରାୟ ୬୦ହଜାର ବୋଲି ଅନୁମାନ କରାଯାଇଛି। ଜିଲାର ଧର୍ମଗଡ଼ ସମେତ ଗୋଲାମୁଣ୍ଡା, କୋକସରା, ଜୟପାଟଣା କଲମପୁର, ନର୍ଲା, ଲାଞ୍ଜିଗଡ, ଜୁନାଗଡ ଆଦି ବ୍ଲକରେ ଦାଦନଙ୍କ ସଂଖ୍ୟା ଅଧିକ। ଏହିସବୁ ବ୍ଲକର ଶ୍ରମିକମାନେ ଦାଦନ ଖଟିବାକୁ ରାଜ୍ୟ ବାହାର ଯଥା ଆନ୍ଧ୍ରପ୍ରଦେଶ, ଗୋଆ, ଚେନ୍ନାଇ, ହାଇଦ୍ରାବାଦ ଆଦିକୁ ଯାଉଛନ୍ତି। ସେହିପରି ଥୁଆମୂଳ ରାମପୁର ବ୍ଲକର ଶତାଧିକ ଆଦିବାସୀ ଯୁବକ ଦାଦନ ଖଟିବାକୁ କେରଳ ଯାଇଛନ୍ତି। ସରକାରୀ ହିସାବ ଅନୁଯାୟୀ ୨୦୨୪ରେ ୧୭ ଜଣ ଦାଦନ ଶ୍ରମିକଙ୍କ ରାଜ୍ୟ ବାହାରେ ମୃତ୍ୟୁ ହୋଇଛି, ଯାହାକି ବେସରକାରୀ ହିସାବରେ ୪୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଗତ ଜାନୁଆରୀ ଶେଷ ସୁଦ୍ଧା ୪ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଶ୍ରମ ବିଭାଗ ପକ୍ଷରୁ ଜଣାପଡିଛି। ଶ୍ରମିକମାନେ ରାଜ୍ୟ ବାହାରକୁ ଯାଇ ନିର୍ଯାତିତ ହେଉଥିବାବେଳେ ଅନେକ ସେଠାରେ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଛନ୍ତି। ନୂଆଁଖାଇ ପରେ ଏହି ଶ୍ରମିକମାନେ ଦାଦନ ଖଟିବାକୁ ଯାଉଥିବାବେଳେ ନୂଆଁଖାଇରେ ସେମାନେ ଗାଁକୁ ଫେରିଥାନ୍ତି। ଫଳରେ ବର୍ଷସାରା ଦାଦନ ଶ୍ରମିକଙ୍କ ଘରେ ତାଲା ଝୁଲୁଥିବାବେଳେ ନୂଆଁଖାଇ ସମୟରେ ଖୋଲା ହେଉଥିବା ଦେଖିବାକୁ ମିଳିଥାଏ। ଜିଲା ଶ୍ରମ କାର୍ଯ୍ୟାଳୟରେ ଚଳିତବର୍ଷ ୧ ଲକ୍ଷ ୩୩ହଜାର ନିର୍ମାଣ ଶ୍ରମିକ ପଞ୍ଜିକରଣ କରିଛନ୍ତି। ସେହିପରି ୩୪ଶହ ଅଣସଙ୍ଗଠିତ ସାମାଜିକ ସୁରକ୍ଷା ବୋର୍ଡରେ ପଞ୍ଜିକରଣ କରିଛନ୍ତି। ପଞ୍ଜିକରଣ କରିଥିବା ସମସ୍ତ ନିର୍ମାଣ ଶ୍ରମିକ ସରକାରୀ ସୁବିଧା ପାଉଛନ୍ତି। ଏ ନେଇ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଜିତମ୍ ମାଝୀଙ୍କୁ ପଚାରିବାରୁ ରାଜ୍ୟ ବାହାରକୁ କାମ କରି ଯିବା ପୂର୍ବରୁ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଜିକରଣ କରିବା କଥା। ହେଲେ ସେମାନେ ଏହା ନ କରି ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଫଳରେ କେତେ ସଂଖ୍ୟାରେ ଯାଉଛନ୍ତି ତାହା ଜଣାପଡୁନାହିଁ। ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ ଗଣମାଧ୍ୟମରେ ଖବର ଆସିଲେ ଆମେ ଜାଣୁଛି ବୋଲି ପ୍ରକାଶ କରିଥିଲେ।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ଜୟପାଟଣା,୮।୨(ଓମ୍ ପ୍ରକାଶ ବୈଠାରୁ)**

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଚିର୍କା ଗ୍ରାମକୁ ଯାଇଥିବା କେନାଲ ରାସ୍ତାର ଏକ ପୋଖରୀରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଜୟପାଟଣା ବ୍ଲକ ପଡାର ପ୍ରମୋଦ ନାଏକ (୩୧)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରମୋଦଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ ଥାନାରେ ଏତଲା ଦେବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପ୍ରମୋଦଙ୍କୁ ଶୁକ୍ରବାର ରାତି ୮ଟାରେ କେହି ଜଣେ ଫୋନ କରିବାରୁ ସେ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ। କିନ୍ତୁ ଶନିବାର ସକାଳୁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ପ୍ରମୋଦଙ୍କ ଦୁଇ ପୁଅ ଓ ସ୍ତ୍ରୀ ଥିବାବେଳେ ସେ ୱାଟର ସର୍ଭିସିଂ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବାନେର ଧନୁଯାତ୍ରାରେ ପ୍ରମୋଦଙ୍କ ସହ କେତେଜଣ ଲୋକ ଝଗଡା କରିଥିବାବେଳେ ତାହାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ରବିବାର ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରାଯିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜୟପାଟଣା ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୩୪/୨୫) ରୁଜୁ ହୋଇଛି।

# ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ ନିର୍ଦ୍ଦେଶ



ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

**ଖଡ଼ିଆଳ,୮।୨ (ସୁଜିତ କୁମାର ପ୍ରଧାନ)**

**ଜିଲାପାଳଙ୍କ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ**

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ଶନିବାର ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାକାର ନବଜାତ ଶିଶୁଯତ୍ନ କେନ୍ଦ୍ର ଓଡ଼ିଶାର ପ୍ରଥମ ସଫଳ କେନ୍ଦ୍ର ରୂପେ ମାନ୍ୟତା ପାଇଥିବାବେଳେ ଏହି କେନ୍ଦ୍ର ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଛନ୍ତି। କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର ଖୋଲିବା ସହ ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଅଲଟ୍ରାସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ ପାଇଁ ଜିଲାପାଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ରକ୍ତଭଣ୍ଡାର ଖୋଲିବା ନେଇ ସରକାରଙ୍କ ସ୍ୱୀକୃତି ପାଇଁ ସୁପାରିସ କରିବାକୁ ଜିଲାପାଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଧରଣୀଧର ସେନାପତିଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଖଡ଼ିଆଳ ଉପକାରାଗାର ପରିଦର୍ଶନକରି ଆବଶ୍ୟକ ସୁବିଧା ଉପଲବ୍ଧ ନେଇ ସମୀକ୍ଷା କରିଥିଲେ। ଜିଲା ଦୌରାଜଜ୍ ନିରଞ୍ଜନ ପଣ୍ଡା, ଏସ୍‌ପି ଜି.ଆର୍. ରାଘବେନ୍ଦ୍ର, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ନବନିତା ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯାମୀ ବଳିଆର ସିଂ, ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା ପ୍ରମୁଖ ଯୋଗଦେଇଥିଲେ।

# ଅସହାୟଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁକୁଳ ଏକ ମାଧ୍ୟମ



ଅତିଥିମାନଙ୍କ ଦ୍ୱାରା ମାସିକ ପତ୍ରିକା ଉନ୍ମୋଚନ କରାଯାଉଛି।

**ନୂଆପଡ଼ା,୮।୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମ ପରିସରରେ ଶନିବାର ୫୮ତମ ବାର୍ଷିକ ମହୋତ୍ସବ, ୨୦୧ କୁଣ୍ଡୀୟ ବୈଦିକ ମହାଯଜ୍ଞ ଓ ଆର୍ଯ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହା ୩ ଦିନ ଧରି ଆୟୋଜିତ ହେବ। କ୍ୟାପ୍‌ଟେନ ରୁଦ୍ରସେନ ସିନ୍ଧୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ନୂଆଦିଲ୍ଲୀର ଜିତେନ୍ଦ୍ର ଆଚାର୍ଯ୍ୟ ବିଶିଷ୍ଟ ଅତିଥି, ନୂଆଦିଲ୍ଲୀ ସ୍ୱାମୀ ଅଗ୍ନିବେଶ ଜୀ, ହରିୟାଣା ଆଦିତ୍ୟ ନାରାୟଣ ଜୀ, ନୂଆଦିଲ୍ଲୀ ସୌମ୍ୟାନନ୍ଦ ଜୀ, ଗୁଜରାଟ ସତ୍ୟାନନ୍ଦ ଜୀ, ଇନ୍ଦୋର ରାମ କୁମାର ପଟେଲ, ରାଜସ୍ଥାନ ଜୀବର୍ଦ୍ଧନ ଜୀ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଡ. ଶିବପ୍ରସାଦ ବେହେରା, ଗୁରୁକୁଳ ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅସହାୟ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର କିମ୍ବା ମା'ବାପା ଛେଉଣ୍ଡ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁକୁଳ ଏକ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜୟନ୍ତୀ ଅବସରରେ ବିଦ୍ୱାନ ସମ୍ମିଳନୀ, ମହିଳା ଆଚାର୍ଯ୍ୟ ସମ୍ମିଳନୀ ଓ ଧର୍ମ ସଂସ୍କୃତିର ଉତ୍‌ଥାନ ପାଇଁ ୨୦୧ କୁଣ୍ଡୀୟ ସାମବେଦ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ଆସିଥିବା ଆର୍ଯ୍ୟଧର୍ମ ପ୍ରଚାରକମାନଙ୍କୁ ମଞ୍ଚରେ ପୁଷ୍ପମାଲ୍ୟ, ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ କରକମଳରେ ଗୁରୁକୁଳ ଆଶ୍ରମ ଆମସେନା ପକ୍ଷରୁ ମାସିକ ପତ୍ରିକା କୁଳଭୂମି ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟାରେ ଗୁରୁକୁଳ ଆଶ୍ରମର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୀରେନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

# ଢ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ସଇଁତଲା,୮।୨ (ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଢ଼େଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଶିସକେଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ରଣା, ସଭ୍ୟ ବିଘ୍ନରାଜ ରଣା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷକ ସୁଦର୍ଶନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲିଙ୍ଗରାଜ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ଶ୍ରୀୟା ରଣା, ସର୍ବାଧିକ ଉପସ୍ଥାନ ଥିବା ଚୁଡ଼ାମଣି ସାହୁ, ପରିଷ୍କାର ଓ ପରିଚ୍ଛନ୍ନ ଛାତ୍ର ଶ୍ରୀୟାଂଶ କୁମାର ଦଳାଇ ଓ ଛାତ୍ରୀ ଇସ୍କିକା ରଣା, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଜୟନ୍ତ ରଣା, ଶ୍ରେଷ୍ଠ ଖେଳାଳି ଆଲୋକ ବଗର୍ତ୍ତି, ଲିଜା ବାରିକ, ଗୋବିନ୍ଦ ସାହୁ, ନୀଳିମା ଭୋଇ, ସାରିକା ରଣାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ରେଣୁକା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ରାମ ନାରାୟଣ ଦାଶ, କୃପାସିନ୍ଧୁ ମିଶ୍ର, ସମୀର ସେଠୀ, ଦୀପକସେନ ଧରୁଆ, ଦେବେଶ ହୋତା, ହିମାଂଶୁ ବିଶ୍ୱାଳ, ଅବିନାଶ ଭୋଇ, ଗାୟତ୍ରୀ ବାରିକ, ତପସ୍ୱିନୀ ପଟେଲ, ଶିବାନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାର୍ ଧକ୍କାରେ ୩ ଯୁବକ ଗୁରୁତର

**କୁନାଗଡ,୮।୨(ସୁନୀଲ କୁମାର ସିଂହ)**

**୨ ଜଣଙ୍କ ଗୋଡ଼, ଜଣଙ୍କର ଆଙ୍ଗୁଠି କଟିଲା**



କଳାହାଣ୍ଡି ଜିଲା ଜୁନାଗଡ ଥାନା ଚିଚିଗୁଡା ଛକ ନିକଟରେ ଶୁକ୍ରବାର ରାତିରେ କାର୍ ଧକ୍କାରେ ସ୍କୁଟିରେ ଆସୁଥିବା ୨ ଯୁବକଙ୍କ ଗୋଡ ଓ ଜଣଙ୍କର ଅଙ୍ଗୁଠି କଟିଯାଇଥିବା ଜଣାପଡିଛି। ସେମାନେ ହେଲେ ଚିଚିଗୁଡା ଗ୍ରାମର ନିକେଶ ମେହେର (୨୩), ମୁକେଶ ମେହେର (୨୪) ଓ କୁଳଦୀପ ମେହେର (୨୪)। ଗୋଡ କଟିଥିବା ନିକେଶଙ୍କୁ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଓ ମୁକେଶଙ୍କୁ ବିଶାଖାପାଟଣାକୁ ନିଆଯାଇଛି। ସେହିପରି ଅଙ୍ଗୁଠି କଟିଥିବା କୁଳଦୀପ ଭବାନୀପାଟଣାର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଉପରୋକ୍ତ ୩ ଯୁବକ ଏକ ସ୍କୁଟିରେ ବଳଦିଆମାଲ ଗ୍ରାମରୁ ପ୍ରହରୀ ଦେଖି ଫେରୁଥିବାବେଳେ ବାଟରେ ସାମ୍ନା ପଟୁ ଆସୁଥିବା ଏକ କାର୍ (ନଂ.ଏମ୍‌ଏଚ୍ ୩୨ ୱାଇ-୨୮୫୨) ଧକ୍କା ଦେଇଥିଲା। ଫଳରେ ୩ ସ୍କୁଟି ଆରୋହୀ ଛିଟିକି ପଡି ଗୁରୁତର ହୋଇଥିଲେ। କାର ଚାଳକଙ୍କ ବେପରୁଆ ଗାଡି ଚାଳନା ପାଇଁ ଏହି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଖଡ଼ିଆଳ,୮।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚକୋଟିଆ ଭୁଞ୍ଜିଆ ଆଦିବାସୀଙ୍କ ସରଳ ଜୀବନ, ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଆଦିବାସୀ ମହିଳାଙ୍କ ନିମନ୍ତେ ଶିକ୍ଷା ଯେତିକି ଜରୁରୀ ସହଯୋଗ, ପ୍ରେରଣା, ଉତ୍ସାହ ସେତିକି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ର କୌଶଲ୍ୟା ବାରିକ, ଜଏସ୍ ନାୟକ, ଚିତ୍ତରଞ୍ଜନ ଶବର, କଲ୍ୟାଣ ରଣା, ଶ୍ରୀଧର ପ୍ରଧାନୀ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂ ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଶିକ୍ଷାର ଉପଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀଙ୍କ ସମେତ ଅଧ୍ୟାପକ ତଥାଗତ ରାଉତ, ସୂର୍ଯ୍ୟକାନ୍ତ ଠାକୁର, ଚିତ୍ତରଞ୍ଜନ ଜେନା, ଜବାହର ପଣ୍ଡା, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ବୀଣା ମେହେର, ସ୍ୱାଗତିକା ଦାଶ, ପୁନମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ପାଇଁ ଜିଲାପାଳଙ୍କୁ ଗୁହାରି

**ନୂଆପଡ଼ା,୮।୨ (ମକାରୁ ବେମାଲ)**



ପୁତୁରା ସହ ମଳୟ ଜିଲାପାଳଙ୍କୁ ଗୁହାରି କରିବା ଅପେକ୍ଷାରେ।

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲ ପଞ୍ଚାୟତ ପଳଶାପଡ଼ାର ଜଣେ ଭିନ୍ନକ୍ଷମ ବର୍ଦ୍ଧିତ ଭତ୍ତା ଯୋଗାଇଦେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ଗାଁର ମଳୟ ଜଗତ (୪୦)ଙ୍କ ଦୁଇ ଗୋଡ ସମ୍ପୂର୍ଣ୍ଣ ଅଚଳ ହେବାରୁ ସେ ଚଲାବୁଲା କରିପାରୁ ନାହାନ୍ତି। ତାଙ୍କୁ ସମସ୍ତ ସରକାରୀ ସହାୟତା ମିଳୁଥିବା ବେଳେ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ମିଳୁନାହିଁ। ମଳୟ ଜନ୍ମରୁ ଠିକ୍ ଥିବାବେଳେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ୧୩ବର୍ଷ ପୂର୍ବେ ଏକ ଅଜଣା ରୋଗରେ ପୀଡିତ ହୋଇ ଦୁଇ ଗୋଡ ଅଚଳ ହୋଇଗଲା। ମଳୟ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥ ଅଭାବରୁ ଆବଶ୍ୟକ ଚିକିତ୍ସା ଠିକ୍ ସମୟରେ କରିପାରିଲେ ନାହିଁ। ବର୍ତ୍ତମାନ କୌଣସି ସ୍ଥାନକୁ ଗଲେ ଅନ୍ୟର ସାହାରା ନେବାକୁ ପଡୁଛି। ସିନାପାଲିରୁ ମଳୟ ବସ୍ ଯୋଗେ ନୂଆପଡା ଆସିଥିଲେ। ତାଙ୍କ ପୁତୁରା କୃଷ୍ଣ ଜଗତଙ୍କ ସାହାରାରେ ସେ ଜିଲାପାଳଙ୍କୁ ଭେଟିଥିଲେ। ବର୍ତ୍ତମାନ ତାଙ୍କୁ ମାସିକ ଭିନ୍ନକ୍ଷମ ଭତ୍ତା ୧୨ ଶହ ଟଙ୍କା ମିଳୁଛି। ତେବେ ବର୍ଦ୍ଧିତ ଭତ୍ତା ୩୫ ଶହ ଟଙ୍କା ଯୋଗାଇଦେବା ପାଇଁ ସେ ଜିଲାପାଳଙ୍କୁ ଗୁହାରି କରିଛନ୍ତି।

# ଆମପାଣି ବ୍ଲକ୍ ଦାବିରେ ୧୦ ପଞ୍ଚାୟତ ପ୍ରତିନିଧି ଏକାଠି

**କୋକସରା,୮।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**





ବୈଠକରେ ଯୋଗଦେଇଥବା ଲୋକପ୍ରତିନିଧି ଓ ସଚେତନ ନାଗରିକ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଧାନ ମଣ୍ଡିରେ ଆମପାଣିକୁ ବ୍ଲକ ଦାବି ନେଇ ୧୦ ଗୋଟି ପଞ୍ଚାୟତର ପ୍ରତିନିଧିମାନେ ଏକାଠି ହୋଇଥିଲେ। ବୈଠକରେ କୋକସରା ବ୍ଲକରୁ ଆମପାଣି ପଞ୍ଚାୟତ ସଦର ମହକୁମାକୁ ଏକ ନୂତନ ବ୍ଲକ ଘୋଷଣା ଦାବିରେ ଅଞ୍ଚଳବାସୀ ଦାବି କରିଛନ୍ତି। ଆମପାଣି ବ୍ଲକ ପାଇଁ କୋକସରାର ଆମପାଣି, ବଡ଼ ପୋଡ଼ାଗୁଡ଼ା ଡୁଡୁକାଠେଙ୍ଗା, ମହିମା, ବରାଡ଼ଙ୍ଗା, କାଉଡୋଳା, ଗୋତମୁଣ୍ଡା, ସାନ ପୋଡାଗୁଡ଼ା, ଜୟପାଟଣା ବ୍ଲକର ବଡ଼ ପୂଜାରିଗୁଡା ଓ ଉଛୁଲା ଏଭଳି ୧୦ ପଞ୍ଚାୟତକୁ ନେଇ ନୂତନ ଆମପାଣି ବ୍ଲକ ଦାବି କରାଯାଇଛି। ଆଦିବାସୀ ନେତା ରତ୍ନୁରାଜ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ବଡ଼ ପୋଡାଗୁଡ଼ାର ଯମୁନା ନାଏକ, ବରାଡ଼ଙ୍ଗା ସରପଞ୍ଚ ନିରୂପମା ସେଠି, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, କାଉଡୋଳା ସରପଞ୍ଚ ଦେବୀସିଂ ତାଣ୍ଡି, ଆଇନଜୀବୀ ମନୋଜ ନାଏକ, ସଚେତନ ନାଗରିକ ବନମାଳୀ ବାଗ, ଚକ୍ରଧର ନାଏକ, ଅର୍ଜୁନ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ଆମପାଣି ଟିକିଚନ୍ଦ୍ର ଧ. ମାଝୀ, ପୂର୍ବତନ ସରପଞ୍ଚ ମହିମା କ୍ଷେତ୍ରରାମ ପାତ୍ର, ଧାନଫୁଲ ମାଝୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ବ୍ଲକ ଦାବି ନେଇ ଉପ ଜିଲାପାଳ, ଜିଲାପାଳଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଦାବିପତ୍ର ପ୍ରଦାନ କରାଯିବା ସହ ବ୍ଲକ ଦାବିକୁ କ୍ରିୟାଶୀଳ କରିବା ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ବିଘ୍ନେଶ୍ୱର ନାଏକ ମଞ୍ଚ ପରିଚାଳନା କରିଥିଲେ। ଆମପାଣି ବ୍ଲକ ଗଠନ ଦାବି କମିଟି ସଦସ୍ୟ ଯୁବକ ସୁରେଶ ସାହୁ, ବିଜୟ ପଣ୍ଡା, ନାଗେଶ୍ୱର ମହାପାତ୍ର, ବିନୋଦ ସିଂଙ୍କ ସମେତ ୧୦ ପଞ୍ଚାୟତର ଶତାଧିକ ପ୍ରତିନିଧି ଉପସ୍ଥିତ ରହି ନୂତନ ବ୍ଲକ ଗଠନ ହେଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ଆର୍ଥିକ, ସାମାଜିକ, ବ୍ୟବସାୟିକ ଉନ୍ନତି ହେବ ବୋଲି ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆଜି ହେବନି ବିଦ୍ୟୁତ୍ କାଟ୍ ସ୍ୱାଭାବିକ ରହିବ ସେବା

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ): ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍(ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି ପ୍ରଧାନପାଲି ଗ୍ରୀଡ୍ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ରବିବାର ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେବ ବୋଲି ଶୁକ୍ରବାର ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଥିଲା। ରବିବାର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ରହିଥିବାରୁ ଏହି ବିଦ୍ୟୁତ୍ କାଟ୍‌କୁ ବାତିଲ୍ କରି ଦିଆଯାଇଛି ବୋଲି ଶନିବାର ଟିପିଡବ୍ଲୁଓଡିଏଲ୍ ଆଉ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛି। ବିଦ୍ୟୁତ୍ କାଟ୍ ବାତିଲ ହେବା ପରେ ଜିଲାର କ୍ରିକେଟ୍ ପ୍ରେମୀଙ୍କ ମନରେ ଉତ୍ସାହ ଦେଖାଯାଇଛି। କାରଣ ରବିବାର କଟକ ବାରବାଟୀ ଷ୍ଟାଡ଼ିୟମରେ ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ୍ ସିରିଜ୍ ଥିବାବେଳେ ରବିବାର ବିଦ୍ୟୁତ୍ କାଟ୍ ହୋଇଥିଲେ ଟିଭିରେ ପ୍ରତିଯୋଗିତାର ସିଧାପ୍ରସାରଣ ଦେଖିବାରୁ ଅନେକ କ୍ରିକେଟପ୍ରେମୀ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରିଥିଲେ।

### ବାଇକ୍ ଦୁର୍ଘଟଣା, ଜଣେ ମୃତ

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ): ବରଗଡ଼-ବରପାଲି ରାସ୍ତାର ଏକାମ୍ର ଛକ ନିକଟରେ ଶନିବାର ଅପରାହ୍ନ ୫ଟାରେ ୨ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋନପୁର ଜିଲା ରାମପୁରର ରଘୁବୀର ବଗର୍ତ୍ତୀ। ସେହିପରି ତାଙ୍କ ସହିତ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ମୁକେଶ ପୁଟେଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରଘୁବୀର ଏବଂ ମୁକେଶ କୌଣସି କାମରେ ବରଗଡ଼କୁ ଆସିଥିଲେ। କାମ ସାରି ସେମାନେ ଫେରୁଥିବାବେଳେ ଏକାମ୍ର ଛକ ନିକଟରେ ତାଙ୍କ ବାଇକ୍‌କୁ ପଛପଟୁ ଅନ୍ୟଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାକୁ ଆଣିଥିଲେ।

### ଅଗ୍ନିକାଣ୍ଡରେ ବଖରାଏ ଜଳିଗଲା

ବୌଦ୍ଧ,୮।୨(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମପଞ୍ଚାୟତର ବଡବଙ୍କାପଡା ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ନିଆଁ ଲିଭାଇବାକୁ ଯାଇ ଘର ଉପରୁ ଖସିପଡି ଜଣେ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ବଡବଙ୍କାପଡା ଗ୍ରାମର ସ୍ୱାଧୀନ ବିଶିଙ୍କ ଚାଳ ଛପର ଘର ନିକଟରେ ପାଉଁଶ ରଖାଯାଇଥିଲା। ପାଉଁଶରୁ ହଠାତ ନିଆଁ ଧରି ଚାଳଘରେ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଗୋଟିଏ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ବୌଦ୍ଧ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିଯିବା ଦେଖି ଜଣେ ଯୁବକ ଘର ଉପରକୁ ଚଢି ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ହଠାତ ଗୋଡ ଖସିଯିବାରୁ ତଳେ ପଡିଯାଇ ଆହତ ହୋଇଥିଲେ। ତାଙ୍କର ଗୋଟିଏ ଗୋଡ ଭାଙ୍ଗି ଯାଇଥିବା ଜଣାପଡିଛି। ତୁରନ୍ତ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ୯୮ ପରୀକ୍ଷା କେନ୍ଦ୍ରରେ ୧୭,୨୧୬ ପରୀକ୍ଷାର୍ଥୀ

### ଆସୁଛି ମାଟ୍ରିକ ପରୀକ୍ଷା, ଚାଲିଛି ପ୍ରସ୍ତୁତି

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ଆସନ୍ତା ୨୧ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ମାସ ୬ତାରିଖ ଯାଏ ଏହି ପରୀକ୍ଷା ଚାଲିବ। ପରୀକ୍ଷା ଫଳରେ ସଫଳତା ହାସଲ ପାଇଁ ପରୀକ୍ଷାର୍ଥୀମାନେ ପ୍ରସ୍ତୁତି ଜୋର୍‌ସୋର୍ ଚଲାଇଛନ୍ତି। ଅନ୍ୟପଟେ ଜିଲା ଶିକ୍ଷା ବିଭାଗ ମଧ୍ୟ ସେଥିରୁ ବାଦ୍ ପଡ଼ି ନାହିଁ। ବିଗତ ବର୍ଷ ଭଳି ଏଥର ମଧ୍ୟ ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମାପନ ପାଇଁ ଜିଲା ଶିକ୍ଷା ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। କେବଳ ସେତିକି ନୁହେଁ, ଜିଲାରେ ଅନ୍ୟବର୍ଷ ଭଳି ଏଥର ମଧ୍ୟ ପରୀକ୍ଷାଫଳ ଉଚ୍ଚକୋଟିର ରଖିବାକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଭଳି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ରଭାବେ ଶିକ୍ଷାଦାନ



ବରଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

କରାଯାଇଥିଲା। ଏହି ଦୃଷ୍ଟିରୁ ଏଥର ମଧ୍ୟ ଜିଲାରେ ମାଟ୍ରିକ ପରୀକ୍ଷା ଭଲ ରହିବ ବୋଲି ଆଶା କରାଯାଉଛି।

ଜିଲାରେ ଏଥର ସମୁଦାୟ ୧୭ହଜାର ୨୧୬ ପରୀକ୍ଷାର୍ଥୀ ରହିଛନ୍ତି। ସେଥି ମଧ୍ୟରୁ ୧୬ହଜାର ୯୪୭ଜଣ ରେଗୁଲାର ମାଟ୍ରିକ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ୩୨ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୧୦୨ ମଧ୍ୟମା ଏବଂ ୧୩୫ ଏସ୍‌ଓଏସ୍‌ସି ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର ମଧ୍ୟ ଚୂଡ଼ାନ୍ତ ହୋଇ ସାରିଛି। ଏଥର ଜିଲାରେ ମାଟ୍ରିକ ପରୀକ୍ଷାର୍ଥିଙ୍କ ପାଇଁ ୯୮ ପରୀକ୍ଷା କେନ୍ଦ୍ର ରହିଛି। ଏହା ସହିତ ୧୨ନୋଡ଼ାଲ କେନ୍ଦ୍ର ରହିଛି। ସେଠାରେ ପ୍ରଶ୍ନପତ୍ର ଗୁଡ଼ିକ ଗଚ୍ଛିତ ରହିବ ଏବଂ ବିଭିନ୍ନ ବିଷୟର ପ୍ରଶ୍ନପତ୍ର ଗୁଡ଼ିକୁ ନିର୍ଦ୍ଧାରିତ ଦିବସରେ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

ପରୀକ୍ଷା କେନ୍ଦ୍ର ଗୁଡ଼ିକ ପାଇଁ କେନ୍ଦ୍ର ଅଧୀକ୍ଷକ(ସୁପରିଣ୍ଟେଣ୍ଡାଣ୍ଟ) ନିଯୁକ୍ତି ମଧ୍ୟ ସରିଛି। ମାଟ୍ରିକ ପରୀକ୍ଷାକୁ କିଭଳି ଶୃଙ୍ଖଳିତଭାବେ ପରିଚାଳନା କରାଯିବ, ସେ ନେଇ ଶୀଘ୍ର କେନ୍ଦ୍ର ଅଧୀକ୍ଷକମାନଙ୍କୁ ନେଇ ବୈଠକ ବସିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ତେବେ ଏଥର ଜିଲାରେ ମାଟ୍ରିକ ପରୀକ୍ଷା ପରିଚାଳନା କିଭଳି ଚାଲିବ ଏବଂ ଜିଲାରେ ମାଟ୍ରିକ ପରୀକ୍ଷାଫଳ ଅନ୍ୟ ଜିଲା ତୁଳନାରେ କିଭଳି ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ। ଅନ୍ୟପଟେ ଗତ କିଛିବର୍ଷ ହେଲା, ଜିଲାରେ ମାଟ୍ରିକ ପରୀକ୍ଷାଫଳ ଭଲ ରହି ଆସୁଥିବା ଏବଂ ଏହି ପରୀକ୍ଷା ଫଳରେ ଛାତ୍ରୀଛାତ୍ରଙ୍କ ଭଲ ପ୍ରଦର୍ଶନ ପାଇଁ ଜିଲା ଶିକ୍ଷା ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଯୋଗୁ ଅନ୍ୟବର୍ଷ ତୁଳନାରେ ଏଥର ପରୀକ୍ଷାଫଳ ଆହୁରି ଭଲ ହେବ ବୋଲି ଜିଲା ଶିକ୍ଷା ବିଭାଗ ଆଶା ପ୍ରକଟ କରିଛି।

## ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ବିଧାୟକ


ପ୍ରତିମୂର୍ତ୍ତି ଉନ୍ମୋଚନବେଳେ ଉପସ୍ଥିତ ଅତିଥିବୃନ୍ଦ।

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ତପସ୍ୱିନୀ ଉଦ୍ୟାନରେ ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବଂ ମହାବିଦ୍ୟାଳୟ ଆଲୁମ୍ନି ସଂଘର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡଃ ନକୁଳ ସେଠ, ଆଲୁମ୍ନି ସଂଘର ଉପସଭାପତି ପ୍ରଶାନ୍ତ ବେହେରା, ଡଃ ମାଧବ ସାହୁ, ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର ପ୍ରଧାନ, ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଲୁମ୍ନି ସଂଘର ସଂଯୋଜକ ସହକାରୀ ପ୍ରଫେସର ଅନିରୁଦ୍ଧ ରୋହିଦାଶ, ପ୍ରଶାସନିକ ମୁଖ୍ୟ ପ୍ରଫେସର ଡଃ ଉମେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ପ୍ରଶାସନିକ ପ୍ରଫେସର ସୂର୍ଯ୍ୟକାନ୍ତି ସିକନ୍ଦର, ସହକାରୀ ପ୍ରଫେସର ଡଃ ସ୍ମିତା ପାଣିଗ୍ରାହୀ, ଡଃ ସୁନୀତା ବେହେରା, ଡଃ ସୁରେଶ କୁମାର ମାଝୀ, ଡଃ ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର, ରୋଶିନୀ ତିର୍କୀ, ଅନନ୍ଦିତା ନନ୍ଦ, ଡଃ ପ୍ରଜ୍ଞା ପାରମିତା ନାଏକ, ଝରଣା ବିଶ୍ୱାଳ, କ୍ରିଷ୍ଣାରାଣୀ ସାମ୍ବଲ ପ୍ରମୁଖ ଉପସ୍ଥିତ ଥିଲେ।

## ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ


ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଉଁଶୁଣୀ,୮।୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ସହିତ ଲୋକକଳା ସାଂସ୍କୃତିକ ବାର୍ତ୍ତାବହ ହେଉ ବୋଲି ବିଧାୟକ ଡାଙ୍ଗ ମତପ୍ରକାଶ କରିଥିଲେ। ବାଉଁଶୁଣୀ ସାଂସ୍କୃତିକ ପରିଷଦ ସଭାପତି ଉମା ଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ ଅଇଁଠୁ ମହାଳିକ, ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ମହୋତ୍ସବର ପ୍ରଥମ ଦିବସରେ ଗଡଭିତର ମା' କ୍ଷେତ୍ରପାଳିନୀ ମାହେଶ୍ୱରୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ହୋଇଥିଲା। ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମଶାଲ ଜଳାଇ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ମାହେଶ୍ୱରୀଙ୍କ ମନ୍ଦିରରୁ ଶୋଭାଯାତ୍ରା ବାହାରି ଆମ୍ବତୋଟା ମାହେଶ୍ୱରୀ ପୀଠ ଓ ହନୁମାନଙ୍କ ମନ୍ଦିର ଦେଇ ବାଉଁଶୁଣୀ ଡାକ ବଙ୍ଗଳାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ କନ୍ଧମାଳ ବିଧାୟକ ଡାଙ୍ଗଙ୍କ ସମେତ ଗୁନ୍ଦୁଳିଆ ସରପଞ୍ଚ ଧବଳେଶ୍ୱର ସିଂ, କସୁରବନ୍ଧ ସରପଞ୍ଚ ସରୋଜ କର୍ଣ୍ଣ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ଅଁଳାପାଲି ସରପଞ୍ଚ ଅଜିତ ମେହେର, ଆୟୋଜକ କମିଟିର ସମସ୍ତ ସଦସ୍ୟ, ସାଂସ୍କୃତିକ ଦଳ, ଜନସାଧାରଣ ଓ ନେତୃବୃନ୍ଦ ସାମିଲ ହୋଇଥିଲେ।

### ଟ୍ରାକ୍ଟର ଚାପାରେ ମହିଳା ମୃତ

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଦେଶ ପଥର୍ଲା ଗ୍ରାମରେ ଶନିବାର ଟ୍ରାକ୍ଟର ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ, ଉକ୍ତ ଗ୍ରାମର ଭାରତୀ ପ୍ରଧାନ। ପଥର୍ଲା ଗ୍ରାମରେ ଟ୍ରାକ୍ଟର ଯୋଗେ ଏକ ଜମି ହଳ କରାଯାଉଥିଲା। ସେହି ଜମିକୁ ନେଇ ବିବାଦ ଲାଗି ରହିଥିବାବେଳେ ମୃତ ମହିଳା ଜମିହଳ କରିବା ପାଇଁ ସେଠାକୁ ପହଞ୍ଚିଥିଲେ। ଏହି ସମୟରେ ସେଠାରେ ଟ୍ରାକ୍ଟର ତାଙ୍କୁ ଚାପି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୀମସାର୍, ବୁର୍ଲା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ମହିଳାଙ୍କ ସମ୍ପର୍କୀୟ ବସୁଦେବ ଏତଲା ଦେବା ପରେ ପୋଲିସ ଏହାର ତଦନ୍ତ ଚଳାଇଛି।

## ବିଜ୍ଞାନ କେନ୍ଦ୍ରରେ ହେବ ଶିଶୁ ଉଦ୍ୟାନ


ଜିଲାପାଳ ଏବଂ ଅନ୍ୟମାନେ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଶନିବାର ସହର ଉପକଣ୍ଠ ଖେଦାପାଲି(ରୁକୁର୍ଲା)ସ୍ଥିତ ବିଜ୍ଞାନ କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ। ଉକ୍ତ ବିଜ୍ଞାନ କେନ୍ଦ୍ରରେ ଶିଶୁ ଉଦ୍ୟାନ, କାଫେ, ଶିଶୁଙ୍କ ପାଇଁ ବୋଟିଂ ବ୍ୟବସ୍ଥା କରାଯିବ। ସେଥିପାଇଁ ଜିଲାପାଳ ଗୋୟଲ ବିଜ୍ଞାନ କେନ୍ଦ୍ରକୁ ଯାଇ ତାହା କିଭଳି ନିର୍ମାଣ କରାଯିବ, ତାହା ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ କାଳରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ, ଭଟଲି ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ, ବିଜ୍ଞାନ କେନ୍ଦ୍ରର ଫେଲିସିଟେଟର୍ ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଶିଶୁ ଉଦ୍ୟାନ, କାଫେ ଏବଂ ବୋଟିଂ ବ୍ୟବସ୍ଥା ହେଉଥିବା ଖବର ପାଇ ଅଞ୍ଚଳର ଶିଶୁମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

## ପାଠାଗାର ଆତ୍ମା ପାଇଁ ଆରୋଗ୍ୟ ଭବନ

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କୁସୁନପୁରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ମନୋରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁରେଶ୍ୱରୀ ପ୍ରଧାନ ମୁଖ୍ୟଅତିଥି, ପଣ୍ଡିତ ଶିବପ୍ରସାଦ ନାୟକ ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ଭୋଇ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପୁସ୍ତକ ଉତ୍ତମ ବନ୍ଧୁ, ଦିଗଦର୍ଶକ ଓ ପାଠାଗାର ଆତ୍ମା ପାଇଁ ଏକ ଆରୋଗ୍ୟ ଭବନ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏଥି ସହିତ ପୁସ୍ତକ କେବଳ


କାର୍ଯ୍ୟକ୍ରମରେ ଛାତ୍ରମାନେ ପୁସ୍ତକ ପଠନ କରୁଛନ୍ତି।

### ପୁସ୍ତକ ସମଗ୍ର ଜୀବନକୁ ବଦଳାଇ ଦିଏ

ପାଠିକା, ପାଠକଙ୍କ ଅନ୍ତର୍ଦୃଷ୍ଟି ବଦଳାଇ ଦେଇଥାଏ, ତାହା ନୁହେଁ। ପୁସ୍ତକ ସମଗ୍ର ଜୀବନକୁ ବଦଳାଇ ଦିଏ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ କରମଚାନ୍ଦ ସାହୁ, ନିରଞ୍ଜନ ଭୋଇ, ଲକ୍ଷ୍ମୀଧର ଜେନା, ମକରଧ୍ୱଜ ଖମାରୀ, କମଳ ଲୋଚନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁସ୍ତକ ପଠନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲିଜା ବାରିକ ପ୍ରଥମ, ରେଶମା ମେହେର ଦ୍ୱିତୀୟ ଏବଂ ଡ଼ାଲିନୀ ସାହୁ ତୃତୀୟ ହୋଇଥିଲେ। କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପାଠାଗାର ଆବାହକ ଡଃ ରବିନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଶୀର୍ଷକ ଆଲୋଚନାଚକ୍ର

ପାଇକମାଳ,୮।୨(ବଡ଼ ଶତପଥି)

ବରଗଡ଼ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ବିବେକାନନ୍ଦ ବିଶ୍ୱ ଚେତନା ଅଭିଯାନ'ର ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ବାଣୀ, ଆଦର୍ଶ ସମ୍ପର୍କରେ ଏକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ। ସ୍ୱାମୀ ବିବେକାନନ୍ଦ ସମ୍ପର୍କିତ ଅନେକ ପ୍ରଶ୍ନ ଛାତ୍ରୀଛାତ୍ରମାନଙ୍କୁ ପଚରାଯାଇଥିଲା ଏବଂ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। ଏହି ସଭାରେ ଅଧ୍ୟାପକ ପ୍ରଦୀପ କୁମାର ଦ୍ୱୋନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ଦେବରାଜ ସାହୁ , ଅଭିନାଶ ମହାପାତ୍ର , ଅଙ୍କିତ କୁମାର ଦାସ, ଅଧ୍ୟାପିକା ମୀନା କୁମାରୀ ସାହୁ, ପୁଷ୍ପ ମଞ୍ଜରୀ ପ୍ରଧାନ, ଅଞ୍ଜଳି ବାଗଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସଭାରେ ଉପସ୍ଥିତ ଥିଲେ।

## ଗାଇସିଲେଟ ନୋଡ଼ାଲ ସ୍କୁଲର ବାର୍ଷିକ ଉତ୍ସବ ଆକାଂକ୍ଷା

ଗାଇସିଲେଟ, ୮।୨ (ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକର ସର୍ବ ପୁରାତନ ହାଇସ୍କୁଲର ବାର୍ଷିକ ଉତ୍ସବ ୨୦୨୫ (ଆକାଂକ୍ଷା) ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଦାତ୍ରୀ ସରସ୍ୱତୀ ଫଟୋ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗିତଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନନୀୟ ଅତିଥି ଭାବେ ଗାଇସିଲେଟ ସରପଞ୍ଚ ଶରତକାଲୋ, ଏବିଇଓ ଜୟକୁମାର ସାହୁ, ଧବଳେଶ୍ୱର ବରିହା ଓ କିଶୋର ଯୋଷୀ ତଥା ସ୍କୁଲ ପରିଚାଳନା କମିଟି ସଭ୍ୟ ତ୍ରିଲୋଚନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଶିଂଧାରାଣୀ ଦାଶ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣରେ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଦାଶ, ଅସ୍ମିତା ପ୍ରିୟଦର୍ଶନୀ ଓ ଶିକ୍ଷକ ଥବିରଶିଖା ସହଯୋଗ କରିଥିଲେ। ଶିକ୍ଷକ ଦାମୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅଷ୍ଟମ ଶ୍ରେଣୀ ଛାତ୍ରୀମାନଙ୍କ ଦ୍ୱାରା 'ନାରୀ ହତ୍ୟାକର ନାହିଁ ଏବଂ ନବମଶ୍ରେଣୀ ଛାତ୍ରୀମାନେ 'ସଡ଼କ ସୁରକ୍ଷା କରିବା ରକ୍ଷା ' ନାଟକ ପରିବେଷଣ କରିଥିଲେ।

### କାଗଜ ଖଲି ଦନା ତିଆରି କାରଖାନାରେ ଅଗ୍ନିକାଣ୍ଡ

ବାଉଁଶୁଣୀ, ୮।୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ୍ ଖଲିଆପାଲି ଗ୍ରାମପଞ୍ଚାୟତ ବୁଢୀକଣ ଗ୍ରାମରେ ଥିବା ସୁରେନ୍ଦ୍ର ଦେହୁରୀଙ୍କ କାଗଜ ଖଲି ଦନା ତିଆରି କାରଖାନାରେ ଶନିବାର ଅପରାହ୍ନ ୧ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୪ଟି ମେଶିନ ସହ କାଗଜ ପ୍ଲେଟ୍, ଗଚ୍ଛିତ କଞ୍ଚାମାଲ ଓ ୫୦ ବସ୍ତା ଧାନ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଉକ୍ତ କାରଖାନାରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।

## କୃମିନାଶ ଦିବସ ପାଇଁ ଏକଦିବସୀୟ ପ୍ରଶିକ୍ଷଣ

### ସଂକ୍ରମଣରୁ ରକ୍ଷା ପାଇଁ ୧ରୁ ୧୯ବର୍ଷ ବୟସ ଖାଇବେ ବଟିକା

ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲରେ ଶନିବାର ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଡିପିଏମ୍ ଶିଶିର କୁମାର ପଣ୍ଡାଙ୍କ ସଂଯୋଜନା ଏବଂ ଡା. ଶିବ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରକୁ ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। କୃମି ସଂକ୍ରମଣକୁ ସହଜରେ ରୋକିବା ପାଇଁ ଆସନ୍ତା ୧୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୃମିନାଶକ ବଟିକା ପ୍ରଦାନରେ ୧ବର୍ଷରୁ ୧୯ବର୍ଷ ବୟସ ଯାଏ ପିଲାମାନେ



ପ୍ରଶିକ୍ଷଣ ଶିବିର ଉପରେ ପ୍ରଧାନ ଶିକ୍ଷକ ସୂଚନା ଦେଉଛନ୍ତି।

କିଭଳି ଖାଇବେ, ସେ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସାହୁ ସୂଚନା ଦେଇଥିଲେ। ଏହା ସହିତ ଯେଉଁମାନେ ସେହିଦିନ ତାହା ଖାଇବାରୁ ବଞ୍ଚିତ ରହିଥିବେ, ସେମାନଙ୍କୁ ଆସନ୍ତା ୧୭ତାରିଖ ଏହି ବଟିକା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡା. ଶ୍ରୀନିବାସ ଦେବତା, ପିଏଚ୍‌ଇଓ କୁମୁଦବନ୍ଧୁ ବାଗ, ଏବିଇଓ ଦିଲ୍ଲୀପ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ବ୍ଲକରେ ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହିତ ଆୟୋଜନ କରିହେବ, ସେ ସମ୍ପର୍କରେ ସେମାନେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରଗଡ଼ ବ୍ଲକର ୧୩କ୍ଲଷ୍ଟରରୁ ୧୫୦ ଶିକ୍ଷୟିତ୍ରୀ, ଶିକ୍ଷକ ଶିବିରରେ ଯୋଗଦାନ କରିଥିଲେ। ରାଣାପ୍ରତାପ ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଗ୍ରରୂପ ଧାରଣ କଲାଣି ଜଳ ସମସ୍ୟା

- ଗ୍ରୀଷ୍ମ ନ ହେଉଣୁ ଶୁଖିଲା ନଦୀ ନାଳ
- ନିମ୍ନଗାମୀ ଭୂତଳ ଜଳସ୍ତର ପଦ୍ମପୁର ପାଇଁ ବିପଦ
- ବର୍ଷା ଜଳ ପୁନଃ ଭରଣ ନିୟମ ପାଳନ ହେଉନି
- ନଳକୂପ ଖନନରେ ସରକାରୀ ଅଙ୍କୁଶ ରହୁ

ପଦ୍ମପୁର,୮।୨(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲାର ପଦ୍ମପୁର ଉପଖଣ୍ଡରେ ଦିନକୁ ଦିନ ଜଳ ସମସ୍ୟା ଉଗ୍ରରୂପ ଧାରଣ କଲାଣି। ଚଳିତବର୍ଷ ଗ୍ରୀଷ୍ମ ନ ହେଉଣୁ ନଦୀ ନାଳ ଶୁଖିଲା ପଡ଼ିଥିବା ବେଳେ ପଦ୍ମପୁର ଏନ୍‌ଏସି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଅପରପକ୍ଷରେ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଧ୍ୟ ଭୂତଳ ଜଳସ୍ତର ନିମ୍ନକୁ ଖସି ଚାଲିଛି, ଯାହାକୁ ନେଇ ପରିବେଶବିତ୍ ଓ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଉପଖଣ୍ଡରେ ଉତ୍କଟ ଜଳସମସ୍ୟାକୁ ଏଡାଇ ଦିଆଯାଇ ନ ପାରେ।

ମିଳିଥିବା ତଥ୍ୟ ଅନୁସାରେ, ପଦ୍ମପୁର ବ୍ଲକ, ଗାଇସିଲେଟ, ଝାରବନ୍ଧ ସମେତ ପଦ୍ମପୁର ଏନ୍‌ଏସି ଭୂତଳ ଜଳସ୍ତର ସଙ୍ଗିନ ସ୍ଥିତିକୁ ଯାଉଛି। ପଦ୍ମପୁର ଏନ୍‌ଏସି ଓ ଆଖପାଖ ଅଞ୍ଚଳରେ ନଳକୂପ ସ୍ଥାପନ ପାଇଁ ୩୦୦/୪୦୦ଫୁଟରୁ ଅଧିକ ଖୋଳିବା ପାଇଁ ପଡୁଛି। ପୂର୍ବରୁ ୫୦/୧୦୦ଫୁଟ ନିମ୍ନରେ ଥିବା ଜଳସ୍ତର ଏବେ ୩୦୦ଫୁଟ ତଳକୁ ଖସିଗଲାଣି। ବିଭିନ୍ନ କାରଣ ପାଇଁ ଏହି ଜଳସ୍ତର ନିମ୍ନଗାମୀ ହେଉଛି। ବିଶେଷ କରି କେନ୍ଦ୍ରୀୟ ଭୂତଳ ଜଳ ପରିଚାଳନାର ନିୟମକୁ ଅଣଦେଖା କରାଯାଉଛି। ସେହିପରି ପକ୍କା ଘରସଂଖ୍ୟା ବୃଦ୍ଧି ପାଇବା ସହିତ ରାସ୍ତା ଘାଟ କଂକ୍ରିଟକରଣ ସହିତ ଅଗଣାକୁ ବି ଲୋକେ ଢଳେଇ


ମୁକ୍ତା ଯୋଜନାରେ ଜଳଅମଳ ସଂରଚନା ପ୍ରକଳ୍ପ।

କରୁଛନ୍ତି। ଫଳରେ ବର୍ଷା ଜଳ ଭୂଗର୍ଭକୁ (ପୁନର୍ଭରଣ)ରିଚାର୍ଜ ହୋଇପାରୁ ନାହିଁ। ଉଲ୍ଲେଖନୀୟ ବିଷୟ ହେଉଛି ସହରରେ ବସବାସ କରୁଥିବା ୯୫ପ୍ରତିଶତ ପରିବାରଙ୍କ ଗଭୀର ନଳକୂପ ରହିଛି। ସେହିପରି ବର୍ଷା ଜଳ ଓ ସାଧାରଣ ଲୋକଙ୍କ ଦ୍ୱାରା ଅପଚୟ ଜଳକୁ ରିଚାର୍ଜ ପାଇଁ ଥିବା ସରକାରୀ ନିୟମ ପାଳନ ହେଉନାହିଁ। ଖୋଦ୍ ସରକାରୀ କାର୍ଯ୍ୟାଳୟର ବାହାର ଖାଲି ସ୍ଥାନକୁ ସରକାରୀ ଅନୁଦାନ ଖର୍ଚ୍ଚରେ କଂକ୍ରିଟ କରୁଥିବା ଦେଖିବାକୁ ମିଳୁଛି। କେନ୍ଦ୍ରୀୟ ଭୂତଳ ଜଳ ପରିଚାଳନା ବୋର୍ଡ ନିର୍ଦ୍ଦେଶ ଅନୁସାରେ ଭୂତଳ ଜଳ ପୁନର୍ଭରଣ ନିୟମକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଘର ଛାତ ବର୍ଷା ଜଳକୁ ପାଇପରେ ଆଣି ୩୦ଫୁଟ ନିମ୍ନ ଭୂତଳକୁ ପଠାଇବା ପାଇଁ ନିୟମ ରହିଛି। ୩୦ଫୁଟ ପରେ ସେ ଆପେ ଭୂତଳ ରିଚାର୍ଜ ହୋଇଥାଏ। ଗୃହ ନିର୍ମାଣ ପାଇଁ ଦେଉଥିବା ଅନୁମତିରେ ମଧ୍ୟ ଏହା ଉଲ୍ଲେଖ ରହିଛି। ମାତ୍ର ବାସ୍ତବରେ ଏହି ନିୟମକୁ ଅଣଦେଖା କରାଯାଉଛି। ସେହିପରି ଭୂତଳ ଜଳସ୍ତର ବୃଦ୍ଧି ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩ ବର୍ଷ ପୂର୍ବେ ମୁକ୍ତା ଯୋଜନାରେ ଆରମ୍ଭ ହୋଇଥିବା ସହରାଞ୍ଚଳ ବର୍ଷା ଜଳ ଅମଳ ପ୍ରକଳ୍ପ ସଂରଚନା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଆସିଥିଲା। ଏହି ଅର୍ଥ ଅପଚୟ କରି କିଛି ସ୍ଥାନରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ଏହାର ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ।

## ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ

ବଡ଼ଗାଁ,୮।୨(ଅଶୋକ ଷଡ଼ଙ୍ଗୀ):

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ ଟାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଡିଏମ୍ ରବି ନାରାୟଣ ସାହୁ ଯୋଗଦେଇ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ସମସ୍ୟାଗୁଡିକର ଜନଶୁଣାଣି କରିଥିଲେ। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ,ଏପିଓ ତପନ ପୂଜାରୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ଉଭୟ ଯୋଜନା ପରିଚାଳିତ ହେଉଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଯୋଜନା ପରିଚାଳନାରେ ସୃଷ୍ଟି ହେଉଥିବା ସମସ୍ୟା ଦୂର କରିବା ଓ ଏହାର ସଫଳ ରୂପାୟନ ପାଇଁ ଆଲୋଚନା କରାଯାଇଥିଲା।

# ସୁଧୁରୁନି ବସ୍ତି ଅଞ୍ଚଳ ଡ୍ରେନ୍ ଅବସ୍ଥା

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ପାନପୋଷ କୋଏଲ ବ୍ୟାଙ୍କ ବସ୍ତିର ଛୋଟ ମସ୍‌ଜିଦରୁ ପାନପୋଷ ଶବ ବ୍ୟବଛେଦ କେନ୍ଦ୍ର ପର୍ଯ୍ୟନ୍ତ ୨କି.ମି ବିଶିଷ୍ଟ ଡ୍ରେନ୍ ଅବସ୍ଥ ଶୋଚନୀୟ ହୋଇପଡିଛି। ଏହି ଡ୍ରେନ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବା ବେଳେ ଅଧିକାଂଶ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଏଥିସହ ଡ୍ରେନ୍‌ର ସ୍ଲାବଗୁଡ଼ିକ ଭାଙ୍ଗି ଯାଇଛି। ଗତ ମାସକ ମଧରେ ଏହି ଗାତରେ ବସ୍ତିର ଅନେକ ପିଲା ଖସି ଆହତ ମଧ ହେଲେଣି। ସେହିପରି ଘରମାନଙ୍କରୁ ନିଷ୍କାସିତ ପାଣି ଡ୍ରେନ୍‌ରେ ଜମି ରହିବା ଯୋଗୁ ସମଗ୍ର ଅଞ୍ଚଳରେ ଦୁର୍ଗନ୍ଧ ହେଉଛି। ଏଥିଯୋଗୁ ମଶା, ମାଛି ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସ୍ଥାନୀୟ ବସ୍ତିବାସୀ ଆର୍‌ଏମ୍‌ସିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବସ୍ତିର ପଞ୍ଚୁ ମାଇତି, ଗୁନୁ ସିଂ, ହାସ୍‌ମା ଖାତୁନ, ଏମ୍‌ଡି ଜାଫର ଓ ଲାଲ୍ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଡ୍ରେନ୍‌ର ପୁନରୁଦ୍ଧାର କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ତୁରନ୍ତ କୋଏଲ ବ୍ୟାଙ୍କ ବସ୍ତିର ଡ୍ରେନେଜ ସମସ୍ୟା ଦୂରୀକରଣ ପାଇଁ ବିଭାଗୀୟ ଦଳକୁ ପଠାଇ ପ୍ରାରମ୍ଭିକ ତଦନ୍ତ କରାଯିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ମହାନଗର ନିଗମ ଅଧୀନ ୪୧ଟି ୱାର୍ଡରେ ୧୩୨ଟି ବସ୍ତି ରହିଛି। ଅଧିକାଂଶ



କୋଏଲ ବ୍ୟାଙ୍କ ବସ୍ତିରେ ଥିବା ଡ୍ରେନ ମୁକୁଳା ପଡିଛି।

### ଦୁର୍ଦ୍ଦଶା ଭୋଗୁଛନ୍ତି ବସ୍ତିବାସୀ

ବସ୍ତିର ଅଳିଆ ଆବର୍ଜନା ପାଣି ନିଷ୍କାସନ ପାଇଁ ଆର୍‌ଏମ୍‌ସି ପକ୍ଷରୁ ଛୋଟ ନାଳ ବା ଡ୍ରେନେଜ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ମହାନଗର ନିଗମର ସାନିଟାଇଜ ବିଭାଗ ପକ୍ଷରୁ ପ୍ରତି ମାସରେ ଡ୍ରେନ୍‌ଗୁଡିକର ରକ୍ଷଣାବେକ୍ଷଣ ତଥା ସଫେଇ କାର୍ଯ୍ୟ ତଦାରଖ କରାଯିବା କଥା। ମାତ୍ର ପରିତାପର ବିଷୟ ବର୍ଷ ବର୍ଷ ଧରି ଆର୍‌ଏମ୍‌ସି ସାନିଟାଇଜ ବିଭାଗ ପକ୍ଷରୁ ସହରର ବସ୍ତି ଅଞ୍ଚଳର ଡ୍ରେନଗୁଡିକର ସଫେଇ ହେଉନାହିଁ। ଫଳରେ ୮୦ରୁ ଊର୍ଦ୍ଧ୍ୱ ବସ୍ତିରେ କ୍ଷୁଦ୍ର ଡ୍ରେନ୍‌ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଛି। ସହର ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆରଏମ୍‌ସି ପକ୍ଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏହାର କୌଣସି ସୁଫଳ ବସ୍ତିବାସୀଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି।

## ଯୋଗରତ୍ନ ନିତମ୍ବିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଯୋଗ କେନ୍ଦ୍ର ସଦସ୍ୟା ସଦସ୍ୟ।

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ପତାଞ୍ଜଳି ଯୋଗ ପରିବାର ପରିଚାଳିତ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ଯୋଗ କେନ୍ଦ୍ର ପକ୍ଷରୁ ଶନିବାର ସନ୍ଧ୍ୟାରେ ଯୋଗରତ୍ନ ବିଭୂଷିତା ଜିଲା ପତଞ୍ଜଳି ଯୋଗ ସମିତି ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କେନ୍ଦ୍ର ପରିଚାଳକ କପିଳେଶ୍ୱର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ପକ୍ଷରୁ ସଂଘ ସଭାପତି ଅଭୟ ଦାଶ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ। ସହ ରାଜ୍ୟ ପ୍ରଭାରୀ ଅକ୍ରୂର ମାର୍ଥା ନିତମ୍ବିନୀଙ୍କୁ ପ୍ରଶଂସା କରିବା ସହ ଏହା ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ପ୍ରକାଶ କରିଥିଲେ। ବିଏସ୍‌ଟି ଜିଲା ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ସଂଘର ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୋଗର ପ୍ରସାର ଓ ପ୍ରଚାର ଉପରେ ଗୁରୁତ୍ୱ ଦେବା ସହ ସମସ୍ତେ ପ୍ରତିଦିନ ଏହାକୁ ଅଭ୍ୟାସ ଜାରି ରଖିବା ଏବଂ ଅଷ୍ଟାଙ୍ଗ ଯୋଗକୁ ଅନୁସରଣ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଶୁଭାକାଂକ୍ଷୀ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗ ଶିକ୍ଷୟିତ୍ରୀ ଚମ୍ପା ଝୁମନ, ନିରୁପମା ଦାସ, ନଳିନୀ ସୂତାର, ଗୀତା ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ସନ୍ଧ୍ୟା ମହାନ୍ତି, ମୀନା ପାତ୍ର, ସ୍ୱର୍ଣ୍ଣଲତା ସାମଲ, ଚିନୁ ପ୍ରମୁଖ ବହୁ ସାଧିକା ସାଧକ ଉପସ୍ଥିତ ଥିଲେ।

## ରିମୋଟ୍ ସେନ୍ସିଂ, ଜିଆଇଏସ୍‌ର ଉପଯୋଗିତା ସମ୍ପର୍କିତ ଆଲୋଚନାଚକ୍ର

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଭୂଗୋଳ ବିଭାଗ ପକ୍ଷରୁ ପ୍ରାକୃତିକ ସମ୍ପଦ ପରିଚାଳନା ଓ ସଦ୍‌ବ୍ୟବହାରରେ ରିମୋଟ ସେନ୍ସିଙ୍ଗ ଓ ଜିଆଇଏସ୍‌ର ଉପଯୋଗିତା ଏବଂ ବ୍ୟବହାର ସମ୍ପର୍କିତ ଆଲୋଚନାଚକ୍ର ବୁଧବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟ ଏବଂ ଭୂଗୋଳ ବିଭାଗ ଅଧ୍ୟାପକ ଡ. ସନ୍ଦୀପ ଘୋଷଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଭାଗୀୟ ମୁଖ୍ୟ ଅଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ସୁଜିତ କୁମାର ଜାଲି ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଡ. ଜାଲି ଆଲୋଚ୍ୟ ବିଷୟ ଜଳ, ଜଙ୍ଗଲ, ଜମି, ଖଣିଜ ସମ୍ପଦ ଆଦିର ଉପଯୁକ୍ତ ରକ୍ଷଣାବେକ୍ଷଣ ସମେତ ସଠିକ୍ ବ୍ୟବହାର ଓ ପରିଚାଳନାକୁ ନେଇ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଦିନକୁ ଦିନ ବଦଳୁଥିବା ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ସହାୟତାରେ ରିମୋଟ ସେନ୍ସିଙ୍ଗ ଓ ଜିଆଇଏସ୍ ବ୍ୟବହାର କରି ପ୍ରାକୃତିକ ସମ୍ପଦର ସୁପରିଚାଳନା ଉପରେ ସେ ବୁଝାଇଥିଲେ। ଡ. ଘୋଷ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ବର୍ଗ ପାଠ୍ୟକ୍ରମରେ ରିମୋଟ ସେନ୍ସିଙ୍ଗ ଓ ଜିଆଇଏସ୍ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଆଲୋଚିତ ପ୍ରସଙ୍ଗ ଓ ବିଷୟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବିଭାଗୀୟ ଅଧ୍ୟାପିକା ସୋନାଲି ପରମାଣିକ, ଅଧ୍ୟାପକ ନୀଳମାଧବ ନାୟକ ଓ ଅନିଲ ନାୟକ, ସ୍ନାତକ ଛାତ୍ର ସୌମ୍ୟରଞ୍ଜନ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ନୀରୋଗ ପାଇଁ ଯୋଗ, ଧ୍ୟାନ ସହ ଆଧ୍ୟାତ୍ମିକ ଚିନ୍ତନ ଆବଶ୍ୟକ




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

### ଦ୍ୱାଦଶ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ସମ୍ମିଳନୀ ଗୃହରେ ଶନିବାର ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ ସମତା ଜୋନ୍ ଆନୁକୂଲ୍ୟରେ ଦ୍ୱାଦଶ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ନୂତନ ସ୍ୱାସ୍ଥ୍ୟ ଏବଂ ସଂହତି ଉପରେ ପର୍ଯ୍ୟବେଶିତ ଥିଲା। ରାଜ୍ୟ ଉପଦେଷ୍ଟା ଶ୍ୟାମା କାନୁନଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କର୍ଣ୍ଣେଲ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଏବଂ ଏନ୍‌ଏଲ୍‌ଇଟି ରାଜ୍ୟ ସମ୍ପାଦକ ପ୍ରସାଦ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ।

ଅତିଥିମାନେ ସ୍ୱାସ୍ଥ୍ୟ ଓ ସଂହତି ଉପରେ ଆଲୋକପାତ କରି କହିଥିଲେ, ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନ ସହ ଆମ ପାରିପାର୍ଶ୍ୱିକ ପରିବେଶରେ ଖାଦ୍ୟପାନୀୟଠାରୁ ଆରମ୍ଭ କରି ଅନେକ ପରିବର୍ତ୍ତନ ଆସିଛି। ଏପରିକି ଦିନକୁ ଦିନ ବିଭିନ୍ନ ପ୍ରକାର ରୋଗ, ଚିକିତ୍ସା ପ୍ରଣାଳୀ ସହ ଔଷଧ ମଧ୍ୟ ଉତ୍ପନ୍ନ ହେଉଛି। ଏଣୁ ବର୍ତ୍ତମାନ ଭଳି ଜଟିଳ ପରିସ୍ଥିତିରେ ଦୁଃସାଧ୍ୟ ରୋଗରୁ ନିଜକୁ ଦୂରେଇ ରଖିବା ପାଇଁ ସ୍ୱାସ୍ଥ୍ୟ ଓ ସଂହତି ଉପରେ ସମସ୍ତେ ଯତ୍ନଶୀଳ ହେବା ଆବଶ୍ୟକ। ଆମ ସ୍ୱାସ୍ଥ୍ୟକୁ ନିରୋଗ ରଖିବା ପାଇଁ ଯୋଗ, ଧ୍ୟାନ ସହିତ ଆଧ୍ୟାତ୍ମିକ ଚିନ୍ତନ ସହ ଜଡିତ ହେବାକୁ ପଡିବ। ଯାହା ଦ୍ୱାରା ଆମେ ଆମ ଶରୀରର ପଞ୍ଚେନ୍ଦ୍ରିୟକୁ ବଶବର୍ତ୍ତୀ କରିବାରେ ସକ୍ଷମ ହେବା। ଏହାସହ ଆମର ସର୍ବାଙ୍ଗ ଶରୀରକୁ ବାହ୍ୟ ରୋଗ ସୃଷ୍ଟିକାରୀ ଉପାଦାନ କବଳରୁ ରକ୍ଷା କରିପାରିବା ବୋଲି ଅତିଥିମାନେ କହିଥିଲେ। ଡକ୍ଟର ଜ୍ୟୋସ୍ନା ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସୋସଏଶନର ସ୍ୱାସ୍ଥ୍ୟ ଓ ସଂହତି ପ୍ରୟାସ ମାଧ୍ୟମରେ ହାସଲ ହୋଇଥିବା ଉପଲବ୍ଧି ବିଷୟରେ ଡ. ପ୍ରଶାନ୍ତ କୁମାର ପାତ୍ର ଓ ଡ. କିଶୋରୀ ଦାସ ସୂଚନା ପ୍ରଦାନ କରିଥିଲେ। ଡ. ଗୀତାଞ୍ଜଳୀ ପତ୍ରୀଙ୍କ ସଂଯୋଜନାରେ ଆଶୁ ଚିକିତ୍ସା ଓ ଜୀବନ ରକ୍ଷାକାରୀ କୌଶଳ ଓ ପୂର୍ଣ୍ଣାଙ୍ଗ ମାତୃତ୍ୱ ଉପରେ ବିସ୍ତୃତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଶ୍ୟାମା କାନୁନ୍‌ଗୋ, ଲୋପାମୁଦ୍ରା ଜେନା, ସାୟଂସ୍ମୃତି ପଟ୍ଟନାୟକ ଏବଂ ଡ. ଅକ୍ଷୟ ସାମଲ ଅଂଶଗ୍ରହଣ କରି ଗର୍ଭ ସଂସ୍କାରରେ ଯୋଗ, ଧ୍ୟାନ ଓ ଆଧ୍ୟାତ୍ମିକତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଜଣେ ପୂର୍ଣ୍ଣାଙ୍ଗ ମାତୃତ୍ୱ ହେବା ପାଇଁ କେବଳ ମେଡିକାଲ ସାଇନ୍ସ ନୁହେଁ ଆଧ୍ୟାତ୍ମିକ ବିଜ୍ଞାନର ମଧ୍ୟ ଅନେକ ପ୍ରମୁଖ ଭୂମିକା ରହିଛି ବୋଲି ସେମାନେ କହିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଶୈଶବ ଓ କୈଶୋର ଅବସ୍ଥାରେ ପୂର୍ଣ୍ଣାଙ୍ଗ ଯତ୍ନ ତଥା ସଚେତନ ଅଭିଭାବକତ୍ୱ ଓ ସଚେତନ ଖାଦ୍ୟ ଗ୍ରହଣ ଉପରେ ଆଲୋଚନାଚକ୍ର ହୋଇଥିଲା। ଏହି ଆଲୋଚନାଚକ୍ରରେ ଡ. ସଂଘମିତ୍ରା ପଣ୍ଡା, ଡ. ପ୍ରଶାନ୍ତ ପାତ୍ର, ଡ. ତୋଫାନ ପତି, ଡ. ଯୋଗେଶ ମୋହନ, ପ୍ରଫେସର ଧନେଶ୍ୱରୀ ଜେନା, ଡ. ନମିତା ସାହୁ, ଡ. ପରମାନନ୍ଦ ରଥ, ଡ. ପାର୍ଥସାରଥି ଲାଲ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଡ. ଦେବେନ୍ଦ୍ର ସେଠୀ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଶ୍ରୀ ଅରବିନ୍ଦ ବିଭିନ୍ନ ଯୋଗକେନ୍ଦ୍ରର ୬ଶହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶ୍ରୀମା ଅରବିନ୍ଦଙ୍କ ସ୍ୱାସ୍ଥ୍ୟ ଓ ସଂହତି ବିଚାରଧାରା ଶୀର୍ଷକ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା। ପରେ ଡ. ପ୍ରଶାନ୍ତ କୁମାର ପାତ୍ର ସମ୍ମିଳନୀର ପ୍ରଥମ ଦିବସ ଆଲୋଚନାଚକ୍ରର ପରିସମାପ୍ତି ଘୋଷଣା କରିଥିଲେ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ, ପଲ୍ଲିଶ୍ରୀ, ଖାଦ୍ୟମେଳା ଉଦ୍‌ଯାପିତ

ରାଉରକେଲା,୮।୨(ସଙ୍ଗୀତା ଜେନା)

ରାଉରକେଲାରେ ଚାଲିଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପଲ୍ଲିଶ୍ରୀ ଓ ଖାଦ୍ୟମେଳା ଶୁକ୍ରବାର ରାତି ୧୦ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ୭ ଦିବସୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା କାରିଗର, ଏସ୍‌ଏଚ୍‌ଜି ଅଂଶଗ୍ରହଣ କରିଥିଲେ। ଶେଷ ସନ୍ଧ୍ୟାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍ତମ ପ୍ରଦର୍ଶନ ଓ ଅଧିକ ବ୍ୟବସାୟ କରିଥିବା ଷ୍ଟଲଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ହସ୍ତଶିଳ୍ପ ପ୍ରଦର୍ଶନୀରେ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ବିକ୍ରି କରିଥିବା ମହେନ୍ଦ୍ର ମାଝୀ, ଜିଲା ବାହାରୁ ଆସି ସର୍ବାଧିକ ବିକ୍ରି କରିଥିବାରୁ କେନ୍ଦୁଝର ଜିଲାର ଟେରାକୋଟା ଷ୍ଟଲର ଗୁନୁ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସର୍ବୋତ୍ତମ ପ୍ରଦର୍ଶନୀ ପାଇଁ ପୁରୀର ରବିନ୍ଦ୍ର ବେହେରାଙ୍କ ପଟ୍ଟଚିତ୍ର ଷ୍ଟଲ, ମୟୁରଭଞ୍ଜର ରୀନାମଣି ପ୍ରଧାନଙ୍କୁ ବାଉଁଶ ତିଆରି ସାମଗ୍ରୀ ପାଇଁ ସମ୍ମାନିତ କରାଯାଇଥିଲା। ସୁନ୍ଦରଗଡ଼ ଜିଲାରେ ସର୍ବାଧିକ ବିକ୍ରି ପାଇଁ ବିଶ୍ରା ବ୍ଲକର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ଓ ସୋନପୁର ଜିଲାର ଜଗନ୍ନାଥ ଷ୍ଟଲକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କଳାହାଣ୍ଡିର କୃତିକଳାକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖାଦ୍ୟମେଳାରେ ଉତ୍ତମ ସାଜସଜ୍ଜା ପାଇଁ ଅନୁଜ ପାଲ, ହାଇଜିନ୍ ପାଇଁ ହୋଟେଲ ନିଳାଚଳକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ସୁନ୍ଦରଗଡ଼ ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ମୋନାଲିସା ପଟେଲ, ଓରମାସ୍‌ର ଡେପୁଟି ସିଇଓ କେଶବ ଝା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ଏକ ଏସ୍‌ଏଚ୍‌ଜି ମହିଳାଙ୍କୁ ପୁରସ୍କୃତ କରୁଛନ୍ତି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ପ୍ରଶିକ୍ଷଣ ନେଉଥିବା ଛାତ୍ରୀମାନଙ୍କ ସହ ପ୍ରଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ।

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ-୨୦୨୫ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଯୁଜ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୮ଦିନ ବ୍ୟାପୀ କଲେଜ ପରିସରରେ ଆୟୋଜିତ ହେବ। ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଇଫ୍‌ସିବା ଏକ୍କା, ପ୍ରଶାସନିକ ମୁଖ୍ୟ ପ୍ରଫେସର ମାନସ କୁମାର ବେହେରାଙ୍କ ସମେତ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର ସେଲ୍ଫ ଡିଫେନ୍ସ କ୍ଲବର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରୋଜି ମଲ୍ଲିକ ଏବଂ ସୁଶ୍ରୀ ବବିତା ଟୁଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ଜୟା କୁମାରୀ ସିଂ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ ଏବଂ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ଛାତ୍ରୀମାନଙ୍କୁ କହିଥିଲେ।

## ଜମାଟୋ ବୟରୁ ଉଷୁ ଖେଳାଳି

ରାଉରକେଲା,୮।୨(ଦିନେଶ ମିଶ୍ର)

ଦୃଢ଼ ଇଛା ଶକ୍ତି ଥିଲେ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ। ଏଭଳି ଉକ୍ତିକୁ କାର୍ଯ୍ୟରେ କରି ଦେଖାଇଛନ୍ତି ରାଉରକେଲା ସହରରେ ବାସ ରହୁଥିବା ଜାତୀୟ ଉଷୁ ଖେଳାଳି ଅମିତ କୁମାର ଶର୍ମା(୨୨)। ଅମିତ ରାଉରକେଲାସ୍ଥିତ ବାସନ୍ତୀ କଲୋନି ଝରଣା ବସ୍ତିରେ ବାସ କରୁଥିବା ରାଜେଶ୍ୱର ଶର୍ମା ଓ ସୁନିତା ଶର୍ମାଙ୍କ ପୁତ୍ର। ରାଜେଶ୍ୱର ରାଉରକେଲା ସହରରେ ବଢେଇ କାମ କରି ପରିବାର ପୋଷଣ କରନ୍ତି। ଘରେ ଅଭାବ ଅନଟନ ଯୋଗୁ ଅମିତ ପାଠପଢା ସହ ଜମାଟୋ ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିଲେ। ସେ ଲାଲ୍ ବିଲ୍‌ଡିଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ବନ୍ଧୁ ସଞ୍ଜୟ ଓରାମ ଉଷୁ ଖେଳୁଥିବା ଦେଖିଥିଲେ। ତାଙ୍କଠାରୁ ପ୍ରଭାବିତ ହୋଇ ଅମିତ ଉଷୁ ଖେଳିବା ଆରମ୍ଭ କରିଥିଲେ ମଧ୍ୟ ତାଙ୍କୁ କୋଚ୍ ମିଳି ନ ଥିଲେ। ଅନ୍ୟପଟେ ପାଠପଢ଼ା ଓ ଟ୍ୟୁଶନ ଫି ପାଇଁ ଅମିତ ଜମାଟୋ ବୟ ଭାବେ ଯାହା ରୋଜଗାର କରୁଥିଲେ ତାହା ଘର ଓ ପାଠପଢ଼ାରେ ଖର୍ଚ୍ଚ ହୋଇଯାଉଥିଲା। କିନ୍ତୁ ନିଜର ଉଷୁ ଖେଳିବାର ଇଛା ଶକ୍ତିକୁ ସେ ଭୁଲି ନ ଥିଲେ। ଛୁଟି ମିଳିଲେ ଅମିତ ସାଙ୍ଗଙ୍କ ସହ ଉଷୁ ଖେଳିବା ପାଇଁ ଯାଇଥାନ୍ତି। ଉଷୁ ଖେଳରେ ତାଙ୍କର ଇଚ୍ଛାଶକ୍ତି ଦେଖି ସୁନ୍ଦରଗଡ ଉଷୁ ଆସୋସିଏଶନର ସାଧାରଣ ସମ୍ପାଦକ ସୁଜନ ରଥ ତାଙ୍କୁ ପ୍ରଥମେ ସହଯୋଗର ହାତ ବଢେଇଥିଲେ। ଅମିତ କୋଚ୍ ଭାବେ ସୁଜନଙ୍କୁ ପାଇ ତାଙ୍କଠାରୁ ଉଷୁ ଖେଳର ତାଲିମ ନେଇଥିଲେ। ୨୦୨୩ରେ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅମିତ ଗୋଲ୍ଡ ମେଡାଲ ଜିତିଥିଲେ। ସେହିପରି ମହାରାଷ୍ଟ୍ରର ପୁନେରେ ଉଷୁ ଜାତୀୟ ଚାମ୍ପିୟନଶିପ୍ ଓ ଝାଡ଼ଖଣ୍ଡର ରାଞ୍ଚିରେ ବ୍ରୋଞ୍ଜ ମେଡାଲ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ୨୦୨୪ରେ ଅମିତ ଷ୍ଟେଟ ଲେଭୁଲ ଉଷୁ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଗୋଲ୍ଡ ମେଡାଲ ପାଇଥିଲେ। ସେହିଭଳି ଗତ ଜାନୁଆରୀ ୨୭ରେ ଅମିତ ଉତ୍ତରାଖଣ୍ଡସ୍ଥିତ ଡେରାଡୁନରେ ଆୟୋଜିତ ୩୮ତମ ଜାତୀୟ ଗେମ୍ସରେ ଅଂଶଗ୍ରହଣ କରି ଉଷୁ ଖେଳାଳିଙ୍କ ମଧ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ଅମିତ କିଭଳି ଆଗାମୀ ଦିନରେ ଦେଶ ପାଇଁ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରି ସଫଳତା ପାଇବେ ସେ ନେଇ ଅଭ୍ୟାସ ଜାରି ରଖିଥିବା କହିଛନ୍ତି। କୋଚ୍ ଟିକାବାହାଦୁର ଓ ସୁଜନଙ୍କ ସହଯୋଗ ରହିଲେ ନିଶ୍ଚିତ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଆଣିବେ ବୋଲି ଅମିତ କହିଛନ୍ତି।




ଅମିତ କୁମାର ଶର୍ମା।

## ସ୍ଥାୟୀ ନାହାନ୍ତି, ଅତିଥି ଅଧ୍ୟାପକରେ ଶିକ୍ଷାଦାନ

### ବନ୍ଧମୁଣ୍ଡା ଡିଗ୍ରୀ କଲେଜ

ରାଉରକେଲା,୮।୨(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲା ସନ୍ନିକଟ ବନ୍ଧମୁଣ୍ଡାରେ ଥିବା କଲେଜ ଅଫ୍ ଆର୍ଟସ, ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ ହୋଇଛି। ଉକ୍ତ କଲେଜରେ ବର୍ତ୍ତମାନ ୨ଜଣ ସ୍ଥାୟୀ ଅଧ୍ୟାପକ ରହିଥିବାବେଳେ ଅତିଥି ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ୨୦୨୪ ଡିସେମ୍ବରରେ କଲେଜ ପରିଚାଳନା କମିଟି ଭଙ୍ଗାଯିବା ପରେ ଏବେ କଲେଜ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଚାଲିଛି। କଲେଜରେ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବି କରାଯାଇଥିବା ବେଳେ କେବଳ ପ୍ରତିଶ୍ରୁତି ମିଳିଛି। କଲେଜରେ କଳାରେ ୬ ଓ ବିଜ୍ଞାନରେ ୩ଟି ମିଶାଇ ୧୦ଟି ବିଷୟରେ ସମ୍ମାନ (ଅନର୍ସ) ରହିଛି। ଛାତ୍ରୀଛାତ୍ରଙ୍କ ଚାହିଦା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉକ୍ତ କଲେଜକୁ ୨୭୭ ବର୍ଗ ସମନ୍ୱିତ କଲେଜ ମାନ୍ୟତା ଦେବାକୁ ଦାବି ହେଉଛି।

ବିଶ୍ରା, ନୂଆଗାଁର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ୧୯୮୧ରେ ଏହି କଲେଜ ସ୍ଥାପିତ ହୋଇଥିଲା। ୧୯୮୩ରେ ସମ୍ବଲପୁର ୟୁନିଭର୍ସିଟି ସହ ଅନୁବନ୍ଧନ ଓ ୧୯୮୮ରେ ଉକ୍ତ କଲେଜକୁ ପ୍ରଥମ ଗ୍ରାଣ୍ଟ ଇନ୍ ଏଡ୍ ମିଳିଥିଲା। ୧୯୯୦ରେ କଲେଜର ସ୍ୱୀକୃତି ଓ ଅନୁବନ୍ଧନ ସହ କଳା, ବାଣିଜ୍ୟରେ ସ୍ନାତକ ପାଠ୍ୟକ୍ରମ ଖୋଲିଥିଲା। ପରବର୍ତ୍ତୀ ସମୟରେ ଏହା ସମ୍ବଲପୁର ୟୁନିଭର୍ସିଟିର ସ୍ଥାୟୀ ଅନୁବନ୍ଧନ ଲାଭ କରିଥିଲା। ୨୫୫ ବର୍ଗ -୧ ଭଳି ଏହା ସମନ୍ୱିତ କଲେଜ ଭାବେ ଚାଲିଆସୁଥିଲା। ସରକାରଙ୍କ ପକ୍ଷରୁ ଏଠାରେ ଅଧ୍ୟକ୍ଷ ନିଯୁକ୍ତ ହେଉଥିଲେ। ୨୦୦୮-୦୯ରେ ଏହା ୨୫୫ ବର୍ଗ-୧ରୁ ବାଦ୍ ପଡ଼ିଥିଲା। ଫଳରେ ଏହାର ଡିଗ୍ରୀ କଲେଜ ଅବହେଳିତ ହୋଇପଡ଼ିଲା। ୨୦୦୮ ଜିଆଇଏ ନିର୍ଦ୍ଦେଶ ପରେ କଲେଜର ଅଧିକାଂଶ ବରିଷ୍ଠ ଅଧ୍ୟାପକ ୪୮ ବର୍ଗ (ଯୁକ୍ତ ୨) କଲେଜ କର୍ମଚାରୀ ବିବେଚିତ ହେଲେ। ଫଳରେ ସ୍ନାତକ ବିଭାଗ ସମ୍ପୂର୍ଣ୍ଣ ଅବହେଳିତ ହୋଇପଡିଲା। ୨୦୧୭ ପରଠାରୁ ଉକ୍ତ କଲେଜରେ ଅଧ୍ୟାପକ ଅଭାବ ପରିଲକ୍ଷିତ ହୋଇଆସୁଛି। ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପାଇଁ ୨ ଜଣ ସ୍ଥାୟୀ ଅଧ୍ୟାପକ ରହିଛନ୍ତି। ଅତିଥି ଅଧ୍ୟାପକଙ୍କ ଦ୍ୱାରା ପାଠପଢ଼ା ହେଉଛି।

ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ ସାହୁ କୁହନ୍ତି, କଲେଜରେ ସ୍ଥାୟୀ ଅଧ୍ୟାପକଙ୍କ ସଂଖ୍ୟା କମ୍ ରହିଛି। ଉକ୍ତ ପଦବୀ ପୂରଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅର୍ଥନୀତି, ରାଜନୀତି ବିଜ୍ଞାନ, କେମିଷ୍ଟ୍ରି ସମେତ ୬/୭ ଜଣ ଷ୍ଟାଫ୍ ପାଇଁ ଦାବି କରାଯାଇଛି। ତେବେ ଉଚ୍ଚ କର୍ତ୍ତୃପକ୍ଷ ୫ଜଣ ଅଧ୍ୟାପକ ଯଥାଶୀଘ୍ର ଦେବେ ବୋଲି କହିଥିବା ସାହ ସୂଚନା ଦେଇଛନ୍ତି। ସେହିପରି କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଆରତୀ ଚୌଧୁରୀ କୁହନ୍ତି, କଲେଜରେ ସ୍ଥାୟୀ ଅଧ୍ୟାପକ ଓ କର୍ମଚାରୀ ନାହାନ୍ତି। ସ୍ଥାୟୀ ଅଧ୍ୟାପକ ନ ଥିବାରୁ କଲେଜ ପରିଚାଳନା କମିଟି ଗଠନ ହୋଇପାରିଲା ନାହିଁ। ଏବେ କଲେଜ ଅବ୍ୟବସ୍ଥାରେ ଚାଲିଛି ବୋଲି ଚୌଧୁରୀ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ପଚରାଯିବାରୁ ସେ କହିଲେ, କଲେଜରେ ଅଧ୍ୟାପକ କମ୍ ଥିବା ନେଇ ସେ ଅବଗତ ନାହାନ୍ତି। ଏହି ଅଭିଯୋଗ ଆଜି ପର୍ଯ୍ୟନ୍ତ କେହି କରିନାହାନ୍ତି। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ।



# ଇଂଲିଶ ସାହିତ୍ୟରେ ଭାରତୀୟ ସଂସ୍କୃତି ପ୍ରତିଫଳିତ

ସମ୍ବଲପୁର,୮।୨(ଭବାନୀ ଶଙ୍କର ଭୋଇ)



ଆଲୋଚନାଚକ୍ରରେ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥି ଏବଂ ଗବେଷକ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟରେ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁନଃକଳ୍ପନାର ଭାରତୀୟତା ବିଷୟରେ ଦୁଇଦିନ ଧରି ୨ଶହ ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। ଦ୍ୱିତୀୟ ଦିନର ସମ୍ମିଳନୀରେ ୧୩୬ଜଣ ଗବେଷକଙ୍କ ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା। ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ କାଠମାଣ୍ଡୁରୁ ଆସିଥିବା ବିଶ୍ୱବିଦ୍ୟାଳୟ ପ୍ରଫେସରମାନେ ଏହି ଅଧିବେଶନରେ ମୂଲ୍ୟବାନ ମତ ଉପସ୍ଥାପନ କରିଥିଲେ। ବକ୍ତାମାନଙ୍କ ମଧ୍ୟରେ ପ୍ରଫେସର ଅଞ୍ଜଳି ତ୍ରିପାଠୀ, ପ୍ରଫେସର ରବିନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଚିତ୍ତରଞ୍ଜନ ସାହୁ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜେନ୍ଦ୍ର କୁମାର ପଢ଼ୀ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଇଂଲିଶ ସାହିତ୍ୟରେ ମଧ ଭାରତୀୟ ସମାଜ, ସଂସ୍କୃତି ଏବଂ ଧର୍ମର ଗଭୀର ପ୍ରତିଫଳନ ରହିଥିବା ଉଦାହରଣ ସହ ତଥ୍ୟ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁରର ଡ଼ ପ୍ରସେଞ୍ଜିତ ପଣ୍ଡା ଏବଂ ପ୍ରଫେସର ରାଜେନ୍ଦ୍ର କୁମାର ପଢ଼ୀ ପ୍ଲେନାରୀ ବକ୍ତା ଭାବେ ଉପସ୍ଥିତ ଥିଲେ। ଡ଼ ପଣ୍ଡା ଜାତୀୟ ପରିଚୟର ଗଠନ ବିଷୟରେ ଉପସ୍ଥାପନା କରିଥିଲେ। ଏଥିରେ ପ୍ରଫେସର ପାଢ଼ୀ ଭାରତୀୟ ଇଂଲିଶ ସାହିତ୍ୟରେ ଭାରତୀୟତାର ଭବିଷ୍ୟତ ବିଷୟରେ ଚର୍ଚ୍ଚା କରିଥିଲେ।

**ଏନ୍‌ଏସସିବି କଲେଜରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର**

ସେହିପରି ପ୍ରଥମ ଦିନରେ ସେଣ୍ଟର ଫର୍ ଇଂଲିଶ ଷ୍ଟଡିଜର ଡ଼ ବି.ଆର. ଅଲମେଲୁ, ଚାଇନାର ହେଜୋଉ ବିଶ୍ୱବିଦ୍ୟାଳୟର ପ୍ରଫେସର ୟୁଫିଂ ଲିଆଙ୍ଗ ଏବଂ ଜେଏନୟୁ ପ୍ରଫେସର ଜି.ଜେ.ଭି. ପ୍ରସାଦ ଅଂଶଗ୍ରହଣ କରି ଭାରତୀୟ ଇଂରାଜୀ ସାହିତ୍ୟ ଉପରେ ଚର୍ଚ୍ଚା କରିଥିଲେ। ଏହା ସହିତ ଅଷ୍ଟ୍ରେଲିଆ, ନୋତ୍ରଡେମ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ ଚାର୍ଲସ ରାୟାନ ତାଙ୍କ ଚିନ୍ତାପ୍ରବୋଧକ ବକ୍ତୃତା ଦାରା ଜଗଦିଶ ଚନ୍ଦ୍ର ବୋଷଙ୍କ ଭାରତୀୟ ଇଂରାଜୀ ସାହିତ୍ୟରେ ଅବଦାନ ବିଷୟରେ ଆଲୋଚନା କରିଥିଲେ। ପ୍ରଥମ ଦିନରେ ୬୨ ଜଣ ଗବେଷକ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅବସରର ସଫଳତା ପାଇଁ ଏଚ୍‌ଓଡି ପ୍ରଫେସର ହରିହର ମଲ୍ଲିକ୍, ଡ଼ ବୀରସେନ ଡାଲେଇ, ଇଂଲିଶ ବିଭାଗର ଅନ୍ୟାନ୍ୟ ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରାହୁଲ କୁମାର ଦେବତା, ରୋହନ ନାୟକ, ପଲ୍ଲଭ ପଣ୍ଡା, ଦିଲୀପ କୁମାର ସାହୁ, ଅନୁରାଗ ନାଥ, ଜାଗରଣ ପୂଜାରୀ ଆୟୋଜନରେ ଅଂଶଗ୍ରହଣ କରିଥିଲେ।

# ସମ୍ବଲପୁର ନର୍ସିଂ କଲେଜର ବାର୍ଷିକ ଉତ୍ସବ

ସମ୍ବଲପୁର,୮।୨(ବି.ଶଙ୍କର)

ସମ୍ବଲପୁର ନର୍ସିଂ କଲେଜର ୧୮ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଓଏନ୍‌ଏମଏକ୍ସବି ସେକ୍ରେଟାରୀ ବାସନ୍ତୀ ବେହେରା ଅତିଥି ଏବଂ ସରକାରୀ ଏଏନଏମ ତାଲିମ କେନ୍ଦ୍ର ଅଧକ୍ଷା କୁମାରୀ ଏକ୍କା ମୁଖ୍ୟବକ୍ତା ଯୋଗଦେଇଥିଲେ। ପୁରାତନ ଛାତ୍ରୀ ଓ ଛାତ୍ର ଲକ୍ଷ୍ମୀକାନ୍ତ ସାହୁ, ମାନସ ନାୟକ, ଜାନବି କିଷାନ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଫ୍ଲୋରେନ୍ସ ନାଇଟେଙ୍ଗେଲ ଓ ମା' ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ର ଆୟୁଷ୍ମାନ କୁସୁମ, ସୁଦୀପ୍ତ ସୁନ୍ଦର ସିଂହ ଓ ଛାତ୍ରୀ ମୋଲାଲି ବାରିକଙ୍କୁ ପ୍ରମାଣପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଅଧକ୍ଷା ସୁଲୋଚନା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ପୁରାତନ ଛାତ୍ରୀ ଓ ଛାତ୍ରଙ୍କୁ ପ୍ରଶାସନିକ ଅଫିସର ନିଲମ କୁମାର ନାଏକ ସମ୍ମାନୀତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେଇଥିଲା। ରତ୍ନାଦୀପା ରାଉତ, ପୁପୁନ କୁମାର ପୋଢ, ଅଭିନାଶ ଗଡନାୟକ, ଆସଲେସା ପଟେଲ, ଶୁଭଶ୍ରୀ ଦେହୁରୀ, ରିମାରାଣୀ ପ୍ରଧାନ, ଲିପ୍ସା ପଟେଲ, ଅନିକେଶ ପଟେଲ, ପ୍ରିୟମ ସାହୁ, ଗୌରବମୟ ମିଶ୍ର, ସୁଭରିକା ସାହୁ, ସାଂସ୍କୃତକ ନିର୍ଦ୍ଦେଶକ ସ୍ମୃତିମୟୀ ସାହୁ, ତ୍ରିଲକ ଦାଶ, ବଂଶୀଧର ଦାଶ, ନୟନ ସାହୁ, ଲେଫ୍ଟନାଣ୍ଟ ଜ୍ୟୋତି ଡାଳି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ସମ୍ବଲପୁର ନର୍ସିଂ କଲେଜର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଲକ୍ଷ୍ମୀଡୁଙ୍ଗୁରି ସଂରକ୍ଷିତ ଜଙ୍ଗଲରେ ନିଆଁ

ସମ୍ବଲପୁର,୮।୨(ପ୍ରମୋଦ ବହିଦାର)

■ବହୁ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ
■ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ

ସମ୍ବଲପୁର ଦେଇ ଯାଇଥିବା ଜାତୀୟ ରାଜପଥ(୫୩) ପାର୍ଶ୍ୱସ୍ଥ ସଂରକ୍ଷିତ ଜଙ୍ଗଲ ଲକ୍ଷ୍ମୀଡୁଙ୍ଗରି ପାହାଡ଼ରେ ଶନିବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ପାହାଡ଼ ପାଦଦେଶରେ ଥିବା ଶୁଖିଲା ଘାସ ଓ ପତ୍ରରେ ନିଆଁ ଲାଗି ଦୃତଗତିରେ ପାହଡ଼ ଶୀର୍ଷ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ପରେ ନିଆଁ ରାସ୍ତା ନିକଟକୁ ମାଡ଼ି ଆସୁଥିଲା। ଏହାଦେଖି କେତେକ ପଥଚାରୀ ଅଗ୍ନିଶମ ବିଭାଗକୁ ଫୋନ କରି ଜଣାଇଥିଲେ। ଖବର ପାଇ ସମ୍ବଲପୁର ବନ ବିଭାଗ କର୍ମଚାରୀ ଓ ବୁର୍ଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମିଳିତଭାବେ ଦୀର୍ଘ ୨ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଏହି ସମୟ ମଧ୍ୟରେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏପରିକି ନିଆଁ ଯୋଗୁ ଅନେକ ଏଠାରେ ବନୀକରଣ ପାଇଁ ଛୋଟ ଚାରା ନିଆଁରେ ପୋଡ଼ି ଯାଇଛି। ନିଆଁକୁ ଆୟତ୍ତ କଲା ପରେ ବୁର୍ଲା ଅଗ୍ନିଶମ ଅଧିକାରୀ ଭରତ ଲାଲ ଏକ୍କା କହିଛନ୍ତି, ନିଆଁ ପାହାଡ଼ର ପ୍ରାୟ ୨ ଶହ ମିଟର ଶୀର୍ଷରୁ ତଳମୁହାଁ ହୋଇ ରାସ୍ତାପାର୍ଶ୍ୱକୁ ମାଡ଼ି ଆସୁଥିଲା। ଏହି ସମୟରେ ଜାତୀୟ ରାଜପଥରେ ଯାତାୟତ କରୁଥିବା ଗାଡ଼ି ମୋଟର ବିଶେଷ କରି ତେଲ ଟ୍ୟାଙ୍କର ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ଥିଲା। ତେଣୁ ପ୍ରଥମେ ଅଗ୍ନିଶମ ବାହିନୀ ରାସ୍ତା ପାର୍ଶ୍ୱ ନିଆଁକୁ ଲିଭାଇଥିଲେ। ପରେ ତଳପଟୁ ଉପର ପର୍ଯ୍ୟନ୍ତ ଲାଗିଥିବା ନିଆଁକୁ କ୍ରମଶଃ ଆୟତ୍ତ କରାଯାଇଥିଲା। ତେବେ ନିଆଁଲାଗି କେତେକ ଛୋଟ ଗଛ ଓ କେତେକ ଗଛର ଡାଳ ପୋଡ଼ି ଯାଇଥିବା ବେଳେ ବିଶେଷ କିଛି କ୍ଷତି ହୋଇ ନ ଥିବା ସେ କହିଛନ୍ତି।


ନିଆଁ ଲାଗିବା ପରେ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଗଛ ଜଳିଯାଇଛି।


ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)

ଶିକ୍ଷାଦାନ ସହିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଏକ ସାଂସ୍କୃତିକ ପରିବେଶ ମଧ୍ୟ ପ୍ରଦାନ କରିଥାଏ। ଏହି ସୁଯୋଗର ସଦୁପଯୋଗ କରି ନିଜର ଆନ୍ତର୍ନିହିତ ପ୍ରତିଭା ବଳରେ ନିଜ ଭବିଷ୍ୟତ ଗଠନ ପାଇଁ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟରେ ପାଳିତ ୪୬ତମ ବାର୍ଷିକ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ଏହା କହିଛନ୍ତି। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧିଭାବେ ତାଙ୍କ ସୁପୁତ୍ରୀ ଶୁଭଶ୍ରୀ ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆନନ୍ଦମୟ ପରିବେଶ ମଧ୍ୟରେ ବିଦ୍ୟା ଆରହଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର

**ସାଂସ୍କୃତିକ ପରିବେଶର ସଦୁପଯୋଗ କର**

ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ବାହ୍ୟ ମୁଁକାରକୁ ଦମନ କରି ସର୍ବଦା ବିନମ୍ର ହୋଇ ବିଦ୍ୟା ଅର୍ଜନ ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅନୁପ ସାଗର ଦାଶ ସୁସ୍ଥ ଓ ଜିଜ୍ଞାସୁ ହୋଇ ବିଦ୍ୟା ଅର୍ଜନ ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅଧକ୍ଷା ମିଶ୍ର ସଂପ୍ରତି ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ଯୁବସମାଜ ପ୍ରତି ପଡୁଥିବା କୁପ୍ରଭାବ ପାଇଁ ଚିନ୍ତା ପ୍ରକଟ କରି ପ୍ରତ୍ୟେକ ଛାତ୍ରୀଛାତ୍ର ଚରିତ୍ର ଗଠନ ପାଇଁ ଆତ୍ମସମୀକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟ ସଂସ୍କୃତି ଅଧିକାରୀ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଜ୍ୟୋତିରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିଲି ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଦୀପିକା ଲାକ୍ରା ଓ ଅଧ୍ୟାପକ ଡ. ଘନଶ୍ୟାମ ଦୀପ ମଞ୍ଚ ପରିଚାଳନା କରିଥିବାବଳେ ଅଧ୍ୟାପକ ପ୍ରଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଅତିଥିଙ୍କ ଦ୍ୱାରା ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ଓ ଡ. ସାମଲଙ୍କ ରଚିତ ନାଟକ 'ଆମ କଥା ଆମ କାହାଣୀ' ମଞ୍ଚସ୍ଥ ହୋଇଥିଲା।

# ପରୀକ୍ଷା ଦେବେ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ସମ୍ବଲପୁର, ୮।୨(ପ୍ରମୋଦ ବହିଦାର)

**୮୦ କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୪-୨୫ ମାଟ୍ରିକ୍ ପରୀକ୍ଷା ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଯାଉଛି। ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ଏଥିରେ ସମ୍ବଲପୁର ଜିଲାର ମୋଟ ୨୧୦ଟି ଉଚ୍ଚ ବିଦ୍ୟାଳୟର ୧୦ହଜାର ୬୬୩ ରେଗୁଲାର ଓ ୧୯ ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ରୀ ପରୀକ୍ଷା ଦେବେ। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅୟୋଜନ ପାଇଁ ସମ୍ବଲପୁର ଜିଲାରେ ମୋଟ ୮୦ଟି ପରୀକ୍ଷା କେନ୍ଦ୍ରକୁ ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ମାଧ୍ୟମିକ ଶିକ୍ଷା ବୋର୍ଡ ଉପସମ୍ପାଦକ ଲାଲମୋହନ ହାଁସଦା। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୨ଟି ସଂସ୍କୃତ ବିଦ୍ୟାଳୟର ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ସମ୍ବଲପୁରର ଚନ୍ଦ୍ର ଶେଖର ବେହେରା ଜିଲାସ୍କୁଲ ଓ କୁଚିଣ୍ଡା ସରକାରୀ ସ୍କୁଲରେ ଦୁଇଟି ପରୀକ୍ଷା କେନ୍ଦ୍ର ରହିବ। ଏଠାରେ ମୋଟ ୨୩ ଜଣ ମଧ୍ୟମା ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ୍ ରୋକିବା ପାଇଁ ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରମୁଖ ବିଷୟର ପ୍ରଶ୍ନପତ୍ରରେ ଏହି ବନ୍ଦୋବସ୍ତ ହୋଇଥିବା ବେଳେ ପ୍ରଶ୍ନପତ୍ରର ସବୁ ପୃଷ୍ଠାରେ, ଏପରିକି ପ୍ରତି ପ୍ରଶ୍ନରେ ଏହି କ୍ୟୁଆର୍ କୋଡ୍ ରହିଛି। ମାଟ୍ରିକ୍ ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ମିଳିବା ବ୍ୟବସ୍ଥା ରହିଛି। ବର୍ତ୍ତମାନ ସମ୍ବଲପୁର ଜୋନ ଅଧିନ ୯ଟି ଜିଲାର ନୋଡାଲ ସେଣ୍ଟର ଓ ସ୍କୁଲମାନଙ୍କୁ ଓଏମ୍‌ଆର୍ ସିଟ୍ ଓ ଏଡ୍‌ମିଟ୍ କାର୍ଡ ଗୁଡ଼ିକୁ ଯଥାଶୀଘ୍ର ପଠାଇବା ପାଇଁ ବର୍ତ୍ତମାନଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି କହିଛନ୍ତି ଉପସମ୍ପାଦକ ହାଁସଦା। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ କପି ରୋକିବା ଦିଗରେ ମାଧ୍ୟମିକ ଶିକ୍ଷାବୋର୍ଡ ପକ୍ଷରୁ ଜାରି ହୋଇଥିବା ଗାଇଡ୍‌ଲାଇନ୍ ଅନୁସାରେ କେତେକ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଖଞ୍ଜିବା ଠାରୁ ଆରମ୍ଭ କରି ୱେବ କାଷ୍ଟିଂ, ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ଆଦି ସମସ୍ତ ପ୍ରକାର ପ୍ରତିଷେଧକ ମୂଳକ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଉପ ସମ୍ପାଦକଙ୍କ କାର୍ଯ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ପାଇଁ କର୍ମଚାରୀମାନେ କାଗଜପତ୍ର ପ୍ୟାକେଟ କରୁଛନ୍ତି।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ସମ୍ବଲପୁର,୮।୨(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ସମ୍ବଲପୁର ସହରସ୍ଥିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରକାଶ ଯୋଷୀ ସ୍ୱତନ୍ତ୍ର ଅତିଥି, ଡାଏଟ ଶିକ୍ଷାନୁଷ୍ଠାନର ଅଧକ୍ଷା ଗୀତାଞ୍ଜଳି ଭୋଇ, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଜିତ ଲୁହା, ଜିଲା ଶିକ୍ଷା ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ, ସିଆରସିସି ରମେଶ କୁମାର ମିଶ୍ର, ଏବିଇଓ ସୁସ୍ମିତା ପାଟଯୋଶୀ ସମ୍ମାନୀତ ଅତିଥିଥିଲେ। ଧନକଉଡ଼ା ବ୍ଲକ ସମସ୍ତ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯୋଗଦାନ କରିଥିଲେ। ଉକ୍ତ ମେଳାରେ ସର୍ବମୋଟ ୫ଟି ଶିକ୍ଷଣ କେନ୍ଦ୍ର ସହିତ ଅନେକ ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା । ପୋପେଟ କାହାଣୀ, ମା'ମାନଙ୍କ ଦ୍ୱାରା ଶିକ୍ଷଣୀୟ ଛାୟାଚିତ୍ର ପ୍ରଦର୍ଶନ, ମୁଖା ଗଳ୍ପ, ସ୍ୱତନ୍ତ୍ର ଲାଇଭ କ୍ଲାସ ପ୍ରଭୃତି ମୁଖ୍ୟ ଆକର୍ଷଣ ଥିଲା । ଧନକଉଡ଼ା ବ୍ଲକ ପ୍ରତି କ୍ଲଷ୍ଟରର ସର୍ବୋତ୍ତମ ଏଫଏଲଏନ ବିଦ୍ୟାଳୟ ଏବଂ ଏଫଏଲଏନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସ ଓ ଏଫଏଲଏନ କୋର କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।


ସମ୍ବଲପୁର ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତା।

# ଖଣ୍ଡୋକଟା ଧନୁଯାତ୍ରା ଉଦ୍‌ଘାଟିତ

କୁଚିଣ୍ଡା, ୮।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଖଣ୍ଡୋକଟାଠାରେ ୩୨ତମ ଧନୁଯାତ୍ରା ମହୋତ୍ସବ ଶନିବାର ରାତି ସାଢେ ୮ଟାରେ ଉଦ୍‌ଘାଟିତ ହୋଇଯାଇଛି। ଧନୁଯାତ୍ରା କମିଟି ଉପଦେଷ୍ଟା ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବପୂଜା ପରେ କଂସ ଦରବାରର ଶୁଭ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୧ଟାରେ କଳସ ଶୋଭାଯାତ୍ରା ଜଗନ୍ନାଥ ମଣ୍ଡପସ୍ଥିତ ଗୋପପୁରରେ କୃଷ୍ଣ ବଳରାମଙ୍କ ପ୍ରତିଷ୍ଠାସହ ହୋମଯଜ୍ଞ ଆଦି ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକଙ୍କ ସହ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଏସ୍‌ଡିଏମଓ ଡା.ସୁବୋଧ କୁମାର ନାୟକ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଓ ରମେଶ ସାହୁ, କୁଚିଣ୍ଡା ପଞ୍ଚାୟତ ସମିତି ଉପାଧକ୍ଷା ରଶ୍ମିତା ନାଏକ, ସରପଞ୍ଚ କୁନି ସେଉଳ, କୁଚିଣ୍ଡା ଅବସରପ୍ରାପ୍ତ ଶିକ୍ଷକ ସୁରିଶ ଚନ୍ଦ୍ର ପଟେଲ ରାଜ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓରମାସ ଏବଂ ଜିଲା ପ୍ରଶାସନ


ମନ୍ତ୍ରୀ ରବିନାରାୟଣ ନାଏକ କଂସ ଦରବାରକୁ ଉଦ୍‌ଘାଟନ କରୁଛନ୍ତି।

**ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ**

ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାକୁ ମନ୍ତ୍ରୀ ନାଏକ ଉଦ୍‌ଘାଟନ କରିଥିଲେ। ଓରମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତାଙ୍କ ଦ୍ୱାରା ପରିଚାଳିତ ୯୨ଗୋଟି ଷ୍ଟଲକୁ ସେ ବୁଲି ଦେଖିଥିଲେ। ପରେ ଖଣ୍ଡୋକଟା, ହାଡିପାଲି ବାଉରୀଗୋଡା, ଅର୍ଡାବାହାଲ, ପାରୁଆଭାଡି ଆଦି ପଞ୍ଚାୟତର ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

ପୌରାଣିକ କଥାବସ୍ତୁ ଉପରେ ଅଧାରିତ ଲୀଳା ନାଟରେ କଂସ ମଣ୍ଡପରେ ଉଗ୍ରସେନଙ୍କ ରାଜ ଦରବାର, ବସୁଦେବ ଦେବକୀ ବିବାହ, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସଙ୍କ ସିଂହାସନ ଆରୋହଣ ସହ ରାଜ ଅଭିଷେକ, ଦୈବବାଣୀ, ଦେବକୀ ବସୁଦେବ ବନ୍ଦି ଆଦି ନାଟ୍ୟ ଅଭିନୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଧନୁଯାତ୍ରା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପସଭାପତି ସନ୍ତୋଷ ପୃଷ୍ଟେଠ, ସମ୍ପାଦକ ଧନିରାମ ନାୟକ, ସହସମ୍ପାଦକ ବିକାଶ ଚନ୍ଦ୍ର ପୃଷ୍ଟେଠ, କୋଷାଧକ୍ଷ ଚନ୍ଦ୍ରମଣି ନାଏକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବନବିଭାଗର ଚଢ଼ାଉ: ୫ କୁଇଣ୍ଟାଲ ଖଇର କାଠ ଜବତ

**ଖପ୍ରାଖୋଲ,୮।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅଧୀନ ଖପ୍ରାଖୋଲ ଧଣ୍ଡାମୁଣ୍ଡା ରାସ୍ତା ପାଟିମାଲ ଗାଁ ପାଖ ଖେଳପଡିଆ ନିକଟରେ ବନବିଭାଗ ପକ୍ଷରୁ ଶନିବାର ଭୋର ସମୟରେ ଚଢ଼ାଉ କରାଯାଇ ଖଇର କାଠ ବୋଝେଇ ଏକ ପିକ୍ଅପ୍ ଭ୍ୟାନ୍ ଜବତ ହୋଇଛି। ପ୍ରକାଶ ଯେ, ଖଇର କାଠ ଚୋରା ଚାଲାଣ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା , ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଞ୍ଜୀବ ପ୍ରଧାନଙ୍କ ସମେତ ବନ୍ୟପ୍ରାଣୀ ସ୍କ୍ୱାଡ୍ ଚଢ଼ାଉ କରିବା ବେଳେ କାଠ ବୋଝେଇ ପିକ୍ଅପ ଭ୍ୟାନ୍ ଚାଳକ ବନବିଭାଗ ଗାଡ଼ିକୁ ଧକ୍କା ଦେଇ ଫେରାର ମାରିଥିଲା। ଏଥିରେ ବନବିଭାଗ ଗାଡ଼ି ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏକ ବଡ ଦୁର୍ଘଟଣାରୁ କର୍ମଚାରୀମାନେ ବର୍ତ୍ତି ଯାଇଛନ୍ତି। ଏନେଇ ହରିଶଙ୍କର ବନ ବିଭାଗରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଜବତ ଖଇର କାଠର ଓଜନ ୫ କୁଇଣ୍ଟାଲ ହେବ ବୋଲି ବନବିଭାଗ ସୂଚନା ଦେଇଛି । ଏହାଛଡା ଏଡି ଘଟଣାରେ କାଠ ବୋଝେଇ ଭ୍ୟାନ୍ ଓ ଏକ ମୋଟର ସାଇକେଲ ଜବତ ହୋଇଛି। ବନବିଭାଗ ଗତ ୨ମାସ ମଧ୍ୟରେ ୫ଟି କାଠ ବୋଝେଇ ଗାଡ଼ି ଜବତ କରିଥିଲେ ମଧ୍ୟ କାଠ ଚୋରମାନେ ସକ୍ରିୟ ରହିଛନ୍ତି ।

### ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବେଲପଡ଼ା,୮।୨(ମନୋଜ କୁମାର ମିଶ୍ର)**

ବେଲପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଦେବ ମହାବିଦ୍ୟାଳୟ,ମଣ୍ଡଳଠାରେ ନିକଟରେ ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ଯୋଗଦେଇ ସମୟର ସଠିକ୍ ବିନିଯୋଗ କରି ଆଗାମୀ ଯୁକ୍ତ ଦୁଇ ପରୀକ୍ଷା ରେ କୃତିତ୍ୱ ହାସଲ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ସକଳ ପଧାନ, ସରିତା ବିଶି, ବିକାଶ ସାହୁ, ଆକାଶ ମେହେର, ବୋଧିନି ବାରିକ, ସଙ୍ଗୀତା ମେହେର ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉପଦେଶ ଦେଇ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

### ନବରତ୍ନ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ

**ଖପ୍ରାଖୋଲ,୮।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ପ୍ରକୃତି କବି ଅର୍ଜୁନ ସାହ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସରପଞ୍ଚ ଶକୁନ୍ତଳା ବେହେରା, ବ୍ଲକ ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ବିପ୍ର ବିଶି ଯୋଗଦେଇ ବିଦ୍ୟାର୍ଥୀମାନେ ସମୟାନୁବର୍ତ୍ତୀ ହେବାକୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ନାଚ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଚୂଡ଼ାମଣି ପଟେଲ ପରିଚାଳନା କରିଥିଲେ। କୁମୁଦ ଠାକୁର, ପ୍ରମୋଦ କୁମାର ବାଗ, ଶଶୀକାନ୍ତ ବାଗ, ରାଜେନ୍ଦ୍ର ବେହେରା, ଜଗନୁ ମାଝୀ, ଗୋଲାପ ବିଶି, ବଂଶୀଧର ବେହେରା ଦେବାର୍ଚ୍ଚନ ମାଝୀ ସହଯୋଗ କରିଥିଲେ।

### କଣ୍ଟାବାଞ୍ଜିରେ ବିଜୟ ଉତ୍ସବ ପାଳିତ

**କଣ୍ଟାବାଞ୍ଜି,୮।୨(ଗୁରୁ ଦୟାଲ ହଂସ)**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ନେଇ ସାରା ଦେଶରେ ବିଜୟ ଉତ୍ସବ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ କଣ୍ଟାବାଞ୍ଜି ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତାଙ୍କ ଦ୍ୱାରା ସ୍ଥାନୀୟ ଇନ୍ଦିରା ଛକରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଦଳୀୟ କର୍ମୀ ଓ ସମର୍ଥକମାନେ ବାଣ ଫୁଟାଇ ପରସ୍ପରକୁ ମିଠା ଖୁଆଇ ଧୂମଧାମରେ ବିଜୟ ଉତ୍ସବ ପାଳନ କରିଛନ୍ତି। ଭାଜପାର ପୂର୍ବତନ ଜିଲା ସଭାପତି ତଥା ବରିଷ୍ଠ ନେତା ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ନଗର ସଭାପତି ବେଦବ୍ୟାସ ନାଗ, ବିଧାୟକଙ୍କ ପ୍ରତିନିଧି ପୁରୁନ୍ଦର ବାଗ, ଘାସିରାମ ଜୈନ, ପ୍ରଦିପ ବାଗ,ପପୁ ଜୁଏଡ, ଦିପକ ସେଲମା, ନୀଳକଣ୍ଠ ଶତପଥୀଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ଆଦିବାସୀଙ୍କ ବିରୋଧରେ ମିଥ୍ୟା କେସ୍ କରାଯାଉଛି'

■ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

■ଅଭିଯୋଗକୁ ଖଣ୍ଡନକଲା ବଲାଙ୍ଗୀର ପୋଲିସ

**ବଲାଙ୍ଗୀର,୮।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇ ଜିଲା ପୋଲିସ ବିରୋଧରେ ସାଂଘାତିକ ଅଭିଯୋଗ ଅଣାଯାଇଥିଲା। ଜିଲାର ପୋଲିସ ଅଧିକାରୀମାନେ ଆଦିବାସୀଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରି ସେମାନଙ୍କୁ ଭୟଭୀତ ଏବଂ ହଇରାଣ କରୁଥିବା ଅଭିଯୋଗ ଆଣିଥିଲେ। ସଇଁତଲା ଥାନା ତଥା ଟିକ୍ରାପଡା ଫାଣ୍ଡି ଅନ୍ତର୍ଗତ ଫଟାମୁଣ୍ଡା ଗାଁରେ ଏକ ମିଥ୍ୟା ମାମଲାରେ ଦୁଇଜଣ ଆଦିବାସୀ ଧନିରାମ ଭୋଇ ଓ ଟଙ୍କଧର ଧରୁଆଙ୍କୁ ଗିରଫ କରିଥିବା ଅଭିଯୋଗ ଆଣି ଘଟଣାର ପ୍ରତିବାଦ ଜଣାଇଥିଲେ। ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା ଯେ, ଗିରଫ ଦୁଇ ବ୍ୟକ୍ତିଙ୍କ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି। ପୂର୍ବରୁ ଗତ ଡିସେମ୍ବର ମାସରେ କିଛି ଅଣଆଦିବାସୀ ଧନିରାମ ଭୋଇଙ୍କୁ ଆକ୍ରମଣ କରିଥିବା ଧନିରାମ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ଅଣଆଦିବାସୀ



ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଓଲଟା ଆଦିବାସୀଙ୍କୁ ଅଣଆଦିବାସୀମାନେ ଧମକଚମକ ଦେଇଥିଲେ। ଏହାର ପ୍ରତିବାଦରେ ଫଟାମୁଣ୍ଡା ଗାଁରେ ଆଦିବାସୀମାନେ ଶୋଭାଯାତ୍ରା ଓ ସଭା କରି ଘଟଣାର ପ୍ରତିବାଦ କରିଥିଲେ। ଏହି ଘଟଣା ପରେ ସଇଁତଲା ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବା ପରିବର୍ତ୍ତେ ଧନିରାମ ଭୋଇ ଓ ଟଙ୍କଧର ଧରୁଆଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିଥିଲା। ମହିଳା ପୋଲିସଙ୍କ ପ୍ରତି ଅସଦାଚରଣ ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଥିଲେ ଯେ, ଏଭଳି ମିଥ୍ୟା ଅଭିଯୋଗ ଆଣି ପୋଲିସ ଜିଲାର ଆଦିବାସୀଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛି। ପୋଲିସ ଆଦିବାସୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସଙ୍ଗଠକ ଥବିର ପୂଜାରୀ, ସଇଁତଲା ବ୍ଲକ ସଭାପତି ସନ୍ତୋଷ ପୁଟା, ବଲାଙ୍ଗୀର ବ୍ଲକ ସଭାପତି ପାଲେଶ୍ୱର ଭୋଇ, ଦେଓଗାଁ ସଭାପତି ସୁରଥ ଧରୁଆ, ବଙ୍ଗୋମୁଣ୍ଡା ସଭାପତି ମନୋରଞ୍ଜନ ଭୋଇ, ନାରାୟଣ ଭୋଇ, ବେଲପଡା ବ୍ଲକ ସଭାପତି ରସିକ ଧରୁଆ ଉପସ୍ଥିତ ଥିଲେ। ତୁରନ୍ତ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ନ କଲେ ସେମାନେ ପ୍ରଶାସନ ବିରୋଧରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆଦିବାସୀ ସଂଘ ପକ୍ଷରୁ ପୋଲିସ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ପରେ ପୋଲିସ ଆଡିସନାଲ ଏସ୍‌ପି ଆଲୋକ ଜେନା ଗଣମାଧ୍ୟମରେ ବକ୍ତବ୍ୟ ରଖି ଆଦିବାସୀ ସଂଘର ଉପରୋକ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ମହିଳା ପୋଲିସକୁ ଠେଲାପେଲା କରି ଦୁଇ ଅଭିଯୁକ୍ତ ଗିରଫ ହୋଇଥିବା ସେ ସୂଚନା ଦେଇଥିଲେ।

## ପୋଲିସକୁ ସଂଘବଦ୍ଧ ଆକ୍ରମଣ ମାମଲା: ୩ ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ।

**ଲୋଇସିଂହା,୮।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ରୋଡ ଅଞ୍ଚଳରେ ଏମଭିଆଇ ଚେକିଂ ବେଳେ ଦୁଇଜଣ ପୋଲିସ କର୍ମଚାରୀ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ ଶନିବାର ଆଗଲପୁର ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉପରବାହାଲ ପଞ୍ଚାୟତ ନୂଆପାଲି ଗ୍ରାମର ଜଗଦୀଶ ବାଙ୍କ(୩୭), ସୁବାସ ଶାଣ୍ଡ (୨୮), ଅଜୁ ବାଙ୍କ (୨୩)। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଗୁରୁବାର ରାତିରେ ଆପରାଧିକ କାର୍ଯ୍ୟକଳାପ ରୋକିବାକୁ ଯାଇ ଦୁଇଜଣ ପୋଲିସ କର୍ମଚାରୀ ମୁନା ନାଏକ ଓ ବନବିହାରୀ ପଟେଲ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ବନବିହାରୀ ପଟେଲ ଗୁରୁତର ଥିବା ଜଣାପଡିଛି। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025006 Dtd. 27.01.2025 ର

**ଶୁଦ୍ଧିପତ୍ର ସଂ.-01**

ବିଜ୍ଞାପିତ ମୂଲ୍ୟ ଏବଂ EMD ସହିତ ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି/ଟେଣ୍ଡର ନଥିପତ୍ରରେ ଆବଶ୍ୟକୀୟ ରୂପାନ୍ତରଣ କରାଯାଇଛି, ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ :

| କ୍ର. | ବିଷୟ | ପ୍ରକାଶିତ (ବର୍ତ୍ତମାନର ମୂଲ୍ୟ) | ପଢ଼ାଯିବା ଆବଶ୍ୟକ (ସଂଶୋଧିତ ମୂଲ୍ୟ) |
|---|---|---|---|
| 1 | ବିଜ୍ଞାପିତ ମୂଲ୍ୟ | ₹1304.75 Lakhs | ₹1603.24 Lakhs |
| 2 | EMD | ₹8,02,400/- | ₹9,51,600/- |

ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-151/CH/24-25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: CAOCRSPBBS-02-2025, ତା.31.01.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ମେନ୍ (Main) ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭଲ କ୍ରସିଙ୍ଗ୍ ନଂ. 260 ସ୍ଥାନରେ ରେଲୱେ କି.ମି. 580/23-25 ଠାରେ ରୋଡ୍ ଓଭର ବ୍ରିଜ୍ ସ୍ପାନ (1X36 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 18 ମିଟର କମ୍ପୋଜିଟ୍ ଗର୍ଡ଼ର)ର ନିର୍ମାଣ (କେବଳ ରେଳପଥ ଅଂଶ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2243.75 ଲକ୍ଷ, EMD : ₹12,71,900/-, କାର୍ଯ୍ୟ ଶେଷ ହେବା ଅବଧି: 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.03.2025ରିଖ 1500 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ RSP/ଭୁବନେଶ୍ୱର

PR-149/CH/24-25

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଲୋଇସିଂହା,୮।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଓ ବବାଜା କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲରେ ସିଆରସିସି ସୁରେଶଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ଏଫଏଲଏନ ଶିକ୍ଷକଙ୍କ ଜରିଆରେ ୧୨୦ଟି ମୌଳିକ ଭାଷା ଓ ମୌଳିକ ସଂଖ୍ୟା ଜ୍ଞାନ ଟିଏଲଏମ ପ୍ରଦର୍ଶିତ ହୋଇଥିଲା। ମେଳାରେ ବିଇଓ ରୀନା କୁମାରୀ ବେହେରା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟା ଲିଲିମା ବେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥଲେ। ଅତିଥି ଛାତ୍ରୀଛାତ୍ର ଉପକରଣ ମାଧ୍ୟମରେ କିପରି ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଆହରଣ କରିବେ ସେ ନେଇ ପରାମର୍ଶ ଦେଇଥିଲେ। ସେହିପରି ବବଜା କ୍ଲଷ୍ଟର ରତାଖଣ୍ଡି ସ୍କୁଲ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ଶରତ କୁମାର ପଧାନଙ୍କ ତତ୍ତ୍ୱାବଧାନରେ ୧୦ ଟି ବିଦ୍ୟାଳୟର ଛାତ୍ରୀଛାତ୍ର ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଇଓ ବେହେରା, ଏବିଓ ଟଙ୍କଧର ଭୋଇ , ସ୍ଥାନୀୟ ସରପଞ୍ଚ ଅତିଥି ଭାବେ ଯୋଗଦେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।



ମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## କଳସ ଶୋଭାଯାତ୍ରା



ଦେଓଗାଁରେ ୨୪ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

**ଦେଓଗାଁ,୮।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କଛାରପାଲିରେ ପ୍ରଗତି ଯୁବକ ସଂଘ ଆନୁକୂଲ୍ୟରେ ୨୪ ପ୍ରହର ନାମଯଜ୍ଞ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ କଛାରପାଲିର ଶତାଧିକ ମହିଳା ଦେଓଗାଁ ଯୋଗୀସାଗରରୁ ସଂକୀର୍ତ୍ତନ ଦଳ ସହ ପୂର୍ଣ୍ଣ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣସ୍ଥିତ ପ୍ରହରୀ ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ରବିବାର ସକାଳ ୯ଟାରେ ନାମାରମ୍ଭ ହେବ ଓ ୧୨ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ । ଶ୍ରୀକାନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ବବି ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ନାମଯଜ୍ଞ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**शुद्धि - पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/11/2024-25/GR_02/3rd Call जिसकी पी० आर० संख्या– 345538 Rural Development (24-25)_D है, में अंकित ई–निविदा खोलने की तिथि एवं समय – 23.02.2025 अपराह्न 2:00 बजे के स्थान पर ई–निविदा खोलने की तिथि एवं समय– 24.02.2025 अपराह्न 2:00 बजे पढ़ा जाय।

निविद की शेष शर्ते यथावत् रहेंगी।

कार्यपालक अभियंता
ग्रामीण विकास विशेष प्रमंडल
PR 346117 Rural Development (24-25)_D बोकारो

## श्री दुर्गेश्वरी उच्च विद्यालय वार्षिक उत्सव

**ଲାଠୋର,୮।୨(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରସ୍ଥିତ ଶ୍ରୀ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସମ୍ବିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସର୍ବେଶ୍ୱର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ପତି,ସଦାନନ୍ଦ ବେହେରା, ଆଲମୁନି ସଭାପତି ଅଷ୍ଟମୁ ମାଝୀ,ସିଆରସିସି ଚକ୍ରଧର ଭୋଇ,ପରିଚାଳନା ସମିତି ସଭାପତି ଜାନକୀ ଭୋଇ, ଅବସରପ୍ରାପ୍ତ କର୍ମଚାରୀ ଗିରିଶ ନାଏକ, ଖବରଦାତା ଭୁବନେଶ୍ୱର ବାରିକ, କପିଳ ସୁନା ଯୋଗ ଦେଇଥିଲେ। ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ



ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ ପରେ ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷକ ଧର୍ମେନ୍ଦ୍ର ମହଲିଙ୍ଗ କରିଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଖେଳ ଶିକ୍ଷକ ଦୋଳଗୋବିନ୍ଦ ମୁଣ୍ଡା। ଶିକ୍ଷକ ଲିଙ୍ଗରାଜ ପସାୟତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କ ବହୁମୁଖୀ ବିକାଶ ଶିକ୍ଷାର ବାସ୍ତବ ଲକ୍ଷ୍ୟ

**ଲୋଇସିଂହା,୮।୨(ସୁଶାନ୍ତ ବାରିକ)**

ଶନିବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ୬୮ ତମ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନ ଶିକ୍ଷକ ଉଦ୍ଧବଚରଣ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ କେଶବ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବହୁମୁଖୀ ବିକାଶ ଶିକ୍ଷାର ବାସ୍ତବ ଲକ୍ଷ୍ୟ ବୋଲି କହିଥିଲେ। ବିଦ୍ୟାଳୟର ପୂର୍ବତନ ସଭାପତି ଦିଲୀପ କୁମାର ବେହେରା,ସରପଞ୍ଚ ନବକିଶୋର ନାଏକ, ବିଦ୍ୟାଳୟର ପଞ୍ଚସଖା ସେତୁର ସଭାପତି ନଜରୁଲ୍ଲା ଖାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ମୁଖ୍ୟଅତିଥି ଆହୁରି କହିଥିଲେ, ବାର୍ଷିକ ଉତ୍ସବ କେବଳ ମନୋରଞ୍ଜନ ପାଇଁ ନୁହେଁ,ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିଥାଏ। ଏଣୁ ବାର୍ଷିକ ଉତ୍ସବକୁ ନିୟମିତ କରିବାକୁ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଲକ୍ଷ୍ୟ ହାସଲ ପାଇଁ ଲକ୍ଷ୍ୟ ସ୍ଥିର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ହରେକୃଷ୍ଣ ମହତାବ ହାଇସ୍କୁଲର ବାର୍ଷିକ ଉତ୍ସବ**

କରିବା ସହିତ ଆତ୍ମବଳ ଦୃଢ଼ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଠନ ଅଭ୍ୟାସ ଜାରି ରଖିବାକୁ ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ବେହେରା ତାଙ୍କ ଅଭିଭାଷଣରେ ବିଦ୍ୟାଳୟରେ ପିଲା ସଂଖ୍ୟା କମିବାକୁ ନେଇ ଶିକ୍ଷା ବିଭକ୍ତିକରଣକୁ ଦାୟୀ କରିଥିଲେ। ଶିକ୍ଷାନୁଷ୍ଠାନ ଉନ୍ନତି ପ୍ରତି ପୁରାତନ ଛାତ୍ର ଦୃଷ୍ଟି ଦେବାକୁ ସେ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ ପଟେଲ, ଡ୍ରପ୍‌ଆଉଟକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ଶିକ୍ଷକ ଭକ୍ତବନ୍ଧୁ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜକୁମାର ଭୋଇ ବାର୍ଷିକ ବିବରଣୀ ପାଠ କରି ସ୍କୁଲରେ ହେଉଥିବା ବିବିଧ କାର୍ଯ୍ୟକ୍ରମ ଓ ଛାତ୍ରଙ୍କ ସଫଳତା ବଖାଣି ଥିଲେ। ପୁରାତନ ଛାତ୍ର ଜ୍ୟୋତି ପ୍ରକାଶ ସାହୁ ସଭା ସଂଯୋଜନା କରିଥିଲେ।

**झारखण्ड सरकार,**
**अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग।**

पत्रांक– 05 / झा०व०नियमावली–02 / 2021– दिनांक–

**अल्प कालीन निविदा आमंत्रण सूचना**

झारखण्ड वक्फ नियमावली, 2024 के मुद्रण हेतु प्रतिष्ठित प्रतिष्ठानों से दिनांक– 14.02.2025 के अपराह्न 01:00 बजे तक निविदा आमंत्रित किया जाता है।

| क्र०सं० | कार्य का नाम | मुद्रित की जाने वाली प्रतियों की संख्या | निर्धारित दर | कुल राशि |
|---|---|---|---|---|
| 1 | झारखण्ड वक्फ नियमावली, 2024 का मुद्रण (हिन्दी में) | 300 | | |
| 2 | झारखण्ड वक्फ नियमावली 2024 का मुद्रण (अंग्रेजी में) | 300 | | |

प्राप्त निविदा को दिनांक–14.02.2025 को 03:00 बजे अपराह्न में सचिव का कार्यालय कक्ष अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, प्रोजेक्ट भवन, धुर्वा, राँची में खोला जाएगा एवं न्यूनतम दर उद्धृत वाले प्रतिष्ठान को मुद्रण हेतु आदेश दिया जाएगा।

नियम एवं शर्तें–

1. यदि प्रतिष्ठान GST के अन्तर्गत निबंधित हो तो GST निबंधन की छायाप्रति।
2. PAN/TAN Card की छायाप्रति।
3. Bank Passbook की छायाप्रति।
4. सशर्त निविदा स्वीकार नहीं किया जाएगा।
5. प्रतिष्ठान काली सूची में नहीं हो।
6. 10,000.00 का Demand Draft
7. निविदा मोहरबंद लिफाफे में होगी। खुली निविदा स्वीकार नहीं की जाएगी।
8. दो लिफाफा, (1) Technical (2) Financial
9. इस कार्य हेतु कोई अग्रिम भुगतान नहीं किया जाएगा।
10. गुणवत्तापूर्ण मुद्रण के पश्चात् दो प्रतियों में विपत्र प्राप्त होने पर भुगतान की कार्रवाई की जाएगी।

PR 346132 (Schedule Tribe, Schedule Caste, Minority and Backward Class Welfare Department) 24-25 (D)

संयुक्त सचिव

**Govt. of Jharkhand**
**Directorate of Sports & Youth Affairs,**
**Birsa Munda Football Stadium, Gate No 28, Morabadi, Ranchi – 834008, Jharkhand.**
**email: directorsportsjharkhand@gmail.com**
**INVITATION FOR BID (IFB)**

NIT No. -10/2024-25 Dated:-07-02-2025

The Directorate of Sports & Youth Affairs, Jharkhand, Ranchi hereby invites Tender for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. | ₹8,00,000/ - (Eight Lakhs Rupees) Only | within 30 days from the date of award of Work Order | Jharkhand |
| Availability of tender documents on website of this Directorate - https://sports.jharkhand.gov.in | | From 8th to 24th February 2025 | |
| Last date of submission of queries from bidders | | From 8th to 24th February 2025 | |
| Pre bid query meeting | | At 11:00 a.m. on 14th February 2025 | |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | | Up to 11:30 a.m. on 24h February 2025 | |
| Date and time for opening of Tender Part-I (Technical Bid) | | At 2:30 p.m. on 24tht February 2025 | |
| Date and time for opening of tender Part-II (Price Bid) | | Immediately after finalizing the technical part of tender (Part-I) | |
| Tendering Officer and address for communication | | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi | |
| Contact/E-mail Id | | directorsportsjharkhand@gmail.com dir_sportsjh@jharkhandmail.gov.in | |

1. The detailed tender document can be downloaded from the website of this Directorate - https://sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:30 a.m. on 24th February 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - https://sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

Sd/-
Director, Directorate of Sports & Youth Affairs, Jharkhand, Ranchi.

PR 346087 Art Culture Sports and Youth Affairs(24-25)D

**ରୋଷେଇବେଳେ ଗ୍ୟାସ ସିଲିଣ୍ଡରରେ ଲାଗିଲା ନିଆଁ, ବର୍ତ୍ତିଲେ ମହିଳା**

ତରଭା, (ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ଗଡଭିତର (ବନ୍ଧପଡା)ରେ ଶନିବାର ଜଣେ ମହିଳା ରୋଷେଇ କରୁଥିବାବେଳେ ରନ୍ଧନ ଗ୍ୟାସ ଟାଙ୍କିରେ ନିଆ ଲାଗିଯାଇଥଲା। ହେଲେ କୌଣସିମତେ ସେ ଜୀବନ ବଞ୍ଚାଇ ବାହାରକୁ ପଳାଇ ଆସିଥିଲେ। ମହିଳା ଜଣକ ହେଲେ ତରଭା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ହିସାବ ରକ୍ଷକ ସଞ୍ଜୀବ କୁମାର ସାଙ୍କ ମା' ସୁବର୍ଣ୍ଣ ସା। ଖବର ପାଇ ଅଗ୍ନିଶମ ସେବା ଅଧିକାରୀ ଅନିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ଶନିବାର ଅପରାହ୍ନରେ ଉପର ମହଲାରେ ଥିବା ରୋଷେଇ ଘରେ ସୁବର୍ଣ୍ଣ ରାନ୍ଧୁଥିବା ବେଳେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଯାଇଥିଲା।

# ବିଦ୍ୟାଳୟରେ ଦେଶର ଭବିଷ୍ୟତ ନିର୍ମାଣ ହୁଏ

## କେନଝିରିଆପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବ

**ଅମରପାଲି, ୮।୨ (ପୀତାମ୍ବର ସାହୁ)**

ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ଛାତ୍ର ସମାଜର ଉନ୍ନତିରେ ଦେଶର ଉନ୍ନତି। ଆମ ଦେଶ ଛାତ୍ର ସମାଜ ଓ ବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ। ନୂତନ ଶିକ୍ଷା ନୀତି ଲାଗୁ କରି ସରକାର ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାକୁ ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ଦେଶର ଭବିଷ୍ୟତ ନିର୍ମାଣ ହୋଇଥାଏ। ତେଣୁ ଉଭୟ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟ ଦେବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ କସ୍ତୁରୀରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

ପ୍ରଧାନ ଶିକ୍ଷକ ନବୀନ ସୁନ୍ଦର ଜଗଦଲାଙ୍କ ସଭାପତିତ୍ୱରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ଭିତ୍ତିଭୂମି ଯୋଗାଇ ଦେବା ସହିତ ଅନ୍ୟାନ୍ୟ ଅଭାବ ଅସୁବିଧା ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଇଓ ଶାନ୍ତନୁ କୁମ୍ଭକାର ସ୍ୱତନ୍ତ୍ର ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଦେହୁରୀ ମୁଖ୍ୟବକ୍ତା ଓ ଅନ୍ୟତମ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ବିଶି ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ସ୍ଥାନୀୟ କ୍ଲଷ୍ଟର ସିଆରସିସି ବିନୟ କୁମାର ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ସଭାପତି ଆନନ୍ଦ ମେଣ୍ଡିଲି, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଗୁଣସାଗର କର୍ଣ୍ଣ, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମଦନ ସୁନ୍ଦର ଭୋଇ ସଭା ସଂଯୋଜନା କରିଥିବା ବେଳେ ଦୀନବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ହରିଶଙ୍କର ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବାବା ସାହେବ ଆମ୍ବେଡକର ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ଚଳିତ ଶିକ୍ଷା ବର୍ଷ ପାଇଁ ବିଦ୍ୟାଳୟସ୍ତରୀୟ ଉତ୍ସର୍ଗୀକୃତ ଶିକ୍ଷକ ଭାବେ ଶିକ୍ଷକ ରାଜେଶ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଗତ ବାର୍ଷିକ କ୍ରୀଡ଼ାରେ ବରିଷ୍ଠ ବର୍ଗର ବାଳିକା ବିଭାଗରରେ ଚାମ୍ପିୟନ ହୋଇଥିବା ପ୍ରୀତିମୟୀ ବେହେରା, ବରିଷ୍ଠ ବାଳକରେ ଅନ୍ତର୍ଯ୍ୟାମୀ ସେଠୀ, କନିଷ୍ଠ ବର୍ଗ ବାଳିକା ବିଭାଗ ପାଇଁ ନିହାରିକା ପ୍ରଧାନ ଓ କନିଷ୍ଠ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଶୁଭଙ୍କର ଦେହୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସରୋଜ କୁମାର ସାହୁ ଓ ଅଚ୍ୟୁତାନନ୍ଦ ପାଣ୍ଡେ ଓ ଇନ୍ଦ୍ରଜିତ ଦାସ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ସଭପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନାତ୍ମକ ନାଟକ ସ୍ୱଚ୍ଛ ଭାରତ, ଅଲୋଡ଼ା ଝିଅ ଏବଂ ଦେଶ ପ୍ରେମୀ ବିର୍ସା ମୁଣ୍ଡା ପରିବେଷଣ ହୋଇଥିଲା।



କେନଝିରିଆପାଲି ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## କନିଷ୍ଠ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା ଚୟନ


ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

**ବିନିକା, ୮।୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଶିକ୍ଷା ଅଧିନ କନିଷ୍ଠ ଶିକ୍ଷକ ସଂଘ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ବିନିକା ଯୋଗେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଜଗନ୍ନାଥ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ପୁରାତନ ସଭାପତି ପରଂବ୍ରହ୍ମ ପଣ୍ଡା ତାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ସମ୍ପାଦକ ଭାବେ ଧର୍ମେନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଦୀପକ ବିଶି, ମହିଳା ସଂଯୋଜକଭାବେ ପ୍ରତୀକ୍ଷା ଧରୁଆ ମନୋନୀତ ହୋଇଥିଲେ। ମାନସ ଆଦାବର୍, ନେପାଳ କାଦିଆ, ସୌମ୍ୟ ରଞ୍ଜନ ନାଇକ, ଗଗନ ଥନାପତି, ଅଙ୍କିତ ମିଶ୍ର, ପୁଷ୍ପାଞ୍ଜଳି ପଧାନ, ବବିତା ବେହେରା, ପ୍ରତିଭା ସାହୁ, ସୁଶ୍ରୀ କାନ୍ତ ପଧାନ, ଲକ୍ଷ୍ମଣ ଭୋଇ, ପୋଲସ୍ତି ବିଶି ପ୍ରମୁଖଙ୍କ ସମେତ ବହୁ ଶିକ୍ଷୟିତ୍ରୀଶିକ୍ଷକ ଏହି ବୈଠକରେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025006 Dtd. 27.01.2025 ର

**ଶୁଦ୍ଧିପତ୍ର ସଂ.-01**

ବିଜ୍ଞାପିତ ମୂଲ୍ୟ ଏବଂ EMD ସହିତ ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି/ଟେଣ୍ଡର ନଥିପତ୍ରରେ ଆବଶ୍ୟକୀୟ ରୂପାନ୍ତରଣ କରାଯାଇଛି, ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ :

| କ୍ର. | ବିଷୟ | ପ୍ରକାଶିତ (ବର୍ତ୍ତମାନର ମୂଲ୍ୟ) | ପଢ଼ାଯିବା ଆବଶ୍ୟକ (ସଂଶୋଧିତ ମୂଲ୍ୟ) |
|---|---|---|---|
| 1 | ବିଜ୍ଞାପିତ ମୂଲ୍ୟ | ₹1304.75 Lakhs | ₹1603.24 Lakhs |
| 2 | EMD | ₹8,02,400/- | ₹9,51,600/- |

ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-151/CH/24-25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: CAOCRSPBBS-02-2025, ତା.31.01.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭଲ୍ କ୍ରସିଙ୍ଗ୍ ନଂ. 260 ସ୍ଥାନରେ ରେଲୱେ କି.ମି. 580/23-25 ଠାରେ ରୋଡ଼ ଓଭର ବ୍ରିଜ୍ ସ୍ପାନ (1X36 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 18 ମିଟର କମ୍ପୋଜିଟ୍ ଗର୍ଡ଼ର)ର ନିର୍ମାଣ (କେବଳ ରେଳପଥ ଅଂଶ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2243.75 ଲକ୍ଷ, EMD : ₹12,71,900/-, କାର୍ଯ୍ୟ ଶେଷ ହେବା ଅବଧି: 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2025ରିଖ 1500 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ RSP/ଭୁବନେଶ୍ୱର
PR-149/CH/24-25

## ଏମ୍‌ଏମ୍‌ସିସି ସମ୍ବଲପୁର ସେମିଫାଇନାଲରେ

### ବାପୁନୀ ସ୍ମାରକୀ ଫ୍ଲଡ୍‌ଲାଇଟ କ୍ରିକେଟ

**ସୋନପୁର, ୮।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ପଟାଭାଡି ଲାଲୁ ଖେଳ ପଡ଼ିଆରେ ଦ୍ୱିତୀୟ ବାପୁନି ମହାପାତ୍ର ସ୍ମାରକୀ ଅଲ ଓଡିଶା ଫ୍ଲଡ ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଅବକାଶ ମହାନନ୍ଦ, ବୀରମହାରାଜପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ସନ୍ତୋଷ ଭୋଇ ଓ ଜନାର୍ଦ୍ଦନ ଖମାରୀ ମଞ୍ଚାସୀନ ଥିଲେ। ସଭାକୁ ମାନସ ରଞ୍ଜନ ଦାସ ପରିଚାଳନା କରିଥିଲେ। ପ୍ରଥମ ଲିଗ ମ୍ୟାଚ ବୌଦ୍ଧର ଡିଜେ କାଳିଆ ଓ ସୋନପୁର ପ୍ରଶାନ୍ତ ୱାରିଅର ମଧ୍ୟରେ ହୋଇଥିଲା। ଏଥିରେ ଡିଜେ କାଳିଆ ଟିମ ବିଜୟୀ ହୋଇଥିଲା। ପରେ ଛତିଶଗଡ଼ ଫାଇଭ ଷ୍ଟାର ଓ ଏମଏମସିସି ସମ୍ବଲପୁର ମଧ୍ୟରେ ହୋଇଥିଲା। ଏମଏମ ସିସି ସମ୍ବଲପୁର ଟିମ ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ଡିଜେ କାଳିଆ ଓ ଏମଏମସିସି ସମ୍ବଲପୁର ମଧ୍ୟରେ ହୋଇଥିଲା। ଏମ୍‌ଏମ୍‌ସି ସି ସମ୍ବଲପୁର ଟିମ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ମ୍ୟାଚରେ ସୁବ୍ରତ ଦାସ ପୁରସ୍କାର ବିତରଣ କରିଥିଲେ। ମ୍ୟାଚଗୁଡ଼ିକ ବବୁଲୁ ସାହୁ ଓ କୁନା ନାୟକ ପରିଚାଳନା କରିଥିଲେ। ରାକେଶ ଧାରା ବିବରଣୀ ପ୍ରଦାନ କରିଥିଲେ। ଅମିତ ମହାପାତ୍ର, ବାଳଗୋପାଳ ପଣ୍ଡା, ମୁନା ଖମାରୀ, ରଜତ ଭୋଇ, ସୁଧୀର କ୍ଷେତି, ଆଲୋକ ମେହେର, ଶ୍ରୀତମ ନାଏକ, କୁନୁ ଭୋଇ, ଅମରେଶ ମେହେର, ନରେଶ ବିଶି, ଲିକୁନ ମୁଣ୍ଡା ଓ ସୁମନ ମିଶ୍ର ଏଥିରେ ସହଯୋଗ କରିଥିଲେ।



ରାମପୁରରେ ସିଭିଲ ସିନିୟର ଡିଭିଜନ କୋର୍ଟ ଉଦ୍‌ଘାଟନ ସଭାରେ ମଞ୍ଚାସୀନ ଅତିଥି।

## ସିଭିଲ ସିନିୟର ଡିଭିଜନ କୋର୍ଟ ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୮।୨ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ ରାମପୁରଠାରେ ସିଭିଲ ସିନିୟର୍ ଡିଭିଜନ କୋର୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଏହାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଆନନ୍ଦଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ କୋର୍ଟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଉଚ୍ଚ ନ୍ୟାୟାଳୟ ବିଚାରପତି ବେହେରା, ସମ୍ମାନିତ ଅତିଥି ସୁବର୍ଣ୍ଣପୁର ଜିଲାଜଜ ରଶ୍ମିରଞ୍ଜନ ଆଚାର୍ଯ୍ୟ, ରାମପୁର ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ମେହେର, ସମ୍ପାଦକ ପ୍ରକାଶ କୁମାର ପାଢୀ ମଞ୍ଚାସୀନ ଥିଲେ। ରାମପୁର ଜେଏମ୍‌ଏଫସି ଜଜ ସମିକ୍ଷା ମହାନ୍ତି ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ବିଚାରପତି ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ଜମିବାଡି ମାମଲାଗୁଡିକ ପୂର୍ବରୁ ସୁବର୍ଣ୍ଣପୁର ସିଭିଲ ସିନିୟର ଡିଭିଜନ କୋର୍ଟରେ ବିଚାର କରାଯାଉଥିଲା। ଏଥିପାଇଁ ଲୋକଙ୍କୁ ଯିବା ଆସିବାରେ ସମୟ ଓ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏଠାରେ ଏହି କୋର୍ଟ ଉଦ୍‌ଘାଟନ ହେବା ଦ୍ୱାରା ଜମିବାଡି ମାମଲା ସବୁ ଶୀଘ୍ର ସମାଧାନ ହୋଇପାରିବ ଏବଂ ଲୋକେ ତ୍ୱରିତ ନ୍ୟାୟ ପାଇପାରିବେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନ୍ୟା ଦାସ, ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ରାମପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର, ରାମପୁର ଓକିଲ ସଂଘ ଓ ଡୁଙ୍ଗୁରିପାଲି ଓକିଲ ସଂଘ ସଭ୍ୟ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ,ଜନସାଧାରଣ, ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**शुद्धि - पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/11/2024-25/GR_02/3rd Call जिसकी पी० आर० संख्या– 345538 Rural Development (24-25)_D है, में अंकित ई–निविदा खोलने की तिथि एवं समय – 23.02.2025 अपराह्न 2:00 बजे के स्थान पर ई–निविदा खोलने की तिथि एवं समय– 24.02.2025 अपराह्न 2:00 बजे पढ़ा जाय।

निविद की शेष शर्तें यथावत् रहेंगी।

कार्यपालक अभियंता
ग्रामीण विकास विशेष प्रमंडल
PR 346117 Rural Development (24-25)_D बोकारो

## ଦିଲ୍ଲୀରେ ବିଜୟ, ବୀରମହାରାଜପୁରରେ ଉତ୍ସବ

**ଅମରପାଲି, ୮।୨ (ପୀତାମ୍ବର ସାହୁ)**

ଦିଲ୍ଲୀ ବିଧାନସଭାରେ ଭାଜପାର ବିଜୟ ପରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଭାଜପା ତରଫରୁ ଶନିବାର ସନ୍ଧ୍ୟା ୭ଟା୩୦ରେ ବିଜୟ ଉତ୍ସବ ପାଳନ କରାଯାଇଛି। ଭାଜପା କାର୍ଯ୍ୟକର୍ତ୍ତା ସ୍ଥାନୀୟ ଡାକବଙ୍ଗଳାଠାରୁ ବିଭିନ୍ନ ଦଳୀୟ ସ୍ଲୋଗାନ ଦେଇ ମୁଖ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲେ। ମୁଖ୍ୟ ଛକରେ ବାଣ ଫୁଟାଇ, ମିଠା ବଣ୍ଟନ କରି ଉତ୍ସବ ପାଳନ କରିଥିଲେ। ଭାଜପା କାର୍ଯ୍ୟକର୍ତ୍ତା ସତ୍ୟ ମିଶ୍ର, ମଣ୍ଡଳ ସଭାପତି ସୁମନ୍ତ ଜଗଦଲା, ବିଧାୟକ ପ୍ରତିନିଧି ବିଶ୍ୱାମିତ୍ର ଜଗଦଲା, ପ୍ରଭାସ ପଣ୍ଡା, ଶରତ ମିଶ୍ର, ରମେଶ ପଣ୍ଡା ଦିଲ୍ଲୀପ ପ୍ରଧାନ, ବିପିନ ପଣ୍ଡା, ଏକଲବ୍ୟ ବେହେରା, ଗୌର ଜଗଦଲା, ସନତ ହୋତା,ପଙ୍କଜ ନାୟକ, ପଙ୍କଜ ମେହେର, ଦିବାକର ମେହେର, ରବି ଶିକା, ଶୁକ ଭୋଇ, କର୍ମୁ କଲତା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ସୁବଳୟା ଜୁନିୟର କଲେଜରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି, ୮।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଧାୟକ ଇଂ.ରଘୁନାଥ ଜଗଦଲାଙ୍କୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ କଲେଜ ଅଧକ୍ଷ ରମାକାନ୍ତ ପୁରୋହିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଦେବାଶିଷ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧକ୍ଷ ପୁରୋହିତ ବିଧାୟକଙ୍କୁ ଫୁଲତୋଡା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ବିଧାୟକ ଛାତ୍ରୀଛାତ୍ରମାନଙ୍କଠାରୁ ବୁଝିବା ସହିତ ତୁରନ୍ତ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ଶୌଚାଳୟ ନିର୍ମାଣ, ଜଳ ଯୋଗାଣ, ଖାଲି ପଡିଥିବା କର୍ମଚାରୀ ପଦବୀ ପୂରଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**झारखण्ड सरकार,**
**अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग।**

पत्रांक– 05/झा०व०नियमावली–02/2021– दिनांक–

**अल्प कालीन निविदा आमंत्रण सूचना**

झारखण्ड वक्फ नियमावली, 2024 के मुद्रण हेतु प्रतिष्ठित प्रतिष्ठानों से दिनांक– 14.02.2025 के अपराह्न 01:00 बजे तक निविदा आमंत्रित किया जाता है।

| क्र०सं० | कार्य का नाम | मुद्रित की जाने वाली प्रतियों की संख्या | निर्धारित दर | कुल राशि |
|---|---|---|---|---|
| 1 | झारखण्ड वक्फ नियमावली, 2024 का मुद्रण (हिन्दी में) | 300 | | |
| 2 | झारखण्ड वक्फ नियमावली 2024 का मुद्रण (अंग्रेजी में) | 300 | | |

प्राप्त निविदा को दिनांक–14.02.2025 को 03:00 बजे अपराह्न में सचिव का कार्यालय कक्ष अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, प्रोजेक्ट भवन, धुर्वा, राँची में खोला जाएगा एवं न्यूनतम दर उद्धृत वाले प्रतिष्ठान को मुद्रण हेतु आदेश दिया जाएगा।

नियम एवं शर्तें–
1. यदि प्रतिष्ठान GST के अन्तर्गत निबंधित हो तो GST निबंधन की छायाप्रति।
2. PAN/TAN Card की छायाप्रति।
3. Bank Passbook की छायाप्रति।
4. सशर्त निविदा स्वीकार नहीं किया जाएगा।
5. प्रतिष्ठान काली सूची में नहीं हो।
6. 10,000.00 का Demand Draft
7. निविदा मोहरबंद लिफाफे में होगी। खुली निविदा स्वीकार नहीं की जाएगी।
8. दो लिफाफा, (1) Technical (2) Financial
9. इस कार्य हेतु कोई अग्रिम भुगतान नहीं किया जाएगा।
10. गुणवत्तापूर्ण मुद्रण के पश्चात् दो प्रतियों में विपत्र प्राप्त होने पर भुगतान की कार्रवाई की जाएगी।

PR 346132 (Schedule Tribe, Schedule Caste, Minority and Backward Class Welfare Department) 24-25 (D)
संयुक्त सचिव

**Govt. of Jharkhand**
**Directorate of Sports & Youth Affairs,**
Birsa Munda Football Stadium, Gate No 28, Morabadi, Ranchi – 834008, Jharkhand.
email: directorsportsjharkhand@gmail.com
INVITATION FOR BID (IFB)
NIT No. -10/2024-25 Dated:-07-02-2025

The Directorate of Sports & Youth Affairs, Jharkhand, Ranchi hereby invites Tender for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. | ₹8,00,000/ - (Eight Lakhs Rupees) Only | within 30 days from the date of award of Work Order | Jharkhand |

| | |
|---|---|
| Availability of tender documents on website of this Directorate - https://sports.jharkhand.gov.in | From 8th to 24th February 2025 |
| Last date of submission of queries from bidders | From 8th to 24th February 2025 |
| Pre bid query meeting | At 11:00 a.m. on 14th February 2025 |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | Up to 11:30 a.m. on 24th February 2025 |
| Date and time for opening of Tender Part-I (Technical Bid) | At 2:30 p.m. on 24th February 2025 |
| Date and time for opening of tender Part-II (Price Bid) | Immediately after finalizing the technical part of tender (Part-I) |
| Tendering Officer and address for communication | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi |
| Contact/E-mail Id | directorsportsjharkhand@gmail.com dir_sportsjh@jharkhandmail.gov.in |

1. The detailed tender document can be downloaded from the website of this Directorate - https://sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:30 a.m. on 24th February 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - https://sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

Sd/-
Director, Directorate of Sports & Youth Affairs, Jharkhand, Ranchi.
PR 346087 Art Culture Sports and Youth Affairs(24-25)D

## ଆଜିଠୁ ସନ୍ଥକବିଙ୍କ ପୀଠରେ ମାଘମେଳା ଯାତ୍ରା



**ପଣ୍ଡିତ ଦୈତାରୀ ମହାପାତ୍ର ପାଇବେ ଭୀମ ଭୋଇ ସ୍ମୃତି ସମ୍ମାନ**

**ସୋନପୁର, ୮।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସନ୍ଥକବି ଭୀମ ଭୋଇଙ୍କ ସାଧାନା, ସିଦ୍ଧି ଓ ସମାଧିପୀଠ ସୁବର୍ଣ୍ଣପୁର ଜିଲାର ଖଲିଆପାଲିଠାରେ ପବିତ୍ର ମାଘ ମେଳା ରବିବାରଠାରୁ ଆରମ୍ଭ ହେବ। ଫେବୃୟାରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ଯାତ୍ରା ଚାଲିବ। ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ଓ ମାଘ ମେଳା କମିଟିର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ୧୦ତାରିଖ ଅପରାହ୍ନରେ ଯୋଗଦାନ କରିବେ। ସମ୍ମାନୀତ ଅତିଥିଭାବେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ.ନାଗରାଜୁ, ବଲାଙ୍ଗୀର ବିଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଲକ୍ଷ୍ମଣ କୁମାର ମେହେର ଓ ମୁଖ୍ୟବକ୍ତାଭାବେ ଲଛିପୁର କଲେଜ ଅଧକ୍ଷ ଅରୁଣ କୁମାର ଷଡଙ୍ଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୧ ତାରିଖ ସନ୍ଧ୍ୟାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି, ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଓ ଗଙ୍ଗାଧର ମେହେର ବିଶବିଦ୍ୟାଳୟ ଭୀମଭୋଇ ଗବେଷଣା କେନ୍ଦ୍ରର ମୁଖ୍ୟ ଡ.ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ୧୨ ତାରିଖରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ସମ୍ମାନୀତ ଅତିଥି ଜିଲାର ୬ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନେ ଯୋଗଦେବେ। ସୁବର୍ଣ୍ଣପୁର ଜିଲାପାଳ ତଥା ଟ୍ରଷ୍ଟ ଅଧକ୍ଷା ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ, ଉପଜିଲାପାଳ ତଥା ଟ୍ରଷ୍ଟ ଉପାଧକ୍ଷା ଡ.ସୌମ୍ୟରୂପା ରଥ, ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ମାଘମେଳା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବରଗର୍ତ୍ତି, ସମ୍ପାଦକ ରଞ୍ଜନ ପୂଝାରୀ ଉପସ୍ଥିତ ରହିବେ। ଏହି ଅବସରରେ ଟ୍ରଷ୍ଟର ମୁଖପତ୍ର ମହିମା ଉନ୍ମୋଚନ ହେବ। ସେହିପରି ପଣ୍ଡିତ ଦୈତାରୀ ମହାପାତ୍ରଙ୍କୁ ଭୀମଭୋଇ ସ୍ମୃତି ସମ୍ମାନ, ସାଧୁ ପ୍ରଭାକର ଦାସଙ୍କୁ ଭୀମଭୋଇ ମହିମା ସମ୍ମାନ, ମୀନା ମହାରଣାଙ୍କୁ ଭୀମଭୋଇ ସାହିତ୍ୟ ସମ୍ମାନ, ତିଳୋତ୍ତମା ସାହୁଙ୍କୁ ଭୀମଭୋଇ କଳାସମ୍ମାନ, ସିଦ୍ଧାର୍ଥ ଅଗ୍ରୱାଲ(ଆଶିଷ)ଙ୍କୁ ଭୀମଭୋଇ ଯୁବପ୍ରତିଭା ସମ୍ମାନ ଓ ପ୍ରିତୀ ମହାକୁରଙ୍କୁ ଭୀମଭୋଇ କ୍ରୀଡା ସମ୍ମାନ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟର ସମ୍ପାଦକ ଜନ୍ମେଜୟ ସ୍ୱାଇଁ ଜଣାଇଛନ୍ତି। ମାଘମେଳା ଯାତ୍ରା ପାଇଁ ହଜାର ହଜାର ସାଧୁସନ୍ୟାସୀ, ମହିମାଧର୍ମିଙ୍କ ସହ ସାଧାରଣ ଜନତାଙ୍କ ସମାବେଶ ହେବ।

**ଶୁଆ ଚାଲାଣ ଅଭିଯୋଗରେ ଗିରଫ**

ରାଉରକେଲା (ସଙ୍ଗୀତା ଜେନା): ଝାଡ଼ଖଣ୍ଡରୁ ଶୁଆ ଚାଲାଣ ଅଭିଯୋଗରେ ରାଉରକେଲା ଓ ରାଞ୍ଚି ବନ ବିଭାଗ ଗତ ଶୁକ୍ରବାର ସନ୍ଧ୍ୟାରେ ବନ୍ଧମୁଣ୍ଡା ଅଞ୍ଚଳରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୁନା ସାହୁ। ସେ ୯୪ଟି ଶୁଆ ନେଇ ଝାଡ଼ଖଣ୍ଡରେ ବିକ୍ରି କରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଜଣଙ୍କ ପୂର୍ବରୁ ଥରେ ଗିରଫ ହୋଇଥିଲେ। ଆନ୍ତଃରାଜ୍ୟ ର‍୍ୟାକେଟ ବିଷୟରେ ଅଧିକ ପଚରାଉଚୁରା ପାଇଁ ତାଙ୍କୁ ଶନିବାର ଝାଡ଼ଖଣ୍ଡ ନିଆଯାଇଥିବା ଜଣାପଡ଼ିଛି।

# ରେଳଲାଇନ ନିର୍ମାଣ ବିରୋଧରେ ପ୍ରତିବାଦ କରିବାକୁ ଏକାଠି ହେଲେ ଗ୍ରାମବାସୀ

ବନ୍ଧମୁଣ୍ଡା,୮।୨(ସୁବ୍ରତ ଦେ)

ଡୁମରତାରୁ ବରକାନି ଏବଂ ବାହାଗଡ଼ ଦେଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ନିର୍ମିତ ରେଳ ଲାଇନର ନିର୍ମାଣ କାର୍ଯ୍ୟକୁ ଚାଲିଥିବା ବିବାଦ ମଧ୍ୟରେ ବୁଧବାରଠାରୁ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗତ ୩ ଦିନ ଧରି ପୋଲିସ ବାହିନୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ସକାଳ ପ୍ରାୟ ୧୦ଟା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ନିର୍ମାଣ କାର୍ଯ୍ୟ ସ୍ଥଳ ନିକଟରେ ଏକତ୍ରିତ ହୋଇ ବିରୋଧ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ବିନା କୌଣସି ଗ୍ରାମସଭାରେ ଏହି ନିର୍ମାଣ କାର୍ଯ୍ୟକୁ ଆରମ୍ଭ କରି ଦିଆଯାଇଅଛି। ନିର୍ମାଣ କାର୍ଯ୍ୟ ପାଇଁ ଯେଉଁ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରାଯାଉଛି, ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ମଧ୍ୟ ଦିଆଯାଇ ନାହିଁ। ବନ୍ଧମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ରବି ନାରାୟଣ ମାଝୀ କହିଛନ୍ତି ଯେ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଦିବାସୀ ଗ୍ରାମବାସୀଙ୍କ ବିରୋଧରେ ନିଆଯାଉଥିବା ପଦକ୍ଷେପ ଅନ୍ୟାୟ। ସେ ଦାବି କରିଛନ୍ତି ଯେ, ପ୍ରଥମେ ଗାଁ ଲୋକଙ୍କୁ ସେମାନଙ୍କର ଅଧିକାର ଦିଆଯାଉ, ତା'ପରେ ହିଁ ନିର୍ମାଣ କାର୍ଯ୍ୟ କରାଯାଉ। ଏହା ଛଡା ପେଶା କମିଟିର ସଦସ୍ୟମାନେ କହିଛନ୍ତି ଯେ, ବେଆଇନ ଭାବେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ବନ୍ଦ ନ କରାଯାଏ, ତେବେ ବହୁ ସଂଖ୍ୟକ ଗ୍ରାମବାସୀ ଏକତ୍ରିତ ହେଇ ରାଜରାସ୍ତାକୁ ଓହ୍ଲାଇବେ।


ରେଳଲାଇନ ନିର୍ମାଣ ବିରୋଧରେ ଏକତ୍ରିତ ହୋଇଥିବା ଗ୍ରାମବାସୀ।

## ବୋଲେରୋ ଦୁର୍ଘଟଣାରେ ଜଣେ ମୃତ: ୪ ଗୁରୁତର

ବଡ଼ଗାଁ,୮।୨(ଅଶୋକ ଷଡ଼ଙ୍ଗୀ) :

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିକିଲିପଡା ଗାଁ ନିକଟ ରାଜ୍ୟ ରାଜପଥ ୧୦ରେ ଶନିବାର ସନ୍ଧ୍ୟା ସାଢ଼େ ୭ ଟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସେବାଷ୍ଟାଇନ ଡୁଙ୍ଗଡୁଙ୍ଗ (୫୪)। ଅନ୍ୟ ୪ ଜଣ ଏଜଲିନା କୁଲୁ (୬), ବେନେଡ଼ିକ କୁଲୁ (୭୯), ସୁଜାତା କୁଲୁ (୩୨),ବିମଲ କୁଲୁ (୫୪)। ଆହତଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନା ପରେ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ଅନୁଯାୟୀ, କୁତ୍ରା ଥାନା ଅନ୍ତର୍ଗତ ଡୁନମୁର ଗ୍ରାମର ଏକ ପରିବାର ଅନ୍ତ୍ୟେଷ୍ଟିକ୍ରୀୟାରେ ଯୋଗ ଦେବାକୁ ବୋଲେରୋରେ ସବଡେଗା ସର୍ଗିଡିପା ଗ୍ରାମକୁ ଯାଇ ସେଠାରୁ ଫେରୁଥିବାବେଳେ ଟିକିଲିପଡ଼ା ଗାଁ ନିକଟ ରାଜପଥରେ ଏକ ବଳଦ ରାସ୍ତାକୁ ଆସିଯିବାରୁ ବୋଲେରୋ ଡ୍ରାଇଭର ବ୍ରେକ ଦେଇଥିଲେ। ପଛରୁ ଆସୁଥିବା ଏକ ଟ୍ରେଲର ପଛପଟ ପାର୍ଶ୍ୱରେ ଧକ୍କା ଦେଇଥିଲା। ଫଳରେ ବୋଲେରୋ ପଛପଟେ ବସିଥିବା ସେବାଷ୍ଟାଇନଙ୍କ ମୃତ୍ୟୁ ଘଟିଥିଲା।

## ଛାତ୍ରୀ ଆତ୍ମରକ୍ଷା ସଚେତନତା ଶିବିର

ସୁନ୍ଦରଗଡ,୮।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ସ୍ନେହଲତା ପଟେଲ ଯୋଗଦେଇ ଛାତ୍ରୀଙ୍କ ପାଇଁ ଏହି ସୁରକ୍ଷା ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷିକା ପ୍ରଭାସିନୀ ଗର୍ଡିଆ ଯୋଗଦେଇ ଆତ୍ମ ସୁରକ୍ଷାର କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଆଧାପକ ଡ. ସଞ୍ଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜିକା ଡ. ସରୋଜିନୀ ମିଞ୍ଜ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା ଅଧାପକ, ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଏନଏସଏସର ୩ଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ହେମଗିର,୮।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଭେଷଜ ପଟେଲ ମହାବିଦ୍ୟାଳୟ ଡୁଡୁକାଠାରେ ୩ ଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଶନିବାର ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ନାଏକଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ତାଙ୍କର ଯଥୋଚିତ କର୍ତ୍ତବ୍ୟ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ବିରେନ୍ଦ୍ର କୁମାର ବେହେରା ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏନ.ଏସ.ଏସ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ସେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ସୁଶୀଲ କୁମାର ଚୌଧୁରୀ ବିବେକାନନ୍ଦଙ୍କ ଜୀବନୀରେ ଅନୁପ୍ରାଣିତ ହୋଇ ସେବାକାର୍ଯ୍ୟ କରିବାକୁ ଯୁବତୀ ଯୁବକଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲାର ସଂଯୋଜକ ପ୍ରାଧାପକ ସୁଶାନ୍ତ କୁମାର ପଟେଲ ଯୋଗଦେଇ ନେତୃ ପ୍ରଶିକ୍ଷଣ ଶିବିରର ନୀତି ଓ ଲକ୍ଷ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପକ ପ୍ରଦୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ମହାବିଦ୍ୟାଳୟର ସଂଯୋଜିକ ଅଧାପିକା ନମିତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନେତୃ ପ୍ରଶିକ୍ଷଣ ଶିବିରର ଛାତ୍ରୀ ମଧୁଲିତା ବେହେରା ପରିଚାଳନା କରିଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଲହୁଣୀପଡା,୮।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରୁ ଗ୍ରାମରେ ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ଅଙ୍କୁରାରୋପଣ, ଅଧିବାସ, ମଣ୍ଡଳକରଣ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ମାଘ ସପ୍ତମୀ ଦିନ ସକାଳ ୭ଟାରେ ଗ୍ରାମର ଶତାଧିକ ମହିଳା ଡୁମକଲା ବ୍ରାହ୍ମଣୀ ନଦୀ ତୀର୍ଥ ଘାଟରୁ ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହିତ ଦେଉଳରେ ଉପସ୍ଥିତ ହୋଇଥିଲେ। ସୂର୍ଯ୍ୟପୂଜା,ଗୋପୂଜା,ଶାଳା ପ୍ରବେଶ, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ଗୁରୁବାର ବେପାଠ, ସୂର୍ଯ୍ୟ ପୂଜା,ଗୋ ପୂଜା, ଯଜ୍ଞାରମ୍ଭ, ନଗର ପରିକ୍ରମା କରିବା ପରେ ପ୍ରାଣ ପ୍ରତିଷ୍ଠା, ପହଣ୍ଡି ବିଜେ ଓ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବେଦ ପାଠ, ସୂର୍ଯ୍ୟ ପୂଜା, ଗୋ ପୂଜନ ଯଜ୍ଞ କାର୍ଯ୍ୟ, ଠାକୁର ଦର୍ଶନ ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ପୂଜକଭାବେ ସୁରେନ୍ଦ୍ର ନାଥ ମିଶ୍ର, ଦୀପ୍ତିରଞ୍ଜନ ମିଶ୍ର, ପବିତ୍ର କୁମାର ରଥ, ଧନେଶ୍ୱର ତ୍ରିପାଠୀ ଓ ବିରେନ୍ଦ୍ର କୁମାର ପତି, ସିପୁନ କୁମାର ପତି ଯଜ୍ଞ ସଞ୍ଚାଳନ କରିଥିବା ବେଳେ ମୁଖ୍ୟ କର୍ତ୍ତାଭାବେ ଯୋଗେଶ୍ୱର ପାଣ୍ଡିଆ, ସହ ଧର୍ମିଣୀ ଗୋଦାବରୀ ଭୋଇଙ୍କ ସହିତ ପଙ୍କଜ କୁମାର ମାହାନ୍ତ, ଲିପିକା ମାହାନ୍ତ, ପ୍ରଶାନ୍ତ କୁମାର ମାହାନ୍ତ, ପ୍ରଭାତୀ ମାହାନ୍ତ, ଟିକେଶ୍ୱର ମାହାନ୍ତ, କବିତା ମଞ୍ଜରୀ ମାହାନ୍ତ, ସୁମନ ମାହାନ୍ତ ଓ ବନଲତା ମାହାନ୍ତ, କବିଚନ୍ଦ୍ର ମାହାନ୍ତ,ସୁମିତା ମାହାନ୍ତ, ହେମନ୍ତ କୁମାର ଭାଲେ ଓ ସୁଦେସ୍ନା ମାହାନ୍ତ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ମନ୍ଦିରକୁ ନୟାଗଡ଼ ଅଞ୍ଚଳର ସନ୍ତୋଷ କୁମାର ଜେନା ଓ ତାଙ୍କର ସହଯୋଗୀମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୩ଦିନ ବ୍ୟାପୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଆଧାରିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଶରଧା ପୁରର ସଭାପତି, ସମ୍ପାଦକ,କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।


ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025006 Dtd. 27.01.2025 ର

**ଶୁଦ୍ଧିପତ୍ର ସଂ.-01**

ବିଜ୍ଞାପିତ ମୂଲ୍ୟ ଏବଂ EMD ସହିତ ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି/ଟେଣ୍ଡର ନଥିପତ୍ରରେ ଆବଶ୍ୟକୀୟ ରୂପାନ୍ତରଣ କରାଯାଇଛି, ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ :

| କ୍ର. | ବିଷୟ | ପ୍ରକାଶିତ (ବର୍ତ୍ତମାନର ମୂଲ୍ୟ) | ପଢ଼ାଯିବା ଆବଶ୍ୟକ (ସଂଶୋଧିତ ମୂଲ୍ୟ) |
|---|---|---|---|
| 1 | ବିଜ୍ଞାପିତ ମୂଲ୍ୟ | ₹1304.75 Lakhs | ₹1603.24 Lakhs |
| 2 | EMD | ₹8,02,400/- | ₹9,51,600/- |

ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-151/CH/24-25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: CAOCRSPBBS-02-2025, ତା.31.01.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପଲାସା ମେନ୍ (Main) ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭଲ୍ କ୍ରସିଙ୍ଗ୍ ନଂ. 260 ସ୍ଥାନରେ ରେଲୱେ କି.ମି. 580/23-25 ଠାରେ ରୋଡ୍ ଓଭର ବ୍ରିଜ୍ ସ୍ପାନ (1X36 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 18 ମିଟର କମ୍ପୋଜିଟ୍ ଗର୍ଡ଼ର)ର ନିର୍ମାଣ (କେବଳ ରେଳପଥ ଅଂଶ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2243.75 ଲକ୍ଷ, EMD : ₹12,71,900/-, କାର୍ଯ୍ୟ ଶେଷ ହେବା ଅବଧି: 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2025ରିଖ 1500 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ RSP/ଭୁବନେଶ୍ୱର

PR-149/CH/24-25

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**शुद्धि - पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/11/2024-25/GR_02/3rd Call जिसकी पी० आर० संख्या– 345538 Rural Development (24-25)_D है, में अंकित ई–निविदा खोलने की तिथि एवं समय – 23.02.2025 अपराह्न 2:00 बजे के स्थान पर ई–निविदा खोलने की तिथि एवं समय– 24.02.2025 अपराह्न 2:00 बजे पढ़ा जाय।

निविद की शेष शर्तें यथावत् रहेंगी।

कार्यपालक अभियंता
ग्रामीण विकास विशेष प्रमंडल
PR 346117 Rural Development (24-25)_D बोकारो

# ଭାଜପା କର୍ମକର୍ତ୍ତାଙ୍କ ବିଜୟ ଉତ୍ସବ

ଲହୁଣୀପଡା,୮।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଭାଜପା କର୍ମକର୍ତ୍ତାମାନେ ଶନିବାର ସନ୍ଧ୍ୟାରେ ଦିଲ୍ଲୀ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟରେ ଖୁସି ହୋଇ ବାଣ ଫୁଟାଇ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ। ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପେନ୍ଦ୍ର ବେହେରା, ଅନୀଲ ମାହାନ୍ତ, ଲୁଥାର ଓରାମ, ବିଜୟ ଠାକୁର, ଭୁବନେଶ୍ୱର ବେହେରା, ବାପି ଖଟୁଆଙ୍କ ନେତୃତ୍ୱରେ ଓ ଭାଜପା କର୍ମୀଙ୍କ ସହଯୋଗରେ ଲହୁଣୀପଡା ଗାନ୍ଧୀ ଛକ, ବ୍ଲକ ଛକ,ବସ ଷ୍ଟାଣ୍ଡ,ଟାଉନ ସ୍ଥାନ ଗୁଡିକରେ ବାଣ ଫୁଟାଇ ମିଷ୍ଟାନ୍ନ ବାଣ୍ଟି ବିଜୟ ଉତ୍ସବପାଳନ କରିଥିଲେ।

**झारखण्ड सरकार,**
**अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग।**

पत्रांक– 05/झा०व०नियमावली–02/2021– दिनांक–

**अल्प कालीन निविदा आमंत्रण सूचना**

झारखण्ड वक्फ नियमावली, 2024 के मुद्रण हेतु प्रतिष्ठित प्रतिष्ठानों से दिनांक– 14.02.2025 के अपराह्न 01:00 बजे तक निविदा आमंत्रित किया जाता है।

| क्र०सं० | कार्य का नाम | मुद्रित की जाने वाली प्रतियों की संख्या | निर्धारित दर | कुल राशि |
|---|---|---|---|---|
| 1 | झारखण्ड वक्फ नियमावली, 2024 का मुद्रण (हिन्दी में) | 300 | | |
| 2 | झारखण्ड वक्फ नियमावली 2024 का मुद्रण (अंग्रेजी में) | 300 | | |

प्राप्त निविदा को दिनांक–14.02.2025 को 03:00 बजे अपराह्न में सचिव का कार्यालय कक्ष अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, प्रोजेक्ट भवन, धुर्वा, राँची में खोला जाएगा एवं न्यूनतम दर उद्धृत वाले प्रतिष्ठान को मुद्रण हेतु आदेश दिया जाएगा।

नियम एवं शर्तें–
1. यदि प्रतिष्ठान GST के अन्तर्गत निबंधित हो तो GST निबंधन की छायाप्रति।
2. PAN/TAN Card की छायाप्रति।
3. Bank Passbook की छायाप्रति।
4. सशर्त निविदा स्वीकार नहीं किया जाएगा।
5. प्रतिष्ठान काली सूची में नहीं हो।
6. 10,000.00 का Demand Draft
7. निविदा मोहरबंद लिफाफे में होगी। खुली निविदा स्वीकार नहीं की जाएगी।
8. दो लिफाफा, (1) Technical (2) Financial
9. इस कार्य हेतु कोई अग्रिम भुगतान नहीं किया जाएगा।
10. गुणवत्तापूर्ण मुद्रण के पश्चात् दो प्रतियों में विपत्र प्राप्त होने पर भुगतान की कार्रवाई की जाएगी।

PR 346132 (Schedule Tribe, Schedule Caste, Minority and Backward Class Welfare Department) 24-25 (D)

संयुक्त सचिव

## ଧର୍ମପରାୟଣା ମହିଳାଙ୍କ ବିୟୋଗରେ ଶୋକ

କୁଆଁରମୁଣ୍ଡା,୮।୨(ମହେନ୍ଦ୍ର କୁମାର ସାହୁ): କୁଆଁରମୁଣ୍ଡା ବ୍ଲକ ବାନିଗୁନି ଗ୍ରାମର ସୁମୁରି ଏକ୍କାଙ୍କ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ଶୁକ୍ରବାର ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ବାନିଗୁନି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାନିଗୁନି ଗ୍ରାମ କମିଟିର ସଭାପତି ଆଲବିଶ କୁଜୁର, କୁଆଁରମୁଣ୍ଡା ମୁଲି ପଡ଼ାହା ବେଲ ବାରିୟା ବେକ, ପୂର୍ବତନ ଭାଜପା ମଣ୍ଡଳ ସଭାପତି ମନୋଜ ବାର୍ଲା, ବସନ୍ତ ଓରାମଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ସମୟରେ ମୃତା ସୁମାରୀଙ୍କ ପୁତ୍ର ସୁରଜ, ବଡ଼ ଝିଅ ସୁଭଦ୍ରା, ସାନଝିଅ ପ୍ରଭା ଓ ଅନ୍ୟମାନେ ଉପସ୍ଥିତ ରହି ମୃତଦେହ ସତ୍କାର କରିଥିଲେ।



# ୨୩୦୦୧ ପରୀକ୍ଷାର୍ଥୀଙ୍କ ପାଇଁ ୧୧୭ ପରୀକ୍ଷା କେନ୍ଦ୍ର

ସୁନ୍ଦରଗଡ,୮।୨(ଜୟ ନାରାୟଣ ମେଣ୍ଡୁଲି)

**ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ପ୍ରସ୍ତୁତି ଚୂଡାନ୍ତ**

ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା। ସୁନ୍ଦରଗଡ ଜିଲାରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଜିଲାର ସ୍ୱୀକୃତି ପ୍ରାପ୍ତ ମୋଟ ୪୦୮ଟି ଉଚ୍ଚ ବିଦ୍ୟାଳୟର ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ମୋଟ ସଂଖ୍ୟା ୨୩୦୦୧ରହିଛି। ସେଥିମଧ୍ୟରେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୨୨୯୬୬ ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୩୫ରହିଛି। ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ କେନ୍ଦ୍ର ରହିଥିବା ବେଳେ ଏସ ଓ ଏସସି ପରୀକ୍ଷାର୍ଥୀଙ୍କ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ସଂରକ୍ଷଣ ଓ ପ୍ରେରଣ ପାଇଁ ୨୦ଟି ନୋଡାଲ କେନ୍ଦ୍ର କରାଯାଇଛି। ସେହିପରି ରାଉରକେଲା ପୌରାଞ୍ଚଳରେ ୫୨ଟି ହାଇସ୍କୁଲର ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ମୋଟ ୩୮୩୪ପରୀକ୍ଷାର୍ଥୀଙ୍କ ପାଇଁ ୧୭ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ହୋଇଛି। ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ, ଏସ ଓ ଏସ ସି ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ରହିଛି। ମଧ୍ୟମା ରେଗୁଲାର ୧୧ଜଣ ଏବଂ ଏସ ଓ ଏସସି ପରୀକ୍ଷାର୍ଥୀ ୮୬ଜଣ ରହିଛନ୍ତି। ସେହିପରି ପ୍ରଶ୍ନପତ୍ର ସଂରକ୍ଷଣ ଏବଂ ପ୍ରେରଣ ପାଇଁ ୩ଟି ନୋଡାଲ କେନ୍ଦ୍ର କରାଯାଇଛି ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଅଜଣା ଯୁବକଙ୍କ ଗଳିତ ମୃତଦେହ ଜବତ. ହତ୍ୟା ସନ୍ଦେହ

ବଡ଼ଗାଁ,୮।୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଗରିଆମାଲ ଗାଁ ନିକଟ ରାଜ୍ୟ ରାଜପଥ ପାର୍ଶ୍ୱ ଜଙ୍ଗଲିଆ ସ୍ଥାନରେ ପଡ଼ିଥିବା ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ଯୁବକଙ୍କ ବୟସ ୪୫ରୁ ୫୦ ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ପ୍ରାୟ ଏକ ମାସ ତଳେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଶୁକ୍ରବାର ସଂଧ୍ୟାରେ ଦୁର୍ଗନ୍ଧ ଯୋଗୁ ସ୍ଥାନୀୟ ଗ୍ରାମବାସୀ ଘଟଣା ବିଷୟରେ ଜାଣି ବଡ଼ଗାଁ ପୋଲିସକୁ ସୂଚନା ଦେଇଥିଲେ। ବଡ଼ଗାଁ ଥାନା ଏସଆଇ ଖଗପତି ବିଶାଳ ସାଇଣ୍ଟିଫିକ ଟିମ ସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବଡ଼ଗାଁ ତହସିଲଦାର ଝରଣା ପ୍ରଧାନଙ୍କ ଉପସ୍ଥିତରେ ମୃତଦେହ ଜବତ କରି ସୁନ୍ଦରଗଡ଼ ଡାକ୍ତରଖାନାରେ ରଖିଛନ୍ତି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ମୁଣ୍ଡରେ କେଶ ନ ଥିବା ଏବଂ ମୁହଁ କଙ୍କାଳ ଭଳି ଦେଖା ଯାଉଥିବାରୁ ତାଙ୍କ ମୁହଁକୁ ପୋଡି ଦିଆଯାଇଥିବା ଆଶଙ୍କା ପ୍ରକାଶ ପାଇଛି।

## ପ୍ରବାସୀ ଭାରତୀୟଙ୍କୁ ଅପମାନ, କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୮।୨(ସଙ୍ଗୀତା ଜେନା): ଆମେରିକାରେ ଥିବା ପ୍ରବାସୀ ଭାରତୀୟମାନଙ୍କୁ ଅତ୍ୟନ୍ତ ଲଜ୍ଜାଜନକ ପରିସ୍ଥିତିରେ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି। ଟ୍ରମ୍ପ ସରକାର ପ୍ରବାସୀ ଭାରତୀୟମାନଙ୍କ ଗୋଡ ଓ ହାତରେ ବେଡ଼ି ପକାଇ ସେମାନଙ୍କୁ ଭାରତ ପଠାଇଥିଲେ। ଅପରପକ୍ଷେ ମୋଦୀ ସରକାର ନମସ୍ତେ ଟ୍ରମ୍ପ କାର୍ଯ୍ୟକ୍ରମ କରି ପ୍ରଶଂସା କରୁଛନ୍ତି। ଏହାକୁ ବିରୋଧ କରି ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଡିସିସି ସଭାପତି ରବି ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସାବିର ହୁସେନ୍, ଜ୍ଞାନରଞ୍ଜନ ଦାସ, ବାଦଲ ଶ୍ରୀଚନ୍ଦନ, ଭୀମ ମହତୋ, ବନମାଳି ବିଶୋୟୀ, ତୁଷାରକାନ୍ତ ଧଳ, ରିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ସିଆଇଟିୟୁ ପକ୍ଷରୁ ଗଣଧାରଣା,ବିକ୍ଷୋଭ ପ୍ରଦର୍ଶନ

ଲହୁଣୀପଡା,୮।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଭୁତୁଡା ପଞ୍ଚାୟତ କୁରୁମିତର ଖଣି (ଓଏମସି)ଖଣ୍ଡାଧାରଠାରେ ଶନିବାର ସିଆଇଟିୟୁ ପକ୍ଷରୁ ୧୦ ଦଫା ଦାବି ନେଇ ଏକ ବିଶାଳ ଗଣଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଶ୍ରମିକମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଓଏମ୍‌ସି ମୁଖ୍ୟ ଫାଟକରେ ପହଞ୍ଚିଥିଲେ। ସେମାନେ ଓଏମସି ଭିତରକୁ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ବିରୋଧ କରିବାରୁ ଶ୍ରମିକ ଓ କର୍ମକର୍ତ୍ତାମାନେ ଗେଟରେ ଧସେଇ ପଶି ଅଫିସ ଭିତରେ ନାରାବାଜି କରିଥିଲେ। ପରେ ଓଏମ୍‌ସି ଗେଟ୍ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରମିକ ନେତା ପ୍ରଭାତ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ପ୍ରମୋଦ ସାମଲ,କୃଷକ ନେତା ସୁରେନ୍ଦ୍ର ଦାସ, ଶ୍ରମିକ ନେତା ବିମାନ ମାଇତି, ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା, ଶସ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ସମିତି ସଭ୍ୟା ଅନିତା ଦୀପ୍ତି ମୁଣ୍ଡା, ଯୁବନେତା ଆନନ୍ଦମାସି ହରୋ ଯୋଗ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରେଳରୋକ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅସିତ ଚୌଧୁରୀ, ଓମନ୍ତ ମାହାନ୍ତ, ସମୀର ନାୟକ, ଲାଲ ବାହାଦୂର ମାହାନ୍ତ, ଗଣେଶ ପାତ୍ର, ଦୁଲାଳ ସିଂ,ସୁଶୀଲ ଟପ୍ପୋ, ପ୍ରକାଶ ଘଣା, ଜିତେନ୍ଦ୍ର ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

**Govt. of Jharkhand**
**Directorate of Sports & Youth Affairs,**
Birsa Munda Football Stadium, Gate No 28, Morabadi, Ranchi – 834008, Jharkhand.
email: directorsportsjharkhand@gmail.com
INVITATION FOR BID (IFB)
NIT No. -10/2024-25 Dated:-07-02-2025

The Directorate of Sports & Youth Affairs, Jharkhand, Ranchi hereby invites Tender for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. | ₹8,00,000/- (Eight Lakhs Rupees) Only | within 30 days from the date of award of Work Order | Jharkhand |
| Availability of tender documents on website of this Directorate - https://sports.jharkhand.gov.in | | From 8th to 24th February 2025 | |
| Last date of submission of queries from bidders | | From 8th to 24th February 2025 | |
| Pre bid query meeting | | At 11:00 a.m. on 14th February 2025 | |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | | Up to 11:30 a.m. on 24th February 2025 | |
| Date and time for opening of Tender Part-I (Technical Bid) | | At 2:30 p.m. on 24th February 2025 | |
| Date and time for opening of tender Part-II (Price Bid) | | Immediately after finalizing the technical part of tender (Part-I) | |
| Tendering Officer and address for communication | | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi | |
| Contact/E-mail Id | | directorsportsjharkhand@gmail.com dir_sportsjh@jharkhandmail.gov.in | |

1. The detailed tender document can be downloaded from the website of this Directorate - https://sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:30 a.m. on 24th February 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - https://sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

Sd/-
Director, Directorate of Sports & Youth Affairs,
Jharkhand, Ranchi.

PR 346087 Art Culture Sports and Youth Affairs(24-25)D

## ସଂକ୍ଷେପରେ

### ପୂର୍ବତଟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳରେ ଝାରସୁଗୁଡ଼ାର କାହ୍ନା ମେହେର

ଝାରସୁଗୁଡ଼ା,୮।୨(ଆଶିଷରଞ୍ଜନ ଦାଶ)


କାହ୍ନା ମେହେର।

ପୂର୍ବତଟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ପାଇଁ ଝାରସୁଗୁଡା ଜିଲା ବ୍ରଜରାଜନଗର କଲେଜର କାହ୍ନା ମେହେର ମନୋନୀତ ହୋଇଛନ୍ତି। ୧୯ଜଣ ଖେଳାଳି ତାଲିକାରେ କାହ୍ନା ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ ଭାବେ ମନୋନୀତ ହୋଇଛନ୍ତି। ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଲକା ମହାନ୍ତି କାହ୍ନାଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଦ୍ୱାରା ଝାରସୁଗୁଡା ଜିଲାର କ୍ରିକେଟପ୍ରେମୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି।

### ଏନ୍‌ଏଲ୍‌ସି ବିସ୍ଥାପିତଙ୍କୁ ନେଇ ତ୍ରିପାକ୍ଷିକ ବୈଠକ

ଝାରସୁଗୁଡ଼ା,୮।୨(ଆଶିଷରଞ୍ଜନ ଦାଶ)

ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏନ୍‌ଏଲ୍‌ସି (ଜାତୀୟ କୋଇଲା ଉତ୍ପାଦକ ସଂସ୍ଥା) ବିସ୍ଥାପିତଙ୍କ ସମସ୍ୟାକୁ ନେଇ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଝାରସୁଗୁଡ଼ା ସଦର ବ୍ଲକ ମଳଦା ଓ ପତ୍ରାପାଲିରେ ବିସ୍ଥାପିତ ହେଉଥିବା ଲୋକଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଜମିହରା ପରିବାରର ଅନ୍ୟୁନ ଜଣଙ୍କୁ କମ୍ପାନୀରେ ଚାକିରି ପ୍ରଦାନ ଓ ସେଥିପାଇଁ ତାଲିମ୍ ପ୍ରଦାନ କରିବାକୁ ଦାବି ହୋଇଥିଲା। ପିଡିଏଫ୍ ପରିବାରକୁ ମିଳୁଥିବା କ୍ଷତିପୂରଣ ରାଶି ୨୦ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜମି କ୍ଷତିପୂରଣ ବୃଦ୍ଧି କରିବା ଦାବି ହୋଇଥିଲା। ଖଣି ଖନନ କାର୍ଯ୍ୟ ଜାରି ରହିଥିବାରୁ ଗାଁରେ ଲୋକେ ରହିବା କଷ୍ଟକର ହୋଇପଡୁଛି। ତେଣୁ ଶୀଘ୍ର ଆର୍‌ଆଣ୍ଡଆର୍ କଲୋନୀ ନିର୍ମାଣ କାର୍ଯ୍ୟ ଶେଷକରି ଲୋକଙ୍କୁ ସ୍ଥାନାନ୍ତର କରିବାକୁ ଦାବି କରାଯାଇଥିଲା। ଏହା ସହିତ ନୂଆ ସ୍କୁଲ ଗୃହ ନିର୍ମାଣ ନ ହେବା ଯାଏ ପୁରୁଣା ସ୍କୁଲର ମରାମତି କରିବାକୁ ଲୋକେ ଦାବି କରିଥିଲେ। ବିଧାୟକ ତ୍ରିପାଠୀ ଲୋକଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ ନେଇ ଏନ୍‌ଏଲ୍‌ସିର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅବୋଲୀ ସୁନୀଲ ନରୱଣେ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଭାରପ୍ରାପ୍ତ ତହସିଲଦାର ବିନୟ ପଟେଲ ଉପସ୍ଥିତ ଥିଲେ।

### ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡା,୮।୨(ଆଶିଷରଞ୍ଜନ ଦାଶ)

ଝାରସୁଗୁଡା ସହରସ୍ଥିତ ମହିଳା ମହାବିଦ୍ୟାଳୟରେ ୪୩ ତମ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାହା ଝାରସୁଗୁଡା ଅତିରିକ୍ତ ପ୍ରଶାସନିକ ସେବାଧିକାରୀ ବ୍ରଜବନ୍ଧୁ ଭୋଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦ୍ୱାରିକା ନାଥ ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ନନ୍ଦିନୀ ଶତପଥିଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ତ୍ରିପାଠୀ ମହାବିଦ୍ୟାଳୟର ବହୁଦିନ ଧରି ରହିଥିବା ଜମି ସମସ୍ୟାର ସମାଧାନ କରି ୩.୩୦ ଏକର ଜମିର ଆରଓଆଇ ଆବେଦନ କରିବାକୁ ଅଧ୍ୟକ୍ଷାଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ଛାତ୍ରୀ ନିବାସ ତିଆରି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟବକ୍ତା ନାୟକଙ୍କ ନାଟକୀୟ ଉଦ୍‌ବୋଧନ ଛାତ୍ରୀମାନଙ୍କୁ ବେଶ୍ ପ୍ରେରଣା ଦେଇଥିଲା। ମହାବିଦ୍ୟାଳୟର ଯୁକ୍ତ ଦୁଇର ଇନ୍‌ଚାର୍ଜ ରେଣୁକା ପୂଝାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ। ଡ. ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଶେଷରେ ଇଂରାଜୀ ବିଭାଗର ମୁଖ୍ୟ ଡ. ଅନୁପମା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଣ୍ଟନ

ଝାରସୁଗୁଡ଼ା,୮।୨(ଆଶିଷ ରଞ୍ଜନ ଦାଶ)

ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସେମାନଙ୍କ ପାଖରେ ପହଁଚାଇବା ସହ କାର୍ଡ଼ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଭାବରେ ଶିବିର ଆୟୋଜନ ଦିଗରେ ପଦକ୍ଷେପ ନେବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଜିଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ଅତିଥି ଭାବେ ମନ୍ତ୍ରୀ ନାଏକ ଓ ବିଧାୟକ ତ୍ରିପାଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିର ଉଦ୍‌ଘାଟନ କରିଥିଲେ। ଶିବିର ପ୍ରାରମ୍ଭରେ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ମନ୍ତ୍ରୀ ନାଏକ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସବୁ ସରକାରୀ ଯୋଜନା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେମାନଙ୍କ ପାଖରେ ପହଞ୍ଚାଇବା


ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରାଯାଉଛି।

ସହ ନୂତନ କାର୍ଡ଼ ପଞ୍ଜୀକରଣ ତଥା ନବୀକରଣ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ସୁଭଦ୍ରା ଯୋଜନା, ଦିବ୍ୟାଙ୍ଗ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଯୋଜନା ବିଷୟରେ ନିର୍ମାଣ ଶ୍ରମିକମାନେ କିପରି ଅବଗତ ହେବେ ସେ ଦିଗରେ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ଓ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ନିର୍ମାଣ ଶ୍ରମିକମାନେ ଯୋଜନା ବିଷୟରେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ବୁଝାଇଥିଲେ। ଶିବିରରେ ସହାୟତା ବାବଦକୁ ୧୪୦ ଜଣଙ୍କୁ ୮୮,୭୦,୮୦୦ଟଙ୍କା ପ୍ରଦାନ କରାଯାଇଛି। ଜିଲା ଶ୍ରମ ଅଧିକାରୀ(କଲ୍ୟାଣ) ସୁନିତା ଲାକ୍ରା ଶିବିର ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ତରୁଣ ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ଦୀପକ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ) ସୁନିତା କିଷାନ, କାର୍ଯ୍ୟକ୍ରମ ପରିଚାଳକ (ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ)ଜନ୍ମେଜୟ ସା, କଲ୍ୟାଣ ସଂଯୋଜକ କାନ୍ତେଶ୍ୱର ମହାପାତ୍ର, ପ୍ରଶାନ୍ତ ମଣ୍ଡଳ ଓ ଆଶିଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ମହାଶିବରାତ୍ରି ଉତ୍ସବ ପ୍ରସ୍ତୁତି ବୈଠକ


ମହାଶିବରାତ୍ରି ପାଳନ ନିମନ୍ତେ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳର ପ୍ରସିଦ୍ଧ ବାବା ଶ୍ରୀଶ୍ରୀ ଝାଡେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଶିବରାତ୍ରୀ ପାଳନ ନିମନ୍ତେ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧ୍ୟବର୍ତ୍ତୀକାଳୀନ ପରିଚାଳନା ସମିତି ଟ୍ରଷ୍ଟି ଅମରେନ୍ଦ୍ର ଗଙ୍ଗଦେବ ବୈଠକରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସମିତିର ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ସତ୍ୟନାରାୟଣ ପାଣି, ବିକାଶ କୁମାର ପ୍ରଧାନ, ମାନସ କୁମାର ପ୍ରଧାନ ଓ ଉଗ୍ରସେନ ଭୋଇଙ୍କ ସମେତ ବହୁ ସଦସ୍ୟ ଏବଂ ପୂଜକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାସହ ଏହି ଉତ୍ସବକୁ ଧୁମଧାମର ସହିତ ପାଳନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଉତ୍ସବ ଅବସରରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ସଂରକ୍ଷଣ ସହିତ ଚାନ୍ଦୁଆ ନିର୍ମାଣ, ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ସାହାପଡ଼ାରେ ନାମ ସଂକୀର୍ତ୍ତନ ଆରମ୍ଭ

ଝାରସୁଗୁଡା,୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ସାହାପଡାଠାରେ ଶନିବାର ନାମ ସଂକୀର୍ତ୍ତନ ମହାସମାରୋହରେ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ କଳସ ଯାତ୍ରା ସହ ଅଧିବାସ କରାଯାଇଥିଲା। ଶନିବାର ସକାଳୁ ପ୍ରମୋଦ ତ୍ରିପାଠୀ ଓ ବସୁଧା ତ୍ରିପାଠୀ କର୍ତ୍ତା ଭାବରେ ଓ ପବିତ୍ର ସାହୁ, ଆଦିତ୍ୟ ପାତ୍ର, ପ୍ରକାଶ ସା, ଲକ୍ଷ୍ମୀ ନାରାୟଣ ବିରତିଆ, ଆନନ୍ଦ ସା, ଦିନେଶ ସା ଷଡ଼ ବୈଷ୍ଣବ ଭାବରେ ପୂଜାରେ ଅଂଶଗ୍ରହଣ କରି ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଥିଲା। ସମସ୍ତ ସାହାପଡା ଗ୍ରାମବାସୀଙ୍କ ସହଯୋଗରେ ନାମ ସଂକୀର୍ତ୍ତନ ଚାଲିଥିବାବେଳେ ପ୍ରସାଦ ସେବନ ପାଇଁ ଅନ୍ନଛତ୍ର ଖୋଲା ଯାଇଛି। ଏହା ଆସନ୍ତା ସୋମବାର ଉଦଯାପିତ ହେବ।

## ଦିଲ୍ଲୀ ବିଜୟକୁ ନେଇ ସମ୍ବଲପୁର ଭାଜପାରେ ଉତ୍ସାହ


ସମ୍ବଲପୁର ଭାଜପା କାର୍ଯ୍ୟାଳୟରେ ଉତ୍ସବ ମୁଖର ଭାଜପା ନେତା ଏବଂ କର୍ମୀ।

ସମ୍ବଲପୁର, ୮।୨(ଭବାନୀ ଶଙ୍କର ଭୋଇ)

ଦିଲ୍ଲୀ ବିଧାନସଭା ନିର୍ବାଚନରେ ୧୯୯୩ ପରେ ଭାଜପା ପୁଣିଥରେ ଏକାକୀ ସରକାର କରିବାକୁ ଯାଉଛି। ଶନିବାର ଏହି ବିଜୟକୁ ନେଇ ସମ୍ବଲପୁରରେ ଭାଜପା କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସମ୍ବଲପୁର କଚେରୀ ରୋଡ ସ୍ଥିତ ଭାଜପା କାର୍ଯ୍ୟାଳୟରେ ସନ୍ଧ୍ୟା ସାଢେ ସାତଟାରେ ବିଜୟ ଉତ୍ସବ ପାଳନ ହୋଇଥିଲା। ବିଧାୟକ ଜୟ ନାରାୟଣ ମିଶ୍ର ଓ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ଉପସ୍ଥିତିରେ ଦଳର କର୍ମୀ ପଦାଧିକାରୀ ମାନେ ବାଣ ଫୁଟେଇ, ମିଷ୍ଟାନ୍ନ ବଣ୍ଟନ ସହ ନାଚ ଗୀତ କରି ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ରାମ ଚନ୍ଦ୍ର ମେହେର, ଅନୀଲ ବେହେରା, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ଆଶିଷ ହୋତା, ସୁଶାନ୍ତ କୁମାର ପୁରୋହିତ, ସରୋଜ ଦଳପତ, ଦାମୋଦର କର, ପ୍ରଭୁଦତ୍ତ ପଣ୍ଡା, ଶିବ ଦିୱାନ ପ୍ରମୁଖ ସାମିଲ ଥିଲେ ।

## ବାଣ ଫାଟି ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍‌ର ଜଣେ ଗୁରୁତର

ଝାରସୁଗୁଡ଼ା,୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର ଟାଉନ ଥାନାଞ୍ଚଳର ଏକ ହୋଟେଲରେ ଶୁକ୍ରବାର ବିଳମ୍ବିତ ରାତିରେ ବିବାହ ଉତ୍ସବ ଚାଲିଥିବାବେଳେ ବାଣ ଫାଟି ଜଣେ ଗୁରୁତର ହୋଇଛନ୍ତି। ବରଯାତ୍ରୀ ପ୍ରବେଶବେଳେ


ଚନ୍ଦନ ପ୍ରଧାନ।

ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍ ପକ୍ଷରୁ ବାଣ ଫୁଟାଯାଇଥିଲା। ଏହି ସମୟରେ ଅସାବଧାନତା ବଶତଃ ତାହା ଫାଟି ଟିମ୍‌ର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ହେଉଛନ୍ତି ସ୍ଥାନୀୟ ବୁଡ଼ାପଡ଼ାର ଚନ୍ଦନ ପ୍ରଧାନ(୧୯)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଚନ୍ଦନଙ୍କର ଛାତି ଓ ମୁହଁର କିଛି ପାର୍ଶ୍ୱ ପୋଡ଼ି ଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025006 Dtd. 27.01.2025 ର
**ଶୁଦ୍ଧିପତ୍ର ସଂ.-01**

ବିଜ୍ଞାପିତ ମୂଲ୍ୟ ଏବଂ EMD ସହିତ ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି/ଟେଣ୍ଡର ନଥିପତ୍ରରେ ଆବଶ୍ୟକୀୟ ରୂପାନ୍ତରଣ କରାଯାଇଛି, ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ :

| କ୍ର. | ବିଷୟ | ପ୍ରକାଶିତ (ବର୍ତ୍ତମାନର ମୂଲ୍ୟ) | ପଢ଼ାଯିବା ଆବଶ୍ୟକ (ସଂଶୋଧିତ ମୂଲ୍ୟ) |
|---|---|---|---|
| 1 | ବିଜ୍ଞାପିତ ମୂଲ୍ୟ | ₹1304.75 Lakhs | ₹1603.24 Lakhs |
| 2 | EMD | ₹8,02,400/- | ₹9,51,600/- |

ସବିଶେଷ ବିବରଣୀ ନିମନ୍ତେ ୱେବସାଇଟ୍ www.ireps.gov.in ଅବଲୋକନ କରନ୍ତୁ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-151/CH/24-25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: CAOCRSPBBS-02-2025, ତା.31.01.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭଲ୍ କ୍ରସିଙ୍ଗ୍ ନଂ. 260 ସ୍ଥାନରେ ରେଲୱେ କି.ମି. 580/23-25 ଠାରେ ରୋଡ଼ ଓଭର ବ୍ରିଜ୍ ସ୍ପାନ (1X36 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 18 ମିଟର କମ୍ପୋଜିଟ୍ ଗର୍ଡ଼ର)ର ନିର୍ମାଣ (କେବଳ ରେଳପଥ ଅଂଶ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2243.75 ଲକ୍ଷ, EMD : ₹12,71,900/-, କାର୍ଯ୍ୟ ଶେଷ ହେବା ଅବଧି: 18 (ଅଠର) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2025ରିଖ 1500 ଘଟିକାରେ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ RSP/ଭୁବନେଶ୍ୱର
PR-149/CH/24-25

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो**

**शुद्धि - पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/11/2024-25/GR_02/3rd Call जिसकी पी० आर० संख्या– 345538 Rural Development (24-25)_D है, में अंकित ई–निविदा खोलने की तिथि एवं समय – 23.02.2025 अपराह्न 2:00 बजे के स्थान पर ई–निविदा खोलने की तिथि एवं समय– 24.02.2025 अपराह्न 2:00 बजे पढ़ा जाय।
निविद की शेष शर्ते यथावत् रहेंगी।

कार्यपालक अभियंता
ग्रामीण विकास विशेष प्रमंडल
PR 346117 Rural Development (24-25)_D बोकारो


## ଦେବଗଡ଼ ସରକାରୀ ପ୍ରେସ୍‌କୁ ନ ଉଠାଇବାକୁ ଦାବି

ଦେବଗଡ଼, ୮।୨(ଶଶାଙ୍କ ଶେଖର ଝାଙ୍କର)

**ବିଭିନ୍ନ ସମସ୍ୟା ନେଇ ଆଲୋଚନା**

ଦେବଗଡ଼ ସହରସ୍ଥିତ ସରକାରୀ ପ୍ରେସ (ଛାପାଖାନା)କୁ ନ ଉଠାଇବାକୁ ଦେବଗଡ଼ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସେଣ୍ଟର ଫର କଲଚର ପ୍ରାଙ୍ଗଣରେ ନାଗରିକ କମିଟି ସଭାପତି ସୁଶିଲ କୁମାର କପରଦାରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରୀ ପ୍ରେସଟି ରାଜା ସାର ବାସୁଦେବ ସୁଢଳଦେବଙ୍କ ଦ୍ୱାରା ୧୮୮୬ ମସିହାରେ ସ୍ଥାପିତ ହୋଇଥିଲା। ସେତେବେଳେ ଏହା ଜଗନ୍ନାଥ ବଲ୍ଲଭ ପ୍ରେସ ନାମରେ ନାମିତ ହୋଇଥିଲା। ଏହି ପ୍ରେସରୁ ସମ୍ବଲପୁର ହିତେଇଶିନୀ ତଥା ଅନେକ ଐତିହାସିକ ପୁସ୍ତକଗୁଡିକୁ ମୁଦ୍ରିତ ହେଉଥିଲା। ସୁନାମଧନ୍ୟ ସାହିତ୍ୟିକ ନୀଳମଣି ବିଦ୍ୟାରତ୍ନ, କବିବର ରାଧାନାଥ ରାୟ ତଥା ଗଙ୍ଗାଧର ମେହେରଙ୍କ ଭଳି ପ୍ରସିଦ୍ଧ ଲେଖକ ଓ କବିମାନଙ୍କ ଲେଖା ଏହି ପ୍ରେସରେ ମୁଦ୍ରିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ରାଜ୍ୟ ସରକାରଙ୍କ ଅଧୀନରେ ରହିଲା। ପଶ୍ଚିମ ଓଡ଼ିଶାରେ ଥିବା କାର୍ଯ୍ୟାଳୟଗୁଡିକ ନିମନ୍ତେ ବିଭିନ୍ନ ସରକାରୀ କାଗଜ, ଫର୍ମ ଓ ଲଫାପା ଆଦି ଏଠାରୁ ମୁଦ୍ରିତ ହେଉଥିଲା। ଏଭଳି କ୍ଷେତ୍ରରେ ଏହି ଐତିହାସକ ପ୍ରେସକୁ ବନ୍ଦ କରିଦେବାକୁ ସରକାର ମସୁଧା କରୁଥିବା ଆଶଙ୍କା ସୃଷ୍ଟି ହେଉଛି। ଏଣୁ ଏହି ସରକାରୀ ପ୍ରେସକୁ ବନ୍ଦ ନ କରିବାକୁ ଦାବି କରାଯାଇଛି। ଉକ୍ତ ବୈଠକରେ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ବର୍ଦ୍ଧିତ ହୋଲଡିଂ ଟାକ୍ସକୁ ଉଚ୍ଛେଦ କରିବା ପାଇଁ ପୁନଃ ଦାବି କରାଯାଇଛି। ବିମଳାଗଡ଼-ତାଳଚେର ରେଳ ଲାଇନ ନିର୍ମାଣ କାର୍ଯ୍ୟକୁ ତ୍ୱରାନୀତ କରାଇବା ତଥା ବାରକୋଟ-ଝାରସୁଗୁଡା ରେଳ ଲାଇନ କାର୍ଯ୍ୟକୁ ମଧ୍ୟ ଆଗେଇ ନେବା ପାଇଁ ଦାବି କରାଯାଇଥିଲା। ଏହି ବୈଠକରେ ଶଶାଙ୍କ ଶେଖର ଝଙ୍କାର, ସତ୍ୟନାରାୟଣ ମିଶ୍ର, ଆଇନଜୀବୀ ମନୋଜ କୁମାର ପାଢି, ଆଇନଜୀବୀ ପ୍ରିତିପାରମିତା ବେହେରା, ସୁଧୀର କପରଦାର, ମଞ୍ଜୁଳ ନାଏକ, କୁମୁଦ ଶତପଥି, ସୁଦାମ ବୁଢ଼ା, ବିଜୟ ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


झारखण्ड सरकार,
अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग।

पत्रांक– 05/झा०व०नियमावली–02/2021– दिनांक–

**अल्प कालीन निविदा आमंत्रण सूचना**

झारखण्ड वक्फ नियमावली, 2024 के मुद्रण हेतु प्रतिष्ठित प्रतिष्ठानों से दिनांक– 14.02.2025 के अपराह्न 01:00 बजे तक निविदा आमंत्रित किया जाता है।

| क्र०सं० | कार्य का नाम | मुद्रित की जाने वाली प्रतियों की संख्या | निर्धारित दर | कुल राशि |
|---|---|---|---|---|
| 1 | झारखण्ड वक्फ नियमावली, 2024 का मुद्रण (हिन्दी में) | 300 | | |
| 2 | झारखण्ड वक्फ नियमावली 2024 का मुद्रण (अंग्रेजी में) | 300 | | |

प्राप्त निविदा को दिनांक–14.02.2025 को 03:00 बजे अपराह्न में सचिव का कार्यालय कक्ष अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, प्रोजेक्ट भवन, धुर्वा, राँची में खोला जाएगा एवं न्यूनतम दर उद्धृत वाले प्रतिष्ठान को मुद्रण हेतु आदेश दिया जाएगा।

नियम एवं शर्तें–
1. यदि प्रतिष्ठान GST के अन्तर्गत निबंधित हो तो GST निबंधन की छायाप्रति।
2. PAN/TAN Card की छायाप्रति।
3. Bank Passbook की छायाप्रति।
4. सशर्त निविदा स्वीकार नहीं किया जाएगा।
5. प्रतिष्ठान काली सूची में नहीं हो।
6. 10,000.00 का Demand Draft
7. निविदा मोहरबंद लिफाफे में होगी। खुली निविदा स्वीकार नहीं की जाएगी।
8. दो लिफाफा, (1) Technical (2) Financial
9. इस कार्य हेतु कोई अग्रिम भुगतान नहीं किया जाएगा।
10. गुणवत्तापूर्ण मुद्रण के पश्चात् दो प्रतियों में विपत्र प्राप्त होने पर भुगतान की कार्रवाई की जाएगी।

PR 346132 (Schedule Tribe, Schedule Caste, Minority and Backward Class Welfare Department) 24-25 (D)
संयुक्त सचिव


## ଦୁର୍ଗାମାଧବ ପଣ୍ଡାଙ୍କୁ କଳା କ୍ଷେତ୍ରରେ ରତ୍ନଶ୍ରୀ ସମ୍ମାନ

ଝାରସୁଗୁଡା,୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଅନ୍ତର୍ଗତ ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ରତ୍ନ ମଣ୍ଡପରେ ଚାଲିଥିବା ୨୧ତମ 'ବେଲପାହାଡ଼ ଉଚ୍ଛବ୍ ମଚାନ୍'ରେ ଶନିବାର ଛତିଶଗଡ଼ି ନାଚ ଦର୍ଶକ ଉପଭୋଗ କରିଥିଲେ। ନିକଟ ଅତୀତରେ ପରଲୋକ ଘଟିଥିବା ମୁରା-ଅମ୍ବାଭନା ନିର୍ବାଚନ ମଣ୍ଡଳୀର ଦିବଙ୍ଗତ ପ୍ରଥମ ବିଧାୟକ ମକରଧ୍ୱଜ ପ୍ରଧାନ ଓ ଉତ୍ସବ କମିଟିର ଦିବଙ୍ଗତ ସଦସ୍ୟ ଯୋଗେଶ୍ୱର ବହିଦାରଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଛି। ଶନିବାର ତୃତୀୟ ସନ୍ଧ୍ୟାରେ ବରଗଡ଼ର କାମିନୀ ଗ୍ରୁପ, ବିଳାସପୁରର ଛତିଶଗଡ଼ି ଲୋକନୃତ୍ୟ, ମା' ସମଲେଶ୍ୱରୀ ଗ୍ରୁପ, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଆମନ୍ତ୍ରିତ ବିଶିଷ୍ଟ କବିଙ୍କ ମଧ୍ୟରେ ଶିଶିର ପୁରୋହିତ, ନୀତିଶ ଆଚାର୍ଯ୍ୟ ଓ ଦେବେନ୍ଦ୍ର ସାହୁ ହାସ୍ୟ ରସାତ୍ମକ କବିତା ପାଠ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ଗବେଷକ ଡ. ମୋହନ ସାହୁ, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର ଅତିଥି ଥିଲେ। 'ମଚାନ୍' ଅବସରରେ ବିଶିଷ୍ଟ କବି, ଲେଖକ, ଗୀତିକାର ତଥା ସ୍ତମ୍ଭକାର ସୁନ୍ଦରଗଡ଼ ନିବାସୀ ଦୁର୍ଗାମାଧବ ପଣ୍ଡାଙ୍କୁ ରତ୍ନଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବେଲପାହାଡ଼


ଦୁର୍ଗା ମାଧବ ପଣ୍ଡାଙ୍କୁ ରତ୍ନଶ୍ରୀ ସମ୍ମାନରେ ସମ୍ମାନିତ କରାଯାଉଛି।

**'ବେଲପାହାଡ଼ ଉଚ୍ଛବ୍ ମଚାନ୍' ତୃତୀୟ ଦିନ**
**ମନମୋହିଲା ଛତିଶଗଡ଼ି ନାଚ**

ଉଚ୍ଛବ୍ ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି,କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ, କାର୍ଯ୍ୟକାରୀ ସଂଯୋଜକ ମୋତିରାମ ମେହେର, ଉପସଭାପତି ଶ୍ରୀକର ଭୋଇ, ସଦସ୍ୟ ଗୌରୀଶଙ୍କର ବିଶି, କମଳ ବହିଦାର, ସୌମ୍ୟବ୍ରତ ମିଶ୍ର, ରାଜେଶ ପଶାୟତ, ହେମସାଗର ପଟ୍ଟନାୟକ, ଆଶିଷ ମେହେରଙ୍କ ତତ୍ତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା। ମନୋଜ ପଟେଲ, ନିଶା ଶର୍ମା, ପିଙ୍କି ମାଝୀ, ବନଲକ୍ଷ୍ମୀ ଦଳେଇ ଓ ଆକାଶ ମେହେର ଉଦ୍‌ଘୋଷକ ଭାବେ କାର୍ଯ୍ୟକ୍ରମରେ ସାମିଲ ଥିଲେ।


**Govt. of Jharkhand**
**Directorate of Sports & Youth Affairs,**
Birsa Munda Football Stadium, Gate No 28, Morabadi, Ranchi – 834008, Jharkhand.
email: directorsportsjharkhand@gmail.com
INVITATION FOR BID (IFB)
NIT No. -10/2024-25 Dated:-07-02-2025

The Directorate of Sports & Youth Affairs, Jharkhand, Ranchi hereby invites Tender for the Rate Contract for the following work in two parts Part-I (Technical Bid) and Part-II (Financial Bid). The rate contract will remain valid until the completion of the financial year 2026-27. Only eligible and reputed bidders, possessing substantial experience in similar works and demonstrating sound financial stability, are invited to submit their bids.

| Name of the Work | Earnest money to be deposited in Rs./- | Time of Supply | Place of Supply |
|---|---|---|---|
| Rate Contract for supply of Sports and Generic kits. | ₹8,00,000/ - (Eight Lakhs Rupees) Only | within 30 days from the date of award of Work Order | Jharkhand |
| Availability of tender documents on website of this Directorate - https://sports.jharkhand.gov.in | | From 8th to 24th February 2025 | |
| Last date of submission of queries from bidders | | From 8th to 24th February 2025 | |
| Pre bid query meeting | | At 11:00 a.m. on 14th February 2025 | |
| Last date and time for physical submission of Tender, original Demand Draft towards cost of bid document, Earnest Money and Samples/Catalogue | | Up to 11:30 a.m. on 24th February 2025 | |
| Date and time for opening of Tender Part-I (Technical Bid) | | At 2:30 p.m. on 24th February 2025 | |
| Date and time for opening of tender Part-II (Price Bid) | | Immediately after finalizing the technical part of tender (Part-I) | |
| Tendering Officer and address for communication | | Director, Directorate of Sports & Youth Affairs, Birsa Munda Football Stadium, Morabadi, Ranchi | |
| Contact/E-mail Id | | directorsportsjharkhand@gmail.com dir_sportsjh@jharkhandmail.gov.in | |

1. The detailed tender document can be downloaded from the website of this Directorate - https://sports.jharkhand.gov.in.
2. Cost of tender fee, Earnest Money deposit (EMD) shall be deposited as per the above schedule in the office of Director, Directorate of Sports & Youth Affairs, Birsa Munda Football Stadium, Morhabadi, Ranchi. Only those tenders will be entertained whose Earnest money deposit is received till 11:30 a.m. on 24th February 2025.
3. Any corrigendum regarding this short tender will be published in the newspapers & will be available in the website of this Directorate - https://sports.jharkhand.gov.in.
4. The Director, Directorate of Sports & Youth Affairs reserves the right to cancel the whole tender process or any part of it without assigning any reason thereof.

Sd/-
Director, Directorate of Sports & Youth Affairs,
Jharkhand, Ranchi.
PR 346087 Art Culture Sports and Youth Affairs(24-25)D

# ରାଷ୍ଟ୍ର ବିକାଶରେ ଏନ୍ଏସ୍ଏସ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କୁଚିଣ୍ଡା,୮।୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏଥିରେ ମିଲନ ନାଏକ କୃତ୍ରିମ ବୁଦ୍ଧିମତା, ରାମଦାଶ ପଣ୍ଡା ରକ୍ତଦାନର ମହତ୍ତ୍ୱ, ସୁମନ୍ତ ଦ୍ୱିବେଦୀ ଫାଷ୍ଟଏଡ, ମନୋଜ ପଟେଲ ନଜସ୍ୱ ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଓ ଯୁବ ଅଧିକାରୀ ଅଦିତ ଖୁସବାହା ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱ ଓ ବ୍ୟକ୍ତିତ୍ୱ ଉପରେଆଲୋଚନା କରିଥିଲେ। ସନ୍ଧ୍ୟାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କେଦାରନାଥ ପଟେଲଙ୍କ ନିର୍ଦ୍ଦେଶନାରେ ଜଳସଂରକ୍ଷଣ ଓ ସାମାଜିକ ଗଣମାଧ୍ୟମର ପଭାବ ଉପରେ ଆଧାରିତ ଦୁଇଗୋଟି ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା।

ଶୁକ୍ରବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଦୟାସାଗର ପ୍ରଧାନ ଅଧକ୍ଷତା କରିଥିଲେ। ସମ୍ବଲପୁର ବିଶବିଦ୍ୟାଳୟ କୁଳପତି ପ୍ରଫେସର ବିଦୁଭୂଷଣ ମିଶ୍ର ମୁଖ୍ୟଅତିଥି, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଂଯୋଜକ ଅଧିକାରୀ ଡ.ବୀରେନ୍ଦ୍ର ବେହେରା, ଜିଲା ସଂଯୋଜକ ଅଧିକାରୀ ଶାନ୍ତନୁ ପଧାନ, କେଶାଇବାହାଲ କଲେଜ ପ୍ରତିଷ୍ଠାତା ସଭାପତି ସଜ୍ଜନ କୁମାର ଖଣ୍ଡେଲୱାଲ,କଲେଜ ପ୍ରତିଷ୍ଠାତା ଅଧକ୍ଷ ଘାସିରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥିମାନେ ଯୋଗଦେଇ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱେଚ୍ଛାସେବୀମାନଙ୍କ ଆଧାତ୍ମିକତା ଓ ନୈତିକତା ମୂଲ୍ୟବୋଧ ଉପରେ ରାଷ୍ଟ୍ର ଗଠନ ନିର୍ଭର କରିଥାଏ। ତେଣୁ ରାଷ୍ଟ୍ର ବିକାଶରେ ଏନ୍ଏସ୍ଏସ୍ର ପ୍ରମୁଖ ଭୂମିକା ରହିଥିବା କହିଥିଲେ। ସମାଜ ସେବା ମାଧ୍ୟମରେ କିପରି ବ୍ୟକ୍ତିତ୍ୱର ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ସଂଯୋଜକ ଅଧିକାରୀ ବିନୋଦ ବିହାରୀ ପୃଷେଠ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ଅଫିସର ତରୁଣ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ହରେଶ କୁମାର ସାହୁ କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୧୮ଟି କଲେଜର ୧୦୦ ଜଣ ସ୍ୱେଚ୍ଛାସେବୀ, ୧୦ ଜଣ ଏନଏସଏସ ସଂଯୋଜକ ଅଧିକାରୀ ଓ କେଶାଇବାହାଲ କଲେଜର ସମସ୍ତ ଅଧାପିକାଅଧାପକ ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।



ସଚେତନନା କାର୍ଯ୍ୟକ୍ରମରେ ଅତିଥି ଓ ସ୍ୱେଚ୍ଛାସେବୀମାନେ।

**ଦ୍ୱିତୀୟ ଦିବସରେ କଲେଜ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର**

# ୧୦ରୁ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

**ବଲାଙ୍ଗୀର,୮।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ଫେବୃଆରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ଆୟୋଜନ ହେବ। ଏ ସଂକ୍ରାନ୍ତରେ ଶନିବାର କ୍ଲବ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଇଛି। କ୍ଲବ ସଭାପତି ଲୋଟସ ଷଡ଼ଙ୍ଗୀ କହିଥିଲେ, ସପ୍ତାହେ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଟୁର୍ନାମେଣ୍ଟରେ ବଲାଙ୍ଗୀର, ଭୁବନେଶ୍ୱର, ବରଗଡ଼, ମୟୁରଭଞ୍ଜ, ସୁନ୍ଦରଗଡ଼, ଜରାସିଂହା, କୁଚିଣ୍ଡା ଏବଂ କଟକ ଫୁଟବଲ ଟିମ୍ ଅଂଶଗ୍ରହଣ କରିବେ। ଏହି ଅବସରରେ ବଲାଙ୍ଗୀର ଜିଲାର କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୁଣା, ନୂଆ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଫ୍ରେଣ୍ଡସ କ୍ଲବ ସଭାପତି ଲୋଟସ ଷଡ଼ଙ୍ଗୀ, ସମ୍ପାଦକ ଜଗନ୍ନାଥ ମିଶ୍ର, କୋଷାଧକ୍ଷ ରଞ୍ଜିତ ବେହେରା, ସଂଯୋଜକ ମନୋଜ ମିଶ୍ର, ମଧୁ ବନଛୋର, ପ୍ରଭାକର ମିଶ୍ର, ଆକାଶ ମିଶ୍ର, ଶରତ ନନ୍ଦ,ପବିତ୍ର ଖୁଣ୍ଟିଆ, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ଅଭିମନ୍ୟୁ ପାଣ୍ଡେ, ମନୋଜ ଦୀପ, ସଞ୍ଜୀବ ସାହୁ, ବଦ୍ରି ନାରାୟଣ ମିଶ୍ର, କିଶୋର ଦଣ୍ଡସେନା, ନିଶାରକାନ୍ତ ନାଗ, କୈଳାଶ ମିଶ୍ର, ପୃଥ୍ୱୀରାଜ ବରାଡ଼, ଟିଙ୍କୁ ପରିଛା, ଦେବେନ ପାତ୍ର, ଲିଜୁ ସାହୁ, ଶଙ୍କର ନାଗ, ପ୍ରଦୀପ ସିଂ, କୁନା ମନହୀରା, ମୁନା ପାଲ, କନ୍ଦୁ ତ୍ରିପାଠୀ, ଲକ୍ଷ୍ମୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ନିତ୍ୟା ପଧାନ, ସୋନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୋଷାଧକ୍ଷ ବେହେରା ଧନ୍ୟବାଦ ଦେଇଥିଲେ।




ଫ୍ରେଣ୍ଡସ କ୍ଲବ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।



ଦିଲ୍ଲୀ ନିର୍ବାଚନରେ ଐତିହାସିକ ବିଜୟକୁ ନେଇ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି। **(ଫଟୋ-ସୁନୀଲ, ବଲାଙ୍ଗୀର)**

# ୧୦ରେ କୃମିନାଶକ ଔଷଧ ବଣ୍ଟନ

- ପ୍ରତି ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟକ୍ରମ
- ଶିଶୁ, କିଶୋରଙ୍କ ପାଇ ମାଗଣା ଔଷଧ

**ସମ୍ବଲପୁର, ୮।୨(ଭବାନୀ ଶଙ୍କର ଭୋଇ)**

ଆସନ୍ତା ୧୦ ତାରିଖରେ ୧ବର୍ଷରୁ ୧୯ ବର୍ଷର ବାଳିକା ବାଳକମାନଙ୍କୁ କୃମିନାଶକ (ଆଲବେନଡାଇଜଲ) ଔଷଧ ଖୁଆଇବା ଲକ୍ଷ୍ୟ ରଖାଯାଇଛି। ଶନିବାର ଜିଲା ପ୍ରଶାସନ ପକ୍ଷରୁ ଏହିମର୍ମରେ ସୂଚନା ଦିଆଯାଇଛି। ଏହି ଔଷଧ ପ୍ରତ୍ୟେକ ଆଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ମାଗଣାରେ ବଣ୍ଟନ କରାଯିବା ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାୟ ୩ଲକ୍ଷ ୨୦ହଜାର ୩୦୫ଜଣଙ୍କୁ ଔଷଧ ଖୁଆଇବା ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୦ରୁ ୨୪ ବର୍ଷର ମହିଳା ଗର୍ଭବତୀ କିମ୍ବା ପ୍ରସୂତୀ ହୋଇ ନ ଥିଲେ ସେମାନେ ମଧ ଔଷଧ ସେବନ କରିପାରିବେ। ଯେଉଁମାନେ ୧୦ ତାରିଖରେ ଔଷଧ ସେବନ କରି ପାରିବେ ନାହିଁ ସେମାନେ ୧୭ ତାରିଖରେ ଏହା ସେବନ କରି ପାରିବେ ବୋଲି ପ୍ରଶାସ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବ୍ୟତୀତ ଶିଶୁମାନଙ୍କ ପାଇଁ ପ୍ରତି ବୁଧବାର ଭିଟାମିନ ଏ ଔଷଧ ଖୁଆଇବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସବୁ ବିଭାଗ ନିଜର ଦାୟିତ୍ୱ ସମ୍ପାଦନ କରିବା ପାଇଁ ୪ଟି ବିଭାଗର ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସୂଚନ ଦେଇଛନ୍ତି।

# ସୁସ୍ଥ ସମାଜ, ସୁସ୍ଥ ପରିବେଶ ଗଠନ ପାଇଁ ଆହ୍ୱାନ



ବାର୍ଷିକ ଉତ୍ସବରେ ଅତିଥିମାନେ।

**ଖରଖୁରା ବିଦ୍ୟାଳୟର ୧୧୧ତମ ବାର୍ଷିକ ଉତ୍ସବ**

**ସୋନପୁର,୮।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଖରଖୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୧୧ ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସବିତା ବିଦ୍ୟାଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ଏବିଇଓ ଫକିରଚରଣ ଭୋଇ, ମହୁଲେ ପାଙ୍କ ସମ୍ପାଦକ ରବି ମିଶ୍ର, ଜୟ ଜଗନ୍ନାଥ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ବହିଦାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ନୀତିବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ପ୍ରମୋଦ ପୁଟେଲ, ଦିଲୀପ ପାତ୍ର ଶିକ୍ଷୟିତ୍ରୀ ଅରୁଣା ମିଶ୍ର, ଝରଣା ନାଏକ, ନିବେଦିତା ପଣ୍ଡା, ଅପର୍ଣ୍ଣା ଅପରୂପା ମହାନ୍ତି ତଥା ଅଭିଭାବିକା ଅଭିଭାବକ ସମସ୍ତେ ସହଯୋଗ କରିଥିଲେ।

# ଦିଲ୍ଲୀ ବିଜୟରେ ସୁବର୍ଣ୍ଣପୁର ଭାଜପା ଉଲ୍ଲସିତ



ଭାଜପା ନେତୃବୃନ୍ଦ ଓ କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରୁଛନ୍ତି।

**ସୋନପୁର,୮।୨(ମୃତ୍ୟୁଞ୍ଜୟ ଶତପଥୀ)**

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ବାଜିମାତ୍ କରିଛି। ଦିଲ୍ଲୀରେ ଦୀର୍ଘ ୨୬ ବର୍ଷ ପରେ ଭାଜପା କ୍ଷମତାକୁ ଫେରିଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ବିଜୁ ପଟ୍ଟନାୟକ ଛକଠାରେ ଶନିବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଛି। ମୋଦି ଗ୍ୟାରେଣ୍ଟିକୁ ଦିଲ୍ଲୀ ବାସୀ ଭରସା କରିଥିବା ବେଳେ ଅହଙ୍କାରୀ ଶାସନକୁ ପ୍ରତ୍ୟାଖ୍ୟାନ କରିଥିବା ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଦଳର ଶତାଧିକ କର୍ମକର୍ତ୍ତା ବାଜା ବଜାଇ ବିଜୟ ଉତ୍ସବ ପାଳନ କରି ମିଠା ଖାଇବା ସହ ଲୋକଙ୍କୁ ବଣ୍ଟନ କରିଥିଲେ। ପରେ ଦଳୀୟ କର୍ମକର୍ତ୍ତା ବିଭିନ୍ନ ସ୍ଲୋଗାନ ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ବଲାଙ୍ଗୀର ଏମ୍ପିଙ୍କ ପ୍ରତିନିଧି ଶରତ ଶତପଥୀ, ଶିବରାମ ସାହୁ, ଦୀପକ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ସାହୁ, ପର୍ଶୁରାମ ମିଶ୍ର, ସୁରେଶ ବିଶ୍ୱାଳ, କାଉନସିଲର ଗଙ୍ଗାଧର ତରିଆ, ରିଙ୍କୁ ପଣ୍ଡା, କୈଳାସ ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ତ୍ରିଲୋଚନ ତରିଆ, ହିମାଂଶୁ ସାହୁ, ବିବେକାନନ୍ଦ ମିଶ୍ର, ସୁରୁବାବୁ ସାହୁ ଓ ବିକି ଅଗ୍ରୱାଲ ପ୍ରମୁଖ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ।


## NOTICE INVITING TENDER
## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

No. CAD-2504
DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**JHARSUGUDA BLOCK/JHARSUGUDA MPL/BRAJRAJNAGAR MPL**

**Tender No. 474** Dt.06.02.2025

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within the district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: www.oscsc.in & www.tendersodisha.gov.in |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: www.tendersodisha.gov.in upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

## NOTICE INVITING TENDER
## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**KIRMIRA BLOCK**

**Tender No. 476** Dt.06.02.2025

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills with in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: www.oscsc.in & www.tendersodisha.gov.in |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: www.tendersodisha.gov.in upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

## NOTICE INVITING TENDER
## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**KOLABIRA BLOCK**

**Tender No. 478** Dt.06.02.2025

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within the district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: www.oscsc.in & www.tendersodisha.gov.in |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: www.tendersodisha.gov.in upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

## NOTICE INVITING TENDER
## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**LAIKERA BLOCK**

**Tender No. 480** Dt.06.02.2025

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills with in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: www.oscsc.in & www.tendersodisha.gov.in |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: www.tendersodisha.gov.in upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

## NOTICE INVITING TENDER
## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**LAKHANPUR BLOCK/BELPAHAR MPL**

**Tender No. 482** Dt.06.02.2025

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills with in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: www.oscsc.in & www.tendersodisha.gov.in |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: www.tendersodisha.gov.in upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.

Sd./- CSO-cum-District Manager
OSCSC Ltd., Jharsuguda

OIPR-07011/11/0002/2425

# ପ୍ରତିଶ୍ରୁତି ପାଳନରେ ବିଫଳତାରୁ ହାରିଲା ଆପ୍



ଦିଲ୍ଲୀ ନିର୍ବାଚନରେ ଭାଜପାର ବିଜୟ ପରେ ଦଳୀୟ କର୍ମୀମାନେ ଉତ୍ସବ ମନାଉଛନ୍ତି।

## ପ୍ରମୁଖ ବିଜୟୀ/ପରାଜିତ ନେତା

| ନାମ (ଦଳ) | ଆସନ | ବିଜୟୀ/ପରାଜିତ |
|---|---|---|
| ଅରବିନ୍ଦ କେଜ୍‌ରିୱାଲ (ଆପ୍) | ନୂଆଦିଲ୍ଲୀ | ପରାଜିତ |
| ମନୀଷ ସିସୋଡିଆ (ଆପ୍) | ଜଙ୍ଗପୁରା | ପରାଜିତ |
| ଆତିଶୀ (ଆପ୍) | କାଲ୍‌କାଜୀ | ବିଜୟୀ |
| ପର୍‌ଭେଶ ବର୍ମା (ଭାଜପା) | ନୂଆଦିଲ୍ଲୀ | ବିଜୟୀ |
| ସନ୍ଦୀପ ଦୀକ୍ଷିତ (କଂଗ୍ରେସ) | ନୂଆଦିଲ୍ଲୀ | ପରାଜିତ |
| ଗୋପାଳ ରାୟ (ଆପ୍) | ବାବରପୁର | ବିଜୟୀ |
| ରମେଶ ବିଧୁରି (ଭାଜପା) | କାଲ୍‌କାଜୀ | ପରାଜିତ |
| ଅଲକା ଲାମ୍ବା (କଂଗ୍ରେସ) | କାଲ୍‌କାଜୀ | ପରାଜିତ |
| କୈଳାସ ଗେହଲୋଟ (ଭାଜପା) | ବିଜ୍ୱାସନ | ବିଜୟୀ |
| ରାଗିଣୀ ନାୟକ (କଂଗ୍ରେସ) | ୱଜିରପୁର | ପରାଜିତ |
| ଅରବିନ୍ଦର ସିଂ ଲଭଲୀ (ଭାଜପା) | ଗାନ୍ଧୀନଗର | ବିଜୟୀ |
| କପିଲ ମିଶ୍ରା (ଭାଜପା) | କରାୱଲ ନଗର | ବିଜୟୀ |
| ଅୱଧ ଓଝା (ଆପ୍) | ପଟ୍‌ପଡ଼ଗଞ୍ଜ | ପରାଜିତ |
| ସତ୍ୟେନ୍ଦ୍ର ଜୈନ (ଆପ୍) | ସକୁରବସ୍ତି | ପରାଜିତ |

ନୂଆଦିଲ୍ଲୀ,୮।୨

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ସହ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୧୨ ବର୍ଷର ଶାସନର ଅନ୍ତ ଘଟିଛି। ଏପରିକି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କ ସମେତ ବହୁ ବରିଷ୍ଠ ନେତା ଓ ମନ୍ତ୍ରୀ ନିର୍ବାଚନରେ ପରାଜିତ ହୋଇଛନ୍ତି। ଏହି ନେତାମାନେ ଏକଦା ନୂଆ ରାଜନୈତିକ ଏଜେଣ୍ଡାର ଆଗଧାଡ଼ିରେ ରହିଥିଲେ। କେନ୍ଦ୍ର ଏବଂ ଦିଲ୍ଲୀରେ କ୍ଷମତାରେ ଥିବା କଂଗ୍ରେସର ଦୁର୍ନୀତିକୁ ବିରୋଧକରି ୨୦୧୩ରେ ଆପ୍ ଜାତୀୟ ରାଜଧାନୀରେ କ୍ଷମତାକୁ ଆସିଥିଲା। ତେବେ ୧୨ ବର୍ଷ ପରେ ଏହି ନେତାମାନେ ନିଜେ ଦୁର୍ନୀତି ମଧ୍ୟରେ ଛନ୍ଦି ହୋଇଗଲେ ଏବଂ ନିର୍ବାଚନ ବେଳେ ଦିଲ୍ଲୀବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେଲେ।

ଚଳିତ ନିର୍ବାଚନରେ ମଧ୍ୟ କେଜ୍‌ରିୱାଲ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବହୁ ମାଗଣା ସୁବିଧାର ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଇନତଃ ସେ ଏହିସବୁ ପ୍ରତିଶ୍ରୁତି ପାଳନ କରିପାରିବେ ନାହିଁ ବୋଲି ଲୋକେ ଜାଣିଯାଇଥିଲେ। ଦିଲ୍ଲୀରେ କ୍ଷମତା ପରିବର୍ତ୍ତନରେ ମଧ୍ୟମବର୍ଗଙ୍କ ମୁଖ୍ୟ ଭୂମିକା ରହିଛି। ପୂର୍ବରୁ ଏହି ବର୍ଗ ଜାତୀୟ ସ୍ତରରେ ଭାଜପା ଏବଂ ବିଧାନସଭା ନିର୍ବାଚନରେ ଆପ୍‌କୁ ସମର୍ଥନ କରୁଥିଲେ। ତେବେ ଏଥର ସେମାନେ ମତ ବଦଳାଇ ଭାଜପା ସପକ୍ଷରେ ଭୋଟ ଦେଲେ। ଆପ୍ ନିଶ୍ଚୟ ଜିତିବ ବୋଲି କେଜ୍‌ରିୱାଲଙ୍କ ଦମ୍ଭୋକ୍ତି, ମୁକାବିଲାମୂଳକ ରାଜନୀତି ଏବଂ ଦୁର୍ନୀତି ଅଭିଯୋଗ କାରଣରୁ ମଧ୍ୟବିତ୍ତ ଶ୍ରେଣୀ ଭାଜପା ଆଡ଼କୁ ଢଳିଲେ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି।

ଆପ୍ ପରାଜୟର ଅନ୍ୟ ଏକ କାରଣ ହେଲା କଂଗ୍ରେସ ସହ ମେଣ୍ଟ ଭାଙ୍ଗିବା। ଜାତୀୟ ସ୍ତରରେ ବିରୋଧୀ ମେଣ୍ଟ ଇଣ୍ଡି ବ୍ଲକ୍‌ରେ କଂଗ୍ରେସ ସହ ଆପ୍ ରହିଥିବାବେଳେ ଦିଲ୍ଲୀ ନିର୍ବାଚନ ପୂର୍ବରୁ ଏକାକୀ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲା। କଂଗ୍ରେସ ୬୭ଟି ଆସନରେ ଅମାନତ ହରାଇଥିଲେ ମଧ୍ୟ ଏହା ଆପ୍‌କୁ କ୍ଷତି ପହଞ୍ଚାଇଲା। କେଜ୍‌ରିୱାଲ ସ୍ୱଳ୍ପ ଭୋଟ ବ୍ୟବଧାନରେ ହାରିବା ଏବଂ ସନ୍ଦୀପ୍ ଦୀକ୍ଷିତ ପାଇଥିବା ଭୋଟ୍‌ରୁ ଏହା ସ୍ପଷ୍ଟ ହୋଇଯାଇଛି ବୋଲି ରାଜନୀତି ସମୀକ୍ଷକମାନେ କହିଛନ୍ତି। ୨୦୨୨ ଦିଲ୍ଲୀ ମହାନଗର ନିଗମ ନିର୍ବାଚନରେ ଆପ୍ ସ୍ୱଳ୍ପ ବ୍ୟବଧାନରେ ବିଜୟୀ ହୋଇଥିଲା। ଖରାପ ରାସ୍ତାଘାଟ, ପରିମଳ ବ୍ୟବସ୍ଥା ଏବଂ ଜଳଯୋଗାଣ ସମସ୍ୟା ଆଦି ଏହି ନିର୍ବାଚନର ପ୍ରମୁଖ ପ୍ରସଙ୍ଗ ଥିଲା। ବିଧାନସଭା ନିର୍ବାଚନରେ ସବୁ ସମସ୍ୟା ପାଇଁ କେଜ୍‌ରିୱାଲଙ୍କୁ ଦାୟୀ କରାଗଲା। ସରକାର ବଦଳାଇବାର ସବୁଠୁ ବଡ଼ କାରଣ ଦୁର୍ନୀତି ଏବଂ ଶୀଷ ମହଲ, ଯାହା କେଜ୍‌ରିୱାଲଙ୍କ ସାଧାରଣ ବ୍ୟକ୍ତି ପରିଚୟକୁ ବଦଳାଇ ଦେଇଥିଲା। ଭାଜପାର ଶୀଷ ମହଲ ଅଭିଯୋଗକୁ ନେଇ କେଜ୍‌ରିୱାଲ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ କଲେ ମଧ୍ୟ ସେ ନିଜକୁ ସ୍ୱଚ୍ଛ କରିପାରିଲେ ନାହିଁ। ସେ ଏହି ବଙ୍ଗଳାକୁ ସର୍ବସାଧାରଣଙ୍କ ପାଇଁ ଖୋଲା ରଖିପାରିଥାନ୍ତେ ବୋଲି କୁହାଯାଉଛି।

ଗତ ୪ ମାସ ମଧ୍ୟରେ ଭାଜପା ହରିୟାଣା, ମହାରାଷ୍ଟ୍ରରେ ବିଜୟ ପରେ ଦିଲ୍ଲୀ ଦଖଲ କରିବା ତୃତୀୟ ବୃହତ୍ ବିଜୟ ହୋଇଛି। ୨୭ ବର୍ଷର ବ୍ୟବଧାନ ପରେ ଏହି ଦଳ ପୁନର୍ବାର ଦିଲ୍ଲୀରେ ସରକାର ଗଢ଼ିବାକୁ ଯାଉଛି। ଆପ୍ ସରକାର ବିରୋଧରେ ହାୱା ଭାଜପାକୁ ଜିତାଇବାରେ ସହାୟକ ହୋଇଛି। ସତ୍ତା ବିରୋଧୀ ହାୱାକୁ ରୋକିବାରେ କେଜ୍‌ରିୱାଲ ଏବଂ ଆତିଶୀ ସରକାର ବିଫଳ ହୋଇଛନ୍ତି। ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନକୁ ନେଇ ଦଳ ଭିତରେ ଆଭ୍ୟନ୍ତରୀଣ ଅସନ୍ତୋଷ ବୃଦ୍ଧି ପାଇଥିଲା। ପ୍ରାର୍ଥୀ ତାଲିକାରେ ୧୧ ଥର ପରିବର୍ତ୍ତନ କରାଯାଇଥିଲେ ମଧ୍ୟ କେତେଜଣ ବିଧାୟକଙ୍କ ନକାରାତ୍ମକ ଧାରଣା ବଦଳାଇବା ପାଇଁ ତାହା ଯଥେଷ୍ଟ ନ ଥିଲା। ସେମାନେ ନିର୍ବାଚନମଣ୍ଡଳୀରୁ ସମ୍ପୂର୍ଣ୍ଣ ଦୂରେଇ ରହିଲେ। ଭୋଟଗ୍ରହଣର ୪ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ର ବଜେଟରେ ମଧ୍ୟବିତ୍ତଙ୍କ ପାଇଁ ବଡ଼ ରିହାତି ଭାଜପାକୁ ପୁଣିଥରେ ସୁଯୋଗ ଦେବା ପାଇଁ ଦିଲ୍ଲୀବାସୀଙ୍କୁ ପ୍ରଭାବିତ କରିଥିବା କୁହାଯାଉଛି।

## ଜନାଦେଶକୁ ବିନମ୍ରତାର ସହ ସ୍ୱୀକାର କରୁଛି: କେଜ୍‌ରିୱାଲ



ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍‌ର ଶୋଚନୀୟ ପରାଜୟ ପରେ ଦଳର ଜାତୀୟ ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ଭିଡିଓ ମେସେଜ୍ ଜାରି କରି କହିଛନ୍ତି, ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛୁ। ବିଜୟ ପାଇଁ ଭାଜପାକୁ ଅଭିନନ୍ଦନ। ଦିଲ୍ଲୀବାସୀଙ୍କର ଆଶା ଓ ଆକାଂକ୍ଷାଙ୍କୁ ଭାଜପା ପୂରଣ କରିବ ବୋଲି ଆଶା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଆଦି ବିଭିନ୍ନ କ୍ଷେତ୍ରରେ ଆପ୍ ସରକାରର କାର୍ଯ୍ୟ ଉଲ୍ଲେଖଯୋଗ୍ୟ ରହିଥିଲା। ଆପ୍ ସରକାର ସମୟରେ ଜନସାଧାରଣଙ୍କ ଜୀବନ ଧାରଣ କ୍ଷମତାରେ ଉନ୍ନତି ଆସିପାରିଥିଲା। ଆସନ୍ତା ୫ ବର୍ଷ ଧରି ଦଳ ଦିଲ୍ଲୀରେ ଗଠନମୂଳକ ବିରୋଧୀ ଦଳର ଭୂମିକା ନିଭାଇବ। ଆମ୍ ଆଦ୍‌ମୀ ପାର୍ଟି କ୍ଷମତା ପାଇଁ ରାଜନୀତି କରେନାହିଁ।

## ବିକାଶ, ସୁଶାସନର ବିଜୟ: ମୋଦି



ଦିଲ୍ଲୀ ବିଧାନସଭାରେ ଭାଜପାର ବିପୁଳ ବିଜୟ ପରେ ଶନିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ କର୍ମୀଙ୍କୁ ବିଜୟ ସମ୍ବୋଧନ କରିଛନ୍ତି। ଦିଲ୍ଲୀରେ ଭାଜପାର ବିଜୟକୁ ସେ ବିକାଶ ଓ ସୁଶାସନର ବିଜୟ ବୋଲି କହିଛନ୍ତି। ଏହାସହ ସେ ଦିଲ୍ଲୀର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଷ୍ଟ୍ରୀୟ ରାଜଧାନୀରେ ରହୁଥିବା ଜନସାଧାରଣଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ଭାଜପା ବଦ୍ଧପରିକର। ବର୍ଷ ବର୍ଷ ଧରି ଭାଜପା କର୍ମୀଙ୍କର ପରିଶ୍ରମର ଫଳ ମିଳିଥିବା ମୋଦି କହିଛନ୍ତି। ଏହାସହ ସେ ଇଣ୍ଡିଆ ମେଣ୍ଟରେ ଫାଟ ଥିବା କହି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ଇଣ୍ଡିଆ ବ୍ଲକ୍‌ର କିଛି ଦଳ କଂଗ୍ରେସକୁ ରୋକିବା ପାଇଁ ଦିଲ୍ଲୀରେ ଆସି ଆପ୍ ପାଇଁ ପ୍ରଚାର କରିଥିଲେ। ଏହାସତ୍ତ୍ୱେ ମଧ୍ୟ ସେମାନେ ଆପଦାକୁ ଜିତାଇବାକୁ ସକ୍ଷମ ହୋଇ ନ ଥିଲେ। ସେହିପରି ଦିଲ୍ଲୀରେ କଂଗ୍ରେସ ଦଳ ଶୂନ ସିଟ୍ ପାଇ ହ୍ୟାଟ୍ରିକ କରି ବିରଳ ରେକର୍ଡ ହାସଲ କରିଥିବା ପ୍ରଧାନମନ୍ତ୍ରୀ କଟାକ୍ଷ କରି କହିଛନ୍ତି।

“ ରାଷ୍ଟ୍ରୀୟ ରାଜଧାନୀରେ ବିକାଶର ନୂଆ ଯୁଗ ଆରମ୍ଭ ହୋଇଛି। ଏହାସହ ଦିଲ୍ଲୀରେ ମିଥ୍ୟା ଓ ପ୍ରତାରଣାର ରାଜନୀତି ସମାପ୍ତ ହୋଇଛି।
**– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

“ ଦିଲ୍ଲୀବାସୀଙ୍କ ହୃଦୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଛନ୍ତି। ମିଥ୍ୟା ରାଜନୀତି ଏବଂ ଭ୍ରଷ୍ଟାଚାର ବିରୋଧରେ ଜନତା ଭୋଟ ଦେଇଛନ୍ତି।
**– ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ସଭାପତି**

“ ୨୭ ବର୍ଷ ପରେ ଦିଲ୍ଲୀବାସୀ ଭାଜପାକୁ ଆଶୀର୍ବାଦ ଦେଇଛନ୍ତି। ଭାଜପାକୁ ବିପୁଳ ବିଜୟୀ କରାଇ ରାଷ୍ଟ୍ରୀୟ ରାଜଧାନୀର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିକୁ ସମର୍ଥନ ଜଣାଇଛନ୍ତି।
**–ରାଜନାଥ ସିଂହ, ପ୍ରତିରକ୍ଷା ମନ୍ତ୍ରୀ**

“ ଦିଲ୍ଲୀ ଜନାଦେଶକୁ ଗ୍ରହଣ କରୁଛୁ। ପ୍ରଦୂଷଣ, ଦରଦାମ ବୃଦ୍ଧି ଓ ଭ୍ରଷ୍ଟାଚାର ବିରୋଧରେ କଂଗ୍ରେସ ତା’ର ଲଢ଼େଇ ଜାରି ରଖିବ।
**– ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

“ ଦିଲ୍ଲୀର ଆପ୍ ସରକାର ବିରୋଧରେ ରହିଥିବା ଜନ ଆକ୍ରୋଶକୁ କଂଗ୍ରେସ ନିଜ ସପକ୍ଷରେ କରିପାରିଲା ନାହିଁ। ଦଳ ମଧ୍ୟରେ ନିର୍ବାଚନ ଫଳର ସମୀକ୍ଷା ହେବ।
**– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ରାଷ୍ଟ୍ରୀୟ ସଭାପତି**

“ ଦିଲ୍ଲୀ ନିର୍ବାଚନ ଫଳାଫଳ ଆପ୍ ପାଇଁ ଝଟକା ସଦୃଶ। ଭାଜପାର ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ ଦଳର ସଂଘର୍ଷ ଜାରି ରହିବ।
**– ଆତିଶୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

“ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଧ୍ୟରେ ସମନ୍ୱୟ ରହିପାରୁନାହିଁ। ପ୍ରାକ୍ ନିର୍ବାଚନୀ ମେଣ୍ଟ ହୋଇଥିଲେ ଫଳ ଅଲଗା ହୋଇଥାନ୍ତା।
**– ଓମାର ଅବଦୁଲ୍ଲା, ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ**

## ଦ୍ୱିତୀୟ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବାକୁ ମହିଳା ହକ୍‌ଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୮।୨(ପି.ଟି.)

ଜଣେ ମହିଳାଙ୍କ ପୂର୍ବ ବିବାହ ଆଇନତଃ କାଏମ୍ ରହିଥିଲେ ମଧ୍ୟ ସିଆର୍‌ପିସିର ଧାରା ୧୨୫ ଅନୁଯାୟୀ ସେ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିବାକୁ ହକ୍‌ଦାର ବୋଲି ସୁପ୍ରମକୋର୍ଟ କହିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି, ଭରଣପୋଷଣ ଭଳି ସାମାଜିକ କଲ୍ୟାଣ ବ୍ୟବସ୍ଥାର ଲକ୍ଷ୍ୟଗୁଡ଼ିକୁ ବ୍ୟାପକ ବ୍ୟାଖ୍ୟା କରିବାକୁ ହେବ। କଠୋର ଆଇନଗତ ବ୍ୟାଖ୍ୟା ଏହାର ମାନବୀୟ ଉଦ୍ଦେଶ୍ୟକୁ ହରାଇବାକୁ ଅନୁମତି ଦେବା ଉଚିତ ନୁହେଁ। ସିଆର୍‌ପିସିର ଧାରା ୧୨୫କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୪୪ରେ ପରିବର୍ତ୍ତନ କରାଯାଇଛି। ଅଲଗା ରହୁଥିବା ମହିଳାଙ୍କୁ ଭରଣପୋଷଣ ଦେବା ପାଇଁ ଖଣ୍ଡପୀଠ ଦ୍ୱିତୀୟ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେବା ଅବସରରେ କହିଛନ୍ତି, ଭରଣଭୋଷଣ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ତଥ୍ୟ ବିରୋଧରେ ଯାଉଥିଲେ ମଧ୍ୟ ଏହାକୁ ଆମେ ବିବେକର ସହିତ ମନା କରିପାରିବୁ ନାହିଁ।

## ଆଉ ୩ ପଣବନ୍ଦୀଙ୍କୁ ମୁକୁଳିଲା ହମାସ୍


ହମାସ୍ ଆତଙ୍କବାଦୀଙ୍କ କବଳରୁ ମୁକ୍ତ ହୋଇଥିବା ୩ ଇସ୍ରାଏଲୀ ପଣବନ୍ଦୀ।

ଦେଇର୍ ଅଲ୍-ବଲାହ,୮।୨

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ନେତୃତ୍ୱାଧୀନ ଆତଙ୍କବାଦୀମାନେ ଶନିବାର ଆଉ ୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଏହି ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ରେଡ୍‌କ୍ରସକୁ ହସ୍ତାନ୍ତର କରାଯାଇଛି। ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ୍ ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରିବ। ମୁକ୍ତ ହୋଇଥିବା ଇସ୍ରାଏଲୀ ପଣବନ୍ଦୀଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ନିଆଯାଇଛି। ୧୬ ମାସ ଧରି ବନ୍ଦୀ ରହିବା ପରେ ସେମାନେ ନିଜ ପରିବାର ସଦସ୍ୟଙ୍କ ସହ ଏକାଠି ହେବାକୁ ଯାଉଛନ୍ତି।

ଗାଜାରୁ ପାଲେଷ୍ଟିନୀୟମାନଙ୍କୁ ବିଦା କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତାବ ଦେଇଥିଲେ। ତାଙ୍କର ଏଭଳି ବିସ୍ମୟକର ପ୍ରସ୍ତାବକୁ ଇସ୍ରାଏଲ୍ ସ୍ୱାଗତ କରିଥିବାବେଳେ ପାଲେଷ୍ଟିନୀୟମାନେ ଜୋର୍‌ଦାର ବିରୋଧ କରିଛନ୍ତି। ଏହା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ଅଧିକ ଜଟିଳ କରିପାରେ। ଅସ୍ତ୍ରବିରତିକୁ ବଜାୟ ରଖିବାକୁ ହେଲେ ଏହି ପର୍ଯ୍ୟାୟରେ ହମାସ୍‌କୁ ଅଧିକ ପଣବନ୍ଦୀ ମୁକ୍ତ କରିବାକୁ ପଡ଼ିବ। ତେବେ ହମାସ୍ ଏଥିରେ ରାଜି ହୋଇ ନପାରେ ଏବଂ ନିଜର ମୂଳଚାଲ ଅଧିକାର ହରାଇପାରେ ବୋଲି କୁହାଯାଉଛି।

## ଟ୍ରମ୍ପ୍, ମସ୍କଙ୍କୁ ବଡ଼ ଝଟକା

ୱାଶିଂଟନ,୮।୨

### ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇଲେ ବିଚାରପତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ବିଲିୟନେୟାର ସହଯୋଗୀ ଏଲନ୍ ମସ୍କଙ୍କୁ ବଡ଼ ଅଦାଲତି ଝଟକା ଲାଗିଛି। ମସ୍କଙ୍କ ନେତୃତ୍ୱାଧୀନ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ଟ୍ରେଜେରି ବିଭାଗର ଦସ୍ତାବିଜ୍ ତଥ୍ୟ ହାସଲ କରିବା ଉପରେ ସଂଘୀୟ ବିଚାରପତି ରୋକ ଲଗାଇଛନ୍ତି। ଉକ୍ତ ଦସ୍ତାବିଜ୍‌ରେ ଅନେକ ସମ୍ବେଦନଶୀଳ ଓ ଗୋପନୀୟ ତଥ୍ୟ ରହୁଛି। ସେହିପରି ଆମେରିକାର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍ଏଆଇଡି)ର ଅନେକ ହଜାର ଦରିଆପାରି କର୍ମଚାରୀଙ୍କୁ ଛୁଟିରେ ରହିବା ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିବାବେଳେ ଏହା ଉପରେ ଜିଲା ଜଜ୍ କାର୍ଲ ନିକୋଲ୍ସ ଶୁକ୍ରବାର ସ୍ଥଗିତାଦେଶ ଲଗାଇଛନ୍ତି। ଉକ୍ତ କର୍ମଚାରୀମାନଙ୍କୁ ଟ୍ରମ୍ପ ପ୍ରଶାସନ ୩୦ ଦିନିଆ ଅଚାନକ ଛୁଟିରେ ରହିବା ପାଇଁ କହିବା ସହ ଏହି ସମୟ ମଧ୍ୟରେ ସେମାନଙ୍କ ପରିବାର ଓ ଘରୋଇ ସାମଗ୍ରୀଗୁଡ଼ିକୁ ସରକାରୀ ଖର୍ଚ୍ଚରେ ଆମେରିକା ଫେରାଇଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଉଭୟ ପଦକ୍ଷେପ ଆମେରିକୀୟ କର୍ମଚାରୀ ଏବଂ ସେମାନଙ୍କ ପରିବାର ଲୋକଙ୍କ ପାଇଁ ଅବାଞ୍ଛିତ ବିପଦ ଆଣିବା ସହ ଖର୍ଚ୍ଚାନ୍ତ କରାଇବ ବୋଲି ବିଚାରପତି କହିଛନ୍ତି। ଟ୍ରମ୍ପ ପ୍ରଶାସନ ବିଦେଶରେ ଥିବା ୟୁଏସ୍ଏଆଇଡି କାର୍ଯ୍ୟାଳୟ ଓ ଏହାର କାର୍ଯ୍ୟକ୍ରମଗୁଡ଼ିକୁ ବନ୍ଦ କରିବାକୁ ଯାଉଛି। ସେଥିପାଇଁ ସରକାରୀ ଇମେଲ୍ ଏବଂ ଅନ୍ୟାନ୍ୟ ଯୋଗାଯୋଗ ବ୍ୟବସ୍ଥାରୁ କେତେଜଣ କର୍ମଚାରୀଙ୍କ ନାଁ କାଟିଦିଆଗଲାଣି।

ଫୁରସତ୍

## ବିଶ୍ୱର ସବୁଠୁ ଲମ୍ବା କାର



ୱାଶିଂଟନ୍

ବିଶ୍ୱର ସବୁଠୁ ଲମ୍ବା କାର୍‌ରେ ୪ରୁ ୫ ଜଣ ନୁହେଁ ବରଂ ୭୦ ଜଣ ଲୋକ ବସି ଯାଇପାରିବେ। ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍) ଅନୁଯାୟୀ, ବିଶ୍ୱର ସବୁଠାରୁ ଲମ୍ବା କାରର ନାମ ହେଉଛି ‘ଦି ଆମେରିକାନ ଡ୍ରିମ୍’। ଏହା ଏକ ଲିମୋଜିନ କାର୍ ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୧୦୦ ଫୁଟ୍ ରହିଛି। ତେବେ କୌଣସି କମ୍ପାନୀ ପକ୍ଷରୁ ଏହି କାର୍‌କୁ ନିର୍ମାଣ କରାଯାଇ ନାହିଁ। ପ୍ରସିଦ୍ଧ ଡିଜାଇନର ଜେ. ଅର୍‌ବର୍ଗ ‘ଦି ଆମେରିକାନ୍ ଡ୍ରିମ୍’କୁ ଡିଜାଇନ୍ କରିଥିଲେ। ସେ ୧୯୮୦ ମସିହାରେ ଏହି କାର୍‌କୁ ଡିଜାଇନ୍ କରିବା ଆରମ୍ଭ କରିଥିବାବେଳେ ୧୯୮୬ରେ ଏହି କାରଟି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିଲା। ୧୯୮୬ରେ ଏହି କାର୍ ବିଶ୍ୱର ସବୁଠାରୁ ଲମ୍ବା କାର୍ ଭାବେ ଜିଡବ୍ଲ୍ୟୁଆର୍‌ରେ ନିଜ ନାମ ସ୍ଥାନିତ କରିଥିଲା। ଏହି ରେକର୍ଡ ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି। କାର୍‌ର ଆଗରେ ଏବଂ ପଛ ପଟେ ଭି-୮ ଇଞ୍ଜିନ ରହିଛି। ଉକ୍ତ କାର୍‌ରେ ସ୍ୱିମିଂ ପୁଲ୍, ଛୋଟ ଗଲ୍ଫ କୋର୍ସ, ବାଥ୍ ଟବ୍, ଟିଭି, ଫ୍ରିଜ୍, ଟେଲିଫୋନ୍ ଏବଂ ଛୋଟ ହେଲିକପ୍ଟରର ଲାଣ୍ଡିଂ ପାଇଁ ହେଲିପ୍ୟାଡ୍‌ର ସୁବିଧା ମଧ୍ୟ ରହିଛି।

## ଟାଇମ୍ ଟୁ ଗୋ: ଆଶଙ୍କାରେ ବିଗ୍-ବିଙ୍କ ପ୍ରଶଂସକ


ଅମିତାଭ ବଚ୍ଚନ

ମୁମ୍ବାଇ

ବଲିଉଡରେ ବିଗ୍-ବି ଭାବେ ପରିଚିତ ଅଭିନେତା ଅମିତାଭ ବଚ୍ଚନ ସମ୍ପ୍ରତି ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ରହୁଛନ୍ତି। ତାଙ୍କର ସୋସିଆଲ ମିଡିଆରେ ଅନେକ ଫ୍ୟାନ୍ ଫାଲୋଇଙ୍ଗ ମଧ୍ୟ ରହିଛି। ଅମିତାଭଙ୍କର ଅଧିକାଂଶ ପୋଷ୍ଟ ଖୁବ୍ ମଜାଦାର ହୋଇଥିବା ସହ ଏହା ଖୁବ୍ ଭାଇରାଲ୍ ମଧ୍ୟ ହୋଇଥାଏ। ଏହି ପୋଷ୍ଟଗୁଡ଼ିକୁ ସୋସିଆଲ ମିଡିଆ ୟୁଜର୍ସମାନେ ଖୁବ୍ ପସନ୍ଦ କରିଥାନ୍ତି। ଶୁକ୍ରବାର ରାତିରେ ଅମିତାଭ ଏକ୍ସ’ରେ ଏକ କ୍ରିପ୍ଟିକ୍ ପୋଷ୍ଟ ଶେୟାର କରିଛନ୍ତି, ଯାହାକୁ ନେଇ ତାଙ୍କର ଅନେକ ପ୍ରଶଂସକଙ୍କ ଚିନ୍ତା ବଢ଼ିଛି। ଏହି ପୋଷ୍ଟରେ ସେ ଲେଖିଛନ୍ତି, ଟାଇମ ଟୁ ଗୋ (ଯିବାର ସମୟ ଆସିଛି)। ଉକ୍ତ ପୋଷ୍ଟରେ ବହୁ ୟୁଜର୍ସ କମେଣ୍ଟ କରି ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା ପ୍ରକାଶ କରିଛନ୍ତି। ଏହି ପୋଷ୍ଟ ମାଧ୍ୟମରେ ଅମିତାଭ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଛନ୍ତି ବୋଲି ସଙ୍କେତ ଦେଇଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି। ସେ ଅଭିନୟରୁ ସନ୍ୟାସ ନେଇ ପାରନ୍ତି ବୋଲି ଏହି ପୋଷ୍ଟ ଦେଖି କିଛି ୟୁଜର୍ସ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଅନ୍ୟ କିଛି ୟୁଜର୍ସ ଏହି ଆଶଙ୍କାରେ ସହମତ ହୋଇ ନ ଥିଲେ। ବୋଧହୁଏ ଅମିତାଭ ଦିନସାରାର ଥକାପଣ ପରେ ରାତିରେ ଶୋଇବା ପୂର୍ବରୁ ନିଜ ପ୍ରଶଂସକଙ୍କ ଠାରୁ ବିଦାୟ ନେବାପାଇଁ ଏପରି ପୋଷ୍ଟ କରିଛନ୍ତି ବୋଲି ସେମାନେ ଅନୁମାନ କରିଛନ୍ତି।

## ବ୍ରେକ୍‌ଅପ୍ ହୋଇଥିଲେ ମିଳିବ ନିଯୁକ୍ତି

ବେଙ୍ଗାଲୁରୁ



ବେଙ୍ଗାଲୁରୁ ସ୍ଥିତ ମନିଟରିଂ ଏବଂ କନ୍ସଲ୍ଟିଂ କମ୍ପାନୀ ‘ଟପ୍‌ମେଟ୍’ ପକ୍ଷରୁ ଚିଫ୍ ଡେଟିଂ ଅଫିସର ପଦ ପାଇଁ ନିଯୁକ୍ତି ସୁଯୋଗ ବାହାରିଛି। ତେବେ ଏହି ନିଯୁକ୍ତି କୌଣସି ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀଧାରୀଙ୍କ ପାଇଁ ନୁହେଁ, ବରଂ ପ୍ରେମରେ ବିଫଳ ହୋଇ ବ୍ରେକ୍‌ଅପ୍‌ର ସମ୍ମୁଖୀନ ହୋଇଥିବା କିମ୍ବା ଅନ୍‌ଲାଇନ ଡେଟିଂରେ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। କେବଳ ସେହି ଲୋକମାନେ ଏହି ପୋଷ୍ଟ ପାଇଁ ଆବେଦନ କରିପାରିବେ, ଯେଉଁମାନେ ଜୀବନରେ ଅତି କମ୍‌ରେ ଥରେ ବ୍ରେକ୍‌ଅପ୍ ଯନ୍ତ୍ରଣା ଦେଇ ଗତି କରିଛନ୍ତି ଏବଂ ସର୍ବନିମ୍ନ ୩ ଜଣଙ୍କୁ ଡେଟ୍ କରିଛନ୍ତି।

ଟପ୍‌ମେଟ୍ କମ୍ପାନୀର ମାର୍କେଟିଂ ଲିଡ୍ ନିମିଶା ଚନ୍ଦା ଏକ୍ସ’ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ପ୍ରେମୀଯୁଗଳଙ୍କୁ ପରାମର୍ଶ ଦେବା ପାଇଁ ‘ଟପ୍‌ମେଟ୍’ କମ୍ପାନୀ ଚିଫ୍ ଡେଟିଂ ଅଫିସର ପଦ ପାଇଁ ଯୋଗ୍ୟ ପ୍ରାର୍ଥୀ ଖୋଜୁଥିବା ସେ କହିଛନ୍ତି। ଅତି କମ୍‌ରେ ଜଣକ ସହ ବ୍ରେକ୍‌ଅପ୍ ଓ ୩ ଜଣକ ସହ ଡେଟିଂ ଅଭିଜ୍ଞତା ଥିବା ବ୍ୟକ୍ତି ହିଁ ଚିଫ୍ ଡେଟିଂ ଅଫିସର ପଦ ପାଇଁ ଆବେଦନ କରିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାକୁ ନିଶ୍ଚିତ କରିବାକୁ କମ୍ପାନୀ ପକ୍ଷରୁ ଆବେଦନକାରୀ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପ୍ରେମ କାହାଣୀ ସମ୍ବନ୍ଧରେ ପଚରାଯିବ। ସେହିପରି ଆବେଦନକାରୀ ପ୍ରାର୍ଥୀମାନଙ୍କୁ ସମସ୍ତ ନୂତନ ଡେଟିଂ ନିୟମ ବିଷୟରେ ଅବଗତ ରହିବାକୁ ପଡ଼ିବ। ଏହି ନିଯୁକ୍ତି ସୁଯୋଗକୁ ନେଇ ନିମିଶା କରିଥିବା ପୋଷ୍ଟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ଏହି ପୋଷ୍ଟରେ ବିଭିନ୍ନ ମଜାଳିଆ କମେଣ୍ଟ କରିଛନ୍ତି।



ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଶନିବାର ଦଳୀୟ କର୍ମୀ ଓ ସମର୍ଥକମାନେ ଉତ୍ସବ ପାଳନ କରିଛନ୍ତି।

# ମିଲ୍କିପୁର ଉପନିର୍ବାଚନ: ଏସ୍‌ପିକୁ ହରାଇଲା ଭାଜପା

## ଇରୋଡ୍ ଇଷ୍ଟରେ ଜିତିଲା ଡିଏମ୍‌କେ

ଅଯୋଧ୍ୟା, ୮।୨

ଉତ୍ତରପ୍ରଦେଶର ମିଲ୍କିପୁର ଉପନିର୍ବାଚନରେ ସମାଜବାଦୀ ପାର୍ଟି (ଏସ୍‌ପି)କୁ ଶକ୍ତ ଧକ୍କା ଲାଗିଛି। ନିର୍ବାଚନରେ ଫୈଜାବାଦର ଏସ୍‌ପି ଏମ୍‌ପି ଅୱଧେଶ ପ୍ରସାଦଙ୍କ ପୁଅ ଅଜିତ ପ୍ରସାଦ ପରାସ୍ତ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଚନ୍ଦ୍ରଭାନୁ ପାଶ୍ୱାନ ତାଙ୍କ ନିକଟତମ ପ୍ରାର୍ଥୀ ଅଜିତଙ୍କୁ ୬୧,୬୭୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ପାଶ୍ୱାନଙ୍କୁ ୧,୪୬, ୩୯୭ ଭୋଟ ମିଳିଥିବାବେଳେ ଅଜିତଙ୍କୁ ୮୪,୬୮୭ ଭୋଟ ମିଳିଛି। ମିଲ୍କିପୁରର ପୂର୍ବତନ ବିଧାୟକ ଅୱଧେଶ ପ୍ରସାଦ



ଚନ୍ଦ୍ରଭାନୁ ପାଶ୍ୱାନ



ଭି.ସି. ଚନ୍ଦିରାକୁମାର

୨୦୨୪ ଲୋକ ସଭା ନିର୍ବାଚନରେ ଫୈଜାବାଦରୁ ଏମ୍‌ପି ଭାବେ ନିର୍ବାଚିତ ହେବା ପରେ ଏହି ଆସନ ଖାଲି ପଡ଼ିଥିଲା। ତେବେ ଏହି ଉପ ନିର୍ବାଚନରେ ବିଏସ୍‌ପି ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିଲା। ସେହିପରି ତାମିଲନାଡୁର ଇରୋଡ୍ ଇଷ୍ଟ ବିଧାନସଭା ଉପନିର୍ବାଚନରେ ଶାସକ ଡିଏମ୍‌କେକୁ ସଫଳତା ମିଳିଛି। ଡିଏମ୍‌କେର ଭି.ସି. ଚନ୍ଦିରାକୁମାର ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ 'ନାମ୍ ତାମିଲାର କାଚ୍‌ଚି(ଏନଟିକେ)'ର ସୀତାଲକ୍ଷ୍ମୀଙ୍କୁ ୯୧,୫୫୮ ଭୋଟରେ ପରାସ୍ତ କରିଛନ୍ତି। ଚନ୍ଦିରାକୁମାରଙ୍କୁ ୧,୧୫,୭୦୯ ଭୋଟ ମିଳିଥିବାବେଳେ ସୀତାଲକ୍ଷ୍ମୀଙ୍କୁ ୨୪,୧୫୧ ଭୋଟ ମିଳିଛି। ମାତ୍ର ୮୯୦ ଭୋଟ ପାଇ ଭାଜପା ଏହି ଉପନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଛି। କଂଗ୍ରେସର ପୂର୍ବତନ ବିଧାୟକ ଇ.ଭି.କେ.ଏସ୍.ଏଲ୍‌ଗୋଭନ୍‌ଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡ଼ିଥିଲା।

# ବଦଳୁଛି ଉଦଳା ରାଜନୀତି

## ଶଙ୍ଖ ଛାଡି ପଦ୍ମ ଧରିଲେ ସରପଞ୍ଚ

ଉଦଳା(ସନ୍ତୋଷ କୁମାର ବାଛିନି)/ ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ବଦଳିବାରେ ଲାଗିଲାଣି ଉଦଳା ରାଜନୀତିର ଗଣିତ। ଦିନକ ପୂର୍ବରୁ ଉଦଳା ବ୍ଲକ ଚେୟାରମ୍ୟାନ ବିଜେଡି ଛାଡି ଭାଜପାରେ ମିଶିଥିବା ବେଳେ ପୁଣି ଶନିବାର ବିଜେଡିର ହାତ ଛାଡିଛନ୍ତି ସରପଞ୍ଚ ଓ କର୍ମୀ। ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କ ଉପସ୍ଥିତିରେ ଉଦଳା ବ୍ଲକ ବହୁବନ୍ଧ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟନାରାୟଣ ମୁର୍ମୁ, ସମିତି ସଭ୍ୟ କାଞ୍ଚନି ପାତ୍ରଙ୍କ ସମେତ ୱାର୍ଡ



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଉଦଳା ବିଜେଡିରୁ ଆସି ଭାଜପାରେ ଯୋଗ ଦେଇଥିବା ସରପଞ୍ଚ ଓ କର୍ମୀମାନେ।

ମେମ୍ବର ସରସ୍ୱତୀ ମୁର୍ମୁ, ହେମଲତା ମୁର୍ମୁ, ସନିଆ ମଢେଇ, ପୂର୍ବତନ ୱାର୍ଡ ମେମ୍ବର ଲିଲୋ ଚନ୍ଦ୍ର ବିନ୍ଧାଣି, ବ୍ରଜ ମୋହନ ହୋ, ରଘୁନାଥ ସିଂଙ୍କ ସମେତ ନାରୀନେତ୍ରୀ ଶାନ୍ତିଲତା ମୁର୍ମୁ, ମାନସ ରଞ୍ଜନ ଦାସ, ଶେଖ ଅଞ୍ଜୁମ ହୁସେନ, ଦିତିକାନ୍ତ ପାତ୍ର, ଗୌରମୋହନ ସିଂ, ରତିକାନ୍ତ ପାତ୍ର, ଚୁରିଆ ସୋରେନ, ଗୋପାଳ ସୋରେନ, ଲକ୍ଷ୍ମଣ ମହନ୍ତ, ସାଲଖାନ ମୁର୍ମୁ, ରବିନ୍ଦ୍ର ଦେହୁରୀ, ଯଦୁନାଥ ପାତ୍ର, ଶଶୀଧର ଦେହୁରୀ ଶନିବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା ବିଭୂତି ଭୂଷଣ ମହାନ୍ତ, ବିଜୟ ସେନାପତିଙ୍କ ସମେତ ବହୁ ବରିଷ୍ଠ ଭାଜପା କର୍ମୀ ଉପସ୍ଥିତ ଥିଲେ। ୨ ଦିନ ମଧ୍ୟରେ ଅଚାନକ ବିଜେଡି ଛାଡ଼ି ଭାଜପାରେ କର୍ମୀ ଓ ଜନ ପ୍ରତିନିଧି ମିଶିବା ଆଗାମୀ ପଞ୍ଚାୟତ ନିର୍ବାଚନ ଗଣିତ ବଦଳାଇବ ବୋଲି ଆଲୋଚନା ଜୋର ଧରିଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏକ ସଂକ୍ଷିପ୍ତ ଗସ୍ତରେ କେନ୍ଦୁଝରକୁ ଆସିବାର କାର୍ଯ୍ୟକ୍ରମ ରହିଛି। ରବିବାର ୧୦ଟା୧୦ରେ ଧରଣୀଧର ମେଡିକାଲ କଲେଜରେ ଆୟୋଜିତ ଇଣ୍ଡିଆନ ମେଡିକାଲ ଆସୋସିଏଶନ(ଆଇଏମ୍‌ଏ)ର ୭୪ତମ ବାର୍ଷିକ ରାଜ୍ୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନକରିବେ।ଏହିକାର୍ଯ୍ୟକ୍ରମରେ ୧ଘଣ୍ଟା ୧୦ମିନିଟ ରହିବା ପରେ ହେଲିକପ୍ଟରରେ ପୂର୍ବାହ୍ନ ୧୧ଟା୩୦ରେ ମୁଖ୍ୟମନ୍ତ୍ରୀ କଟକ ଅଭିମୁଖେ ବାହାରିବେ ବୋଲି ସୂଚନା ମିଳିଛି। ମଧ୍ୟାହ୍ନ ୧୨ଟା ୩୦ରେ କଟକ ବାଲିଯାତ୍ରା ପଡିଆରେ ମୁଖ୍ୟମନ୍ତ୍ରୀ ଅବତରଣ କରିବା ପରେ ୧୨ଟା ୪୦ରେ ବାରବାଟୀ ଷ୍ଟାଡିୟମ ଅଭିମୁଖେ ଯାତ୍ରା କରିବେ।

## ଦିଲ୍ଲୀର ଭ୍ରଷ୍ଟ ସରକାର ବିରୋଧରେ ଅସନ୍ତୋଷର ବିସ୍ଫୋରଣ ହୋଇଛି: ମନମୋହନ

ଭୁବନେଶ୍ୱର,୮।୨ (ଅନୁରାଧା ମହାରଣା)

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ଐତିହାସିକ ବିଜୟ ଲାଭ କରିଛି। ଏଥିପାଇଁ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଦଳର ଓଡ଼ିଶା ସଭାପତି ମନମୋହନ ସାମଲ ଶୁଭେଚ୍ଛା ଜଣାଇଛନ୍ତି। ମନମୋହନ କହିଛନ୍ତି, ଗତ ୨୭ ବର୍ଷ ହେବ ଦିଲ୍ଲୀ ଅବହେଳିତ ଅବସ୍ଥାରେ ଥିଲା। ସେଠାରେ ବିକାଶ ନିମ୍ନଗାମୀ ହୋଇଯାଇଥିଲା। ଦୀର୍ଘ ବର୍ଷ ହେବ ଆପ୍ ସରକାର ବିଭିନ୍ନ ଦୁର୍ନୀତିରେ ବୁଡ଼ି ରହିଥିଲା। ଏନେଇ ଦିଲ୍ଲୀବାସୀଙ୍କ ମନରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିଲା। ତାହାର ବିସ୍ଫୋରଣ ନିର୍ବାଚନରେ ହୋଇଛି ଓ ସରକାର ପରିବର୍ତ୍ତନ ହୋଇଛି। ଦିଲ୍ଲୀରେ ଭାଜପା ପ୍ରଥମେ ସରକାର ଗଢ଼ିଥିଲା। ଦେଶର ଯେଉଁ ସବୁ ରାଜ୍ୟରେ ଭାଜପା ସରକାର ଅଛି, ସେଠାରେ ଯେଉଁଭଳି ଭାବେ



ମନମୋହନ ସାମଲ

ବିକାଶର ଧାରା ଆଗେଇ ଚାଲିଛି, ସେଭଳି ଭାବେ ଆସନ୍ତା ୫ବର୍ଷରେ ଦିଲ୍ଲୀ ମଧ୍ୟ ଆଗେଇବ। ଏହି ଐତିହାସିକ ବିଜୟ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ନୂଆ ଦିଲ୍ଲୀ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କୁ ମନମୋହନ ଅଭିନନ୍ଦନ ଜଣାଇଛନ୍ତି।

## Business

# ସୁନା ଦର ୮୭,୦୦୦ ନିକଟବର୍ତ୍ତୀ

ନୂଆଦିଲ୍ଲୀ,୮।୨ (ଅଭୟ ଦାଶ)

କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଉଥିଲାବେଳେ ରୁପା ଦର ମଧ୍ୟ ସମ ପରିମାଣରେ ବଢ଼ି ଚାଲିଛି। ବର୍ତ୍ତମାନ ସାରା ଦେଶରେ ବିବାହ ଋତୁ ଓ ଶୁଭକାର୍ଯ୍ୟ ଜାରି ରହିଥିଲାବେଳେ ମୂଲ୍ୟବାନ୍ ଧାତୁ ଏବଂ ସୁନା ଓ ରୁପାର ଦର ବୃଦ୍ଧି ସବୁବର୍ଗର ଗ୍ରାହକଙ୍କୁ ଅତିରିକ୍ତ ଖର୍ଚ୍ଚାନ୍ତ କରାଉଛି। ଅପରପକ୍ଷରେ ଦରବୃଦ୍ଧି ଯୋଗୁ ବ୍ୟବସାୟ ମାନ୍ଦା ରହୁଥିବା ରିଟେଲ ଅଳଙ୍କାର ବ୍ୟବସାୟୀମାନେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସୁନା ଦର ୮୭,୦୦୦ ନିକଟବର୍ତ୍ତୀ ହୋଇଥିଲାବେଳେ ରୁପା କିଲୋ ପ୍ରତି ଦର ୧.୧୦ ଲକ୍ଷରେ ପହଞ୍ଚିଛି ବୋଲି ଉଭୟ ରିଟେଲ ଓ ବୃହତ୍‌ବର୍ଗର ବ୍ୟବସାୟୀମାନେ କହିଛନ୍ତି। ଅପରପକ୍ଷରେ ଦରବୃଦ୍ଧି ଯୋଗୁ ଗ୍ରାହକ କାର୍ଯ୍ୟ ଚଳାଇବା ଭଳି କାରବାର ବା ସାମଗ୍ରୀ କ୍ରୟ କରୁଥିବା ଅଳଙ୍କାର ବ୍ୟବସାୟୀମାନେ କହିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଯେଉଁ ଗ୍ରାହକ ପୂର୍ବ ଥର ମନ ମୁତାବକ ସାମଗ୍ରୀ କ୍ରୟ କରୁଥିଲାବେଳେ ବର୍ତ୍ତମାନ ସେହି ଗ୍ରାହକ କାମ ଚଳାଇବା ଭଳି



ସାମଗ୍ରୀ କ୍ରୟ କରୁଛି। ଗୋଟିଏ ପଟରେ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଉଚ୍ଚା ରହିଥିଲାବେଳେ ଅପରପକ୍ଷରେ ଶୁଭକାର୍ଯ୍ୟ ପାଇଁ ସୁନା ଓ ରୁପା ଭଳି ମୂଲ୍ୟବାନ୍ ସାମଗ୍ରୀ କିଣିବାକୁ ମଧ୍ୟ ଗ୍ରାହକ କୁଣ୍ଠାବୋଧକରୁଛନ୍ତି।

ସେହିଭଳି ଶନିବାର ଭୁବନେଶ୍ୱରରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍‌ର ଦର ୮୬, ୫୯୦ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ଗ୍ରାମ ପିଛା ୨୨ କ୍ୟାରେଟର ଦର ୭୯,୪୫୦ ଟଙ୍କା ଏବଂ ୧୮ କ୍ୟାରେଟ୍‌ର ଦର ୬୫,୦୦୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୭,୦୦୦ ଟଙ୍କାରେ ରହିଛି।

ସେହିପରି ନୂଆଦିଲ୍ଲୀରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନାର ଦର ୮୬,୬୭୩ ଟଙ୍କାରେ କାରବାର ହେଉଥିଲାବେଳେ ପ୍ରତି ୧୦ ଗ୍ରାମ ପିଛା ୨୨କ୍ୟାରେଟ ସୁନାର ଦର ୭୯,୪୬୩ ଟଙ୍କା ଏବଂ ୧୮ କ୍ୟାରେଟ ସୁନାର ଦର ୬୫,୨୫୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୨,୫୦୦ଟଙ୍କାରେ ରହିଛି।

ଉଲ୍ଲେଖଯୋଗ୍ୟ, ଚେନ୍ନାଇ ବଜାରରେ ୨୪ କ୍ୟାରେଟ ସୁନାର ଦର ୮୬,୫୨୧ ଟଙ୍କାରେ କାରବାର ହେଉଥିଲାବେଳେ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୧,୦୯,୬୦୦ ଟଙ୍କାରେ ପହଞ୍ଚିଛି।

## ଇଏଚ୍‌ଏସ୍‌କୁ ଗୋଲ୍ଡ ଷ୍ଟାଣ୍ଡାର୍ଡ ମାନ୍ୟତା

ନୂଆଦିଲ୍ଲୀ,୮।୨

ଅତ୍ୟାଧୁନିକ ସେବା ଓ ହେୟାର ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ୟୁଜେନିକ୍ସ ହେୟାର ସାଇନ୍ସେସ୍ (ଇଏଚ୍‌ଏସ୍)କୁ ନିକଟରେ ଗୋଲ୍ଡ ଷ୍ଟାଣ୍ଡାର୍ଡ ମାନ୍ୟତା ମିଳିଛି। ବିଶେଷକରି ଇଏଚ୍‌ଏସ୍ ସବୁ ବର୍ଗର ଉପଭୋକ୍ତା ଏବଂ କ୍ରିକେଟିୟର, ଆଥ୍‌ଲେଟ ଓ ବଲିଉଡ୍ ସେଲିବ୍ରିଟିମାନଙ୍କର ମଧ୍ୟ ବିଶ୍ୱାସଭାଜନ ହୋଇପାରିଛି। ଦିଲ୍ଲୀ-ଏନ୍‌ସିଆର୍, ମୁମ୍ବାଇ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରଠାରେ ଏହାର ଆଧୁନିକ କ୍ଲିନିକ୍ ରହିଛି, ଯେଉଁଠାରେ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ କ୍ଷମତା ଓ କଳାତ୍ମକ ଦକ୍ଷତା ଏକତ୍ରିତ ହୋଇ ଶ୍ରେଷ୍ଠ ହେୟାର ଟ୍ରାନ୍ସପ୍ଲାଣ୍ଟ ସମାଧାନ ପ୍ରଦାନ କରାଯାଉଛି। ୟୁଜେନିକ୍ସ ପ୍ରାକୃତିକ, ସହଜ ଓ ଦୀର୍ଘକାଳୀନ ଫଳାଫଳ ଦେବାରେ ପ୍ରସିଦ୍ଧି ଲାଭ କରିଛି। ୟୁଜେନିକ୍ସର ସ୍ଥିତି ଭାରତ ବାହାରେ ବି ରହିଛି ଏବଂ ବିଶ୍ୱ କ୍ରିକେଟ ଖେଳାଳି ଓ ସ୍ପୋର୍ଟସ୍‌ମ୍ୟାନ ମଧ୍ୟ ଏହାର ବିଶେଷଜ୍ଞତାରେ ବିଶ୍ୱାସ କରିଛନ୍ତି।

## ରିଲାଏନ୍ସ ଜୁଏଲ୍ସର ଭାଲେଣ୍ଟାଇନ୍ସ କଲେକ୍ସନ

ମୁମ୍ବାଇ,୮।୨

ରିଲାଏନ୍ସ ଜୁଏଲ୍ସର ବହୁ ପ୍ରତୀକ୍ଷିତ 'ଭାଲେଣ୍ଟାଇନ୍ସ କଲେକ୍ସନ'କୁ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଏହି କଲେକ୍ସନରେ କାନଫୁଲ, ସୂକ୍ଷ୍ମ ହାର ଏବଂ ରିଙ୍ଗ୍ ସାଙ୍ଗକୁ ହୀରା ଅଳଙ୍କାରର ବ୍ୟାପକ ରେଞ୍ଜ ଉପଲବ୍ଧ। ସେହିଭଳି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର ଓ ଆକର୍ଷଣୀୟ ରିହାତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୫ ଫେବୃଆରୀ ୧୬ ପର୍ଯ୍ୟନ୍ତ ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମ୍‌ରେ ଉପଲବ୍ଧ। ଏପରିକି ହୀରା ଅଳଙ୍କାର ଉପରେ ୩୦% ପର୍ଯ୍ୟନ୍ତର ଏକ ବିଶେଷ ଭାଲେଣ୍ଟାଇନ୍ସ ଡେ ରିହାତି ଅଫର ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଦ୍ରୁତ ଏବଂ ଆବେଗପୂର୍ଣ୍ଣ କ୍ରୟ ଯୁଗରେ ବାସ୍ତବ ଅର୍ଥପୂର୍ଣ୍ଣ ଉପହାରର ମହତ୍ତ୍ୱ ଅତୁଳନୀୟ। ଅଳଙ୍କାରର କାଳଜୟୀ ଚମତ୍କାରିତା କେବଳ ଏକ ଅଧିଗ୍ରହଣ ନୁହେଁ, ଏହା ଭଲପାଇବା ଏବଂ



କୃତଜ୍ଞତାର ଏକ ଯତ୍ନସହକାରେ ମନୋନୀତ ଅଭିବ୍ୟକ୍ତି। ଭାଲେଣ୍ଟାଇନ୍ସ ଡେକୁ ଆମେ ଆମର ଗ୍ରାହକମାନଙ୍କ ସହ ପାଳନ ଏବଂ କିଛି ମୂଲ୍ୟବାନ୍ ଓ ସ୍ଥାୟୀ ଉପହାର ପ୍ରଦାନ ପାଇଁ ପ୍ରୋତ୍ସାହିତ କରୁଛୁ। ଅପରପକ୍ଷରେ ରିଲାଏନ୍ସ ଜୁଏଲ୍ସ ହୀରା ଗହଣାର ବିଭିନ୍ନ ପ୍ରକାର ସିଲେକ୍‌ସନ ସହ ପ୍ରତ୍ୟେକ ଉତ୍ସବ ପାଇଁ ଡିଜାଇନ ହୋଇଛି। ଯେତେବେଳେ ଆପଣ ପ୍ରେମ, ପ୍ରତିବଦ୍ଧତା କିମ୍ବା ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକ ପାଳନ କରୁଛନ୍ତି। ସୂକ୍ଷ୍ମ ଷ୍ଟଡ୍‌ଠାରୁ ଆରମ୍ଭକରି ବୋଲ୍ଡ ନେକ୍‌ଲେସ୍ ପର୍ଯ୍ୟନ୍ତ ପ୍ରତ୍ୟେକ ପିସ୍‌କୁ ଆକର୍ଷଣୀୟ ଓ ଅନନ୍ୟ ଭାବେ ପ୍ରସ୍ତୁତ କରାଯାଇଛି, ଯାହା ଏହାକୁ ଭାଲେଣ୍ଟାଇନ୍ସ ଡେ ଏବଂ ପରବର୍ତ୍ତୀ ସମୟ ପାଇଁ ବି ଏକ ଆଦର୍ଶ ବିକଳ୍ପ କରିବ।

## ଏକ୍ସ ପ୍ଲାଟ୍‌ଫର୍ମ ୩.୦ର ଶୁଭାରମ୍ଭ

ନୂଆଦିଲ୍ଲୀ,୮।୨

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ତଥା ଇଲେକ୍ଟ୍ରିକ୍ ଭେହିକଲ (ଇଭି) ବ୍ରାଣ୍ଡ ପ୍ୟୋର ଇଭିର ବହୁ ପ୍ରତୀକ୍ଷିତ ଜ୍ଞାନକୌଶଳ 'ଏକ୍ସ ପ୍ଲାଟ୍‌ଫର୍ମ ୩.୦'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡର ଏହି ନୂଆ ଜ୍ଞାନକୌଶଳ ଆଡଭାନ୍ସଡ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ହେଉଥିଲାବେଳେ ଉପଭୋକ୍ତା ଅନୁଭୂତିକୁ ଉନ୍ନତକରିବା କ୍ଷେତ୍ରରେ ଏକ ବଡ ପଦକ୍ଷେପକୁ ଚିହ୍ନିତ କରୁଛି। ସେହିଭଳି ଯାନର କାର୍ଯ୍ୟଦକ୍ଷତା, କନେକ୍ଟିଭିଟି ଓ ଚାଳକଙ୍କ ସୁବିଧା ବୃଦ୍ଧି କରିବାକୁ ବ୍ରାଣ୍ଡ ଆଧୁନିକ ଫିଚର ମଧ୍ୟ ପ୍ରଦାନ କରୁଛି। ଏପରିକି ଏଥିରେ ଥ୍ରିଲ୍ ମୋଡ୍ ଭଳି ସ୍ୱତନ୍ତ୍ର ଫିଚର ରହିଛି, ଯାହା ଟର୍କ ବଢାଇବା ସହ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ମଧ୍ୟ ୨୫% ବୃଦ୍ଧି କରିଥାଏ। ଏହି ପ୍ଲାଟ୍‌ଫର୍ମ ଆଡଭାନ୍ସଡ୍ ପ୍ରେଡିକ୍ଟିଭ ଏଆଇକୁ ମଧ୍ୟ ଏକୀକୃତ କରିଛି। ସେହିପରି ଏହି ଫିଚର 'ପ୍ରିଭେନ୍‌ସନ ଇଜ୍ ବେଟର ଦ୍ୟାନ କ୍ୟୋର' ସିଦ୍ଧାନ୍ତ ଉପରେ କାର୍ଯ୍ୟ କରୁଛି, ସମ୍ଭାବ୍ୟ ସମସ୍ୟାଗୁଡିକୁ ପୂର୍ବରୁ ଚିହ୍ନଟ ଓ ସମାଧାନକରି ୧୦୦% ଭେହିକିଲ ଅପ୍‌ଟାଇମ ନିଶ୍ଚିତ କରୁଛି। କ୍ଲାଉଡ୍ ଏଆଇ ସହ ଜଡିତ ଏହି ପ୍ଲାଟ୍‌ଫର୍ମ ଅପ୍‌ଡେଟ୍ ଓ ଅପ୍‌ଗ୍ରେଡ୍ ପ୍ରଦାନ କରୁଛି, ଉତ୍ତମ ପ୍ରଦର୍ଶନ ପାଇଁ ଗାଡିର ସଫ୍ଟୱେରକୁ ଅପ୍-ଟୁ-ଡେଟ୍ ଓ ଅପ୍ଟିମାଇଜ ରଖୁଛି। ଏ ସମ୍ପର୍କରେ ପ୍ୟୋର ଇଭିର ପ୍ରତିଷ୍ଠାତା ତଥା ଏମ୍‌ଡି ଡା. ନିଶାନ୍ତ ଡୋଙ୍ଗରି କହିଛନ୍ତି, ଏକ୍ସ ପ୍ଲାଟ୍‌ଫର୍ମ ୩.୦ର ଶୁଭାରମ୍ଭ ସହ ଆମେ ଆଧୁନିକ ଏଆଇ ଟେକ୍ନୋଲୋଜିଗୁଡିକୁ ସହଜରେ ସମନ୍ୱିତକରି ବୈଦ୍ୟୁତିକ ଯାତାୟାତ ବିପ୍ଳବର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛୁ। ଏହି ପ୍ଲାଟ୍‌ଫର୍ମ ପ୍ୟୋର ଇଭି ପାଇଁ ସ୍ୱତନ୍ତ୍ର ଏବଂ ଭାରତୀୟ ଉଦ୍ଭାବନକୁ ଏକ ଅନ୍ତର୍ଜାତୀୟ ମଞ୍ଚକୁ ନେବା ପାଇଁ ଆମ ଲକ୍ଷ୍ୟର ପ୍ରତିନିଧିତ୍ୱ କରୁଛି।

## ୬ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଆୟୁଷ ମନ୍ତ୍ରଣାଳୟ ଅର୍ନ୍ତଗତ ସ୍ୱାୟତ ସଂଗଠନ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା ପତଞ୍ଜଳି ଆୟୁର୍ବେଦ କଲେଜର ତତ୍ତ୍ୱାବଧାନରେ ଆୟୋଜିତ ୬ ଦିନିଆ 'ଚରକାୟତନ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଆୟୁର୍ବେଦ ଶିକ୍ଷକ ତଥା ଆୟୁର୍ବେଦର ସ୍ନାତକୋତର ତଥା ସ୍ନାତକ ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ପତଞ୍ଜଳି ଆୟୁର୍ବେଦ କଲେଜର କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ମଣିଷର ବ୍ୟବହାରରେ, ଆଚରଣରେ, ସ୍ୱଭାବରେ ଏବଂ ଜୀବନରେ ଆୟୁର୍ବେଦ ଦୃଶ୍ୟମାନ ହେବା ଉଚିତ୍। ସ୍ୱୟଂ ବୈଦ୍ୟ କହିବାରେ ସଙ୍କୋଚ ନ କରି ଗୌରବ ଅନୁଭବ କରିବା



ଉଦ୍‌ଯାପନୀ ଉତ୍ସବରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଉଚିତ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଖ୍ୟାତ ଆୟୁର୍ବେଦ ଚିକିତ୍ସକ ପ୍ରଫେସର ଏସ କେ ଖଣ୍ଡେଲଙ୍କ ସମେତ ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣା, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଗଭର୍ଣ୍ଣିଂ କାଉନସିଲ୍ ସଦସ୍ୟ ବୈଦ୍ୟ ରାକେଶ ଶର୍ମା, ବୈଦ୍ୟ ମୋହନଲାଲ ଜୈସ୍ୱାଲ, ସନ୍ତୋଷ ଭଟେଡ଼୍, ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଉପାଧ୍ୟକ୍ଷ ଡା. ଅନୁରାଗ ବାର୍ଷ୍ଣେୟ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ନିର୍ଦ୍ଦେଶିକା ଡା. ବନ୍ଦନା ସିରୋହାଙ୍କ ସହ ପତଞ୍ଜଳି ବିଶ୍ୱବିଦ୍ୟାଳୟର ପ୍ରତି କୁଳପତି ଡା. ସତ୍ୟେନ୍ଦ୍ର ମିତ୍ତଲ, ପତଞ୍ଜଳି ଆୟୁର୍ବେଦ କଲେଜର ପ୍ରଫେସର ଅନିଲ କୁମାର, ପ୍ରଫେସର ଗିରିଶ କେ ଜେ ବୈଦ୍ୟ, ପ୍ରଫେସର ସୁରେଶ ଚନ୍ଦ୍ର ଯୋଶୀ, ବୈଦ୍ୟ ବିଭୁ ଓ ବୈଦ୍ୟ ଦୀପା ପ୍ରମୁଖ ଉପସ୍ଥିତ ଥିଲେ।

## ଆକର୍ଷଣୀୟ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ

ନୂଆଦିଲ୍ଲୀ,୮।୨

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଭାଲେଣ୍ଟାଇନ୍ସ ଡେ ଷ୍ଟୋରକୁ ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ଏହି ଷ୍ଟୋରରେ ସତେଜ ଫୁଲର ବିବିଧ ବର୍ଗୀକରଣଠାରୁ ଆରମ୍ଭକରି ଚକୋଲେଟ୍, ଷ୍ଟାଇଲିଶ୍ ଆକ୍ସେସରିଜ୍, ଖାଦ୍ୟ ଏବଂ ବିଶେଷ ମୁହୂର୍ତ୍ତଗୁଡ଼ିକୁ ସ୍ମରଣକରିବା ପାଇଁ ହୃଦୟସ୍ପର୍ଶୀ ବସ୍ତୁ ପର୍ଯ୍ୟନ୍ତ ବ୍ୟାପକ ଚୟନ ପାଇପାରିବେ। ସେହିଭଳି କ୍ୟାଡ୍‌ବରି, ଫେରେରୋ ରୋଚର୍ ଏବଂ ଲିଣ୍ଡଟ ଦ୍ୱାରା ପରିଚାଳିତ ମିଠା ଡିଲ୍ ସହିତ ବିଭିନ୍ନ ବର୍ଗରେ ୪୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ। ଆମାଜନ.ଇନ୍‌ର ସତେଜ ଫୁଲ ଡେଲିଭରି ସହିତ ଫ୍ଲାୱାରଔରା, ସେଣ୍ଡ ଅଫ୍ ଗ୍ରିଂ ଏବଂ ଫ୍ଲୋରାଲମାର୍ଟ ଭଳି ବ୍ରାଣ୍ଡର ୬୨୦ଟି ଅଫର ସହ ଗ୍ରାହକମାନେ କ୍ଲାସିକ୍ ଲାଲ ଗୋଲାପ ଏବଂ ବିଳାସପୂର୍ଣ୍ଣ ପୁଷ୍ପଗୁଚ୍ଛ ସମେତ ୬୦ରୁ ଅଧିକ ବିକଳ୍ପ ଚୟନ କରିପାରିବେ। ସେହିପରି ଆମାଜନ.ଇନ୍‌ର ପ୍ୟାର୍ ବଜାର ସେକ୍ସନରେ ଫ୍ୟାଶନ, ହୋମ୍ ଡେକୋର, ରୋଷେଇ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ମଧ୍ୟ ଆକର୍ଷଣୀୟ ଡିଲ୍ ଉପଲବ୍ଧ ରହିଛି। ଏପରିକି ଉତ୍କୃଷ୍ଟ ଗହଣାଠାରୁ ଆରମ୍ଭକରି ଆରାମଦାୟକ ଘରୋଇ ସ୍ପର୍ଶ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ମାଗଣା ଡେଲିଭରି, କ୍ୟାଶ୍ ଅନ୍ ଡେଲିଭରି, ସହଜ ରିଟର୍ନ ଏବଂ ୟୁପିଆଇ ପେମେଣ୍ଟ ଉପରେ ଅତିରିକ୍ତ କ୍ୟାଶ୍‌ବ୍ୟାକ୍‌ର ସୁବିଧା ମଧ୍ୟ ଉପଲବ୍ଧ। ଆମାଜନ ପେର ସ୍ୱତନ୍ତ୍ର ଲିମିଟେଡ୍ ଏଡିସନ ସେଣ୍ଟେଡ ଗିଫ୍ଟ କାର୍ଡ ଲଞ୍ଚକରି ଉପହାର ଦେବାର କଳାକୁ ପୁନଃ ବ୍ୟାଖ୍ୟା କରିବାକୁ ଯାଉଛି। ଆମାଜନରେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହ ଶପିଂ କରିବା ସମୟରେ ସଦସ୍ୟମାନଙ୍କୁ ୫% କ୍ୟାଶ୍‌ବ୍ୟାକ୍ ମଧ୍ୟ ମିଳିଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ହାପି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୦୦ ମିଟରରେ ଅନିମେଶଙ୍କୁ ସ୍ୱର୍ଣ୍ଣ

**ଡେରାଡୁନ୍, ୮।୨ (ପି.ଟି.):** ଓଡ଼ିଶାର ଉଦୀୟମାନ ଷ୍ଟାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏଠାରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ତାଙ୍କ ଚମକ ଦେଖାଇଛନ୍ତି। ଆଥଲେଟିକ ପ୍ରତିଯାଗିତାର ପ୍ରଥମ ଦିବସରେ ସେ କେବଳ ୧୦. ୨୮ ସେକେଣ୍ଡ ଟାଇମିଂ ସହ ପୁରୁଷ ୧୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିନାହାନ୍ତି ବରଂ ଗେମ୍ସ ରେକର୍ଡ ସମକକ୍ଷ ହୋଇ ପାରିଛନ୍ତି। ଶନିବାର ୧୦ଟି ସ୍ୱର୍ଣ୍ଣ ପଦକ ଫଏସଲା ହୋଇଥିଲା। ମହାରାଷ୍ଟ୍ର ଓ ସର୍ଭିସେସ୍ ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ଜିତିଥିବା ବେଳେ ଓଡ଼ିଶା, ହିମାଚଳ ପ୍ରଦେଶ, ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା ଓ ତାମିଲନାଡୁ ଆଦି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଥିଲେ।

**Ph.D. in Microbiology**



Mrs. Aiswarya Panda has been awarded the DOCTOR OF PHILOSOPHY (PhD) in Microbiology on January 24, 2025 by Odisha University of Agriculture and Technology (OUAT), Bhubaneswar for her thesis entitled "Improving Zinc nutrition in rice through microbial intervention and its effect on molecular mechanism of Zinc loading in rice grain". She carried out her research work under the guidance of Dr. B.B. Mishra, Retd. Emeritus Professor, Department of Microbiology, OUAT (President of Odisha Bigyan Academy, Bhubaneswar) and Dr. P. Panneerselvam, Principal Scientist ICAR-National Rice Research Institute, Cuttack and Dr. D. P. Samantaray, Assistant Professor, Department of Microbiology, OUAT as member of advisory committee. Her thesis was highly appreciated by the external examiner Prof. B. Hanumantha Rao, Former Professor & Head (Botany), Andhra University and Prof. G.P. Brhmaprakash, Prof. & Head, Agricultural Microbiology, University of Agricultural Science, Bengaluru. She is the daughter of Shri Narayan Chandra Panda & Smt. Ratnaprava Panda of village Taliha Pallasahi, Rambag, Jajpur (residing at Shreevihar, Chandrasekharpur, Bhubaneswar) and daughter-in-law of Shri Asit Tripathy, IAS & Smt. Namrata Tripathy of Titlagarh (residing at Raghunathpur, Bhubaneswar). She has cleared ICAR-NET and published her research articles in national & international journals. She conveyed her obligation and thanks to her husband, Shri Mayank Tripathy, all Teachers of OUAT, family, friends & relatives for their love and support to fulfill this achievement.

ଧ-୨୮୩୪

**RENT FOR WAREHOUSE**

5000 sqft. Commercial property for rent in Business park at Bhingarpur, Balianta, near Sai Krupa residency.

- Contact -

**9938538523**

# ଏମ୍‌ଜିଏମ୍ ଟି୨୦ ଉଦ୍‌ଘାଟିତ



ଏମ୍‌ଜିଏମ୍ ଟି୨୦ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)**

କଟକ ଅନ୍ତର୍ଗତ କପୁରସିଂଠାରେ ଅବସ୍ଥିତ ହାଇ ପରଫରମାନ୍ସ କ୍ରିକେଟ ଏକାଡେମୀ 'ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ' ପଡ଼ିଆରେ ସର୍ବପ୍ରଥମ ଏମ୍‌ଜିଏମ୍ ଟି୨୦ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଛି। କିମ୍ବଦନ୍ତୀ କ୍ରିକେଟର ରବି ଶାସ୍ତ୍ରୀ ଏବଂ ତାଙ୍କର ପୂର୍ବତନ ଟିମ୍ ଇଣ୍ଡିଆ କୋଚ୍ ସଦସ୍ୟ ଭରତ ଅରୁଣ ଓ ଆର. ଶ୍ରୀଧରଙ୍କ ଦ୍ୱାରା ସ୍ଥାପିତ 'କୋଚିଂ ବିୟଣ୍ଡ' (କ୍ରିକେଟରେ ଉତ୍କର୍ଷ ଆଣିବାରେ ଏକ ପ୍ରିମିୟର ପ୍ରତିଷ୍ଠାନ) ସହଯୋଗିତାରେ ଏହା ଆରମ୍ଭ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଆନ୍ତଃ ଏକାଡେମୀ ଟୁର୍ନାମେଣ୍ଟକୁ ରବି ଶାସ୍ତ୍ରୀ ଓ ଭରତ ଅରୁଣ ଉଦ୍‌ଘାଟନ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସର ମନୋନୀତ ଖେଳାଳିଙ୍କ ବ୍ୟତୀତ ଚେନ୍ନାଇ, ହାଇଦ୍ରାବାଦ ଏବଂ ଭଦୋଦରାସ୍ଥିତ କୋଚିଂ ବିୟଣ୍ଡ କ୍ରିକେଟ ଏକ୍ସିଲେନ୍ସ ସେଣ୍ଟରର କ୍ରିକେଟ ଟିମ୍ ଅଂଶଗ୍ରହଣ କରିଛନ୍ତି। ଏମ୍‌ଜିଏମ୍ ଗ୍ରୁପ୍ ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି, ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ଭେଙ୍କଟପତି ରାଜୁ, ଓଡ଼ିଶାର ସର୍ବପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

"ଆମେ ଏମ୍‌ଜିଏମ୍ ଟି୨୦ ଚାମ୍ପିୟନଶିପ୍ ୨୦୨୫ ଆୟୋଜନ କରି ଉଦୀୟମାନ କ୍ରିକେଟରଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଅତ୍ୟନ୍ତ ଉଲ୍ଲସିତ। ଏହି ଟୁର୍ନାମେଣ୍ଟ କେବଳ ଏକ ପ୍ରତିଯୋଗିତା ନୁହେଁ, ବରଂ ତା' ସହିତ ଓଡ଼ିଶା କ୍ରିକେଟର ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରୁଛି ଏବଂ ଏହାକୁ ଦୃଢ଼ କରୁଛି। ଏହି ଏକାଡେମୀରେ ଟ୍ରେନିଂ ନେଇ ଓଡ଼ିଶାର ପ୍ରତିଭାସମ୍ପନ୍ନ କ୍ରିକେଟରମାନେ ନିଶ୍ଚିତ ଆଗକୁ ବଢ଼ିବାର ସୁଯୋଗ ପାଇବେ। ଆଗାମୀ କିଛିବର୍ଷ ମଧ୍ୟରେ ଏହା ଦେଖିବାକୁ ମିଳିବ। ଜଣେ ଖେଳାଳିର ସାମଗ୍ରିକ ବିକାଶକୁ ଦୃଷ୍ଟିରେ ରଖାଯାଇ ଏଠାରେ ଟ୍ରେନିଂ ଦିଆଯାଉଛି" ବୋଲି ପଙ୍କଜ ଲୋଚନ ପ୍ରକାଶ କରିଛନ୍ତି।

# 'ବାରବାଟୀରେ ପ୍ରଥମ ଶତକ ଚିର ସ୍ମରଣୀୟ'

**ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)**



ରବି ଶାସ୍ତ୍ରୀ

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହେବ ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ୍। ଏହାର ଗୋଟିଏ ଦିନ ପୂର୍ବରୁ କଟକ କପୁରସିଂଠାରେ ଅବସ୍ଥିତ ହାଇ ପରଫରମାନ୍ସ କ୍ରିକେଟ ଏକାଡେମୀ 'ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ' ପଡ଼ିଆରେ ସର୍ବପ୍ରଥମ ଏମ୍‌ଜିଏମ୍ ଟି୨୦ ଚାମ୍ପିୟନଶିପକୁ ଶନିବାର ଉଦ୍‌ଘାଟନ କରିଛନ୍ତି କିମ୍ବଦନ୍ତୀ କ୍ରିକେଟର ରବି ଶାସ୍ତ୍ରୀ। "ବାରବାଟୀ ଷ୍ଟାଡିୟମ ସହିତ ମୋର ଅତି ମଧୁର ସ୍ମୃତି ରହିଛି। କାରଣ ଏହି ଐତିହାସିକ ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ଶତକ ମୋ ନାମରେ ରହିଛି। ଏହାଠାରୁ ଆଉ ବଡ଼ ସ୍ମରଣୀୟ ଘଟଣା ଆଉ କ'ଣ ହୋଇପାରେ। ୧୯୮୪ ଡିସେମ୍ବର ୨୭ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୁଁ ଓ କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଇନିଂସ ଓପନ କରିଥିଲୁ। ଶ୍ରୀକାନ୍ତ ୯୯ ରନରେ ଆଉଟ ହୋଇଗଲେ। ମୁଁ କିନ୍ତୁ ଶତକ ପୂରଣ କରି ୧୦୨ ରନ କରିଥିଲି" ବୋଲି ଖବରଦାତାଙ୍କ ସହ କଥା ହେବାବେଳେ ରବି ଶାସ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ବ୍ୟାଡ୍ ଲାଇଟ ଯୋଗୁ ଖେଳକୁ ଅମ୍ପାୟର ଦ୍ୱିତୀୟ ଇନିଂସରେ ୪୬ ଓଭରରେ ବନ୍ଦ ରଖିବାକୁ ବାଧ୍ୟ ହୋଇଥିଲେ। ରିଭାଇଜ୍ ଟାର୍ଗେଟ ଅନୁସାରେ ଇଂଲଣ୍ଡ ଯଦିଓ ୧ ରନରେ ବିଜୟୀ ହୋଇଥିଲା ତେବେ ଶାସ୍ତ୍ରୀ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଶାସ୍ତ୍ରୀ ଆହୁରି କହିଛନ୍ତି ଯେ, ପଙ୍କଜ ଲୋଚନ ମହାନ୍ତି ଏଠାରେ ଯେପରି ଭିତ୍ତିଭୂମି ଏବଂ ଆବାସିକ ସୁବିଧା ଉପଲବ୍ଧ କରାଇଛନ୍ତି ତାହା ବିଶ୍ୱସ୍ତରୀୟ। ଏହାକୁ ଉପଯୋଗ କରି ଓଡ଼ିଶାର ଉଦୀୟମାନ କ୍ରିକେଟରମାନେ ନିଶ୍ଚିତ ନିଜ ପ୍ରଦର୍ଶନରେ ଉନ୍ନତି ଆଣିପାରିବେ। ଏହା ବ୍ୟତୀତ ଏଠାରେ ଯେଉଁପରି କୋଚିଂ ଦିଆଯାଉଛି ତାହା ମଧ୍ୟ ବହୁ ଉଚ୍ଚମାନର। ତେଣୁ ଖୁବ୍‌ଶୀଘ୍ର ଓଡ଼ିଶାରୁ ଦେବାଶିଷ ମହାନ୍ତିଙ୍କ ପରି ଅନ୍ତର୍ଜାତୀୟ କ୍ରିକେଟର ବାହାରିବା ସମ୍ଭାବନା ଉନ୍ମୁକ୍ତ ହୋଇଛି। ଏକାଡେମୀ ପକ୍ଷରୁ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ କଟକ, ହାଇଦ୍ରାବାଦ, ଚେନ୍ନାଇ ଓ ବରୋଦାରୁ ୪ ଦଳ ଅଂଶଗ୍ରହଣ କରିଛନ୍ତି। ପରସ୍ପର ସହ ଖେଳିବା ଦ୍ୱାରା ସେମାନେ ସେମାନଙ୍କ ଶକ୍ତି ଓ ଦୁର୍ବଳତାକୁ ଜାଣିପାରିବେ। ଫଳରେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିପାରିବ। ପ୍ରତିଭା ପ୍ରଦର୍ଶନ ପାଇଁ ଏହା ଏକ ଶ୍ରେଷ୍ଠ ପ୍ରତିଯୋଗିତା ବୋଲି ଶାସ୍ତ୍ରୀ ପ୍ରକାଶ କରିଛନ୍ତି।



# Classified Everyday

**0674-2580101, 9692975378**



## GROOM WANTED

Beautiful Brahmin Girl 1998, 5'4", M.A. (English) BE.d.- "Sunasansar". 9937512659. D-76237



## AUTOMOBILE SALE

Kia Sonet 2022 top model Diesel automatic white 24000KM. 6371837547 D-2818



## REAL ESTATE SALE

Luxury flat all amenity and newly full furnished (1350sqft) at M.J. Woods Andharua, Jagannath Prasad, Bhubaneswar, Mob- 9078280148 ready to move (no broker). D-2848

4 Nos. of 1500 Sqft. (30 ft. x 50 ft.) plots for sale close to Mahavir Engineering College on Pitapalli- Barang road at cost of Rs.750.00 per sqft. Intending buyers please contact to mobile No.- 9937786833 between 4PM to 6PM D-76414

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

**Outright and Sharing Lands are available for Duplex/ Apartment projects around Bhubaneswar. 8984071303/ 7606870034/ 8599857228/ 7077798353.** D-2840

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar- 7008459987. D-76232

**11700 sqft. Gharabari land sale at Pitapalli, NH Side - 7008634668.** D-76234

**Contact for House Construction (Simplex/ Duplex/ Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473.** D-2841

## GENERAL SALE

**For immediate sale @ Bhubaneswar. Running PVC & HDPE PIPE Extruders, Chilling plant, Compressor, Grinder, Lathe M/c, LAB M/c, Weighing & Electrical Equipments. Seller developing Real Estate in Industrial Land & so exiting Pipe Industry. All consultancy/ support to buyer for setting new plant will be assured. Contact via mail/Call: mdoffice@pglgroup.in, 7735730222.** D-75591



**Space for Rent- 7000sqft area of space available for Office/ Commercial/ Hostel space behind Trident Engineering College, Infosys Square, Patia. Contact- 7008181478.** D-2814

5BHK Duplex (2500 carpet area) near Pipli Toll Gate for Bank Guest House. Contact: 9938563607/ 9439991147. D-2847

Commercial space @ Hanspal 1100/1700sqft Bank Showroom Office. 8380095549, 8327791375. D-2837

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

2BHK semifurnished for rent close to D.A.V. Pokhariput, Bhubaneswar. Contact- 8249326793, 9078470638. D-2850

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

Two floor vacant in Second floor-8000 is 1000 sqft. & Third Floor- 9000 is 1200 sqft. with Balcony. 7978141625. D-2862

## ACCOMMODATION

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819



**Full body massage experience, good looking therapist @999 (Bhubaneswar). 9078484455.** D-2815

Newly open health benefits spa by experience lady therapist. 8658088274. D-76191

Newly open Jyoti spa positively health benefits (Expert therapist). 8458067955 D- 76192

Herbal full body massage by smart/ expert therapist. 8327740003, 7205178829. D-76413

Take wellness herbal full body relax massage by trend therapist. 7008773793. D-76193

Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## AFFIDAVIT

By virtue of an affidavit sworn before Bhubaneswar, dated 31.01.2025, I, Rajendra Mohanty, Address: At- Khanijipur Mohantisahi, P.O.- Nayahat, Dist.- Puri, Odisha, PIN.- 752107 declare that I have changed my name from Basant Mohanty to Rajendra Mohanty. Henceforth, I shall be known as Rajendra Mohanty for all purposes.

Rajendra Mohanty D-2855

By virtue of an affidavit sworn before Bhubaneswar, dated 27.12.2024, I Neha Sahu, Address: At- Mahammadnagar Patna, P.O.- Mahammadnagar Patna, Dist.- Baleshwar, Odisha, PIN.- 756032 declare that I have changed my name from Sneha Sahu to Neha Sahu. Henceforth, I shall be known as Neha Sahu for all purposes.

Neha Sahu D-2856

By virtue of an affidavit sworn before Bhubaneswar, dated 06.02.2025, I, Sudesna Panda, Address At- Khasbahal, Bankapur, P.O.- Khasbahal, Dist.- Nuapada, Odisha, PIN.- 766107 declare that I have changed my name from Anita Behera to Sudeana Panda. Henceforth, I shall be known as Sudesna Panda for all purposes.

Sudesna Panda D-2857

By virtue of an affidavit sworn before Executive Magistrate, Bhubaneswar on Dated 17th August 2024, I, Dunna Kumari, Address At- Plot No.- A/47, Kharvel Nagar, Bhubaneswar, Dist.- Khordha, PIN- 751001, Odisha have changed my name from "C.H Kumari" to "Dunna Kumari". Henceforth, I shall be known as "Dunna Kumari" for all purposes. D-2861

By virtue of an affidavit sworn before the Executive Magistrate, Bhubaneswar, dated CF No.- 98, dtd- 06.02.2025, Anupa Kumar Pattanaik, Address: Lingaraj Temple Road, Old Town, Bhubaneswar- 751002, P.S.- Shree Lingaraj, District.- Khordha, Odisha declare that I have changed my name and date of birth from Anup Pattanaik (19.06.1965) to Anupa Kumar Pattanaik (21.06.1965). Henceforth, I shall be known as Anupa Kumar Pattanaik, D.O.B. (21.06.1965) for all purposes. D-75359

By virtue of an affidavit by Notary dtd 25 Jan. 2025, my name which has been wrongly entered as "Mohammaed Nadeem" instead of Mohammad Nadeem in my daughter's (Zaina Nadeem) Passport- Bearing No.- N5404152. Henceforth, Mohammad Nadeem is actual & corret which will be use for all purposes. D-46587

By virtue of an affidavit sworn before Magistrate, dated 07.02.2025, I Pallavi Mahapatra, Address: A-51, Palaspalli, Bhubaneswar, Odisha declare that I have changed my name from Percy to Pallavi. Henceforth, I shall be known as Pallavi Mahapatra for all purposes.

Pallavi Mahapatra D-2846

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Badamba, dated 09.02.2025, I, Rinkun Behera, S/o- Harihar Behera, Address: At- Tunapur, P.O.- Mugagahira, P.S.- Badamba, Dist.- Cuttack- 754031, declare that I have changed my name from Rinkunu Behera to Rinkun Behera. Henceforth, I shall be known as Rinkun Behera for all purposes.

Rinkun Behera D-2854

By virtue of an affidavit it declare that Basanta Behera, F/o- Amitav Behera and Basanta Kumar Behera, F/o- Amitav Behera is same and one person of Ichhangarparana, Chhatia, Jajpur. D-2851

By virtue of an affidavit sworn before the Executive Magistrate, Aska my son's actual name is Manas Kumar Bisoyi and his date of Birth is 20.10.2014.

Sd./- Mamata Bisoyi D-2852

ମୁଁ ଖୁସି ଗୁପ୍ତା, ୨୩ ବର୍ଷ, ପିତା ଅତୁଲ କୁମାର ଗୁପ୍ତା, ଠିକଣା- ନି. ସୀତାରାମ ଛକ, ପୋଷ୍ଟ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦, ଓଡ଼ିଶା । ସତ୍ୟପାଠ ସଂଖ୍ୟା- ୩୭୦୩୫୪୬ ଅନୁଯାୟୀ ଘୋଷଣା କରୁଅଛିକି ମୋ ପିତାଙ୍କ ନାମ ଅତୁଲ କୁମାର ଗୁପ୍ତା ଅଟେ। କିନ୍ତୁ ମୋର ମାଟ୍ରିକ୍ ପ୍ରମାଣପତ୍ରରେ ମୋ ପିତାଙ୍କ ନାମ ଅତୁଲ କୁମାର ଗୁପ୍ତା ପରିବର୍ତ୍ତେ ଭୁଲରେ ଅତୁଲ ଗୁପ୍ତା ଲିପିବଦ୍ଧ ହୋଇଅଛି। ସତ୍ୟପାଠ ଜରିଆରେ ଘୋଷଣା କରୁଅଛିକି, ଅତୁଲ କୁମାର ଗୁପ୍ତା ଏବଂ ଅତୁଲ ଗୁପ୍ତା ମୋ ପିତା ଏକ ବ୍ୟକ୍ତି ଅଟନ୍ତି। ଭବିଷ୍ୟତରେ ସମସ୍ତ କାର୍ଯ୍ୟରେ ଏହି ନାମ ଉପଯୋଗ ପାଇଁ ଘୋଷଣା କରୁଅଛି। ଧ-୨୮୫୩

# କଷ୍ଟୋମାଇଜ୍‌ଡ ଭାଲେଣ୍ଟାଇନ୍ସ ଡେ’ ଗିଫ୍ଟ

ଆରମ୍ଭ ହୋଇଯାଇଛି ଭାଲେଣ୍ଟାଇନ୍ସ ୱିକ୍। ଏହି ଅବସରରେ ନିଜ ପାର୍ଟନରଙ୍କଠାରୁ ଉପହାରଟିଏ ପାଇଲେ କାହାକୁ ବା ଆନନ୍ଦ ମିଳି ନ ଥାଏ! ଆଉ ଏହି ଗିଫ୍ଟଟି ଯଦି ସମ୍ପୂର୍ଣ୍ଣ ନିଆରା କିମ୍ବା ଭାବି ନ ଥିବା ଜିନିଷଟି ହୁଏ, ତେବେ ନା କେବଳ ଖୁସି ଲାଗିଥାଏ ବରଂ ସମ୍ପର୍କ ବି ଅଧିକ ନିବିଡ଼ ହୋଇଥାଏ; ଯାହାକୁ ଆଖି ଆଗରେ ରଖି ବର୍ତ୍ତମାନ ବିଭିନ୍ନ କଷ୍ଟୋମାଇଜ୍‌ଡ ଗିଫ୍ଟର ଡିମାଣ୍ଡ ବଢ଼ିବାରେ ଲାଗିଛି...

ଉପହାର ପାଇଲେ କାହାକୁ ବା ଖୁସି ନ ଲାଗେ ! ଆଉ ଏହି ଉପହାର ଯଦି ନିଜ ପାର୍ଟନରଙ୍କଠାରୁ ମିଳେ, ତାହା ପୁଣି ଭାଲେଣ୍ଟାଇନ୍ସ ଡେ’ ଭଳି ବିଶେଷ ଅବସରରେ ; ତେବେ ଖୁସିର ସୀମା ରହେନି। ତେବେ ନିଜର ଏହି ଉପହାରକୁ ଖାସ୍ ତଥା ସ୍ମରଣୀୟ କରିବା ଲାଗି ବର୍ତ୍ତମାନ ଅନେକେ ବିଭିନ୍ନ କଷ୍ଟୋମାଇଜ୍‌ଡ ଗିଫ୍ଟ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣମାନେ ବି ଏହି ସ୍ପେଶାଲ୍ ଦିନରେ ନିଜ ପ୍ରିୟ ମଣିଷକୁ କିଛି ଖାସ୍ ଉପହାର ଦେଇ ଖୁସି କରିବାକୁ ଚାହାନ୍ତି, ତେବେ ଥିବା ଡେକୋରେଟିଭ୍ ପିସ୍ ଆଦି ଗିଫ୍ଟ ଦେଉଥିଲେ। ହେଲେ ବର୍ତ୍ତମାନ ଭାଲେଣ୍ଟାଇନ୍ସ ଡେ’ରେ କଷ୍ଟୋମାଇଜ୍‌ଡ ଡେକୋରେଟିଭ୍ ଆଇଟମ୍ ଏକ ଭଲ ବିକଳ୍ପ ପାଲଟିଛି। ଏଥିରେ କପୁଲ୍ କିମ୍ବା ସିଙ୍ଗଲ୍ ଫଟୋଫ୍ରେମ୍, ୱାଲ୍ ହ୍ୟାଙ୍ଗିଙ୍ଗ୍, ଫଟୋଷ୍ଟାଣ୍ଡ, କି ରିଙ୍ଗ୍, ଫଟୋପ୍ରିଣ୍ଟ ୱାଲ୍ କ୍ଲକ୍ ଆଦି ଗିଫ୍ଟ କରିପାରିବେ। ତେବେ ଆର୍କିଲିକ୍ ଲାଇଟ୍






କେତେକ ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...

**ମେସେଜ୍ ଏବଂ ଫଟୋପ୍ରିଣ୍ଟ ଟି–ଶାର୍ଟ:** ଅଧିକାଂଶ ଯୁବତୀ ଯୁବକଙ୍କୁ ପ୍ଲେନ୍ ଅପେକ୍ଷା ପ୍ରିଣ୍ଟେଡ୍ ଟି–ଶାର୍ଟ ପସନ୍ଦ। ହେଲେ ଏବେ ବିଭିନ୍ନ ଲଭ୍ ମେସେଜ୍ କିମ୍ବା ଫଟୋପ୍ରିଣ୍ଟ ଥିବା ଟି–ଶାର୍ଟକୁ ଭାଲେଣ୍ଟାଇନ୍ସ ଗିଫ୍ଟ ଦେବାକୁ ଅନେକେ ପସନ୍ଦ କରୁଛନ୍ତି। ବିଶେଷକରି ଏକା ରଙ୍ଗ ଏବଂ ପ୍ରିଣ୍ଟ ଥିବା କପଲ୍ ଟି–ଶାର୍ଟ ଏବେ ମାର୍କେଟରେ ଟ୍ରେଣ୍ଡ କରୁଛି। ଏହା ଷ୍ଟାଇଲିଶ ତଥା ଆଇକ୍ୟାଚି ଲାଗିବା ସହ ବେଶ୍ ୟୁନିକ୍ ବି ଲାଗୁଛି। ଏହା ବର୍ତ୍ତମାନ ଅନ୍‌ଲାଇନ୍‌ରେ ବି ସହଜରେ ଉପଲବ୍ଧ ହୋଇପାରୁଥିବାରୁ ଅନେକେ ଅର୍ଡର କରୁଥିବା ଦେଖିବାକୁ ମିଳୁଛି।

**ହ୍ୟାଣ୍ଡପେଣ୍ଟ ଆଉଟ୍‌ଫିଟ୍:** ବର୍ତ୍ତମାନ ଟ୍ରାଡିସିନାଲ୍ କୁର୍ତ୍ତି କିମ୍ବା ଶାଢ଼ିରେ ପଟଚିତ୍ର, ବିଭିନ୍ନ ଦେବଦେବୀଙ୍କ ଚିତ୍ରଠୁ ଆରମ୍ଭ କରି ଟ୍ରାଇବାଲ୍ ଡିଜାଇନ୍ ହ୍ୟାଣ୍ଡପେଣ୍ଟ କରାଯାଉଛି, ଯାହାକି ଗିଫ୍ଟ ପାଇଁ ବେଶ୍ ଡିମାଣ୍ଡରେ ରହୁଥିବା ଦେଖିବାକୁ ମିଳୁଛି। ସେହିପରି ଯୁବକମାନଙ୍କୁ ଗିଫ୍ଟ କରିବା ପାଇଁ ମଧ୍ୟ ଏଭଳି ହ୍ୟାଣ୍ଡପେଣ୍ଟେଡ୍ କୁର୍ତ୍ତା ଏବଂ ଶାର୍ଟ ଏକ ଭଲ ଅପ୍ସନ।

**କଷ୍ଟୋମାଇଜ୍‌ଡ ଜୁଏଲେରି:** ଜୁଏଲେରି ଯେ କେବଳ ନାରୀଙ୍କୁ ପସନ୍ଦ ତା’ ନୁହେଁ, ବରଂ ପୁରୁଷ ବି ଜୁଏଲେରି ପିନ୍ଧିବାକୁ ବେଶ୍ ଭଲପାଆନ୍ତି। ତେଣୁ ବର୍ତ୍ତମାନ ନିଜ ପାର୍ଟନରଙ୍କ ନାଁ କିମ୍ବା ଫଟୋଥିବା ହେଉ କିମ୍ବା ଉଭୟଙ୍କ ନାଁ ଓ ଫଟୋଥିବା ବିଭିନ୍ନ କଷ୍ଟୋମାଇଜ୍‌ଡ ଜୁଏଲେରିର ଏବେ ଖୁବ୍ ଡିମାଣ୍ଡ ବଢୁଛି, ଯାହା ଡିଫରେଣ୍ଟ ଲାଗିବା ସହ ପାର୍ଟନରଙ୍କ ମନ ଖୁସି ମଧ୍ୟ କରିଥାଏ।

**କଷ୍ଟୋମାଇଜ୍‌ଡ ଡେକୋରେଟିଭ୍ ପିସ୍:** ପୂର୍ବରୁ ପ୍ରେମର ପ୍ରତୀକ ଭାବେ ଅନେକେ ରାଧାକୃଷ୍ଣ ମୂର୍ତ୍ତି, କପଲ୍ ଷ୍ଟାଚ୍ୟୁ ଥିବା ଶୋ’ ପିସ୍, ଲଭ୍‌ବାର୍ଡ୍ସ

ଫଟୋଲ୍ୟାମ୍ପ ବର୍ତ୍ତମାନ ସବୁଠୁ ଡିମାଣ୍ଡରେ ଅଛି। ଏହା ନିଆରା ଲାଗିବା ସହ ଖୁବ୍ ଆଇକ୍ୟାଚି ମଧ୍ୟ ହୋଇଥାଏ।

**ବେଡ୍‌ଶିଟ୍ ଏବଂ କୁସନ୍ କଭର:** ଦିନକୁଦିନ ବଦଳୁଛି ଗିଫ୍ଟ ଆଇଡିଆ। ଏହି ଲିଷ୍ଟରେ କପୁଲ୍ ଫଟୋପ୍ରିଣ୍ଟ ବେଡ୍‌ଶିଟ୍ ଏବଂ ତକିଆ କଭରର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ ମଡର୍ନ ଏବଂ ଆଇକ୍ୟାଚି ମଧ୍ୟ ଲାଗୁଛି। ତା’ଛଡ଼ା ଏହାକୁ ପ୍ରିଣ୍ଟ କରାଇବା ଲାଗି ପ୍ରାୟ ଅଧିକାଂଶ ସହରରେ ସୁବିଧା ମଧ୍ୟ ହୋଇଗଲାଣି। ଏମିତିକି




ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୁବିଧା ଖୁବ୍ ସହଜରେ ଉପଲବ୍ଧ ହୋଇପାରୁଛି। ତେଣୁ ପ୍ରେମୀଯୁଗଳଙ୍କ ଅପେକ୍ଷା ମ୍ୟାରେଡ୍ କପଲ୍ ଭାଲେଣ୍ଟାଇନ୍ସ ଡେ’ରେ ନିଜ ପାର୍ଟନରଙ୍କୁ ଏଭଳି ଗିଫ୍ଟ ଦେବାକୁ ବେଶି ପସନ୍ଦ କରୁଛନ୍ତି।

**ଫଟୋ ପ୍ରିଣ୍ଟ କଫି ମଗ୍:** ଫଟୋ ପ୍ରିଣ୍ଟ ହୋଇଥିବା କପ୍‌ଟିଏ ଧରି ଚା, କଫି ପିଇବା ବେଳେ ସତରେ କାହାକୁ ବା ଖୁସି ନ ଲାଗିବ ! ଆଉ ଜଣଙ୍କୁ ଏହି ଖୁସି ଦେବା ଲାଗି ବର୍ତ୍ତମାନ ଫଟୋ ପ୍ରିଣ୍ଟ କପ୍ ଓ କଫି ମଗ୍ ଏବେ ଲାଟେଷ୍ଟ ଗିଫ୍ଟ ଟ୍ରେଣ୍ଡ ପାଲଟିଛି। ତେବେ ମ୍ୟାଜିକ୍ କପ୍ (ଯେଉଁଥିରେ ଗରମ ପାଣି, ଚା, କଫି ଆଦି ଢାଳିବା ପରେ ଫଟୋ ଦେଖାଯାଇଥାଏ) ସବୁଠୁ ବେଶି ଡିମାଣ୍ଡରେ ରହିଛି। ଭାଲେଣ୍ଟାଇନ୍ସ ଡେ’ରେ ସରପ୍ରାଇଜ୍ ଗିଫ୍ଟ ଦେବାକୁ କପଲ୍ ଫଟୋ ପ୍ରିଣ୍ଟ କଫିମଗ୍ ଏବେ ବେଷ୍ଟ ଅପ୍ସନ ପାଲଟିଥିବାରୁ ଅନେକେ ନିଜ ପାର୍ଟନର୍‌ଙ୍କୁ ଏଭଳି ଗିଫ୍ଟ ଦେବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

### କଷ୍ଟୋମାଇଜଡ୍ ଗିଫ୍ଟର ବଢୁଛି ଡିମାଣ୍ଡ

– **ପ୍ରଶାନ୍ତ କୁମାର ସାହୁ**
(ବ୍ୟବସାୟୀ, ଫ୍ୟାଶନ୍ କ୍ଲୁ କର୍ଣ୍ଣର୍, ବାଳକାଟୀ ବଜାର, ଖୋର୍ଦ୍ଧା)

ଭାଲେଣ୍ଟାଇନ୍ସ ଡେ’ ଭଳି ସ୍ପେଶାଲ୍ ଅକେଜନ୍‌ରେ ନିଜ ପାର୍ଟନର୍‌ଙ୍କୁ ଗିଫ୍ଟ ଦେବା ଲାଗି ଅନେକ ଯୁବତୀଯୁବକ ଏବେ ବିଭିନ୍ନ ଫଟୋପ୍ରିଣ୍ଟ ସାମଗ୍ରୀ ଯଥା କଫି ମଗ୍, ବେଡ୍‌ଶିଟ୍ ଏବଂ ତକିଆ କଭର, ଟି–ଶାର୍ଟ, କପଲ୍ ଶୋ’ ପିସ୍, ମୋବାଇଲ୍ କଭର ଭଳି କଷ୍ଟୋମାଇଜ୍‌ଡ ଗିଫ୍ଟଗୁଡିକୁ ଅଧିକ ପସନ୍ଦ କରୁଛନ୍ତି। ଗ୍ରାହକଙ୍କ ଚାହିଦା ଅନୁସାରେ ଦିନକୁଦିନ ଲାଟେଷ୍ଟ କଷ୍ଟୋମାଇଜ୍‌ଡ ଡିଜାଇନ୍‌ର ଗିଫ୍ଟ ମଧ୍ୟ ମାର୍କେଟ୍‌କୁ ଆସୁଛି। ଏମିତିକ ଅନେକେ ଟି–ଶାର୍ଟରେ ମଧ୍ୟ ଫଟୋ ଏବଂ ଲଭ୍ ମେସେଜ୍ ପ୍ରିଣ୍ଟ କରାଇ ଗିଫ୍ଟ କରୁଛନ୍ତି। ଏସବୁ ସାମଗ୍ରୀ ବଜେଟ୍ ଫ୍ରେଣ୍ଡଲୀ ହେଉଥିବାରୁ ଡିମାଣ୍ଡ



ଦିନକୁ ଦିନ ବଢୁଛି। କପଲ୍ ଫ୍ରେମ୍ ୭୦୦ରୁ ଆରମ୍ଭ ହେଉଥିବା ବେଳେ ସିଙ୍ଗଲ୍ ଓ ଡବଲ୍ ଲଭ୍ ଫ୍ରେମ୍ ୬୦୦ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ରହୁଛି। ସେହିପରି କପ୍ ପ୍ରିଣ୍ଟ ପାଇଁ ୪୦୦ ଟଙ୍କା, ତକିଆ କଭର ଏବଂ ଟି–ଶାର୍ଟ ଆଦି କ୍ଲଥ୍ ପ୍ରିଣ୍ଟ ୨୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଅନ୍ୟ ସାମଗ୍ରୀଗୁଡ଼ିକରେ ରଙ୍ଗ ଖର୍ଚ୍ଚକୁ ନେଇ ଅଲଗା ଅଲଗା ଦାମ୍ ରହିଛି। କେବଳ ଏତିକି ନୁହେଁ ଗ୍ରାହକଙ୍କ ଡିମାଣ୍ଡ ଅନୁସାରେ ଅନ୍ୟ କଷ୍ଟୋମାଇଜ୍‌ଡ୍ ଗିଫ୍ଟ ମଧ୍ୟ ଯୋଗାଇ ଦେଉଛି।







## ଏ ସପ୍ତାହର ପ୍ରଶ୍ନ

୧– କାହ୍ନା ବ୍ୟାଘ୍ର ଅଭୟାରଣ୍ୟ........... ରାଜ୍ୟରେ ଅବସ୍ଥିତ ?
୨– ଚଳିତବର୍ଷ ଗଣତନ୍ତ୍ର ଦିବସରେ ........... ରାଜ୍ୟର ପ୍ରଜ୍ଞାପନ ମେଢ଼ ପ୍ରଥମ ସ୍ଥାନ ଅଧିକାର କରିଛି ?
୩– ପ୍ରତିବର୍ଷ ............ ତାରିଖରେ ୱାର୍ଲ୍ଡ ୱେଟ୍‌ଲାଣ୍ଡ ଡେ’ ପାଳନ କରାଯାଏ ?
୪– ୯ମ ଏସିଆନ୍ ୱିଣ୍ଟର ଗେମ୍ସ ................. ଠାରେ ଆୟୋଜିତ ହେଉଛି ?
୫– ୱାର୍ଲ୍ଡ କ୍ୟାନ୍ସର ଡେ’ ୨୦୨୫ର ଥିମ୍ ................ ?

## ଗତ ଥରର ଉତ୍ତର

୧ ହରିୟାଣା
୨ ନୀତି ଆୟୋଗ
୩ ଭାରତ ଏବଂ ମ୍ୟାନ୍‌ମାର୍
୪ ମହାରାଷ୍ଟ୍ର
୫ ବମ୍ବେ ନାଚୁରାଲ ହିଷ୍ଟ୍ରି ସୋସାଇଟି

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ଶେଖ୍ ୟାକୁବ୍,
ଗୋପ

## ଟପ୍ ୧୦

### ପୃଥିବୀର ବୃହତ୍ତମ ଆଇସ୍‌ଲାଣ୍ଡ



୧– ଗ୍ରୀନ୍‌ଲାଣ୍ଡ ........ ୨,୧୬୬,୦୮୬ ବର୍ଗ କିମି.
୨– ନ୍ୟୁ ଗିନି........ ୮୨୧,୪୦୦ ବର୍ଗ କିମି.
୩– ବୋର୍ନିଓ........ ୭୪୮,୧୬୮ ବର୍ଗ କିମି.
୪– ମାଡାଗାସ୍କାର ........ ୫୮୭, ୨୯୫ ବର୍ଗ କିମି.
୫– ବଫିନ୍........ ୫୦୭,୪୫୧ ବର୍ଗ କିମି.
୬– ସୁମାତ୍ରା ........ ୪୪୩, ୦୬୬ ବର୍ଗ କିମି.
୭– ହୋନ୍‌ଶୁ........ ୨୨୭,୮୯୮ ବର୍ଗ କିମି.
୮– ଭିକ୍ଟୋରିଆ ........ ୨୧୭, ୨୯୧ ବର୍ଗ କିମି.
୯– ଗ୍ରେଟ୍ ବ୍ରିଟେନ୍ ........ ୨୦୯, ୩୩୧ ବର୍ଗ କିମି.
୧୦– ଏଲେସ୍ମିଅର୍........ ୧୯୬, ୨୩୬ ବର୍ଗ କିମି.

## ଜାଣନ୍ତୁ ଦୁନିଆ

# ଏମାନଙ୍କୁ ବିଦେଶ ଯିବାକୁ ଲୋଡ଼ାନାହିଁ ପାସ୍‌ପୋର୍ଟ

ଦେଶ ବାହାରକୁ ଯିବା ପାଇଁ ହେଲେ ପାସ୍‌ପୋର୍ଟ ନିହାତି ଆବଶ୍ୟକ। ହେଲେ ଏମିତି ତିନି ଜଣ ଅଛନ୍ତି, ଯାହାଙ୍କୁ ନିଜ ଦେଶରୁ ଦୁନିଆର ଅନ୍ୟ ଯେ କୌଣସି ଦେଶକୁ ଯିବା ଲାଗି ପାସ୍‌ପୋର୍ଟ ଲୋଡ଼ା ନାହିଁ। ଜାଣନ୍ତୁ ସେମାନଙ୍କ ସମ୍ପର୍କରେ...



⏭ନିଜ ଦେଶରୁ ଅନ୍ୟ ଯେ କୌଣସି ଦେଶକୁ ଗଲେ ପାସ୍‌ପୋର୍ଟ ଆବଶ୍ୟକ ହୋଇଥାଏ। କାରଣ ଆପଣ କେଉଁ ଦେଶର ନାଗରିକ, ଏହା ତା’ର ପ୍ରମାଣ ଦେଇଥାଏ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ପୃଥିବୀର ଏମିତି ତିନି ଜଣ ନାଗରିକ ଅଛନ୍ତି, ଯାହାଙ୍କୁ ଯେକୌଣସି ଦେଶକୁ ଯିବା ପାଇଁ ହେଲେ ପାସ୍‌ପୋର୍ଟ ଆବଶ୍ୟକ ହୋଇ ନ ଥାଏ। ସେମାନେ ହେଉଛନ୍ତି ବ୍ରିଟେନ୍‌ର ରାଜା, ଜାପାନର ସମ୍ରାଟ୍ ଏବଂ ତାଙ୍କ ପତ୍ନୀ।

⏭୨୦୨୨ରେ ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍‌ଙ୍କ ମୃତ୍ୟୁ ପରେ ଚାର୍ଲ୍ସଙ୍କୁ ବ୍ରିଟେନ୍ ରାଜସିଂହାସନରେ ବସାଗଲା। ତେଣୁ ସେବେଠୁ କିଙ୍ଗ୍ ଚାର୍ଲ୍ସଙ୍କୁ ବିଦେଶ ଯିବା ପାଇଁ ପାସ୍‌ପୋର୍ଟ ଆବଶ୍ୟକତା ନାହିଁ। ତାଙ୍କ ପୂର୍ବରୁ ରାଣୀ ଏଲିଜାବେଥ୍‌ଙ୍କର ଏହି ବିଶେଷ ଅଧିକାର ଥିଲା। ଚାର୍ଲ୍ସଙ୍କୁ ବ୍ରିଟେନ୍ ରାଜସିଂହାସନରେ ବସାଯିବା ପରେ ତାଙ୍କ ସଚିବ ସମସ୍ତ ଦେଶର ବୈଦେଶିକ ମନ୍ତ୍ରଣାଳୟକୁ ଏନେଇ ସୂଚନା ଦେଇଥିଲେ। ସେବେଠୁ ରାଣୀ ଏଲିଜାବେଥ୍‌ଙ୍କୁ ମିଳୁଥିବା ସମସ୍ତ ପ୍ରୋଟୋକଲ୍ କିଙ୍ଗ୍ ଚାର୍ଲ୍ସଙ୍କୁ ମିଳୁଛି ଏବଂ ବିନା ପାସ୍‌ପୋର୍ଟରେ ତାଙ୍କୁ ସମସ୍ତ ଦେଶକୁ ଯିବାକୁ ଅନୁମତି ରହିଛି।

⏭ଯଦିଓ ବ୍ରିଟେନ୍ ରାଜାଙ୍କୁ ଏହି ଅନୁମତି ରହିଛି, ହେଲେ ତାଙ୍କ ପତ୍ନୀଙ୍କୁ ଏହି ବିଶେଷ ସୁବିଧା ଦିଆଯାଇନାହିଁ। ତେଣୁ ତାଙ୍କୁ ଅନ୍ୟ ଦେଶକୁ ଯିବା ବେଳେ ଡିପ୍ଲୋମେଟିକ୍ ପାସ୍‌ପୋର୍ଟ ନେବାକୁ ପଡ଼ିଥାଏ। କେବଳ ସେ ନୁହେଁ, ବ୍ରିଟେନ୍ ରୟାଲ୍ ଫ୍ୟାମିଲିର ଅନ୍ୟ ସମସ୍ତ ସଦସ୍ୟଙ୍କୁ ବି ବାହାର ଦେଶକୁ ଯିବାକୁ ହେଲେ ଡିପ୍ଲୋମେଟିକ୍ ପାସ୍‌ପୋର୍ଟ ଦରକାର ପଡ଼ିଥାଏ। ଏମିତିକି ରାଣୀ ଏଲିଜାବେଥ୍‌ଙ୍କ ସ୍ୱାମୀ ପ୍ରିନ୍ସ ଫିଲିପ୍‌ଙ୍କୁ ମଧ୍ୟ ଏହି ପାସ୍‌ପୋର୍ଟ ଆବଶ୍ୟକ ହେଉଥିଲା।

⏭ଜାପାନର ସମ୍ରାଟ୍ ନାରୁହିତୋ ଏବଂ ତାଙ୍କ ପତ୍ନୀ ମହାରାଣୀ ମାସାକୋଙ୍କୁ ମଧ୍ୟ ବିନା ପାସ୍‌ପୋର୍ଟରେ ବିଦେଶ ଯିବାର ବିଶେଷ ଅଧିକାର ପ୍ରାପ୍ତ ହୋଇଛି। ହେଲେ ବ୍ରିଟେନ୍‌ରେ କେବଳ ଜଣଙ୍କୁ ମିଳିଥିବା ବେଳେ ଏଠି ଉଭୟଙ୍କୁ କିପରି ଏହି ସୁବିଧା ମିଳିଛି ତାହା ଅନେକଙ୍କ ମନରେ ପ୍ରଶ୍ନ ସୃଷ୍ଟିକରେ। ଡିପ୍ଲୋମେଟିକ୍ ରେକର୍ଡ ମୁତାବକ, ଜାପାନର ବୈଦେଶିକ ମନ୍ତ୍ରଣାଳୟ ୧୯୭୧ ମସିହାରେ ସମ୍ରାଟ୍ ଏବଂ ମହାରାଣୀଙ୍କ ପାଇଁ ଏହି ସୁବିଧା ଲାଗୁ କରାଇଥିଲେ। ସେବେଠାରୁ ଏହା ଲାଗୁ ହୋଇ ଆସୁଅଛି। ତେଣୁ ସେମାନେ ଅନ୍ୟ କୌଣସି ଦେଶକୁ ଯିବାବେଳେ ତାଙ୍କ ଦେଶର ବୈଦେଶିକ ମନ୍ତ୍ରଣାଳୟ ଅନ୍ୟ ଦେଶର ବୈଦେଶିକ ମନ୍ତ୍ରଣାଳୟକୁ ଏକ ଚିଠି ଲେଖିଥା’ନ୍ତି, ଯାହାକି ପାସ୍‌ପୋର୍ଟ ଭଳି କାମ କରିଥାଏ ଏବଂ ସେହି ଅନୁଯାୟୀ ତାଙ୍କୁ ସମ୍ମାନପୂର୍ବକ ପ୍ରବେଶ ଅନୁମତି ଦିଆଯାଇଥାଏ।



## ୟୁଥ୍ ଆଲର୍ଟ

# ଦୃଷ୍ଟିଶକ୍ତି କମୁଥିଲେ

ମୋବାଇଲ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦିର ଅଧିକ ବ୍ୟବହାର ସାଙ୍ଗକୁ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଯୋଗୁ ବର୍ତ୍ତମାନ ଅଧିକାଂଶଙ୍କଠାରେ ଚକ୍ଷୁ ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ସ୍କ୍ରିନ୍ ଟାଇମିଂ କମାଇବା ସହ ନିଜ ଖାଦ୍ୟ ତାଲିକାରେ କେତୋଟି ଖାଦ୍ୟକୁ ସାମିଲ କଲେ ଦୃଷ୍ଟିଶକ୍ତି ବୃଦ୍ଧି କରିପାରିବେ...



**ପନିପରିବା:** ତଟକା ପନିପରିବା ଜାତୀୟ ଖାଦ୍ୟ ମଧ୍ୟ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ତେଣୁ ଗାଜର, ଫୁଲକୋବି, ବନ୍ଧାକୋବି ଏବଂ ଅନ୍ୟାନ୍ୟ ପରିବା ଖାଆନ୍ତୁ।

**ଶାଗ:** ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ଶାଗ ହେଉଛି ସବୁଠୁ ଭଲ ଖାଦ୍ୟ। ଏଥିରେ ଭରି ରହିଛି ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ। ତେଣୁ ପ୍ରତିଦିନ ଖାଦ୍ୟ ତାଲିକାରେ ପାଳଙ୍ଗ, ଶଜନା, କୋଶଳା, ମେଥି ଭଳି ସବୁଜ ଶାଗକୁ ସାମିଲ କରି ଉପକୃତ ହୋଇପାରିବେ।

**ସି ଫୁଡ୍:** ସାଲମନ୍, ଟୁନା ଭଳି ସମୁଦ୍ର ମାଛରେ ପ୍ରଚୁର ପରିମାଣରେ ଓମେଗା–୩ ଫ୍ୟାଟି ଏସିଡ୍ ଭରି ରହିଛି, ଯାହାକି ଚକ୍ଷୁ ଶୁଷ୍କ ହେବା ବା ଡ୍ରାଏ ଆଇ ଏବଂ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ।

**ଛୁଇଁ:** ଦୃଷ୍ଟିଶକ୍ତି ବୃଦ୍ଧି କରିବା ଲାଗି ଶିମ୍ବ, ବିନ୍ସ, ଝୁଡ଼ଙ୍ଗ, ଶଜନାଛୁଇଁ ଆଦି ଭଳି ଛୁଇଁଜାତୀୟ ଖାଦ୍ୟ ବେଶ୍ ଉପକାରୀ। କାରଣ ଏଥିରେ



ପ୍ରୋଟିନ୍ ଏବଂ ଜିଙ୍କ୍ ପରିମାଣ ଖୁବ୍ ଅଧିକ, ଯାହାକି ଚକ୍ଷୁ ପାଇଁ ବେଶ୍ ଉପକାରୀ।

**ଅଣ୍ଡା:** ଏଥିରେ ଭରିରହିଛି ପ୍ରଚୁର ପରିମାଣର ଲ୍ୟୁଟିନ୍, ଭିଟାମିନ୍ ଇ, ସି, ଯାହାକି ଚକ୍ଷୁ ସମସ୍ୟା ଦୂର କରିବା ଲାଗି ବହୁତ ଉପକାରୀ।

**ମଞ୍ଜି ଓ ବାଦାମଜାତୀୟ ଖାଦ୍ୟ:** ଆଖିର ମାଂସପେଶୀକୁ ସୁସ୍ଥ ଏବଂ ମଜଭୁତ ରଖିବା ଲାଗି ଭିଟାମିନ୍ ଇ, ସି, ଜିଙ୍କ୍, ଓମେଗା–୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଏ ସବୁ ଭରପୂର ମାତ୍ରାରେ ରହିଛି ବିଭିନ୍ନ ମଞ୍ଜି ଏବଂ କାଜୁ, ପେସ୍ତା, ଚିନାବାଦାମ ଏବଂ ଅନ୍ୟ ବାଦାମଜାତୀୟ ଖାଦ୍ୟରେ।




# ମାଇଲଖୁଣ୍ଟ ଅପେକ୍ଷାରେ କିଙ୍ଗ୍ କୋହଲି

# ସିରିଜ ବିଜୟ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ


ବିରାଟ କୋହଲୀ

## ବାରବାଟୀରେ ଭାରତ-ଇଂଲଣ୍ଡ ମୁକାବିଲା

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ କ୍ଷେତ୍ର ପ୍ରସ୍ତୁତ। ରବିବାର ଏଠାରେ ଅନୁଷ୍ଠିତ ହେବ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ। ଏଥିପାଇଁ ଶନିବାର ଭାରତୀୟ ଦଳ ଜୋରଦାର ଅଭ୍ୟାସ କରିଛି। ନାଗପୁରରେ ପ୍ରଥମ ଦିନିକିଆ ଜିତିଥିଲେ ହେଁ ଆଗାମୀ ମ୍ୟାଚକୁ ହାଲ୍‌କାଭାବେ ନ ନେଇ ଆଗୁଆ ସିରିଜ ଜିତିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। କାରଣ ସିରିଜ ୩ ମ୍ୟାଚ୍ ବିଶିଷ୍ଟ ହୋଇଥିବାରୁ ଭାରତ ଯଦି ବାରବାଟୀରେ ବିଜୟ ହାସଲ କରେ ତେବେ ସିରିଜ କବ୍‌ଜା କରିବ।

### ରୋହିତଙ୍କ ପାଇଁ ବଡ଼ ସୁଯୋଗ

ସମ୍ପ୍ରତି ଖରାପ ଫର୍ମ ଦେଇ ଗତି କରୁଥିବା ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ଏହି ମ୍ୟାଚ ବଡ଼ ସୁଯୋଗ ସଦୃଶ ହେବ। କାରଣ ପାକିସ୍ତାନ ଓ ଦୁବାଇରେ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ପାଇଁ ଏହି ସିରିଜରେ ଶେଷ ଅଭ୍ୟାସ ସୁଯୋଗ ପାଇଛି ଭାରତ। ତେଣୁ ବାରବାଟୀରେ ବଡ଼ ସ୍କୋର କରିପାରିଲେ ସେ ଆତ୍ମବିଶ୍ୱାସ ଫେରି ପାଇବା ସହିତ ଆଗାମୀ ବଡ଼ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ରୋହିତ ନେଟ୍ସରେ ବେଶ୍ କିଛି ସମୟ ଝାଳ ବୁହାଇଛନ୍ତି।





ଶନିବାର ବାରବାଟୀ ଷ୍ଟାଡିୟମରେ ଭାରତୀୟ ଦଳର ନେଟ୍ସ ସେସନରେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ।

### ବାଦ୍ ପଡ଼ିପାରନ୍ତି ଆୟର

ନାଗପୁରରେ କୋହଲି ଖେଳି ନ ଥିବାରୁ ତାଙ୍କ ସ୍ଥାନରେ ଶ୍ରେୟସ ଆୟାର ୩ ନମ୍ବରରେ ଆସି ୩୬ ବଲ୍‌ରୁ ଦ୍ରୁତ ୫୯ ରନ ସ୍କୋର କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ ଆଗାମୀ ମ୍ୟାଚରୁ ବାଦ୍ ଦିଆଯିବା ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଟପ୍ ଅର୍ଡରରେ କୋଚ୍ ଗୌତମ ଗମ୍ଭୀର ବାମ/ଡାହାଣ ହାତୀ କମ୍ବିନେଶନ ଅପରିବର୍ତ୍ତିତ ରଖିବାକୁ ଚାହୁଁଥିବାରୁ ପୂର୍ବ ମ୍ୟାଚରେ ଫେଲ୍ ମାରିବା ସତ୍ତ୍ୱେ ଯୁବ ଓପନ ଯଶସ୍ୱୀ ଜୟସ୍ୱାଲ ବାହାରେ ବସିବା ସମ୍ଭାବନା କମ୍। ୨୦୧୯ରେ ଏଠାରେ ଅନୁଷ୍ଠିତ ଶେଷ ଦିନିକିଆରେ ବିରାଟ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ବିଜୟୀ ୮୫ ରନର ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତେଣୁ ବାରବାଟୀ ତାଙ୍କ ପାଇଁ ଲକି ଭେନ୍ୟୁ ସାବ୍ୟସ୍ତ ହୋଇ ସାରିଛି। ତେଣୁ ବାରବାଟୀରେ ଯଦି ରୋହିତ-ଜୟସ୍ୱାଲ ଇନିଂସ ଓପନ କରିବେ ତେବେ ଶୁବମନ ଗିଲ୍ ୩ ଓ କୋହଲି ୪ ନମ୍ବରରେ ଆସିବେ।

### ସନ୍ତୁଳିତ ବୋଲିଂ ଆକ୍ରମଣ

ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ଉପଲବ୍ଧ ବୋଲରଙ୍କ ମଧ୍ୟରୁ ବର୍ତ୍ତମାନ ଭାରତୀୟ ବୋଲିଂ ଆକ୍ରମଣ ସନ୍ତୁଳିତ ଥିବାପରି ଜଣାପଡୁଛି। ଆହତ ସମସ୍ୟାରୁ ମୁକୁଳି ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପରେ ମହମ୍ମଦ ଶାମିଙ୍କ ପ୍ରଦର୍ଶନ ଦିନକୁ ଦିନ ଉନ୍ନତ ହେଉଛି। ନାଗପୁର ମ୍ୟାଚ୍‌ରେ ସେ ଗୋଟିଏ ଉଇକେଟ ପାଇଥିଲେ ହେଁ ୮ ଓଭର ସ୍ପେଲ୍‌ରେ ମାତ୍ର ୩୮ ରନ ବ୍ୟୟ କରିଥିଲେ। ନିଜର ଡେବ୍ୟୁ ମ୍ୟାଚରେ ହର୍ଷିତ ରାଣା ବେଶ୍ ପ୍ରଭାବିତ କରିଥିଲେ। ସେ ଯଦିଓ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ତେବେ ଗୋଟିଏ ଓଭରରେ ବେନ୍ ଡକେଟ ଓ ହାରି ବ୍ରୁକ୍‌ଙ୍କ ଉଇକେଟ ନେଇ ମୋମେଣ୍ଟମ ଭାରତ ସପକ୍ଷକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସ୍ପିନର ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବୋଲିଂ ମଧ୍ୟ ଚମତ୍କାର ରହିଥିଲା।

### ଇଂଲଣ୍ଡ ପାଇଁ 'କର ଅବା ମର'

ପ୍ରଥମ ଦିନିକିଆ ହାରିଥିବାରୁ ବାରବାଟୀ ମ୍ୟାଚ ଇଂଲଣ୍ଡ ପାଇଁ 'କର ଅବା ମର' ସ୍ଥିତି ସୃଷ୍ଟି କରିଛି। ପ୍ରଥମେ ବ୍ୟାଟିଂ କଲେ ଜୋସ୍ ବଟଲରଙ୍କ ନେତୃତ୍ୱାଧୀନ ଦଳକୁ ଏହି ମ୍ୟାଚରେ ସତର୍କତାର ସହ ଖେଳି ବଡ଼ ସ୍କୋର କରିବାକୁ ହେବ। ପରେ ବୋଲିଂରେ ଶାଣିତତା ଦେଖାଇବାକୁ ପଡ଼ିବ। ପୂର୍ବ ମ୍ୟାଚରେ ଦଳ ଫିଲ୍ ସଲ୍ଟ ଓ ବେନ୍ ଡକେଟଙ୍କ ମାଧ୍ୟମରେ ଭଲ ଆରମ୍ଭ କରିଥିଲେ ମଧ୍ୟ ୪୭.୪ ଓଭରରେ ୨୪୮ ରନ୍‌ରେ ସୀମିତ ରହିଥିଲା। ଏହାକୁ ଧ୍ୟାନରେ ରଖିବାକୁ ହେବ।

**ବା**ରବାଟୀରେ ଭାରତୀୟ ଦଳର ନେଟ୍ସ ସେଶନରେ ଶନିବାର ଆକର୍ଷଣର କେନ୍ଦ୍ରରେ ରହିଥିଲେ ବିରାଟ କୋହଲି। କାରଣ ଆଣ୍ଠୁରେ ଆଘାତ ସମସ୍ୟା ଯୋଗୁ ସେ ନାଗପୁରରେ ଖେଳିପାରି ନ ଥିବାରୁ କଟକରେ ଖେଳିବେ କି ନାହିଁ ତାହାର ଝଲକ ଏହି ନେଟ୍ସରେ ହିଁ ଦେଖିବାକୁ ମିଳିଥିଲା। ରନିଂ ହେଉ କି ଷ୍ଟ୍ରେଚିଂ କୋହଲି ବେଶ୍ ଫିଟ୍ ଥିବାପରି ଜଣାପଡ଼ିଥିଲେ। କିଛି ସମୟ ସେ ବ୍ୟାଟିଂ ଅଭ୍ୟାସ ମଧ୍ୟ କରିଥିଲେ। ସେ ଆଗାମୀ ମ୍ୟାଚରେ ଖେଳିବେ ବୋଲି ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ସ୍ପଷ୍ଟ କରିବାପରେ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଛି। ୩୬ ବର୍ଷୀୟ କୋହଲି ବାରବାଟୀରେ ଏକ ମାଇଲଖୁଣ୍ଟ ସ୍ପର୍ଶ ଅପେକ୍ଷାରେ ରହିଛନ୍ତି। ଦିନିକିଆ କ୍ରିକେଟରେ ୧୪,୦୦୦ ରନ ପୂରଣଠାରୁ ସେ ଆଉ ୯୪ ରନ ଦୂରରେ ରହିଛନ୍ତି। ଏହା କରିପାରିଲେ ସେ ଅନ୍ତର୍ଜାତୀୟ କ୍ରିକେଟରେ ତୃତୀୟ ଖେଳାଳି ଭାବେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିବେ। ଭାରତର ସଚିନ ତେନ୍ଦୁଲକର ୧୮,୪୨୬ ଓ ଶ୍ରୀଲଙ୍କାର କୁମାର ସଙ୍ଗକାରା ୧୪,୨୩୪ ରନକରି ଏହି କ୍ଲବର ସଦସ୍ୟ ରହିଛନ୍ତି। ୨୮୩ ଦିନିକିଆ ଇନିଂସ ଖେଳିଥିବା କୋହଲି ଦ୍ରୁତତମ ୧୪,୦୦୦ ରନ ପୂରଣ କରିବା ସମ୍ଭାବନା ସୃଷ୍ଟି ହୋଇଛି। କାରଣ ଏହି ମାଇଲଖୁଣ୍ଟ ଛୁଇଁବାକୁ ତେନ୍ଦୁଲକର ୩୫୦ ଓ ସଙ୍ଗକାରା ୩୭୮ ଇନିଂସର ସହାୟତା ନେଇଥିଲେ।

# ନେଟ୍ ପ୍ରାକ୍ଟିସରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ

**ଭା**ରତ ଓ ଇଂଲଣ୍ଡ ମଧ୍ୟରେ ରବିବାର ଦିନିକିଆ ମ୍ୟାଚ ଖେଳାଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶା ଦର୍ଶକଙ୍କ ଉତ୍କଣ୍ଠା ଶନିବାର ପରିଲକ୍ଷିତ ହୋଇଥିଲା। ଅପରାହ୍ନରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ କରିଥିବାରୁ ଏହାକୁ ଦେଖିବା ପାଇଁ ୨୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ଲାଗି ପ୍ରଥମେ ୫ ଓ ୬ ନମ୍ବର ଗ୍ୟାଲେରୀକୁ ଖୋଲିଥିଲେ। ମାତ୍ର ଏତେ ସଂଖ୍ୟକ ଦର୍ଶକ ଉପସ୍ଥିତ ହୋଇଥିଲେ ଯେ ପରେ ୭ ନମ୍ବର ଗ୍ୟାଲେରୀକୁ ମଧ୍ୟ ଖୋଲିବାକୁ ପଡ଼ିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ ସମୟରେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସ୍ୱାଗତ କରିଥିଲେ। ଏତେ ସଂଖ୍ୟକ ଦର୍ଶକ ଦେଖି ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଆଶ୍ଚର୍ଯ୍ୟ ହୋଇଥିଲେ। ଏହା 'ମ୍ୟାଚ ଡେ' ଭଳି ଅନୁଭବ ହେଉଛି ବୋଲି ସେ ପ୍ରକାଶ କରିଥିଲେ।

# ହୋଇପାରେ ବଡ଼ ସ୍କୋର

**ବା**ରବାଟୀରେ ଗତ କିଛି ମ୍ୟାଚ୍‌ର ରେକର୍ଡକୁ ଦେଖିଲେ ଏଥର ମଧ୍ୟ ବଡ଼ ସ୍କୋର ହେବା ସମ୍ଭାବନା ରହିଛି। ଅର୍ଥାତ୍ ପିଚ୍ ବ୍ୟାଟିଂ ଫ୍ରେଣ୍ଡଲି ରହିପାରେ। ଏଠାରେ ଯଦିଓ ଗତ ଅର୍ଦ୍ଧଦଶନ୍ଧି ଧରି କୌଣସି ଦିନିକିଆ ଆୟୋଜନ ହୋଇନାହିଁ ତେବେ ପୂର୍ବ ମ୍ୟାଚଗୁଡ଼ିକର ରେକର୍ଡରୁ ଏହା ସୂଚନା ମିଳୁଛି। ପାଗକୁ ନେଇ କୌଣସି ଆଶଙ୍କା ନାହିଁ। ତେବେ ଶେଷ ଭାଗରେ କାକରର ପ୍ରଭାବ ରହିବା ସମ୍ଭାବନା ଅଧିକ। ଅପରାହ୍ନ ୫ଟା ବେଳକୁ ତାପମାତ୍ରା ୩୦ ଡିଗ୍ରୀ ଏବଂ ରାତି ୯ଟା ବେଳକୁ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବା ଆକଳନ କରାଯାଉଛି। ୨୦୧୯ ଡିସେମ୍ବର ୨୨ରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓ୍ୱେଷ୍ଟଇଣ୍ଡିଜ ୩୧୫ ରନ କରିଥିବାବେଳେ ଭାରତ ୪୮.୪ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସେହିପରି ୨୦୧୭ ଜାନୁଆରୀ ୧୯ରେ ଅନୁଷ୍ଠିତ ମ୍ୟାଚରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୩୮୧ ରନ କରିଥିଲା। ଜବାବରେ ଇଂଲଣ୍ଡ ୫୦ ଓଭରରେ ୮ଉଇକେଟ ହରାଇ ୩୬୬ ରନ କରିବାକୁ ସକ୍ଷମ ହୋଇଥିଲା। ୨୦୧୪ ନଭେମ୍ବର ୨ରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୬୩ ରନ କରିଥିଲା। ଏଥିରେ ଅଜିଙ୍କ୍ୟ ରାହାନେ ଓ ଶିଖର ଧାୱନ ଶତକ ହାସଲ କରିଥିଲେ। ମାତ୍ର ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି ଶ୍ରୀଲଙ୍କା ୩୯.୨ ଓଭରରେ ୧୯୪ ରନରେ ଅଲ୍‌ଆଉଟ ହୋଇଯାଇଥିଲା।

# ଦୁଇ ଦଳର ଖେଳାଳି ତାଲିକା

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍ (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଓ୍ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ଶାମି, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

**ଇଂଲଣ୍ଡ:** ଜୋସ ବଟଲର (ଅଧିନାୟକ), ହାରି ବ୍ରୁକ୍, ବେନ୍ ଡକେଟ, ଜୋ ରୁଟ୍, ଫିଲିପ ସଲ୍ଟ, ଜେମି ସ୍ମିଥ, ଜ୍ୟାକବ ବେଥେଲ, ବ୍ରେଡନ କାର୍ସ, ଲିଆମ ଲିଭିଂଷ୍ଟୋନ, ଜେମି ଓଭର୍ଟନ, ଜୋଫ୍ରା ଆର୍ଚର, ଗୁସ୍ ଆଟକିନସନ, ସାକିବ ମହମ୍ମଦ, ଆଡିଲ ରଶିଦ, ମାର୍କ ଉଡ୍।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଜାଣିବା କଥା

- ଗତ ୨୦ ବର୍ଷ ମଧ୍ୟରେ ଇଂଲଣ୍ଡ ୩୧ ଦିନିକିଆ କ୍ରିକେଟ ମ୍ୟାଚରୁ ୫ଟିରେ ଭାରତକୁ ହରାଇବାରେ ସକ୍ଷମ ହୋଇଛି।
- କଟକ ପିଚ୍ ଉଭୟ ପେସର ଓ ସ୍ପିନରଙ୍କୁ ପ୍ରାୟତଃ ସମାନ ସହାୟତା ପ୍ରଦାନ କରିଥାଏ। ବାରବାଟୀ ପିଚ୍‌ରେ ପେସ୍ ବୋଲରମାନେ ୪୦.୮୬ ଆଭ୍‌ରେଜରେ ୧୩୭ଟି ଉଇକେଟ ନେଇଛନ୍ତି। ଇକୋନୋମି ହାର ରହିଛି ୫.୦୦। ସେହି ତୁଳନାରେ ଦେଖିଲେ ସ୍ପିନରମାନେ ୩୬.୦୦ ଆଭରେଜରେ ୮୮ଟି ଉଇକେଟ ହାସଲ କରିଛନ୍ତି। ଇକୋନୋମି ହାର ୪.୭୪।


ବାରବାଟୀରେ ଷ୍ଟ୍ରେଚିଂ ଅବସରରେ ଭାରତୀୟ ଦଳର ଉଇକେଟ କିପର/ବ୍ୟାଟର ଲୋକେଶ ରାହୁଲ। (ଫଟୋ: ରାଜକିଶୋର ମହାନ୍ତି)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ